# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୨୦/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 20/2025 | Page 16 | ₹ 7.00

୫୧ଶ ଭାଗ ୨୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 235 | ମୂଲ୍ୟ ₹୭/-


DADLS - 39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

OIPR-15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ଭିଡ଼ରେ ଗାଡ଼ି ମାଡ଼ିଯିବାରୁ ୨୦ ଆହତ

ୱାଶିଂଟନ,୧୯।୭

ଲସ୍ ଏଞ୍ଜେଲସ୍‌ର ଇଷ୍ଟ ହଲିଉଡ୍‌ରେ ଥିବା ସାନ୍ତା ମୋନିକା ବୌଲେଭାର୍ଡଠାରେ ଏକ ଗାଡ଼ି ଗହଳି ମଧ୍ୟକୁ ମାଡ଼ିଯିବାରୁ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଅନ୍ୟ ୮ରୁ ୧୦ ଜଣ ଗୁରୁତର ଥିବା କୁହାଯାଉଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ତେବେ ଦୁର୍ଘଟଣାର କାରଣ ଓ ଡ୍ରାଇଭର ଧରା ପଡ଼ିଛନ୍ତି କି ନାହିଁ, ତାହା କର୍ତ୍ତୃପକ୍ଷ ସ୍ପଷ୍ଟ କରିନାହାନ୍ତି। ଜରୁରୀ ସେବା କର୍ମଚାରୀମାନେ ଆହତଙ୍କୁ ହସ୍ପିଟାଲ ନେଇଥିଲେ।

### କାର୍ଯ୍ୟଚାପରୁ ବ୍ୟାଙ୍କ ମ୍ୟାନେଜରଙ୍କ ଆତ୍ମହତ୍ୟା

ପୁଣେ,୧୯।୭

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ବାରାମତିରେ ଜଣେ ବ୍ୟାଙ୍କ ମ୍ୟାନେଜର ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ମିଳିଥିବା ଏକ ନୋଟ୍ ଅନୁଯାୟୀ, କାର୍ଯ୍ୟଚାପରୁ ମ୍ୟାନେଜର ଶିବଶଙ୍କର ମିତ୍ର ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ବ୍ୟାଙ୍କ ପରିସରରେ ଶିବଶଙ୍କର ରଶି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି ବାରାମତି ଥାନା ଅଧିକାରୀ କହିଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଏବଂ କାର୍ଯ୍ୟଚାପରୁ ବ୍ୟାଙ୍କ ମୁଖ୍ୟ ପରିଚାଳକ ପଦବୀରୁ ଶିବଶଙ୍କର ଗତ ୧୧ ତାରିଖରେ ଇସ୍ତଫା ଦେବା ପରେ ନୋଟିସ୍ ପିରିଅଡ୍‌ରେ କାର୍ଯ୍ୟ କରୁଥିଲେ। ଗୁରୁବାର ବ୍ୟାଙ୍କ ବନ୍ଦ ହେବା ପରେ ସେ ସବୁ କର୍ମଚାରୀଙ୍କୁ ଘରକୁ ଯିବା ପାଇଁ କହି ନିଜେ ପରେ ଯିବେ ବୋଲି କହିଥିଲେ। ରାତି ୯ଟା ୩୦ରେ ୱାଚ୍‌ମ୍ୟାନ୍ ଘରକୁ ଯାଇଥିଲେ। ପୂର୍ବରୁ ଶିବଶଙ୍କର ଜଣେ କର୍ମଚାରୀଙ୍କ ଜରିଆରେ ଆଣିଥିବା ଦଉଡ଼ି ସହାୟତାରେ ରାତି ୧୦ଟାରେ ଆତ୍ମହତ୍ୟା କରିଥିଲେ। ବ୍ୟାଙ୍କ ସିସିଟିଭି କ୍ୟାମେରାରେ ତାଙ୍କ ଆତ୍ମହତ୍ୟା ସମୟର ଦୃଶ୍ୟ କଏଦ ହୋଇଛି। ସେ ଘରକୁ ନ ଫେରିବା ଏବଂ ଫୋନ୍ କଲ୍‌ର ଜବାବ ନ ଦେବାରୁ ମଧ୍ୟରାତ୍ରରେ ତାଙ୍କ ସ୍ତ୍ରୀ ବ୍ୟାଙ୍କରେ ପହଞ୍ଚି କର୍ମଚାରୀମାନଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚି ଶାଖା ଖୋଲିଲା ପରେ ମ୍ୟାନେଜର ସିଲିଂରୁ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ।

### ଆପ୍ ବିଧାୟକ ଅନ୍‌ମୋଲ ଗଗନ ମାନ୍‌ଙ୍କ ଇସ୍ତଫା

ଚଣ୍ଡିଗଡ଼,୧୯।୭ (ପି.ଟି.)

ପଞ୍ଜାବର ଆପ୍ ନେତା ଅନ୍‌ମୋଲ ଗଗନ ମାନ୍ ଶନିବାର ବିଧାନସଭା ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା Xରେ ଘୋଷଣା କରିଛନ୍ତି। ୩୫ ବର୍ଷୀୟା ମାନ୍ ଖରାର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ପାଇଁ ସେ ବାଚସ୍ପତିଙ୍କୁ ନିବେଦନ କରିଛନ୍ତି। ସେ ଦଳକୁ ଶୁଭେଚ୍ଛା ଜଣାଇବା ସହ ପଞ୍ଜାବର ଆପ୍ ସରକାର ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ସେ ଆଶାବାଦୀ ରହିଛନ୍ତି। ଗାୟିକାରୁ ରାଜନେତା ହୋଇଥିବା ମାନ୍ କ'ଣ ପାଇଁ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଲେ ସେ ସମ୍ପର୍କରେ କିଛି କହିନାହାନ୍ତି।

# ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅସୁରକ୍ଷିତ

**ବାଲେଶ୍ୱର ଜିଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନିକଟରେ ଘଟିଥିବା ୨ଟି ଘଟଣା ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଥିବାବେଳେ ଉତ୍ତର ପ୍ରଦେଶର ୨ ଶିକ୍ଷାନୁଷ୍ଠାନରୁ ଛାତ୍ରୀ ନିର୍ଯାତନାର ମାମଲା ସାମ୍ନାକୁ ଆସିଛି। ଲକ୍ଷ୍ନୌସ୍ଥିତ ଏକ ସ୍କୁଲର ଭ୍ୟାନ୍ ଡ୍ରାଇଭର ଜଣେ ୪ ବର୍ଷୀୟା ଝିଅଙ୍କୁ 'ଡିଜିଟାଲ ରେପ୍' କରିଥିବାବେଳେ ଗ୍ରେଟର ନଏଡାର ଶାରଦା ୟୁନିଭର୍ସିଟିରେ ଷ୍ଟାଫଙ୍କ ନିର୍ଯାତନା ସହି ନ ପାରି ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଯୌନ ନିର୍ଯାତନା ଓ ମହିଳା ବିରୋଧୀ ଅପରାଧ ରୋକିବା ପାଇଁ ଦେଶରେ ଅନେକ ଆଇନ ରହିଥିଲେ ମଧ୍ୟ ସେଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରାଯାଉ ନ ଥିବାରୁ ବାରମ୍ବାର ଘଟୁଥିବା ଏଭଳି ଘଟଣାଗୁଡ଼ିକ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଛିଡ଼ା କରାଇଛି।**



## ଲକ୍ଷ୍ନୌରେ ୪ ବର୍ଷୀୟାଙ୍କୁ 'ଡିଜିଟାଲ ରେପ୍' କଲେ ସ୍କୁଲ ଭ୍ୟାନ୍ ଡ୍ରାଇଭର

ଲକ୍ଷ୍ନୌ/ଗ୍ରେଟର ନଏଡା,୧୯।୭

ୟୁପି ରାଜଧାନୀ ଲକ୍ଷ୍ନୌସ୍ଥିତ ଏକ ସ୍କୁଲରେ ୪ ବର୍ଷୀୟା ଝିଅ ଜଣକ ପାଠ ପଢ଼ନ୍ତି। ଭ୍ୟାନ୍ ଡ୍ରାଇଭର ମହମ୍ମଦ ଆରିଫ୍ ଅନ୍ୟ ପିଲାଙ୍କ ସହ ତାଙ୍କୁ ଘରୁ ସ୍କୁଲକୁ ନେବାଆଣିବା କରନ୍ତି। ନିକଟରେ ଶିଶୁକନ୍ୟା ନିଜ ସମ୍ବେଦନଶୀଳ ଅଙ୍ଗରେ ଯନ୍ତ୍ରଣା ଅନୁଭବ କରିବାରୁ ମା'ଙ୍କୁ ଜଣାଇଥିଲେ। ଡାକ୍ତରୀ ଯାଞ୍ଚ ପରେ ଜଣାପଡ଼ିଲା, ସେ ଯୌନ ଅପରାଧର ଶିକାର ହୋଇଛନ୍ତି। ତାଙ୍କ ଗୁପ୍ତାଙ୍ଗରେ କ୍ଷତ ସୃଷ୍ଟି ହୋଇଛି। ପୀଡ଼ିତାଙ୍କ ମା' ଏନେଇ ପ୍ରିନ୍ସିପାଲଙ୍କ ନିକଟରେ ଅଭିଯୋଗ କଲେ। କିନ୍ତୁ ପ୍ରିନ୍ସିପାଲ ପିଲା ଓ ସ୍କୁଲର ସମ୍ମାନ ନଷ୍ଟ ହୋଇଯିବ କହି ନୀରବ ରହିବାକୁ ପରାମର୍ଶ ଦେଲେ। ୨ ଦିନ ଅପେକ୍ଷା କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଭ୍ୟାନ୍ ଚାଳକ ଆରିଫ୍ ନାବାଳିକା ଛାତ୍ରୀଙ୍କୁ ସ୍କୁଲକୁ ନେବା ପାଇଁ ପୁଣି ସେମାନଙ୍କ ଘରକୁ ଆସିଲେ। ମୁହାଁମୁହିଁ ହେବାରୁ ସେ ଜାତିଆଣ ମନ୍ତବ୍ୟ ଦେବା ସହ ଝିଅକୁ ଅପହରଣ କରିନେବେ ବୋଲି ଧମକ ଦେଲେ। ଏନେଇ ଇଷ୍ଟ ଲକ୍ଷ୍ନୌ ଡିସିପି ଶଶାଙ୍କ ସିଂ କହିଛନ୍ତି, ଅଭିଯୋଗ ମିଳିବା ପରେ ଜୁଲାଇ ୧୭ରେ ଆରିଫ୍‌ଙ୍କ ବିରୋଧରେ ମାମଲା ରୁଜୁ ସହ ତାଙ୍କୁ ଗିରଫ କରାଯାଇଛି।

### ଡିଜିଟାଲ ରେପ୍ କ'ଣ ?

ଡିଜିଟାଲ ରେପ୍ ହେଉଛି ଜଣେ ବ୍ୟକ୍ତିଙ୍କ ବିନା ଅନୁମତିରେ ତାଙ୍କ ଗୁପ୍ତାଙ୍ଗରେ ଅଙ୍ଗୁଳି ପ୍ରବେଶ କରାଇବା। 'ଡିଜିଟାଲ'ର ଅର୍ଥ ହାତ କିମ୍ବା ଗୋଡ଼ର ଅଙ୍ଗୁଳି। ଏହାକୁ ଏକ ଗମ୍ଭୀର ଯୌନ ଅପରାଧ ବିବେଚନା କରାଯାଏ। ସାରା ବିଶ୍ୱର ମେଡିକାଲ ପ୍ରଫେସନାଲ ଓ ମାନବାଧିକାର ସଙ୍ଗଠନ ଡିଜିଟାଲ ବଳାତ୍କାରକୁ ପୀଡ଼ିତା/ପୀଡ଼ିତଙ୍କ ଶାରୀରିକ ସ୍ୱାୟତ୍ତତା ଓ ମାନବୀୟ ମର୍ଯ୍ୟାଦା ଉପରେ ଏକ ଗମ୍ଭୀର ହସ୍ତକ୍ଷେପ ବୋଲି ମନେକରନ୍ତି।

## ୟୁନିଭର୍ସିଟି ଷ୍ଟାଫ୍‌ଙ୍କ ନିର୍ଯାତନାରୁ ଛାତ୍ରୀଙ୍କ ଆତ୍ମହତ୍ୟା

ଗ୍ରେଟର ନଏଡାରେ ଥିବା ଶାରଦା ୟୁନିଭର୍ସିଟି ବ୍ୟାଚ୍‌ଲର ଅଫ୍ ଡେଣ୍ଟାଲ ସର୍ଜରି (ବିଡିଏସ୍)ର ଜଣେ ଦ୍ୱିତୀୟ ବର୍ଷ ଛାତ୍ରୀ ନିଜ ଫାକଲ୍ଟିର ୨ ସଦସ୍ୟଙ୍କ ମାନସିକ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିବା ଶନିବାର ପୋଲିସ କହିଛି। ୨୧ ବର୍ଷୀୟା ଛାତ୍ରୀଙ୍କ ମୃତଦେହ ତାଙ୍କ ହଷ୍ଟେଲ ରୁମ୍‌ରୁ ଠାବ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ୨ ଫାକଲ୍ଟି ମେମ୍ବରଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ପାଇଁ ୟୁନିଭର୍ସିଟି ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି। ଗୌତମବୁଦ୍ଧ ନଗରସ୍ଥିତ ନଲେଜ ପାର୍କ ଥାନା ଅଧୀନରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଛାତ୍ରୀଙ୍କ ମୃତଦେହ ନିକଟରୁ ଜବତ ଏକ ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରାଯାଇଛି ଯେ, ପିସିପି ଏବଂ ଡେଣ୍ଟାଲ ମ୍ୟାଟେରିଆଲ୍ ଶିକ୍ଷକ ମହିନ୍ଦର ଓ ଶଇରିଙ୍କ ଯୋଗୁ ସେ ଆତ୍ମହତ୍ୟା କରିଛନ୍ତି। ଉଭୟେ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଅପମାନିତ କରିଛନ୍ତି। ଦୁହିଙ୍କ ଯୋଗୁ ସେ ଦୀର୍ଘଦିନ ଧରି ଅବସାଦରେ ରହିଆସିଥିଲେ। ତେଣୁ ଉଭୟଙ୍କ ସମାନ ଅବସ୍ଥା ହେଉ ବୋଲି ଛାତ୍ରୀ ଚାହୁଁଥିବା ବିଷୟ ଏଥିରେ ଲେଖିଛନ୍ତି। ଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ କ୍ୟାମ୍ପସରେ ବିକ୍ଷୋଭ କରାଯିବାରୁ ୟୁନିଭର୍ସିଟିର କର୍ମଚାରୀ ମହିନ୍ଦର ଓ ଶଇରିଙ୍କୁ ପୋଲିସ ଗିରଫ କରିଛି। ଅଧିକ ପ୍ରମାଣ ସଂଗ୍ରହ ପାଇଁ ଫୋରେନ୍‌ସିକ ଟିମ୍ କ୍ୟାମ୍ପସରେ ତନାଘନା ଚଳାଇଛି। ପୀଡ଼ିତାଙ୍କ ପରିବାର ଲୋକେ ମଧ୍ୟ ଫାକଲ୍ଟି ମେମ୍ବରଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଛନ୍ତି। ମୃତ ଛାତ୍ରୀଙ୍କ ଦସ୍ତଖତ ଜାଲିଆତି କରି କ୍ଲାସ୍‌ରେ ତାଙ୍କୁ ଅପମାନିତ କରିବା ସହ ତାଙ୍କୁ ଫେଲ୍ କରାଇଦେବେ ବୋଲି ଧମକ ଦେଇଥିବା ପରିବାର ପକ୍ଷରୁ ଥାନାରେ ଦାଏର ଏତଲାରେ ଉଲ୍ଲେଖ କରାଯାଇଛି। ଝିଅକୁ ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ ବୋଲି ତାଙ୍କ ମା' ସୁନୀତା କହିଛନ୍ତି।



ସୁଇସାଇଡ୍ ନୋଟ୍।

## ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ବିରୋଧରେ ଟ୍ରମ୍ପଙ୍କ ମାନହାନି ମାମଲା

### ଏପ୍‌ଷ୍ଟେଇନ୍‌ଙ୍କ ସହ ସମ୍ପର୍କ ରିପୋର୍ଟ

ୱାଶିଂଟନ,୧୯।୭



ଜେଫ୍ରି ଏପ୍‌ଷ୍ଟେଇନ୍

ଧନୀ ଫାଇନାନ୍ସର ଜେଫ୍ରି ଏପ୍‌ଷ୍ଟେଇନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ପର୍କକୁ ନେଇ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ଗୁରୁବାର ଖବର ପ୍ରକାଶ ପାଇଥିଲା। ଏହାର ଦିନକ ପରେ ଟ୍ରମ୍ପ ଉକ୍ତ ଖବରକାଗଜ ଏବଂ ମିଡିଆ ମୋଗଲ ରୁପେର୍ଟ ମୁର୍ଡୋଚ୍‌ଙ୍କ ବିରୋଧରେ ୧୦ ବିଲିୟନ ଡଲାରର ମାମଲା ଦାଏର କରିଛନ୍ତି। ଯୌନ ଅପରାଧରେ ସମ୍ପୃକ୍ତ ଏପ୍‌ଷ୍ଟେଇନ୍‌ଙ୍କ ସହ ଟ୍ରମ୍ପଙ୍କ ସମ୍ପର୍କ ନେଇ ୱାଲ ଷ୍ଟ୍ରିଟ୍ ଜର୍ନାଲ ଖବର ପ୍ରକାଶ କରିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ରିପୋର୍ଟ ଅନୁଯାୟୀ, ଏପ୍‌ଷ୍ଟେଇନ୍ ୨୦୦୩ରେ ପାଳନ କରିଥିବା ୫୦ତମ ଜନ୍ମଦିନ ସମ୍ପର୍କିତ ଏକ ଆଲବମ୍ ଓ ଚିଠି ଦାଖଲ କରିବା ପାଇଁ ତାଙ୍କ ସହଯୋଗୀ ଘିସ୍‌ଲାଇନ୍ ମାକ୍ସୱେଲ ଟ୍ରମ୍ପ ଓ ଅନ୍ୟମାନଙ୍କୁ କହିଥିଲେ। ଉକ୍ତ ଚିଠିରେ ଟ୍ରମ୍ପଙ୍କ ନାଁ ସହ ଉଲଗ୍ନ ମହିଳାଙ୍କ ଅଶ୍ଳୀଳ ଫଟୋ ରହିଥିବାବେଳେ ଏପ୍‌ଷ୍ଟେଇନ୍‌ଙ୍କ ସହ ଟ୍ରମ୍ପଙ୍କ କଳ୍ପିତ ବାର୍ତ୍ତାଳାପ ଥିଲା। ଏହି ଖବର ପ୍ରକାଶ ପାଇବା ପରେ ଟ୍ରମ୍ପ ଓ ତାଙ୍କ ଅନୁଗତ ବେସ୍ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ମାମଲା ପରିଚାଳନା ତରିକାକୁ ନେଇ ଟ୍ରମ୍ପଙ୍କ କେତେଜଣ ସମର୍ଥକ ହ୍ୱାଇଟ୍ ହାଉସ୍‌କୁ ସମାଲୋଚନା କରିଛନ୍ତି। ଟ୍ରମ୍ପ କ'ଣ ପାଇଁ ଉକ୍ତ ଡକ୍ୟୁମେଣ୍ଟକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହୁଁ ନ ଥିଲେ ବୋଲି ପ୍ରଶ୍ନ ଉଠିଛି।

## ବାଣିଜ୍ୟ ଚୁକ୍ତି ନେଇ ଭାରତ, ଆମେରିକା ଟିମ୍ ମଧ୍ୟରେ ପଞ୍ଚମ ପର୍ଯ୍ୟାୟ ଆଲୋଚନା

ନୂଆଦିଲ୍ଲୀ,୧୯।୭(ପି.ଟି.)

ଭାରତ ଓ ଆମେରିକା ମଧ୍ୟରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ନେଇ ୨ ଦେଶର ଟିମ୍ ମଧ୍ୟରେ ଚାଲିଥିବା ପଞ୍ଚମ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ୱାଶିଂଟନରେ ଜୁଲାଇ ୧୪ରୁ ଏହି ଆଲୋଚନା ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଭାରତର ମୁଖ୍ୟ ମଧ୍ୟସ୍ଥ ତଥା ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ଟିମ୍ ବୁଝାମଣା ପାଇଁ ଯାଇଥିଲା। ଅଗଷ୍ଟ ୧ ପୂର୍ବରୁ ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଉଭୟ ଦେଶ ଚାହୁଁଥିବାରୁ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ। ଆଲୋଚନାରେ କୃଷି, ଗାଡ଼ି ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ଏଥିସହିତ ଅଣବିପଣନ ଅର୍ଥନୀତି ଏବଂ ସ୍ୱତନ୍ତ୍ର ରାସାୟନିକ, ଜୈବିକ, ଉପାଦାନ, ଉପକରଣ ଓ ପ୍ରଯୁକ୍ତି ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିବା ଜଣାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ବିଭିନ୍ନ ଦେଶ ଉପରେ ଜବାବୀ ଶୁଳ୍କ ଲଗାଇବାକୁ ଏପ୍ରିଲ ୨ରେ ଘୋଷଣା କରିଥିଲେ। ଏହାର କାର୍ଯ୍ୟକାରିତାକୁ ପ୍ରଥମେ ଜୁଲାଇ ୯ ଏବଂ ପରେ ଅଗଷ୍ଟ ୧ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏହି ସମୟ ମଧ୍ୟରେ ଆମେରିକା ବିଭିନ୍ନ ଦେଶ ସହ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଚାହୁଁଛି।

## ଟ୍ରେନ୍ ଧକ୍କାରେ ୩ ହାତୀ ମୃତ



ରାଞ୍ଚି,୧୯।୭

ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମା ଅନ୍ତର୍ଗତ ରେଳଲାଇନ ଅତିକ୍ରମ କରୁଥିବା ହାତୀ ପଲକୁ ଶନିବାର ସକାଳେ ଜନଶତାବ୍ଦୀ ଏକ୍ସପ୍ରେସ୍ ଧକ୍କା ଦେବାରୁ ୩ ହାତୀଙ୍କ ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗର ବସ୍ତୋଲା ରେଳଷ୍ଟେଶନ ନିକଟରେ ଏହି ଦୁର୍ଘଟଣା ଘଟିଥିବାବେଳେ ଏହାକୁ ନେଇ ରେଲ୍‌ୱେ ଏବଂ ବନ ବିଭାଗ ପରସ୍ପରକୁ ଦୋଷାରୋପ କରିଛନ୍ତି। ୭ ଟିକିଆ ହାତୀ ପଲ ଖଡ଼ଗପୁର-ଟାଟାନଗର ରେଲୱେ ସେକ୍ସନର ଏକ ଟ୍ରାକ୍‌କୁ ଅତିକ୍ରମ କରୁଥିବାବେଳେ ଦ୍ରୁତବେଗରେ ଆସୁଥିବା ଶତାବ୍ଦୀ ଏକ୍ସପ୍ରେସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ହାତୀ ପ୍ରାଣ ହରାଇଥିବାବେଳେ ଅନ୍ୟ ୪ଟି ବର୍ତ୍ତିଯାଇଥିଲେ। ହାତୀମାନେ ପଶ୍ଚିମବଙ୍ଗର ଝାରଗ୍ରାମ ଜଙ୍ଗଲରୁ ଆସିଥିବା ବିଶ୍ୱାସ କରାଯାଉଛି। ହାତୀ ମୃତ୍ୟୁକୁ ନେଇ ରେଲୱେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ମଧ୍ୟ ଏଥିପାଇଁ ଦାୟୀ ହେବାକୁ ମନା କରିଦେଇଛି। ଉକ୍ତ ଅଞ୍ଚଳ ଦେଇ ହାତୀ ଚଳପ୍ରଚଳ ହେଉଥିବା ସମ୍ପର୍କରେ ରେଲୱେକୁ ଜଣାଇ ଦିଆଯାଇଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବନ ବିଭାଗର ଏହି ଦାବିକୁ ଭୁଲ୍ ଓ ବିଭ୍ରାନ୍ତିକର ବୋଲି ରେଲୱେ କହିଛି। ବନ ବିଭାଗ ପୂର୍ବରୁ ଲିଖିତ ଭାବେ କିମ୍ବା ଫୋନ୍ ଯୋଗେ ଏ ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲା ବୋଲି ରେଲୱେ ପକ୍ଷରୁ ଅଭିଯୋଗ ହୋଇଛି।

## ନାଇଜରରେ ୨ ଭାରତୀୟଙ୍କୁ ହତ୍ୟା, ଜଣକୁ ଅପହରଣ କଲେ ଆତଙ୍କବାଦୀ

ନିଆମେ,୧୯।୭

ନାଇଜରର ଡୋସୋ ଅଞ୍ଚଳରେ ଆତଙ୍କବାଦୀମାନେ ୨ ଜଣ ଭାରତୀୟଙ୍କୁ ହତ୍ୟା କରିବା ସହ ଅନ୍ୟ ଜଣକୁ ଅପହରଣ କରିନେଇଥିବା ସେଠାକାର ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୫ ତାରିଖରେ ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ରାଜଧାନୀ ନିଆମେଠାରୁ ୧୩୦ କି.ମି. ଦୂର ଡୋସୋ ଅଞ୍ଚଳରେ ଏକ ନିର୍ମାଣସ୍ଥଳକୁ ଜଗିଥିବା ସେନା ଉପରେ ଅଜଣା ବନ୍ଧୁକଧାରୀମାନେ ଆକ୍ରମଣ କରିଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ମୃତଦେହ ସ୍ୱଦେଶ ପଠାଇବା ଏବଂ ଅପହୃତ ବ୍ୟକ୍ତିଙ୍କ ସୁରକ୍ଷିତ ମୁକ୍ତି ପାଇଁ ଭାରତୀୟ ମିଶନ ପକ୍ଷରୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି।

## ଭିଏତ୍‌ନାମରେ ପର୍ଯ୍ୟଟନ ବୋଟ୍ ବୁଡ଼ି ୩୪ ମୃତ

ହାନୋଇ,୧୯।୭

ଭିଏତ୍‌ନାମର ହା ଲଙ୍ଗ ବେ'ରେ ଶନିବାର ପ୍ରବଳ ବର୍ଷା ପବନରେ ଏକ ପର୍ଯ୍ୟଟକ ବୋଟ୍ ବୁଡ଼ିଯିବାରୁ ୩୪ ଜଣଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ନିଖୋଜ ହୋଇଛନ୍ତି। ବୋଟ୍‌ରେ ୪୮ ଯାତ୍ରୀ ଓ ୫ କର୍ମଚାରୀ ଥିଲେ। ଏହା ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ ନିକଟରେ ବୁଡ଼ିଯାଇଥିଲା। ମୃତକମାନେ ଭ୍ରମଣ ପାଇଁ ରାଜଧାନୀ ହାନୋଇରୁ ଆସିଥିଲେ। ସେମାନଙ୍କ ମଧ୍ୟରେ ୨୦ରୁ ଅଧିକ ପିଲା ଥିଲେ। ସୀମା ସୁରକ୍ଷା ଗାର୍ଡମାନେ ୧୧ ଜଣଙ୍କୁ ଉଦ୍ଧାର କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ବେଳେ ଆକାଶ ଅନ୍ଧକାର ହୋଇଯାଇଥିଲା। ପରେ କୁଆପଥର ସହ ପବନ ଓ ବର୍ଷା ଜାରି ରହିଥିଲା।

## ବ୍ରହ୍ମପୁତ୍ରରେ ମେଗା ଡ୍ୟାମ୍ ଆରମ୍ଭ କଲା ଚାଇନା



ବେଜିଂ,୧୯।୭

ଭାରତ ସୀମା ନିକଟବର୍ତ୍ତୀ ଦକ୍ଷିଣପୂର୍ବ ତିବ୍ବତରେ ପ୍ରବାହିତ ବ୍ରହ୍ମପୁତ୍ର ନଦୀ ଉପରେ ଚାଇନା ଶନିବାର ବିଶାଳ ଡ୍ୟାମ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଉପସ୍ଥିତ ଥିଲେ। ଚାଇନାର ଅଙ୍ଗାରକାମ୍ଳ ହ୍ରାସ ଏବଂ ତିବ୍ବତ ଅଞ୍ଚଳର ବିକାଶ ଲକ୍ଷ୍ୟ ସହ ଜଡ଼ିତ ଏହି ନଦୀବନ୍ଧ ପ୍ରକଳ୍ପକୁ ଗତ ଡିସେମ୍ବରରେ ବେଜିଂ ଅନୁମୋଦନ କରିଥିଲା। ସେଠାରୁ ଉତ୍ପାଦନ ହେବାକୁ ଥିବା ବିଦ୍ୟୁତ୍ ତିବ୍ବତର ଆବଶ୍ୟକତା ପୂରଣ କରିବା ସହ ଅନ୍ୟ ଅଞ୍ଚଳକୁ ସରବରାହ ହେବ। ଏହି ପ୍ରକଳ୍ପରେ ୧୬୭ ବିଲିୟନ ଡଲାର ବ୍ୟୟ ହେବ ବୋଲି ଜଣାପଡ଼ିଛି। ଉକ୍ତ ଡ୍ୟାମ୍ ନିର୍ମାଣ ନଦୀ ତଳଭାଗରେ ଥିବା ଭାରତ ଓ ବାଂଲାଦେଶର ଚିନ୍ତା ବଢ଼ାଇଛି। ଏହା ବ୍ରହ୍ମପୁତ୍ର ନଦୀରେ ଜଳପ୍ରବାହ ଏବଂ ପରିବେଶକୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଦିଅର ସହ ପ୍ରେମସମ୍ପର୍କରୁ ସ୍ୱାମୀଙ୍କୁ ହତ୍ୟା

ନୂଆଦିଲ୍ଲୀ,୧୯।୭



ଦିଲ୍ଲୀରେ ଦିଅରଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ମୃତକ କରନ ଦେବ (୩୬)ଙ୍କୁ ତାଙ୍କ ସ୍ତ୍ରୀ ସୁସ୍ମିତା ଗତ ୧୩ ତାରିଖରେ ମାତା ରୂପରାନି ମାଗୋ ହସ୍ପିଟାଲକୁ ଆଣି ତାଙ୍କୁ ବିଦ୍ୟୁତ୍ ଶକ୍ ଲାଗିଥିବା କହିଥିଲେ। ହସ୍ପିଟାଲ ପକ୍ଷରୁ କରନଙ୍କୁ ମୃତ ଘୋଷଣା କରାଯିବା ପରେ ତାଙ୍କ ବୟସ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୃତଦେହ ବ୍ୟବଚ୍ଛେଦ କରିବାକୁ ଦିଲ୍ଲୀ ପୋଲିସ କହିଥିଲା। କରନଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଭାଇଙ୍କ ବିରୋଧ ସତ୍ତ୍ୱେ ମୃତଦେହ ବ୍ୟବଚ୍ଛେଦ ପାଇଁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ପଠାଯାଇଥିଲା। କରନଙ୍କୁ ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଭାଇ ହତ୍ୟା କରିଥିବା ସନ୍ଦେହ ହେଉଛି ବୋଲି ୩ ଦିନ ପରେ ସାନଭାଇ କୁନାଲ ପୋଲିସକୁ କହିଥିଲେ। ଏଥିସହିତ ସେ ସୁସ୍ମିତା ଓ ରାହୁଲଙ୍କ ମଧ୍ୟରେ ଇନ୍‌ଷ୍ଟାଗ୍ରାମ ଚାଟିଂକୁ ପ୍ରମାଣ ଭାବେ ଉପସ୍ଥାପନ କରିଥିଲେ, ଯେଉଁଥିରେ ହତ୍ୟା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ଚାଟ୍‌ରୁ ସୁସ୍ମିତା ଓ ରାହୁଲଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଓ ଏହି କାରଣରୁ ସେମାନେ କରନଙ୍କୁ ହତ୍ୟା ଯୋଜନା କରିଥିବା ଜଣାପଡ଼ିଥିଲା। ସେମାନେ କରନଙ୍କୁ ରାତ୍ର ଭୋଜନରେ ୧୫ଟି ନିଦ ବଟିକା ଦେଇ ସଂଜ୍ଞାହୀନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଏହାପରେ ସେମାନେ କରନଙ୍କୁ ବିଦ୍ୟୁତ୍ ଆଘାତ ଦେଇ ମାରିଦେଇଥିଲେ ଓ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ ଦର୍ଶାଇଥିଲେ। ପୋଲିସ ସୁସ୍ମିତାଙ୍କୁ ହାଜତକୁ ନେଇ ପଚରାଉଚରା କରିବା ପରେ ସେ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ମାନିଥିଲେ।

## ସଂସଦରେ ଉଠିବ ଏସ୍‌ଆଇଆର୍, ପହଲଗାମ, ଟ୍ରମ୍ପ ପ୍ରସଙ୍ଗ

ନୂଆଦିଲ୍ଲୀ,୧୯।୭

ଜୁଲାଇ ୨୧ରୁ ଆରମ୍ଭ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ବିରୋଧୀ ଦଳଗୁଡ଼ିକ ପହଲଗାମ୍ ଆକ୍ରମଣ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରସଙ୍ଗ ଉଠାଇବେ। ଶନିବାର ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଇଣ୍ଡିଆ ବ୍ଲକ୍‌ର ବୈଠକରୁ ଏହା ଜଣାପଡ଼ିଛି। ଅନ୍‌ଲାଇନ୍ ପ୍ରି-ପାର୍ଲାମେଣ୍ଟ ବୈଠକରେ ଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିଲା।

ଉକ୍ତ ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା(ଏନ୍‌ସି), ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍(ଜେଏମ୍ଏମ୍), ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାର, ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ,

### ଇଣ୍ଡିଆ ବ୍ଲକ୍‌ର ଭର୍ଚୁଆଲ ବୈଠକରେ ୨୪ ଦଳର ନେତା

ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ, ଆର୍‌ଜେଡିର ତେଜସ୍ୱୀ ଯାଦବ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଏସ୍‌ପି, ସିପିଆଇଏମ୍, ସିପିଆଇ, ସିପିଆଇଏମ୍‌ଏଲ୍, ଫରୱାର୍ଡ ବ୍ଲକ୍, ଆଇୟୁଏମ୍‌ଏଲ୍, କେରଳ କଂଗ୍ରେସ ସମେତ ୨୪ ଦଳର ନେତା ସାମିଲ ହୋଇଥିଲେ। ବିରୋଧୀ ନେତାମାନେ ବିହାରରେ ଚାଲିଥିବା ଭୋଟର ତାଲିକାର ସ୍ପେଶିଆଲ ଇନ୍‌ଟେନ୍‌ସିଭ ରିଭିଜନ (ଏସ୍‌ଆଇଆର୍) ପ୍ରସଙ୍ଗରେ ବିତର୍କ ପାଇଁ ଦାବି କରିବେ। ସେହିପରି ପହଲଗାମ୍ ଆକ୍ରମଣକାରୀମାନଙ୍କୁ ଏଯାଏ ଧରିବାରେ ବିଫଳତା ଏବଂ ଅପରେଶନ୍ ସିନ୍ଦୂର ବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ହସ୍ତକ୍ଷେପ ଯୋଗୁ ଅସ୍ତ୍ରବିରତି ହୋଇଥିବା ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିବେ ବୋଲି ସହମତି ପ୍ରକାଶ ପାଇଛି।

ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୨୦/୨୦୨୫ | Bhubaneswar, Sunday, July 20/2025 | ପୃଷ୍ଠା-୧




**‘କିଙ୍ଗ୍’ ଶୁଟିଂ ବେଳେ ଶାହରୁଖ ଖାନ୍ ଆହତ**

ମୁମ୍ବାଇରେ ଚଳଚ୍ଚିତ୍ର ‘କିଙ୍ଗ୍’ର ଶୁଟିଂ ବେଳେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ଆହତ ହୋଇଛନ୍ତି। ସେ ବ୍ରିଟେନରେ ଚିକିତ୍ସିତ ହେଉଛନ୍ତି।

୦୨

୧୪

**ଲକ୍ଷ୍ମୀପ୍ରିୟାଙ୍କୁ ସ୍ୱର୍ଣ୍ଣ ପଦକ**

ବିହାରରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଓପନ ଆଥଲେଟିକ୍ସ ମିଟ୍‌ରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଷାନଙ୍କ ସହ ୩ ଆଥଲେଟ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେଲେ ଦୁର୍ବୃତ୍ତ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏହାର ସପ୍ତାହ ପରେ ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ଶନିବାର ସକାଳେ ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୫ ବର୍ଷୀୟା ଛାତ୍ରୀ ବଡ଼ବାପାଙ୍କ ଘରକୁ ଯିବା ବାଟରେ ୩ ଦୁର୍ବୃତ୍ତ ତାଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଫେରାର ହୋଇଯାଇଛନ୍ତି। ନାବାଳିକା ଜଣକ ନିଆଁରେ ଛଟପଟ ହୋଇ ଚିତ୍କାର କରିବା ସହ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘର ନିକଟକୁ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସେଠାରେ ତୁରନ୍ତ ତାଙ୍କ ପୋଷାକ ବଦଳାଇ ଆମ୍ବୁଲାନ୍ସରେ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଛାତ୍ରୀଙ୍କ ଶରୀରର ୭୦ରୁ ୭୫% ପୋଡ଼ି ଯାଇଥିବାରୁ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ପୀଡ଼ିତାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିବାବେଳେ ତାଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଘଟଣାରେ ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି। ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଗୋଟେ ପରେ ଗୋଟେ ଘଟଣା ଘଟୁଛି ଏବଂ ଅପରାଧୀମାନେ ନିର୍ଭୟରେ ଅପରାଧ କରିଚାଲିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥିସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ଇସ୍ତଫା ଦାବି କରିଛି।



ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଛି।

## ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍‌ସକୁ ଏୟାରଲିଫ୍ଟ ପାଇଁ ସରକାର ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

ବଳଙ୍ଗା, ୧୯।୭ (କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗା ଥାନା ବାୟାବର(ନୂଆ ଗୋପାଳପୁର) ଗ୍ରାମର ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ଉପରେ ୩ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଏମ୍‌ସ ସ୍ଥାନାନ୍ତର କରାଯାଇଛି। ଗୁରୁତର ଅବସ୍ଥାରେ ଏମ୍‌ସ ବର୍ନ ୟୁନିଟ୍‌ର ଆଇସିୟୁରେ ସେ ଚିକିତ୍ସିତ ହେଉଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବାବେଳେ ତାଙ୍କ ମା’ଙ୍କ ଅଭିଯୋଗକୁ ଭିତ୍ତିକରି ବଳଙ୍ଗା ପୋଲିସ ଏକ ମାମଲା(ନଂ.୧୬୨/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୀ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏବଂ ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିବା ସହ ପୀଡ଼ିତାଙ୍କ ଘରକୁ ଯାଇ ପଚରାଉଚରା କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ୨ଟି କିରୋସିନ ବାସ୍ନା ଆସୁଥିବା ଖାଲି ବୋତଲ, ଚପଲ ଏବଂ ପୋଡ଼ା କପଡ଼ା ଜବତ କରିଛି। ଅପରପକ୍ଷରେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ବିଡିଓ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ଜିଲାପାଳ, ଅତିରିକ୍ତ ଏସ୍‌ପି, ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଲୋକଙ୍କୁ ପଚରାଉଚରା କରିଛନ୍ତି। ☞ପୃଷ୍ଠା-୨

# ଛାତ୍ରୀଙ୍କ ସୁରକ୍ଷା ପାଇଁ ‘ଶକ୍ତିଶ୍ରୀ’ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପରେ କଲେଜ, ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ସୁରକ୍ଷା ନେଇ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ରାଜ୍ୟ ସରକାର ଏକ ନନ୍-ନେଗୋସିଏବୁଲ୍ ପଲିସି ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷା ଅନୁଷ୍ଠାନରେ ଛାତ୍ରୀମାନଙ୍କ ପ୍ରତି ବଢୁଥିବା ଆପରାଧିକ ଘଟଣାକୁ ରୋକିବା ପାଇଁ ଓ ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର ‘ଶକ୍ତିଶ୍ରୀ’ କାର୍ଯ୍ୟକ୍ରମ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଶନିବାର ଲୋକସେବା ଭବନଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏହି ଉଚ୍ଚ ଶିକ୍ଷାନୁଷ୍ଠାନରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ‘ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର’ ସ୍ଥାପନ କରାଯିବ। ଏହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଏହି କେନ୍ଦ୍ରକୁ ଜଣେ ଛାତ୍ରୀ ‘ଶକ୍ତିଶ୍ରୀ ସାଥୀ’ ଓ ଜଣେ ଅଧ୍ୟାପିକା ‘ଶକ୍ତିଶ୍ରୀ ସଂଯୋଜିକା’ ଭାବେ ପରିଚାଳନା କରିବେ। ଏହାସହ ଜିଲାପାଳଙ୍କ ଦ୍ୱାରା ମନୋନୀତ ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା ☞ପୃଷ୍ଠା-୨



ମୋହନ ଚରଣ ମାଝୀ

**ଆଜିର ସମ୍ପାଦକୀୟ**

**ଦୃଷ୍ଟିକୋଣ ବଦଳିଗଲା**

**ଆଜିର ମନ୍ତବ୍ୟ**

“ ଧର୍ମନିରପେକ୍ଷ ଶକ୍ତିଗୁଡ଼ିକ ମଧ୍ୟରେ ଦ୍ୱନ୍ଦ୍ୱ ଓ ବିଭାଜନ ସୃଷ୍ଟି ନ କରି ସେମାନଙ୍କୁ ଏକାଠି କରିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକମାତ୍ର ଉଦ୍ଦେଶ୍ୟ ହେବା ଉଚିତ।

-ଜନ୍ ବ୍ରିଟ୍ଟାସ୍, ସିପିଆଇ(ଏମ୍) ନେତା







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଲୋଚନାଚକ୍ର (କୃତିମ ବୁଦ୍ଧିମତା ଓ ତା'ର ପ୍ରଭାବ), ସ୍ଥାନ: ଉତ୍କଳମଣି ସଭାକକ୍ଷ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତବର୍ଷୀୟ ଯାଦବ ମହାସଭା, ଓଡ଼ିଶା ୟୁନିଟ୍ ପକ୍ଷରୁ ଖବରଦାତା ସମ୍ମଳନୀ, ସ୍ଥାନ: କଳିଙ୍ଗ ଅଶୋକା ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା
- ଅଭିକ୍ଷା ପକ୍ଷରୁ ଉତ୍କର୍ଷ ପ୍ରତିଯୋଗିତା, ସ୍ଥାନ: କସ୍ତୁରୀବା ନାରୀ ମହଲ, ସମୟ: ସକାଳ ୮ଟା
- ଶିଶୁପାଳଗଡ଼:ଏକ ପ୍ରାଚୀନ ନଗରୀ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ ପକ୍ଷରୁ 'ନରକିନ୍ନରର' ଇଂରାଜୀ ଅନୁବାଦ ଇନ୍ ସର୍ଚ ଅଫ୍ ସୋଲ୍ ଉପନ୍ୟାସ ଲୋକାର୍ପଣ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫.୩୦
- ନିଖିଳ ଓଡ଼ିଶା ବେସରକାରୀ ମହାବିଦ୍ୟାଳୟ ୨୦୧୮ ଜିଆଇଏ ଅଧାପକ ଓ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ରେଡ୍ କ୍ରସ୍ ଭବନ, ସମୟ: ପୂର୍ବାହ୍ନ ୧୦ଟା
- ଶିକ୍ଷାନୁଷ୍ଠାନ ୟୁଭୋଦୟା ପକ୍ଷରୁ ଆଚିଭର୍ସ ମିଟ୍ ୨୦୨୫, ସ୍ଥାନ: ଏସ୍ଓଏ ଅଡ଼ିଟୋରିୟମ୍ କ୍ୟାମ୍ପସ୍ ୨, ସମୟ: ପୂର୍ବାହ୍ନ ୧୧ଟା
- ସମ୍ବିଧାନ ବିଶେଷ ବଂଶୀଧର ଦାସଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭା, ସ୍ଥାନ: ସୂଚନାଭବନ, ସମୟ: ସନ୍ଧ୍ୟା ୬ଟା

## କଟକ

- ଏଏସ୍ଆର୍ ଚେସ୍ ସେଣ୍ଟର ପକ୍ଷରୁ ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ଚେସ୍ ଚାମ୍ପିୟନ୍‌ଶିପ୍, ସେରିମୋନିୟମ ମଣ୍ଡପ, ତ୍ରିଶୂଳିଆ, ସମୟ: ସକାଳ ୯ଟା ୩୦।
- ଶିକ୍ଷା ବିକାଶ ସମିତି ପକ୍ଷରୁ ପୂର୍ବ ଛାତ୍ର ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଭିପ୍ସା ପକ୍ଷରୁ ଚିତ୍ରକଳା ସମ୍ମାନ ପ୍ରଦାନ, ସ୍ଥାନ: ଝାଞ୍ଜିରୀମଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ଅଫ୍ କଟକ ଇଷ୍ଟର ଅଧିଷ୍ଠାନ ଦିବସ ସମାରୋହ, ସ୍ଥାନ: ହୋଟେଲ ଅଶୋକା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ

- ଶିଶୁ ସମାଚାର ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ବିଶ୍ୱମ୍ଭର ବିଦ୍ୟାପୀଠ, ସମୟ: ସକାଳ ୯ଟା।
- ଶିଶୁ ମନ୍ଦିର ପକ୍ଷରୁ ଘର ହିଁ ବିଦ୍ୟାଳୟ ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ସକାଳ ୮ଟା।
- ରେଳ ମନ୍ତ୍ରୀଙ୍କ ବୈଠକ, ସ୍ଥାନ: ପୁରୀ ରେଳଷ୍ଟେଶନ, ସମୟ: ସକାଳ ୯ଟା।
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଣୀ ସତୀଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

## • ବାଲେଶ୍ୱର

- ପ୍ରେସ୍-ଇମ୍ପ୍ରେସ ମିଡ଼ିଆ କ୍ଲବର ବାର୍ଷିକ ସମ୍ମିଳନୀ, ସ୍ଥାନ: ଭେନିୟା ପାରାଡାଇଜ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଗୁରୁ ଦକ୍ଷିଣା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ମାର୍କୋଣା, ସିମୁଳିଆ, ସମୟ: ଅପରାହ୍ନ ୩ଟା ୧୫।

## ମୟୂରଭଞ୍ଜ

- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଚିକିଟାମାଟିଆ ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ବ୍ରହ୍ମପୁର

- ଦକ୍ଷିଣ ଓଡ଼ିଶା ଥାଇରଡ ସିମ୍ପୋଜିୟମ ଉଦଘାଟନ, ସ୍ଥାନ: ଆଇଏମ୍ଏହଲ, ସମୟ: ସକାଳ ୯ଟା।
- ଭାରୋତ୍ତଳନ ପ୍ରତିଯୋଗିତା, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଇନରହ୍ୱିଲ କ୍ଲବର ଇନଷ୍ଟାଲେସନ ସେରେମୋନି
- ସ୍ଥାନ: ରୋଟାରୀ କ୍ଲବ ପରିସର
- ସମୟ: ସନ୍ଧ୍ୟା ୫ଟା

## ଜଗତ୍‌ସିଂହପୁର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପ୍ରାଦେଶିକ ଓ କ୍ଷେତ୍ରୀୟ ଖୋ ଖୋ, ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।

## ଯାଜପୁର

- ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: କୁସୁମା ପୋଖରୀ ନିକଟ ବିଜୁ ପଟ୍ଟନାୟକ ସନ୍ତରଣାଗାର, ସମୟ: ସକାଳ ୬ଟା।

## • ରାୟଗଡ଼ା

- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ସକାଳ ୯ଟା ୩୦।
- ରାୟଗଡା ଟାଲେଣ୍ଟ ଆୱାର୍ଡ ସିଜନ-୨, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ବର୍ଣ୍ଣମାଳା ଉଦ୍ୟାନ ଉଦ୍‌ଘାଟନ, ସ୍ଥାନ: କୋଷଗୁମୁଡ଼ା ବ୍ଲକ ଫାର୍ଶାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସତ୍ୟସାଇ ସେବା ସମିତି ପରିସର, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ଓଡ଼ିଶା ଅମଲା ସଂଘ ଜିଲା ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ: ସଙ୍ଗମ କଲ୍ୟାଣ ମଣ୍ଡପ, ଜୟନଗର, ଜୟପୁର, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ହୀରାଖଣ୍ଡ ସାମ୍ମୁଖ୍ୟ ଆୟୋଜିତ ହୀରାଖଣ୍ଡ ସମ୍ମାନ ସମାରୋହ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା।

## ରାଉରକେଲା

- ବାଲ୍ କାଉଡିଆ ଯାତ୍ରା, ସ୍ଥାନ: ବ୍ରାହ୍ମଣୀ ନଦୀତଟ, ସମୟ: ସକାଳ ୬ଟା।
- ବ୍ରହ୍ମକୁମାରୀ ପକ୍ଷରୁ ଆଧ୍ୟାତ୍ମିକ ସଭା, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- ସାଇ ସରଗମ ମ୍ୟୁଜିକାଲ ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୬, ଟେଲିଫୋନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀ କର୍ମଶାଳା, ସ୍ଥାନ: ୟୁ ନାଇନ୍ କ୍ଲବ, ସମୟ: ଅପରାହ୍ନ ୩ଟା।
- ୩୪ତମ ପତ୍ରପତ୍ରିକା ଦିବସ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ମିରର୍ ଫାଉଣ୍ଡେଶନ ପକ୍ଷରୁ କାଉଡ଼ିଆଙ୍କୁ ପ୍ରସାଦ ବଣ୍ଟନ, ସ୍ଥାନ: ପାନପୋଷ ଛକ, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି

- ରାଜ୍ୟ ବ୍ୟାଡ୍‌ମିଣ୍ଟନ ର୍ୟାଙ୍କିଙ୍ଗ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଉପସ୍ଥିତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ରେଞ୍ଜ କାନ୍ଦୁଲ ଡ଼ଙ୍ଗରି, ସମୟ: ସକାଳ ୯ଟା।

## ବୌଦ୍ଧ

- ସାହାଣୀ କପ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିନ, ସ୍ଥାନ:ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପଶ୍ଚିମ ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କମିଟି ବୈଠକ, ସ୍ଥାନ: ରାଧିକା କଲ୍ୟାଣ ମଣ୍ଡପ, ବୀରମହାରାଜପୁର, ସମୟ: ଅପରାହ୍ନ ୨ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ତୃତୀୟାଧିପ ଚତୁର୍ଥକେନ୍ଦ୍ରସ୍ଥ ଯୋଗୁ ବନ୍ଧୁଙ୍କ ପରାମର୍ଶରେ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆଜି ବନ୍ଧୁମିଳନର ଆନନ୍ଦ ଅନୁଭବ କରିପାରିବେ। ଆକସ୍ମିକ ଭାବରେ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ମନୋଭାବ ବଦଳିଯିବାରୁ ପରିସ୍ଥିତି ମଧ ବଦଳିଯିବ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ବୃଷ** ଧନଭାବରେ ବୃହସ୍ପତି ଥିବାରୁ ଆର୍ଥିକ ସମସ୍ୟା ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ସଭାସମିତି, ସଂଗଠନ, ରାଜନୀତି, ପ୍ରଶାସନ ତଥା ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପାରସ୍ପରିକ ସଦ୍‌ଭାବ ବୃଦ୍ଧି ଲକ୍ଷ୍ୟକରି ଖୁସି ହେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**ମିଥୁନ** ରବି ଓ ବୁଧ ସଂଯୋଗରୁ ବନ୍ଧୁଙ୍କଠାରୁ ଉଧାର ଆଣିବାକୁ ମନସ୍ଥ କରିପାରନ୍ତି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସୁଧୁରି ଯିବାରେ ସ୍ଥାନୀୟ ବ୍ୟକ୍ତି ସାହାଯ୍ୟ କରିପାରନ୍ତି।

**କର୍କଟ** ଆଜି ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କିତ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଚନ୍ଦ୍ର କର୍ମକ୍ଷେତ୍ରରେ ଥିବାରୁ ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ସିଂହ** ରାଶ୍ୟାଧିପ ଦ୍ୱାଦଶସ୍ଥ ହେତୁ ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଭଲ ରହି ନ ପାରେ। କାମସବୁ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା ଯୋଗୁ ମଜା ମଉଜ କରିବାକୁ ଅବସର ପାଇବେ ନାହିଁ। ପରିସ୍ଥିତିବଶତଃ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କନ୍ୟା** ଏକାଦଶସ୍ଥ ରାଶ୍ୟାଧିପ ଯୋଗୁ ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଉଚିତ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନିରୁ ଦୁଃଖ ପ୍ରକାଶ କରିପାରନ୍ତି। ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

**ତୁଳା** ଦୁଃସ୍ଥାନସ୍ଥ ଶୁକ୍ର ଯୋଗୁ ବିଭିନ୍ନ ଦୁର୍ଭାବନା ବଢ଼ିଚାଲିବା ହେତୁ ମନ ଓ କାମ ଶୃଙ୍ଖଳିତ ରହିବ ନାହିଁ। ଅଭାବ ନ ଥିଲେ ମଧ ଆକସ୍ମିକ ଆବଶ୍ୟକତା ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆଜିର ଫେରନ୍ତା ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। ବ୍ୟବସାୟରେ ଲାଭ ନ ହେଲେ ମଧ କ୍ଷତିର ସମ୍ଭାବନା ନାହିଁ କହିଲେ ଚଳେ।

**ବିଛା** କର୍ମାଧିପ ଭାଗ୍ୟଭାବରେ ରହିଥିବାରୁ ସମସ୍ୟା ରହିଥିଲେ ମଧ କାମ ଅଟକିବ ନାହିଁ। ଯେକୌଣସି ବିବାଦୀୟ ପରିସ୍ଥିତିରେ ସମାଧାନ ପାଇଁ ତତ୍ପର ହୋଇ ସଫଳତା ପାଇବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସମ୍ପର୍କୀୟମାନେ ଉପର ମନରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଚେର କାଟିପାରନ୍ତି।

**ଧନୁ** ଦେବଗୁରୁଙ୍କ ସୁପ୍ରଭାବରୁ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ଶନିଙ୍କ କୁପ୍ରଭାବଜନିତ ପ୍ରଶାସନିକ ସ୍ତରରେ ଚାପର ସମ୍ମୁଖୀନ ହେବେ। ଭ୍ରମଣଜନିତ ସାମୟିକ ଅସୁସ୍ଥତା ଦେଖାଦେଇପାରେ। ବ୍ୟବସାୟିକ ସଫଳତା ସାଙ୍ଗକୁ ସାମାଜିକ ସ୍ତରରେ ଲୋକପ୍ରିୟତା ବୃଦ୍ଧି ମନକୁ ଖୁସି କରାଇପାରେ।

**ମକର** ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ଟେନ୍ସନକୁ ଲାଘବ କରିଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅନ୍ୟମାନଙ୍କ ସହମତିରେ କାମକରିବା ଫଳରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇଦେବାର ଆଶଙ୍କା ରହିଛି। ଭୁଲ୍ ବୁଝାମଣା ଓ ବୃଥା ସନ୍ଦେହଜନିତ ପାରିବାରିକ କ୍ଷେତ୍ର ଅସନ୍ତୁଳିତ ରହିପାରେ।

**କୁମ୍ଭ** ଆଜି ସତର୍କତାର ଅଭାବ ଯୋଗୁ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜାଇଦେଇପାରନ୍ତି। ବନ୍ଧୁଙ୍କ ସହମତି ସ୍ଥଗିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ସ୍ଥଗିତ କାର୍ଯ୍ୟ କିମ୍ବା ଆବଶ୍ୟକ ସାହାଯ୍ୟ, ସହଯୋଗ ପ୍ରତିବେଶୀଙ୍କ ନିକଟରୁ ପାଇବା ସମ୍ଭାବନା ରହିଛି। ସଭାସମିତି, ରାଜନୀତି, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ** କର୍ମକ୍ଷେତ୍ରରେ ଅବହେଳାଜନିତ ଅଟକିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ବ୍ୟତିକ୍ରମକୁ ସୁଧାରିବାର ପ୍ରଯତ୍ନ କରିବେ। ସାମାଜିକ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଗବେଷଣା, ଆଲୋଚନା, ରାଜନୀତି ଓ ସାହିତ୍ୟରୁ ପ୍ରଶଂସିତ ହେବେ। ପରିବାରରେ ବିବାଦୀୟ ସ୍ଥିତି ଉପୁଜିଥିବାରୁ ଭାବାନ୍ତର ରହିବେ।

ଆଜି ଜୁଲାଇ ୨୦ ତାରିଖ, ଶ୍ରାବଣ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ରବିବାର। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଏବଂ ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୧ ଗତେ ଘ.୦୯.୪୨ ମଧ୍ୟେ, ଘ.୦୧.୩୦ ଗତେ ଘ.୦୨.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୪.୪୬ ଗତେ ଘ.୦୬.୨୪ ମଧ୍ୟେ ରାହୁ କାଳ ।

# 'କିଙ୍ଗ୍' ଶୁଟିଂ ବେଳେ ଶାହରୁଖ ଖାନ୍ ଆହତ



ମୁମ୍ବାଇ: ମୁମ୍ବାଇରେ ଚଳଚ୍ଚିତ୍ର 'କିଙ୍ଗ୍'ର ଶୁଟିଂ ବେଳେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପିଠିରେ ଆଘାତ ଲାଗିଛି। ଚିକିତ୍ସା ପାଇଁ ସେ ଆମେରିକା ଯାଉଥିବାବେଳେ ଏବେ ବ୍ରିଟେନରେ ଅବସ୍ଥାନ କରିଛନ୍ତି ଓ ସୁସ୍ଥ ହେଉଥିବା ଜଣାପଡ଼ିଛି। ତାଙ୍କ ସହ ତାଙ୍କ ପରିବାର ସଦସ୍ୟ ରହିଛନ୍ତି। ଆଘାତ ସାମାନ୍ୟ ହୋଇଥିବାରୁ ସେ ସୁସ୍ଥ ହେଉଥିବା ଏକ ସୂତ୍ରରୁ କୁହାଯାଇଛି। ତେବେ ଫିଲ୍ମ ଶୁଟିଂ ବନ୍ଦ ରହିଥିଲାବେଳେ ଏହା ସେପ୍ଟେମ୍ବରରୁ ପୁଣି ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଆହତ କାରଣରୁ ଶାହରୁଖ୍ ତାଙ୍କ ଶ୍ରୀଲଙ୍କା ଗସ୍ତ ଯୋଜନାକୁ ସ୍ଥଗିତ ରଖିଛନ୍ତି। ସୂଚନାଯୋଗ୍ୟ, ୨୦୦୨ରେ ବୋନି କପୁରଙ୍କ ଚଳଚ୍ଚିତ୍ର 'ଶକ୍ତି'ର ଶୁଟିଂ ବେଳେ ଶାହରୁଖ ଆହତ ହୋଇଥିଲେ। ସେତେବେଳେ ବ୍ରିଟେନରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ କିଙ୍ଗ୍ ଚଳଚ୍ଚିତ୍ର ଜରିଆରେ ଶାହରୁଖଙ୍କ ଝିଅ ସୁହାନା ଖାନ୍ ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି।

# ୨୩ରେ ବିଧାନସଭା ଆଗରେ ଡିଏସ୍ଓର ବିକ୍ଷୋଭ

**ଭୋଗରାଇ, ୧୯।୭(ପ୍ରଦୀପ ଦାସ)**

ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ରାଜ୍ୟସ୍ତରୀୟ ଛାତ୍ର ବିକ୍ଷୋଭ ଡାକରା ଦେଇଛି ଏଆଇଡିଏସ୍ଓ। ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀ ତଥା କୌଣସି ପଦକ୍ଷେପ ନେଇ ନ ଥିବା ସମସ୍ତ ବ୍ୟକ୍ତିଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବିରେ ଏଆଇଡିଏସଓ ଲଗାତାର ଆନ୍ଦୋଳନ କରିବା ସହ ଜୁଲାଇ ୧୭ରେ ସାରା ଓଡିଶା ଛାତ୍ର ଧର୍ମଘଟର ଆହ୍ୱାନ ଦେଇଥିଲା। ଏହି ଧର୍ମଘଟକୁ ଓଡିଶାର ଛାତ୍ରଛାତ୍ରୀମାନେ ସର୍ବାନ୍ତକରଣରେ ସଫଳ କରିଛନ୍ତି ବୋଲି ଡିଏସ୍ଓ ଦାବି କରିଛି। ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତିରେ କହିଛନ୍ତି, ବାଲେଶ୍ୱର ଘଟଣାର ସପ୍ତାହେ ନ ପୂରୁଣୁ ପୁରୀ ଜିଲା ବଳଙ୍ଗା ଥାନା ବାୟାବର ଅଞ୍ଚଳରେ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ଜାଳିଦେବାକୁ ଉଦ୍ୟମ ଆଦି ଘଟଣା ରାଜ୍ୟବାସୀଙ୍କ ମନରେ ଛାତ୍ରୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗାମୀ ଦିନରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଦାବିରେ ଏଆଇଡିଏସ୍ଓର ଆନ୍ଦୋଳନ କରୁଛି ଓ କରିବ ବୋଲି ବାଲେଶ୍ୱର ଜିଲାର ଛାତ୍ରୀଛାତ୍ରୀଙ୍କୁ ଏଆଇଡିଏସ୍ଓ ଜିଲା ସଭାପତି ହରେକୃଷ୍ଣ ଦାସ ଓ ସମ୍ପାଦକ ପ୍ରଶାନ୍ତ ଦାସ ଆହ୍ୱାନ ଦେଇଛନ୍ତି ।

**ବଳଙ୍ଗା ନାବାଳିକାଙ୍କୁ ଜାଳିଦେବାକୁ ଉଦ୍ୟମ ଘଟଣା**

# ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସ୍ପଷ୍ଟ ହୋଇଛି: ବିଜେଡି

**ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)**

ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାକୁ ଏକ ସପ୍ତାହ ନ ପୂରୁଣୁ ଶନିବାର ବଳଙ୍ଗାଠାରେ ଜଣେ ନାବାଳିକାକୁ ୩ ଜଣ ଦୁର୍ବୃତ୍ତ କିରୋସିନି ଢାଳି ଜିଅନ୍ତା ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ଏହି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ଅସୁରକ୍ଷିତ ହୋଇ ପଡ଼ିଥିବା ସ୍ପଷ୍ଟ ହେଉଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବରିଷ୍ଠ ନେତ୍ରୀ ଟୁକୁନି ସାହୁ କହିଛନ୍ତି, ରାଜଧାନୀ ଠାରୁ ମାତ୍ର ୫୦ କିମି ଦୂର ଓ ବଳଙ୍ଗା ଥାନା ଠାରୁ ମାତ୍ର ୧ କିମି ଦୂରରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାକୁ ରାସ୍ତାରୁ ଉଠାଇ ନେଇ ୩ ଜଣ ଦୁର୍ବୃତ୍ତ କିରୋସିନି ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛନ୍ତି। ଗତ ଶନିବାର ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା ଲୋକଲୋଚନକୁ ଆସିଥିବା ବେଳେ ଶନିବାରରେ ବଳାଙ୍ଗା ଠାରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରାଯାଇଛି। ଏହା ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ସଦ୍ୟତମ ନମୁନା। ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଡବଲ ଇଞ୍ଜିନ ସରକାର ଡବଲ ବିକାଶ ସହିତ ଡବଲ ମା ମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବେ ବୋଲି କହିଥିଲେ। କିନ୍ତୁ ରାଜ୍ୟରେ ମହିଳା ସୁରକ୍ଷା ଏବେ ବିପଦରେ ପଡିଛି ବୋଲି ସେ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶଙ୍ଖ ଚିଲ ଭାଇ ନମସ୍କାର**
**ମାଟିଆ ଚିଲକୁ ଗୋଇଠା ମାର୍।**

ନିର୍ମଳ ସ୍ୱଚ୍ଛ ବ୍ୟକ୍ତି ହିଁ ଚିର ନମସ୍ୟ ହେବା ସହ ସମସ୍ତଙ୍କ ପ୍ରିୟର ପାତ୍ର ହୋଇଥାନ୍ତି। ତେବେ ମନ୍ଦ ସ୍ୱଭାବ ବ୍ୟକ୍ତିଙ୍କୁ ଆମ ସମାଜରେ ତିରସ୍କାର ମିଳୁଥିବାବେଳେ ସେମାନେ ଦଣ୍ଡ ପାଇବାକୁ ଯୋଗ୍ୟ ଅଟନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଶ୍ରୋତା ବକତା କେହି ନାହିଁ**
**ରୋଦନ କରୁ କାହିଁ ପାଇଁ।**

ନିଜ ଦୁଃଖରେ ସମବେଦନା ଜଣାଇବା ଲାଗି ପାଖରେ କେହି ଉପସ୍ଥିତ ନ ଥିଲେ ସେଠାରେ ଅଯଥା ରୋଦନ କରିବା ନେଇ କୌଣସି ଯଥାର୍ଥତା ରହି ନ ଥାଏ। ବୃଥା ବିଳାପ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବଳଙ୍ଗାରେ ଛାତ୍ରୀଙ୍କୁ ....

ପୀଡ଼ିତା ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁସାରେ, ଝିଅ ଚଳିତ ବର୍ଷ ଦଶମ ଶ୍ରେଣୀ ପାସ୍ କରିଥିଲେ। ଶନିବାର ସକାଳେ ବହି ଦେବାକୁ ବଡ଼ବାପାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ଝିଅକୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀବନ୍ଧ ତଳକୁ ନେଇଯାଇଥିଲେ। ସେଠାରେ ତିନିଜଣ ଦୁର୍ବୃତ୍ତ କିରୋସିନ ଢାଳି ତାଙ୍କୁ ନିଆଁ ଲଗାଇ ଦେଇଥିଲେ। ଝିଅ ସେମାନଙ୍କ କବଳରୁ ଖସିଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଚିତ୍କାର କରି ରକ୍ଷା କର ବୋଲି କହିଥିଲେ। ଦୁଃଖିଶ୍ୟାମ ତତ୍‌କ୍ଷଣାତ ନାବାଳିକା ଝିଅର ଦେହରେ ନିଆଁ ଲାଗିଥିବା ଦେଖି ତାଙ୍କୁ ଉଦ୍ଧାର କରି ଆଉ ଏକ ଡ୍ରେସ୍ ପିନ୍ଧାଇବା ସହିତ ପାଣି ପିଇବାକୁ ଦେଇଥିଲେ। ଝିଅଠାରୁ ଘରର ଠିକଣା ବୁଝି ଖବର ଦେଇଥିଲେ। କେତେଜଣ ଲୋକ ସେଠାରେ ପହଞ୍ଚି ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ। ପରେ ଝିଅକୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ପିପିଲି ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପୀଡିତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପୀଡ଼ିତାଙ୍କୁ ଅଧିକ ଉନ୍ନତ ଚିକିତ୍ସା ପାଇଁ ସ୍ଥିତି ଅନୁକୂଳ ହେଲେ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷଙ୍କ ଅନୁମତିକ୍ରମେ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରିବା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି, ପୁରୀ ଏସ୍‌ପିଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ତୁରନ୍ତ ଧରାଯିବ ବୋଲି ଏସ୍‌ପି ମିଶ୍ର ପ୍ରକାଶ କରିଥିଲେ। ତେବେ ବିଜେଡି ନେତା ଦିଲୀପ ନାୟକ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରତିନିଧି ତଥା ଭାଜପା ନେତା ଶ୍ୟାମସୁନ୍ଦର ନାୟକ ପହଞ୍ଚିଥିଲେ। ଦିଲୀପ କହିଥିଲେ ଯେ, ଯଦି ତୁରନ୍ତ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ରାସ୍ତାକୁ ଓହ୍ଲାଇବା ସହିତ ରାସ୍ତା ଅବରୋଧ କରାଯିବ।

### ଛାତ୍ରୀଙ୍କ ସୁରକ୍ଷା ପାଇଁ ...

'ଶକ୍ତି ଅପା' ଭାବେ ଏଥିରେ କାର୍ଯ୍ୟ କରିବେ। ଶକ୍ତି ଅପାମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା ଏବଂ ସଶକ୍ତୀକରଣ ଦିଗରେ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' କାର୍ଯ୍ୟ କରିବ। ଏହି କେନ୍ଦ୍ର '୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜନ କରିବ। ଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯିବ। ଏହାସହ ଆଇନଗତ ଅଧିକାର ତଥା ମେଣ୍ଟାଲ ହେଲ୍‌ଥ ସମ୍ପର୍କରେ ମଧ ଛାତ୍ରୀଙ୍କୁ ଶିକ୍ଷା ଦିଆଯିବ। ଶକ୍ତିଶ୍ରୀ ଆପ୍ ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। ଛାତ୍ରୀମାନଙ୍କ ସଚେତନତା ଓ ଅବଗତି ନିମନ୍ତେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ କଲେଜରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରିବ। ଏଥିସହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଫୋନ୍ ନମ୍ବର ମଧ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଟେକ୍ସଟ, ଅଡିଓ ବା ଭିଡିଓ ମେସେଜ ମାଧ୍ୟମରେ ଉକ୍ତ ଆପ୍ ଜରିଆରେ ପଞ୍ଜୀକୃତ କରିପାରିବେ। ଅଭିଯୋଗଟି ଆପ୍‌ରେ ପଞ୍ଜୀକୃତ ହୋଇସାରିବା ପରେ ଏହା ସିଧାସଳଖ ଉକ୍ତ ଛାତ୍ରୀ ପଢୁଥିବା ଶିକ୍ଷାନୁଷ୍ଠାନର ଇଣ୍ଟରନାଲ କମିଟିର ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିବ। ଛାତ୍ରୀମାନେ ଯଦି ଷ୍ଟ୍ରେସ୍, ଆଙ୍ଗ୍‌ଜାଇଟି ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ସିଧାସଳଖ କଥା ହୋଇ ଉପଯୁକ୍ତ ପରାମର୍ଶ ନେଇପାରିବେ। ଜରୁରୀ ସ୍ଥିତିରେ ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ରହିଥିବା ଏସ୍ଓଏସ୍ ବଟନକୁ ବ୍ୟବହାରକରି ସେମାନେ ଶକ୍ତିଶ୍ରୀ ସାଥୀ ଏବଂ ସଂଯୋଜିକାଙ୍କ ସହ କଥା ହୋଇ ସାହାଯ୍ୟ ପାଇପାରିବେ। ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ବିଭିନ୍ନ ଜିଲାରେ ରହିଥିବା ଲୋକାଲ୍ କମିଟି ସମ୍ବନ୍ଧରେ ମଧ ସବିଶେଷ ବିବରଣୀ ଦିଆଯିବ। ଯଦି କୌଣସି ଛାତ୍ରୀ ହୃଦୟଙ୍ଗମ କରନ୍ତି ଯେ ତାଙ୍କ ଅଭିଯୋଗ ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ସମାଧାନ ହେଉନାହିଁ, ତେବେ ସେ ନିଜର ଅଭିଯୋଗ ସମ୍ବନ୍ଧରେ ଲୋକାଲ୍ କମିଟିକୁ ଅବଗତ କରାଇପାରିବେ। ଏହି ସଂକ୍ରାନ୍ତୀୟ ଏକ ଏସ୍ଓପି ଖୁବ୍‌ଶୀଘ୍ର ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯିବ। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶକ୍ତିଶ୍ରୀ ଆକ୍ସନ ଫର୍ ଫିମେଲ ଏମ୍ପାୱାରମେଣ୍ଟ ବା ଏସ୍ଏଏଫ୍ଇ ନାମକ ଏକ କ୍ୟାମ୍ପେନ୍‌ର ଆୟୋଜନ କରାଯିବ। କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ୩୧ ସୁଦ୍ଧା ପ୍ରଦାନ କରିବେ। ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବ, ଯଦ୍ୱାରା କଲେଜ କ୍ୟାମ୍ପସକୁ ୨୪ ଘଣ୍ଟା ମନିଟରିଂ କରାଯାଇପାରିବ। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ ଅଧିନିୟମ, ୨୦୧୩ ଏବଂ ଏହି ସମ୍ବନ୍ଧରେ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନ୍‌ଲାଇନ କୋର୍ସ ପ୍ରଦାନ କରାଯିବ। ସେହିପରି ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକଦିବସୀୟ କର୍ମଶାଳା 'ଶକ୍ତି ସ୍ୱରୂପିଣୀ'ର ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

- **ଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ**
- **ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ', ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା'**
- **୫ ମହିଳାଙ୍କୁ 'ଶକ୍ତି ଅପା' ଭାବେ ବାଛିବେ ଜିଲାପାଳ**
- **ସବୁ କଲେଜରେ ଲାଗିବ ୨୪ ଘଣ୍ଟିଆ କ୍ୟାମେରା**




# ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଖସିଥିଲା ୫ ଯୁଦ୍ଧବିମାନ: ଟ୍ରମ୍ପ

ନ୍ୟୁୟର୍କ/ୱାଶିଂଟନ୍, ୧୯।୭

ମେ’ ୭ରୁ ୧୦ ମଧ୍ୟରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା ‘ଅପରେଶନ ସିନ୍ଦୂର’ ବେଳେ ୫ଟି ଯୁଦ୍ଧବିମାନ ଖସିଥିଲା ବୋଲି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏଥିସହ ତାଙ୍କ ହସ୍ତକ୍ଷେପ ଯୋଗୁ ହିଁ ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ ହୋଇଥିଲା ବୋଲି ଟ୍ରମ୍ପ ପୁନର୍ବାର ଦୋହରାଇଛନ୍ତି। ତେବେ କେଉଁ ଦେଶର ୫ ଏୟାରକ୍ରାଫ୍ଟ ଖସିଥିଲା ତାହା ସେ ସ୍ପଷ୍ଟ କରିନାହାନ୍ତି।

## ପ୍ରଧାନମନ୍ତ୍ରୀ ନୀରବତା ଭାଙ୍ଗି ସଂସଦରେ ଉତ୍ତର ରଖନ୍ତୁ: ରାହୁଲ


ଡୋନାଲ୍ଡ ଟ୍ରମ୍ପ

ଇତିମଧ୍ୟରେ ଟ୍ରମ୍ପଙ୍କ ଦାବି ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଦେଶବାସୀଙ୍କ ସତ ଜାଣିବା ଅଧିକାର ରହିଥିବାରୁ ମୋଦି ଏହା ଉପରେ ନୀରବତା ଭଙ୍ଗକରି ପାର୍ଲାମେଣ୍ଟରେ ସତ କୁହନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଭାରତ ପକ୍ଷରୁ ‘ଅପରେଶନ ସିନ୍ଦୂର’ କରାଯାଇଥିଲା। ସେହି ସମୟରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ୯ ଆତଙ୍କବାଦୀ ଭିତ୍ତିଭୂମିକୁ ଭାରତୀୟ ସଶସ୍ତ୍ର ବଳ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ସରକାର ଓ ସେନା ପକ୍ଷରୁ ଦାବି କରାଯାଇଥିଲା। ତେବେ ଏହି ଅପରେଶନ ସମୟରେ ଭାରତୀୟ ସେନାର ୬ ରାଫାଲ ଯୁଦ୍ଧବିମାନକୁ ଖସାଇ ଧ୍ୱଂସ କରିଦେଇଥିବା ପାକିସ୍ତାନ ଦାବି କରିଥିଲା। କିନ୍ତୁ ଭାରତ ଏହାକୁ ଖଣ୍ଡନ କରିଚାଲିଥିଲା। ହେଲେ ମେ’ ୩୧ରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସିଙ୍ଗାପୁରରେ ଶାଙ୍ଗ୍ରି-ଲା ଡାଇଲଗ୍‌ରେ ଯୋଗଦେବା ପରିପ୍ରେକ୍ଷୀରେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତ୍‌କାର ଦେବାବେଳେ ଭାରତର କେତୋଟି ଯୁଦ୍ଧବିମାନ ଖସିଥିବା ବିଷୟ ସ୍ୱୀକାର କରିଥିଲେ। ସିଡିଏସ୍ ଏହା ପ୍ରକାଶ କରିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ କୋଡୋଟି ଏୟାରକ୍ରାଫ୍ଟ ଖସିଥିଲା ତାହା ସ୍ପଷ୍ଟ କରି ନ ଥିଲେ। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଖସିଥିବା ସେହି ବିମାନ ସଂଖ୍ୟା କହିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ରିପବ୍ଲିକାନ୍ ସିନେଟରମାନଙ୍କୁ ରାତିଭୋଜନରେ ଆପ୍ୟାୟିତ କରିବାବେଳେ ଟ୍ରମ୍ପ କହିଛନ୍ତି, ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସଦ୍ୟ ସଂଘର୍ଷ ବେଳେ ଆକାଶମାର୍ଗରୁ ୪ କିମ୍ବା ୫ ଜେଟ୍ ଖସିଥିଲା। ବାସ୍ତବରେ ୫ ଯୁଦ୍ଧବିମାନ ଖସିଥିବା ମନେହେଉଛି। ସ୍ଥିତି ଖରାପରୁ ଆହୁରି ଖରାପ ଆଡ଼କୁ ଗତି କରୁଥିଲା। ଦୁଇ ଆଣବିକ ଅସ୍ତ୍ର ସମ୍ପନ୍ନ ଦେଶ ମଧ୍ୟରେ ସଂଘର୍ଷ ବେଳେ ଉଭୟେ ପରସ୍ପରକୁ ଆକ୍ରମଣ କରିଚାଲିଥିଲେ। ଯୁଦ୍ଧର ପରିସୀମା ବଢ଼ିଚାଲିଥିବାବେଳେ ଆମେ ବାଣିଜ୍ୟ ଜରିଆରେ ତାର ସମାଧାନ କରିଥିଲୁ। ଯୁଦ୍ଧାସ୍ତ୍ର ପରିତ୍ୟାଗ ନ କଲେ ଆମେରିକା ଉଭୟ ରାଷ୍ଟ୍ର ସହ ଟ୍ରେଡ୍ ଡିଲ୍ କରିବ ନାହିଁ। ଉଭୟେ ଅତ୍ୟନ୍ତ ଶକ୍ତିଶାଳୀ ଆଣବିକ ରାଷ୍ଟ୍ର ବୋଲି ଟ୍ରମ୍ପ କହିଛନ୍ତି। ଏପରି କି ଟ୍ରମ୍ପ ଅନେକ ଯୁଦ୍ଧକୁ ଅଟକାଇଦେଇଥିବା ଟ୍ରମ୍ପ ଦାବି କରିଛନ୍ତି। ତେବେ ଖସିଥିବା ସେହି ଜେଟ୍‌ଗୁଡ଼ିକ ଭାରତ କିମ୍ବା ପାକିସ୍ତାନର ଅଥବା ଉଭୟ ଦେଶର ଥିଲା ତାହା ଟ୍ରମ୍ପ କହିନାହାନ୍ତି।

ଟ୍ରମ୍ପଙ୍କ ମନ୍ତବ୍ୟ ଆସିବା ପରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି, ଗତ ୭୦ ଦିନ ଭିତରେ ଆମେରିକା ରାଷ୍ଟ୍ରପତି ଅନେକ କିଛି ଦାବି କଲେଣି। ତାଙ୍କ ମନ୍ତବ୍ୟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ବିବୃତି ରଖି ସବୁକିଛି ସ୍ପଷ୍ଟ କରିଦେବା ଉଚିତ। ମୋଦିଜୀ ୫ ଜେଟ୍‌କୁ ନେଇ ସତ କ’ଣ ? ଏହା ଜାଣିବା ଅଧିକାର ଦେଶର ରହିଛିବୋଲିରାହୁଲX’ରେକହିଛନ୍ତି।

# କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା, ଆଇସିସି ଭୂମିକାକୁ ନେଇ ଖୋଳତାଡ଼

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

- ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି, କ୍ରାଇମବ୍ରାଞ୍ଚ ଟିମ୍‌ର ଛାନ୍‌ଭିନ୍
- ପେଟ୍ରୋଲ ପମ୍ପ୍‌ର ସିସିଟିଭି ଯାଞ୍ଚ


ଏଫ୍‌ଏମ୍ କଲେଜରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

ବାଲେଶ୍ୱର, ୧୯।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅବହେଳା, ଦୁର୍ଘଟଣା ନା ଷଡ଼ଯନ୍ତ୍ର ଯୋଗୁ ଛାତ୍ରୀଜଣକ ଜୀବନ ହାରିଲେ ସେନେଇ ଜୋରଦାର ତନାଘନା ଚାଲିଛି। ଆତ୍ମାହୁତି ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ପାଇଁ ୩ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଖୋଳତାଡ଼ କରାଯାଉଛି। ତଦନ୍ତ ସମୟରେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଓ କମିଟିର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷରେ ଶୁକ୍ରବାର ରାତିରେ ନିକଟସ୍ଥ ତାରିଣୀ ପେଟ୍ରୋଲ ପମ୍ପରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିଥିଲେ। କର୍ମଚାରୀ ଓ ମ୍ୟାନେଜରଙ୍କୁ ପଚରାଉଚୁରା କରିଥିଲେ। ଘଟଣା ଦିନ ଜଣେ ଛାତ୍ରୀ ସେଠାରୁ ବୋତଲରେ ପେଟ୍ରୋଲ ନେଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପେଟ୍ରୋଲ ପମ୍ପର ସିସିଟିଭି ଯାଞ୍ଚ ସହ ସିସିଟିଭି ଫୁଟେଜ୍ କଏଦ କରିଥିଲେ।

ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ୪ଜଣିଆ ଟିମ୍ ଦ୍ୱିତୀୟ ଦିନରେ ଶନିବାର ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ପ୍ରଫେସର ସୁଷମା ଯାଦବ, ଡ. ନୀର୍ଜା ଗୁପ୍ତା ଓ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଲା ପହଞ୍ଚି ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଘଟଣା ସମ୍ପର୍କରେ ବିଭିନ୍ନ ଦିଗକୁ ନେଇ ବାରମ୍ବାର ପଚାରି ବୁଝିଥିଲେ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ସିଏଡବ୍ଲୁ ଓ ସିଡବ୍ଲୁ ଶାଖାର ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଲି ରାଉତ ଏବଂ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ପୃଥକ୍ ଭାବେ ଘଟଣାର ଛାନ୍‌ଭିନ୍ କରିଛନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷ, ଆଇସି କମିଟି ସଦସ୍ୟ ଓ ପ୍ରାୟ ୨୩ଜଣ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରି ସବିଶେଷ ତଥ୍ୟ ହାସଲ କରିଛନ୍ତି। ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା ଓ ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ ମୁର୍ମୁଙ୍କୁ ମଧ୍ୟ ଏହି ଟିମ୍ ପଚରାଉଚରା କରିଥିଲେ। ଉଚ୍ଚଶିକ୍ଷା ବିଭାଗକୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଟି ଅଧ୍ୟକ୍ଷ ତଥା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ତଦନ୍ତ ନିଷ୍କର୍ଷ ଉପରେ କୌଣସି ତଥ୍ୟ ଦେବାକୁ ସେ ମନା କରିଥିଲେ।

# ବଜ୍ରପାତରେ ଟଳିପଡ଼ିଲେ ଚାଷୀ

ଭଦ୍ରକ, ୧୯।୭(ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ଥାନା ଆଡ଼ିଆ ପଞ୍ଚାୟତ ଜିରିଣା ଗ୍ରାମରେ ଶନିବାର ଅପରାହ୍ନରେ ବିଲରେ ଥିବାବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚନ୍ଦ୍ରଶେଖର ଜେନା(୫୬)। ସୂଚନା ଅନୁଯାୟୀ, ଚନ୍ଦ୍ରଶେଖରଙ୍କ ଜମିରେ ଟ୍ରାକ୍ଟର ହଳ କରୁଥିବାରୁ ସେ ବିଲରେ ଉପସ୍ଥିତ ଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ ସମୟରେ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ଚନ୍ଦ୍ରଶେଖର ବିଲ ହିଡ଼ରେ ଠିଆ ହୋଇଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଘର ନିକଟକୁ ଆଣିଥିଲେ। ପରେ ବନ୍ତ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଚନ୍ଦ୍ରଶେଖରଙ୍କର ୩ ଝିଅ ଓ ଗୋଟିଏ ପୁଅ ଥିବାବେଳେ ତାଙ୍କ ମୃତ୍ୟୁରେ ପରିବାର ବେସାହାରା ହୋଇଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି।




# ସୌମ୍ୟାଶ୍ରୀଙ୍କ ପରିବାରକୁ ମିଳିଲା ୨୦ଲକ୍ଷ ଟଙ୍କାର ଚେକ୍


ଏମ୍‌ପି ପ୍ରତାପ ଷଡଙ୍ଗୀ ସୌମ୍ୟାଶ୍ରୀଙ୍କ ମାତାପିତାଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି।

ଭୋଗରାଇ, ୧୯।୭(ପ୍ରଦୀପ ଦାସ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ରାଜ୍ୟ ସରକାର ଘୋଷଣା କରିଥିବା ୨୦ଲକ୍ଷ ଟଙ୍କାର ସହାୟତା ରାଶି ଚେକ୍ ଶନିବାର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପୀଡ଼ିତାଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ଏହାସହ ଜିଲା ରେଡକ୍ରସ ପକ୍ଷରୁ ୨୫ହଜାର ଟଙ୍କା ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ମୃତା ଛାତ୍ରୀଙ୍କ ପରିବାରକୁ ଦେଇଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପଳାସିଆ ଗ୍ରାମରେ ଅପରାହ୍ନରେ ଏମ୍‌ପି ଓ ଜିଲା ପ୍ରଶାସନ ମୃତା ଛାତ୍ରୀଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହିତ ଏହି ସହାୟତା ରାଶି ମାତାପିତାଙ୍କୁ ପ୍ରଦାନ କରିଛନ୍ତି। ସହାୟତା ରାଶି ପ୍ରଦାନ ବେଳେ ଭୋଗରାଇ ତହସିଲଦାର ସୂର୍ଯ୍ୟକାନ୍ତ ନାୟକ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, ପୂର୍ବତନ ଭାଜପା ଜିଲାସଭାପତି ଉମାକାନ୍ତ ମହାପାତ୍ର, ଭୋଗରାଇ ଭାଜପା ନେତା ଆଶିଷ କୁମାର ପାତ୍ର, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ଓ ସରପଞ୍ଚ ଦିଲୀପ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପୂର୍ବରୁ ଆଇସିସିକୁ ଗୁହାରି ଜଣାଇଥିଲେ ବାପା

ବାଲେଶ୍ୱର, ୧୯।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଏଚ୍‌ଓଡି ସମୀର ସାହୁ ମାନସିକ ନିର୍ଯାତନା ଦେଉଥିବା ନେଇ ଗତ ୧ ତାରିଖରେ ତତ୍କାଳୀନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କଠାରେ ଅଭିଯୋଗ ହୋଇଥିଲା। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରାଯାଇ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ୭ଦିନ ଭିତରେ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସୌମ୍ୟାଶ୍ରୀଙ୍କ ବାପା ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିଥିଲେ। ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ଝିଅ କିଛି ବି କରିପାରେ ବୋଲି ଆଇସିସି ନିକଟରେ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ।

କଲେଜରେ ଏତେ ଶିକ୍ଷକ ଥିଲା ବେଳେ ସମୀର ସାର୍‌ଙ୍କ ନାଁରେ ଅଭିଯୋଗ କାହିଁକି ବୋଲି ପ୍ରଶ୍ନ ଉଠାଇଥିଲେ। ଝିଅ ୨୦/୨୨ ଦିନ କଲେଜ ଯାଇ ନ ଥିବା କଥା ସମୀର ସାର୍‌ଙ୍କୁ ସେ ଜଣାଇଥଲେ। ଝିଅ ପାଠ ପଢୁନି କହିବାରୁ ପାଠ ମନସ୍କ କରାଇବାକୁ ସାର୍‌ଙ୍କୁ କହିଥିଲେ। ଝିଅକୁ ପଚାରିବାରୁ ୪ ମିନିଟ୍ ବିଳମ୍ବ ହେବାରୁ କ୍ଲାସ ବାହାରେ ଛିଡ଼ା କରିବା ସହ ସମୀର ସାର୍ ଅପମାନିତ କରି ବାହାର କରିଦେବା କଥା କହିଥିଲେ। ଝିଅର ସାଙ୍ଗମାନଙ୍କ ସହ କଥା ହୋଇ ମାନସିକ ଅବସାଦ କଥା ଜାଣିଥିଲି। କ୍ଲାସ୍‌ରେ ୬ ବର୍ଷ ରଖିବେ କହି ଅପମାନିତ କରିଥିଲେ ସାର୍। ଏଥିପାଇଁ କିଛି ପିଲା ଝିଅକୁ ଟାହି ଟାପରା କରୁଥବା ସାଙ୍ଗମାନେ ଜଣାଇଥିଲେ। ସାର୍‌ଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶ୍ଳୀଳ ଇଙ୍ଗିତ ସମ୍ପର୍କରେ ଝିଅ ତା’ ମାଆଙ୍କୁ କହିଥିଲା ବୋଲି ସୌମ୍ୟାଶ୍ରୀଙ୍କ ବାପା ଅଧ୍ୟକ୍ଷ ଓ ଆଇସିସି ନିକଟରେ ଜଣାଇଥିଲେ।



ତୁମର ମନ, ପ୍ରାଣ(ହୃଦୟ) ଓ ଦେହ- ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି- ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି- ଏହି ପରର ଯୁଦ୍ଧରତ ଆବେଗଗୁଡିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ନ୍ଦନର ଫଳ। -ଶ୍ରୀମା



# ଦୃଷ୍ଟିକୋଣ ବଦଳିଗଲା



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା)କୁ ଏବେ କର୍ପୋରେଟ୍‌ପ୍ରେମୀ ରାଜନୈତିକ ପାର୍ଟି ଭାବେ ଦେଖାଯାଉଛି। ଭାଜପାର ସମର୍ଥକମାନେ କହନ୍ତି, ଭାରତର ଶିଳ୍ପକରଣ ପାଇଁ ଏହା ଆବଶ୍ୟକ ଏବଂ ସରକାରଙ୍କର ଏଥିରେ କୌଣସି ନେଣଦେଣ ନାହିଁ। ହେଲେ ବିରୋଧୀ ଅଭିଯୋଗ କରନ୍ତି, ଏହା ହେଉଛି ସମ୍ପର୍କ ପୁଞ୍ଜିବାଦ। କିନ୍ତୁ ଭାଜପା ଏହି ଧାରାରେ ଆରମ୍ଭ ହୋଇ ନ ଥିଲା। ବାସ୍ତବରେ ଭାଜପା ଅତୀତରେ ଯାହାକୁ ବିରୋଧ କରିଥିଲା ଏବେ ସେସବୁ କାହିଁକି କରୁଛି, ତାହାର ସିଦ୍ଧାନ୍ତରେ ପହଞ୍ଚି ହେଉନାହିଁ। ଅବଶ୍ୟ ଗୋଟିଏ ରାଜନୈତିକ ଦଳ ତାହାର ସ୍ଥିତିରେ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି। କିନ୍ତୁ କାହିଁକି ଏହା କରୁଛି, ତାହା ପଚାରିବା ବି ଅନୁଚିତ ହେବନି। ଦଳ ଭିତରେ ତୀବ୍ର ବିତର୍କ ପରେ କଂଗ୍ରେସ ଉଦାରୀକରଣ ଆଡ଼କୁ ମୁହାଁଇଥିଲା। ନରସିଂହ ରାଓ ସୁଧାରନୀତିଗୁଡ଼ିକୁ ପାସ୍ କରିବା ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏବଂ ତାଙ୍କ ଦଳର ଏମ୍‌ପି ତଥା ନାଗରିକଙ୍କୁ ସେସବୁ ଯୁକ୍ତିଯୁକ୍ତ ବୋଲି ବୁଝାଇବାକୁ ପଡ଼ିଥିଲା। ଜନସଂଘ ତାହାର ପ୍ରାରମ୍ଭିକ ଇସ୍ତାହାରରେ ମୁକ୍ତବଜାର ନୀତିକୁ ବିରୋଧ କରିଥିଲା, ହେଲେ ଏବେ (ଭାଜପା) ତାହାର ସମର୍ଥକ ପାଲଟିଛି। ଏହା ସେତେବେଳେ କହିଥିଲା, ଦେଶ ଅର୍ଥ ବ୍ୟବସ୍ଥାର ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମାଲିକାନା ଉତ୍ତରଦାୟିତ୍ୱ ଓ ପରିଚାଳନାକୁ ଗ୍ରହଣ କରିବା ଉଚିତ। ୧୯୫୪ ଏବଂ ପୁନର୍ବାର ୧୯୭୧ରେ, ଭାରତୀୟ ନାଗରିକଙ୍କ ମାସିକ ଆୟକୁ ୨୦:୧ ଅନୁପାତରେ ଅତିବେଶିରେ ୨,୦୦୦ ଟଙ୍କା ଏବଂ ଅତିକମ୍‌ରେ ୧୦୦ ଟଙ୍କାରେ ସୀମିତ ରଖିବ ବୋଲି ସଙ୍କଳ୍ପ ନେଇଥିଲା। ଏହି ଅନୁପାତକୁ ହ୍ରାସ କରି ୧୦:୧ରେ ପହଞ୍ଚିବା ଯାଏ ଲଗାତର କାମ ଜାରି ରଖିବ ଏବଂ ସମସ୍ତ ଭାରତୀୟ ସେମାନଙ୍କ ସ୍ଥିତି ଆଧାରରେ ଏହି ସୀମା ମଧ୍ୟରେ ଆୟ ରଖିପାରିବେ। ଏହି ସୀମା ବାହାରେ ଜଣେ ବ୍ୟକ୍ତି ଅଧିକ ଆୟ କଲେ ତାହାକୁ ବିକାଶ କାର୍ଯ୍ୟ ପାଇଁ ସରକାର ଦାନ, ଟିକସ, ବାଧ୍ୟତାମୂଳକ ଋଣ ଓ ନିବେଶ ମାଧ୍ୟମରେ ନେବେ। ପାର୍ଟି ମଧ୍ୟ ସହରରେ ବାସୋପଯୋଗୀ ଘରର ଆକାର ଉପରେ କଟକଣା ଲଗାଇବ ଏବଂ ୧୦୦୦ ବର୍ଗ ଗଜ୍‌ରୁ ଅଧିକ ପ୍ଲଟକୁ ଅନୁମତି ଦେବ ନାହିଁ। କେବଳ ପ୍ରତିରକ୍ଷା ଓ ମହାକାଶ କ୍ଷେତ୍ରକୁ ଛାଡ଼ିଦେଲେ, ଆଉ ସବୁ ଶିଳ୍ପରେ ଦଳ ଯାନ୍ତ୍ରିକୀକରଣକୁ ବିରୋଧ କରିଥିଲା। କାରଣ ଏହା ଚାହୁଁଥିଲା ମେଶିନ ବଦଳରେ ଶ୍ରମିକମାନେ କାମ କରନ୍ତୁ । ଦଳ ପ୍ରଥମରୁ ଯାନ୍ତ୍ରିକୀକରଣକୁ ଉତ୍ସାହିତ କରିବା ପରେ କୃଷିରେ ଏହାକୁ ବିରୋଧ କରିଥିଲା। ୧୯୫୪ରେ ପାର୍ଟି କହିଥିଲା, ଦୀର୍ଘଦିନ ଧରି ଚାଷ ହେଉ ନ ଥିବା ଜମିକୁ ହଳ କରିବା ପାଇଁ କେବଳ ଟ୍ରାକ୍ଟର ବ୍ୟବହାର କରାଯିବ ଏବଂ ସାଧାରଣ ହଳ ପାଇଁ ଅନୁମତି ଦିଆଯିବ ନାହିଁ। କାରଣ ବଳଦ ଓ ଷଣ୍ଢ ହତ୍ୟା ରୋକି ସେମାନଙ୍କୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଥିଲା। ପାର୍ଟି କହିଥିଲା, ଉପଭୋକ୍ତା ସାମଗ୍ରୀ ଓ ବିଳାସ ସାମଗ୍ରୀ ଆମଦାନୀକୁ ଉତ୍ସାହିତ କରାଯିବ ନାହିଁ। ସ୍ୱଦେଶୀ ସାମଗ୍ରୀ ପାଇଁ ସ୍ଥାନୀୟ ଶିଳ୍ପକୁ ସବ୍‌ସିଡି ଏବଂ ଟାରିଫ୍ ସୁରକ୍ଷା ଦିଆଯିବ। ବନ୍ଦ ଓ ଆନ୍ଦୋଳନ ଭଳି ଶ୍ରମିକ ଅଧିକାରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ।

୧୯୫୭ରେ ଦଳ ଘୋଷଣା କରିଥିଲା, ଆର୍ଥିକ ବ୍ୟବସ୍ଥାରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ତାହା ଭାରତୀୟ ଜୀବନ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି କରାଯିବ। ତେବେ ଏହି ମୂଲ୍ୟବୋଧ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ନ ଥିଲା କିମ୍ବା ଏହି ବୈପ୍ଳବିକ ପରିବର୍ତ୍ତନ ଭବିଷ୍ୟତରେ ଇସ୍ତାହାରରେ ନିଆଯିବ କି ନାହିଁ ତାହା ଦର୍ଶାଯାଇ ନ ଥିଲା। ୧୯୬୭ରେ ଇସ୍ତାହାରରେ କହିଥିଲା ଯେ, ଯୋଜନାବଦ୍ଧ ଅର୍ଥ ବ୍ୟବସ୍ଥାକୁ ସମର୍ଥନ କରିବ, କିନ୍ତୁ ଯୋଜନାକୁ ବଦଳାଇ ଆଞ୍ଚଳିକଭିତ୍ତିରେ ଓ ପ୍ରୋଜେକ୍ଟ ଆଧାରରେ ମାଇକ୍ରୋ ଇକୋନୋମିକ୍ସ ବ୍ୟବସ୍ଥାକୁ ଗ୍ରହଣ କରିବ। ଏହା ଚାହିଁଥିଲା ବ୍ୟବସ୍ଥାଗତ ହସ୍ତକ୍ଷେପ, କିନ୍ତୁ ସବୁଠି ନୁହେଁ। ଏହା ଘରୋଇ ନିବେଶକୁ ଉତ୍ସାହିତ କରିଥିଲା, କିନ୍ତୁ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ। ନାଗରିକ ସ୍ୱାଧୀନତା କ୍ଷେତ୍ରରେ ପାର୍ଟିର ଦୃଷ୍ଟିକୋଣରେ ମଧ୍ୟ ସମାନ ପ୍ରକାର ପରିବର୍ତ୍ତନ ସାମ୍ନାକୁ ଆସିଛି। ୧୯୫୪ରେ ଜନସଂଘ କହିଥିଲା, ଯୁକ୍ତିଯୁକ୍ତ କଟକଣା ଲଗାଇ ବାକ୍ ସ୍ୱାଧୀନତାର କଣ୍ଠରୋଧ କରିଥିବା ପ୍ରଥମ ସାମ୍ବିଧାନିକ ସଂଶୋଧନକୁ ହଟାଇବ। ଏହି ସଂଶୋଧନ ବିଶେଷକରି ଅଭିବ୍ୟକ୍ତିର ସ୍ୱାଧୀନତାକୁ ଶେଷ କରିଥିଲା, କାରଣ କଟକଣାର ତାଲିକା ବ୍ୟାପକ ଥିଲା। କିନ୍ତୁ ୧୯୫୪ ପରେ ପ୍ରଥମ ସଂଶୋଧନକୁ ରଦ୍ଦ କରିବା ଏବଂ ନାଗରିକଙ୍କ ବାକ୍, ସଂଗଠନ ଓ ସମାବେଶ ସ୍ୱାଧୀନତା ପୁନଃସ୍ଥାପିତ କରିବା ଦାବି ଜନସଂଘର ଇସ୍ତାହାରରୁ ଅଦୃଶ୍ୟ ହୋଇଗଲା। କୌତୂହଳର ବିଷୟ, ଜନସଂଘ କହିଥିଲା ଯେ, ଏହା ପ୍ରିଭେଣ୍ଟିଭ ଡିଟେନ୍‌ଶନ ଆଇନ(ବିନା ବିଚାରରେ କୌଣସି ବ୍ୟକ୍ତିକୁ ଅଟକ ରଖିବା)କୁ ହଟାଇବ, ଯାହା ବ୍ୟକ୍ତି ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ବିରୋଧ କରେ। ଏହି ପ୍ରତିଶ୍ରୁତି ପୁନର୍ବାର ୧୯୫୦ ଦଶନ୍ଧିରେ ଦୋହରାଇଥିଲା। ତେବେ ସମୟକ୍ରମେ ସଂଘ ଏବଂ ଭାଜପା ପ୍ରିଭେଣ୍ଟିଭ ଡିଟେନ୍‌ଶନର ସବୁଠୁ ବଡ଼ ସମର୍ଥକ ପାଲଟିଗଲେ । ଏବେ ସିଭିଲ୍ ସୋସାଇଟି ଏବଂ ବିରୋଧୀ ରାଜନେତାଙ୍କ ପାଇଁ 'ଜେଲ ନଟ୍‌ବେଲ୍' ସେମାନଙ୍କର ନୀତି ହୋଇଯାଇଛି।

ପ୍ରଶ୍ନ ହେଉଛି, ପାର୍ଟି କାହିଁକି ଅନିୟନ୍ତ୍ରିତ ଭାବେ ଗତି କରୁଛି ଏବଂ କାହିଁକି ଏଭଳି ପରିବର୍ତ୍ତନ ହେଉଛି ସେ ବିଷୟରେ କହିନାହିଁ? ଉତ୍ତର ହେଉଛି, ମୂଳ ସ୍ଥିତିକୁ ଯିବା ଲାଗି ଏହାର କୌଣସି ବିଚାର ନ ଥିଲା। କଂଗ୍ରେସ ଶାସନ ସମୟରେ ଯାହା ଘଟୁଥିଲା କେବଳ ତାହାକୁ ଦୃଷ୍ଟିରେ ରଖି ଜନସଂଘ ନିଜ ଇସ୍ତାହାର ପ୍ରସ୍ତୁତ କରୁଥିଲା। ନେହେରୁ ଭୂମି ସଂସ୍କାର ଆରମ୍ଭ କରିଥିଲେ, ଜନସଂଘ ତାହାଠାରୁ ଭଲ ସଂସ୍କାର କିଭଳି ଆଣିବ ସେ ସମ୍ପର୍କରେ ତା' ଇସ୍ତାହାରରେ ପାରାଏ ଦି'ପାରା ଯୋଡ଼ିଥିଲା। ଇନ୍ଦିରା ଗାନ୍ଧୀ ଲ୍ୟାଣ୍ଡ ସିଲିଂ ବିଷୟରେ କହିଥିଲା ବେଳେ ଜନସଂଘ ତାହାର ଲ୍ୟାଣ୍ଡ ସିଲିଂ କେମିତି ହେବ ତାହା ଦର୍ଶାଇଥିଲା। ଏକ ଯୋଜନାବଦ୍ଧ ଅର୍ଥ ବ୍ୟବସ୍ଥା ସବୁଠୁ ଭଲ ଥିଲା, କିନ୍ତୁ ଜନସଂଘ ଏହାକୁ ମାଇକ୍ରୋସ୍ତରୀୟ ଓ ପ୍ରୋଜେକ୍ଟ କୈନ୍ଦ୍ରିକ କରିବାକୁ ଯୋଜନା କଲା। ଯାନ୍ତ୍ରିକୀକରଣ ମଧ୍ୟ ଭଲ, କିନ୍ତୁ ଅତ୍ୟଧିକ ଯାନ୍ତ୍ରିକୀକରଣ ନୁହେଁ, କାରଣ ଏହା ବେରୋଜଗାର ସୃଷ୍ଟି କରିବ। ଏଣୁ ଏହା ଭାରତୀୟ ଆଧୁନିକୀକରଣ ହେବା ଦରକାର। ଶେଷରେ ୧୯୯୧ରେ କଂଗ୍ରେସ ତାହାର ଆର୍ଥିକ ଦୃଷ୍ଟିକୋଣ ପରିବର୍ତ୍ତନ କରିଥିଲା। ତାହାକୁ ଲକ୍ଷ୍ୟକରି ଭାଜପା ମଧ୍ୟ ପରିବର୍ତ୍ତନ କଲା, ସେଥିପାଇଁ ଆମେ ଆଜି ଏହି ସ୍ଥିତିରେ ହିଁ ପହଞ୍ଚିଛୁ।

Email:aakar.patel@gmail.com

# ବଡ଼ଲୋକଙ୍କ ବଡ଼ପଣ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିଜ ପ୍ରତିଷ୍ଠା, ପ୍ରାଚୁର୍ଯ୍ୟ ଓ ପ୍ରତିପତ୍ତିରେ ସମାଜଠୁଁ ବଡ଼ଲୋକର ମାନ୍ୟତା ହାସଲ କରିଥିବା ବହୁ ବ୍ୟକ୍ତିଙ୍କ ବହୁବିଧ ଛୋଟପଣ ପ୍ରତ୍ୟକ୍ଷ କରିସାରି ମନ ବିଷେଇ ଉଠୁଥିଲା ବେଳେ ଯଦି କେବେ କେଉଁ ବଡ଼ଲୋକଙ୍କ ବଡ଼ପଣ କାନରେ ପଡ଼େ, ତେବେ ଏକ ମୁଗ୍ଧ ଅନୁଭବରେ ଜଡ଼ସଡ଼ ହୋଇ ଯାଏ ହୃଦୟ। ସେଇ ବଡ଼ଲୋକ ଜଣଙ୍କୁ ଶତ ପ୍ରଣିପାତ କରିବାକୁ ମନରେ ଇଚ୍ଛା ଜାଗେ। ସକଳ ବିଘଟନ ସତ୍ତ୍ୱେ ଏ ସଂସାର ତଥାପି ଅପରିବର୍ଜନୀୟ ବୋଲି ମନରେ ବିଶ୍ୱାସ ଜନ୍ମେ। ଏହି ମନସ୍ତାତ୍ତ୍ୱିକ ଦିଗଟିକୁ ଅଧିକ ବିସ୍ତାରିତ କରିବାକୁ ଆମ ସାମାଜିକ ଜୀବନରେ ସଂଘଟିତ ଦୁଇଟି ସମାନ ପ୍ରକାର ଘଟଣାକୁ ଅନୁଧ୍ୟାନ କରାଯାଉ ଓ ଲକ୍ଷ୍ୟ କରାଯାଉ ବ୍ୟକ୍ତିର ମନସ୍ତତ୍ତ୍ୱରେ ଏହାର ପ୍ରଭାବକୁ।

ପ୍ରଥମ ଘଟଣାଟି ଆମ ରାଜ୍ୟର, ପ୍ରାୟ କୋଡ଼ିଏ ବର୍ଷ ତଳର। ରାଜ୍ୟ ପ୍ରଶାସନର ଜଣେ ଉଚ୍ଚପଦସ୍ଥ ଅଧିକାରୀ ସରକାରୀ କାର୍‌ରେ ଆସୁଥିଲେ ତାଙ୍କ କଟକ ଅଫିସରୁ ରାଜଧାନୀ ଭୁବନେଶ୍ୱର। ଗାଡ଼ି ଛାଡ଼ିବାର କିଛି ସମୟ ପରେ ସେ ଲକ୍ଷ୍ୟକଲେ ଗାଡ଼ିର ଡ୍ରାଇଭର ରହି ରହି କାଶୁଛି। ସାମାନ୍ୟ ସର୍ଦ୍ଦିରୋଗରେ ଆକ୍ରାନ୍ତ ଥିବା ଡ୍ରାଇଭରକୁ ହଠାତ୍ ଗାଡ଼ି ଫେରାଇବାକୁ ନିର୍ଦ୍ଦେଶ ଦେଲେ ହାକିମ ଓ ଅଫିସରେ ପହଞ୍ଚି ଅନ୍ୟ ଏକ ଡ୍ରାଇଭରକୁ ଧରି ଭୁବନେଶ୍ୱର ଆସିଲେ। ବର୍ଷେ ପରେ ଅବସର ନେବାକୁ ଯାଉଥିବା ତାଙ୍କ ନିୟମିତ ଡ୍ରାଇଭରଙ୍କୁ ବୁଝିବା ବିଳମ୍ବ ହେଲାନାହିଁ ଯେ ପ୍ରକୃତି ପ୍ରଦତ୍ତ ଥଣ୍ଡାବ୍ୟାଧିଟି ପାଇଁ ତାଙ୍କୁ ତାଙ୍କ ମୁନିବ ପରିତ୍ୟାଗ କରିଛନ୍ତି। ମନେ ମନେ ଭାଳିହେଲେ-''ଡ୍ରାଇଭର ଭଳି ଛୋଟଲୋକଟିଏ ବୋଲି ସିନା ମୁଁ କର୍ମଚ୍ୟୁତ ହୋଇଗଲି। ତେବେ ବାବୁଙ୍କ ଭଳି ବଡ଼ଲୋକମାନେ କ'ଣ ରୋଗବ୍ୟାଧିରୁ ମୁକ୍ତ? ତାଙ୍କୁ କ'ଣ ଥଣ୍ଡା ସର୍ଦ୍ଦି ଅବା କାଶ କେବେ କବଳିତ କରିନାହିଁ? ସେତେବେଳେ ତ ମୁଁ ତାଙ୍କୁ ଗାଡ଼ିରେ ନେଇ ଯିବା ପାଇଁ କେବେ ଅସ୍ୱୀକାର କରିନାହିଁ! ହାକିମ ଓ ଡ୍ରାଇଭରଙ୍କ ସମ୍ପର୍କର ଭିନ୍ନ ପରିଭାଷାର ଅନ୍ୟ ଏକ ଦୃଷ୍ଟାନ୍ତ ପ୍ରସଙ୍ଗରେ ଏବେ ଆଖି ପକାଇବା ଦ୍ୱିତୀୟ ଘଟଣାଟି ଉପରେ।

ଘଟଣାଟି ପ୍ରାୟ ପାଞ୍ଚବର୍ଷ ତଳର। ଘଟିଛି କର୍ଣ୍ଣାଟକର କୁରୁର ଜିଲାରେ। ଡ୍ରାଇଭର ଭାବେ ପ୍ରାୟ ବାରଜଣ ଜିଲାପାଳଙ୍କ ସାରଥି ହୋଇଥିଲେ ପରାମି ଶିବମ୍। ଛତିଶବର୍ଷ କାର୍ଯ୍ୟ ସମ୍ପାଦନ ପରେ ଅବସର ନେଲେ। ତାଙ୍କ ପାଇଁ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଲା। ଜିଲାପାଳ ତାଙ୍କୁ ବିଦାୟ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କଲେ। ସମସ୍ତଙ୍କଠୁଁ ବିଦାୟ ନେଇ ସେ ନିଜ ଘରକୁ ବାହୁଡ଼ିବାର ଉପକ୍ରମ କରୁଥିଲା ବେଳେ ତାଙ୍କୁ ଅପେକ୍ଷା କରୁଥିଲା ତାଙ୍କ ଜୀବନର ପରମତମ ଆଶ୍ଚର୍ଯ୍ୟ। ଯେଉଁ ଗାଡ଼ିଟି ଚଳାଇ ସେ ପ୍ରତିଦିନ ଜିଲାପାଳଙ୍କୁ ନେବା ଆଣିବା କରୁଥିଲେ, ସେଇ ଗାଡ଼ିର ଷ୍ଟିୟରିଂ ଧରି ବସି ରହିଥିଲେ ଖୋଦ ଜିଲାପାଳ ଟି. ଆନ୍‌ବାଝାଗନ। ସେ ଶିବମ୍‌କୁ ପଛ ସିଟ୍‌ରେ ବସିବାକୁ କହିଲେ, ଯେଉଁଠି ସେ ସବୁଦିନେ



ବସି ଅଫିସ ଆସୁଥିଲେ। ଏଭଳି ବିଚିତ୍ର ଆଦେଶ ପାଳନ କରିବାକୁ ଅମଙ୍ଗ ହେବାରୁ କଲେକ୍ଟର ବୁଝାଇଦେଲେ- ''ଗତ ଛତିଶବର୍ଷ ଧରି ନିରବଚ୍ଛିନ୍ନ ଭାବେ ମୋ ଭଳି ବାରଜଣ କଲେକ୍ଟରଙ୍କୁ ତୁମେ ଗାଡ଼ିରେ ବସାଇ ନେଉଥିଲ। ସେମାନଙ୍କର ଜଣେ ପ୍ରତିନିଧି ଭାବେ ଆଜି ପ୍ରଥମ ଓ ଶେଷଥର ପାଇଁ ମୁଁ ତୁମକୁ ନେଇ ତୁମ ଘରେ ଛାଡ଼ିଦେଇ ଆସିବି।''

ଆଖିରୁ ଲୁହ ଝରାଇ ଛିଡ଼ା ହୋଇଥିଲେ ଶିବମ୍। ଏହି ଅପୂର୍ବ ଦୃଶ୍ୟଟିକୁ ଅବଲୋକନ କରୁଥିଲେ ଅଫିସ୍‌ର ଅନ୍ୟ କର୍ମଚାରୀ। କେବଳ କୁରୁର ଜିଲା ପ୍ରଶାସନର ଇତିହାସରେ ନୁହେଁ, ଉଚ୍ଚ ପଦବୀଧାରୀ ବଡ଼ଲୋକଙ୍କ ଅଧସ୍ତନ କର୍ମଚାରୀଙ୍କ ପ୍ରତି ଆଚରଣର ଇତିହାସରେ ଯୋଡ଼ିହୋଇ ଯାଇଥିଲା ନିଚ୍ଛକ ମାନବତାର ଏକ ଉଜ୍ଜ୍ୱଳ ଅଧ୍ୟାୟ। ରାଜରାଜୁଡ଼ା ଯୁଗର ଅବସାନ ପରେ ବି ଏଠି ଯେଉଁଠି ବଡ଼ଲୋକ ବୋଲାଉଥିବା ହାକିମମାନଙ୍କ ସାମନ୍ତବାଦୀ ଆଚରଣର ନଗ୍ନ ନମୁନା ଆଦୌ ବିରଳ ନୁହେଁ, ଯେଉଁଠି ହାକିମଙ୍କ କାର୍ ଅଟକିଲା ମାତ୍ରେ, ତାହାର ଦ୍ୱାର ଖୋଲିଦେବା ପାଇଁ ସେବକଟିଏ ଛିଡ଼ାହୋଇ ରହିବା ତାଙ୍କ ସମ୍ଭ୍ରାନ୍ତପଣ ପାଇଁ ଏକ ବାଞ୍ଛିତ ସମ୍ମାନ, ସେଠି ଆନ୍‌ବାଝାଗନମାନଙ୍କ ବଡ଼ପଣ ଏକ ବିରଳ ବ୍ୟତିକ୍ରମ!

ଆମ ଦେଶ ବାହାରର ଆଉ ଏକ ବିରଳ ଦୃଷ୍ଟାନ୍ତ। ଏପରି ଚମକପ୍ରଦ ଘଟଣା ପ୍ରାୟତଃ ସଚରାଚର ଆଖିରେ ପଡ଼େନାହିଁ। ଆଉ ଯେତେବେଳେ ପଡ଼େ ସେତେବେଳେ ଏକ ଅନିର୍ବଚନୀୟ ଅଫୁରନ୍ତ ଆନନ୍ଦରେ ହୃଦୟ ପୂରିଉଠେ। ବଡ଼ଲୋକଙ୍କ ବଡ଼ପଣ ଆଗରେ ସ୍ୱତଃ ମୁଣ୍ଡ ନଇଁଯାଏ। ଏକଦା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍‌ସନ ଏକ ଜରୁରୀ କାର୍ଯ୍ୟ ପାଇଁ ତାଙ୍କର ଅନ୍ୟତମ ସହଯୋଗୀ ଗଲ୍‌ବ୍ରେଥ୍‌ଙ୍କୁ ଟେଲିଫୋନ୍ କଲେ। କାର୍ଯ୍ୟଟି ଅତ୍ୟନ୍ତ ଗୋପନୀୟ ହୋଇଥିବାରୁ ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ ସମ୍ପୃକ୍ତ ନ କରି ନିଜେ ଫୋନ୍ କଲେ। ଅପରପଟରୁ ଫୋନ୍ ଧରିଲେ ବ୍ରେଥଙ୍କ ଘରୋଇ ଅର୍ଦ୍ଦଳି। ଗଲବ୍ରେଥ ସେତେବେଳେ ବିଶ୍ରାମ ନେଉଥିବାରୁ ତାଙ୍କୁ ଉଠାଇବା ପାଇଁ ଆଦେଶ ନାହିଁ ବୋଲି ସେ ଜଣାଇଦେଲେ। ରାଷ୍ଟ୍ରପତି ଜନ୍‌ସନ ନିଜର ପରିଚୟ ଦେଲେ ଓ ଅତ୍ୟନ୍ତ ଜରୁରୀ ଆବଶ୍ୟକ ଥିବାରୁ ତାଙ୍କ ସାହେବଙ୍କୁ ଫୋନ ପାଖକୁ ଡାକିବାକୁ ସେ ସେବକଟିକୁ କହିଲେ। ଆମେରିକାର ସବୁ ମୁନିବଙ୍କ ମୁନିବଙ୍କୁ ଏଥର ସ୍ପଷ୍ଟ ଶୁଣାଇଦେଲେ ସେଇ ଅର୍ଦ୍ଦଳି- ମୁଁ ଗଲବ୍ରେଥଙ୍କ କର୍ମଚାରୀ ଆପଣଙ୍କର ନୁହେଁ।

ସାଧାରଣ ଭାବେ ଆଶା କରିବା କଥା, ସେବକଟିର ଏହି ଔଦ୍ଧତ୍ୟରେ ଅପମାନିତ ରାଷ୍ଟ୍ରପତି ଜନ୍‌ସନ ତାଙ୍କ ପ୍ରତି ଉଚିତ ଶାସ୍ତିବିଧାନ କରିଥାନ୍ତେ। ନିଦରୁ ଉଠି ନିଜ ଅର୍ଦ୍ଦଳି ପାଖରୁ ସବୁ ଶୁଣି ଗଲ୍‌ବ୍ରେଥ ମଧ୍ୟ ଏହା ହିଁ ଆଶା କରୁଥିଲେ। ମାତ୍ର ଜନ୍‌ସନଙ୍କ ଭଳି ବଡ଼ଲୋକଙ୍କ ମହଙ୍ଗା ବଡ଼ପଣ ସମ୍ପର୍କରେ ସାରା ଜଗତ ଜାଣିଲା, ଯେତେବେଳେ ଗଲବ୍ରେଥ ରାଷ୍ଟ୍ରପତିଙ୍କୁ ଫୋନ କରି ତାଙ୍କ ସେବକଟିର ବିଶୃଙ୍ଖଳିତ ଆଚରଣ ପାଇଁ କ୍ଷମା ମାଗୁଥିଲେ ସେତେବେଳେ ତାଙ୍କୁ ଚମକାଇ ଦେଇ ଜନ୍‌ସନ କହିଲେ- ''ଏତେ ବିଶ୍ୱସ୍ତ ଆଜ୍ଞାବହ ଯେଉଁ ଦେଶରେ ଅଛନ୍ତି, ସେଇ ଦେଶର ରାଷ୍ଟ୍ରପତି ଭାବେ ମୁଁ ଗର୍ବିତ।'' ଟିକିଏ ରହି ଜନ୍‌ସନ ପୁଣି କଥା ଯୋଡ଼ିଲେ, ''ତୁମେ ତୁମର ସେଇ ସେବକଟିକୁ ମୋତେ ଦିଅନ୍ତ କି ଗଲବ୍ରେଥ! ମୁଁ ତାଙ୍କୁ ମୋ ପାଖରେ ରଖିବାକୁ ଚାହୁଁଛି।''

ରାଷ୍ଟ୍ରପତି ଭଳି ସର୍ବୋଚ୍ଚ ପଦବୀରେ ରହି ବି ଜଣେ କେଡ଼େ ଅହଂକାରଶୂନ୍ୟ ହୋଇପାରନ୍ତି, ତାହା ହିଁ ତାଙ୍କର ବଡ଼ପଣ। ଅଳ୍ପଦିନ ତଳେ ଆମ ରାଜ୍ୟର ଏକ ପ୍ରମୁଖ ଜିଲାର ଜିଲାପାଳ ତାଙ୍କ ଘରୋଇ କାର୍ଯ୍ୟରେ ନିୟୋଜିତ ଜଣେ ସରକାରୀ ପିଅନଙ୍କ ସାମାନ୍ୟ ତ୍ରୁଟି ପାଇଁ ତାଙ୍କୁ ଏମିତି ନିର୍ଯାତନା ଦେଇଥିଲେ ଯେ କର୍ମଚାରୀ ଜଣକ ଶେଷରେ କାନ୍ଦି କାନ୍ଦି ଗଣମାଧ୍ୟମ ଆଗରେ ତାଙ୍କ ଦୁଃଖ ବୟାନ କରିଥିଲେ। ସେ ଯଦି ଥରେ ଭାବିଥାନ୍ତେ, ଯେଉଁ ପଦବୀ ପାଇଁ ତାଙ୍କର ଏହି ବଡ଼ଲୋକର ଅହଂକାର ସେଇ ପଦବୀ ଦିନେ ଚାଲିଯିବ ଓ ତାଙ୍କୁ ସମାଜ ଆଉ ବଡ଼ଲୋକରେ ଗଣିବନାହିଁ!

ଏମିତି କିନ୍ତୁ ଭାବୁଥିଲେ ଆମ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ। ତାଙ୍କ ଆବାସିକ କାର୍ଯ୍ୟାଳୟରେ ନିୟୋଜିତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥରେ କାର୍ଯ୍ୟାଳୟ କକ୍ଷଟି ଓଳାଉଥିଲା ବେଳେ ତାଙ୍କ ଅସାବଧାନତାରୁ କାଳି ଦୁଆତଟି ତଳେ ପଡ଼ି ଭାଙ୍ଗିଗଲା। ଦୁଆତଟି ସହିତ ତଳକୁ ପଡ଼ି ସମ୍ପୂର୍ଣ୍ଣ ଭାବେ କାଳିରେ ଭିଜି ନଷ୍ଟ ହୋଇଗଲା ଡକ୍ଟର ପ୍ରସାଦ ଲେଖିଥିବା ଏକ ଜରୁରୀ ନୋଟ୍‌ସିଟ୍ । ପିଅନ ଜଣକ ଆତଙ୍କିତ ହୋଇପଡ଼ିଲେ। ସେହି କକ୍ଷକୁ ପଶିଆସିଲେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ସବୁ କଥା ଲକ୍ଷ୍ୟ କଲେ। ପିଅନଟିକୁ ଚାହିଁ ଅତ୍ୟନ୍ତ ସହଜ ଭାବରେ କହିଲେ ଦୁର୍ଘଟଣା ସବୁବେଳେ ଅଚାନକ ହୋଇଥାଏ। ସେଥିପାଇଁ ଏତେ ବ୍ୟସ୍ତ କାହିଁକି? ପ୍ରଥମ ଥର ପାଇଁ ରାଷ୍ଟ୍ରପତିଙ୍କ ପିଠି ଥାପୁଡ଼ାର ସ୍ପର୍ଶ ପାଇ ସେ କଇଁ କଇଁ ହୋଇ କାନ୍ଦି ଉଠିଲେ।

ବଡ଼ ଲୋକଙ୍କ ବଡ଼ପଣର ଏହି ପଟାନ୍ତରବିହୀନ ଦୁଇ ରାଷ୍ଟ୍ରପତିଙ୍କ ଦୃଷ୍ଟାନ୍ତ କାଳ କାଳକୁ ସେମାନଙ୍କୁ ଜନସ୍ମୃତିରେ ସଞ୍ଜୀବିତ କରିରଖିଛି। ଉଚ୍ଚ ପଦବୀରେ ଆସୀନ ସଭିଙ୍କ ଉଚ୍ଚତା ଆପେ ଆପେ ବଢ଼ିଯାଏ ନାହିଁ। ସେଥିପାଇଁ ଲୋଡ଼ାପଡ଼େ ଆତ୍ମପ୍ରେରିତ ବଡ଼ପଣ। ପଦପଦବୀ, ପ୍ରତିଷ୍ଠା, ପ୍ରତିପତ୍ତି ଆଦି ଯେତେ ଯାହା ବଡ଼ଲୋକଙ୍କର ପରିମାପକ ତାହା ସାମୟିକ। ଆଜି ଅଛି କାଲିକୁ ନାହିଁ। ମାତ୍ର ଯାହା ନିତ୍ୟ ନୂତନ ସଦା ଚିରନ୍ତନ ତାହା ହେଉଛି ମଣିଷର ଅନ୍ତର୍ନିହିତ ମାନବତା, ହୃଦୟବତ୍ତା ଓ ଅପର ପାଇଁ ସମ୍ମାନବୋଧ। ଏତକ ନ ଥିଲେ ବଡ଼ଲୋକରେ ଗଣାହେବେ ସିନା ବଡ଼ପଣବିହୀନ ବ୍ୟକ୍ତିସତ୍ତା ପାଇଁ ନା ଥିବ କାହାର ସମ୍ମାନ ନା ଥିବ ସମାଜର ସ୍ୱୀକୃତି।

ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଆମେରିକା କାହାର ମିତ୍ର



ରବିନାରାୟଣ ସାମଲ

ଇସ୍ରାଏଲ୍ ଓ ଆମେରିକା ଆଗପଛ କରି ଇରାନ୍ ଉପରେ ଝାମ୍ପି ପଡ଼ିଲେ। ଇରାନ୍‌ର ଅପରାଧ? ପରମାଣୁ ଅସ୍ତ୍ର ତିଆରି କରୁଛି, ବିଶ୍ୱ ପାଇଁ ବିପଦ! ଯେଉଁମାନେ ପରମାଣୁ ଅସ୍ତ୍ର ତିଆରି କରି ଗଚ୍ଛିତ ରଖିଛନ୍ତି ସେମାନେ ବିପଦ ହେଲେ ନାହିଁ, ଇରାନ୍ ତିଆରି କରୁଥିବାରୁ ବିପଦ ହୋଇଗଲା। ଅଜବ ଯୁକ୍ତି! ତଥ୍ୟ କହେ- ବିଶ୍ୱର ୯ଟି ଦେଶ ପାଖରେ ୧୨ ହଜାରରୁ ଊର୍ଦ୍ଧ୍ୱ ପରମାଣୁ ଅସ୍ତ୍ର ରହିଛି। ସେଥିମଧ୍ୟରୁ ଆକ୍ରମଣକାରୀ ରାଷ୍ଟ୍ର ଆମେରିକା ପାଖରେ ୫,୧୭୭ଟି ଏବଂ ଇସ୍ରାଏଲ୍ ପାଖରେ ୯୦ଟି। ତେବେ ବିଶ୍ୱ ପାଇଁ ବିପଦ କିଏ? ଇରାନ୍?

ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗ ଆଣି ୨୦୦୩ ମସିହାରେ ଇରାକ୍ ଉପରେ ଆକ୍ରମଣ କଲା ଆମେରିକା। ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଗଲା। କିନ୍ତୁ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ରର ସାମାନ୍ୟତମ ଚିହ୍ନବର୍ଣ୍ଣ ମିଳିଲା ନାହିଁ। ମୋଦି ସରକାରଙ୍କ ଭଳି ବାଜପେୟୀଙ୍କ ସରକାର ସେତେବେଳେ ଆମେରିକାର ସମର୍ଥକ ସାଜିଥିଲେ। ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ନିନ୍ଦା କରି ପାର୍ଲାମେଣ୍ଟରେ ବିରୋଧୀ ଦଳ ଏକ ପ୍ରସ୍ତାବ ଆଗତ କଲେ। ମାତ୍ର ବାଜପେୟୀ ସରକାର ତାହା ଗ୍ରହଣ କଲେ ନାହିଁ। ପାର୍ଲାମେଣ୍ଟ ଅଚଳ ହୋଇଗଲା। ଶେଷରେ ସରକାର ବାଧ୍ୟ ହୋଇ ଦୁଇଧାଡ଼ିଆ ନିନ୍ଦା ପ୍ରସ୍ତାବଟିଏ ଗୃହୀତ କଲେ। ଆମେରିକା ସହ ଅପ୍ରିୟ ନ ହେବାକୁ ତାହା ପୁଣି ଇଂଲିଶ୍‌ରେ ଲେଖା ନ ହୋଇ ହିନ୍ଦୀରେ ଲେଖା ହେଲା।

କହିବା ଅନାବଶ୍ୟକ ଯେ, ଆମେରିକା ଏକ ସାମ୍ରାଜ୍ୟବାଦୀ ରାଷ୍ଟ୍ର। ଅନ୍ୟ ଦେଶ ଉପରେ ଆଧିପତ୍ୟ ଜାହିର କରି ତାର ବଜାରକୁ ଦଖଲ କରିବା ହେଉଛି ଲକ୍ଷ୍ୟ। ୱାର୍‌ସ ଚୁକ୍ତିଭୁକ୍ତ କମ୍ୟୁନିଷ୍ଟ ଦେଶଗୁଡ଼ିକୁ ଭୟ କରି ନାଟୋ ମେଣ୍ଟଭୁକ୍ତ ରାଷ୍ଟ୍ରମାନେ ଶୀତଳ ଯୁଦ୍ଧ ଚଳାଇଥିଲେ। ସୋଭିଏଟ୍ ୟୁନିଅନ ସମେତ ଆଉ କେତେକ ସମାଜବାଦୀ ରାଷ୍ଟ୍ରର ପତନ ପରେ ୱାର୍‌ସ ଚୁକ୍ତି ଅକାମୀ ହୋଇଗଲା। ନାଟୋ ମେଣ୍ଟର ରାଷ୍ଟ୍ରମାନେ ଆମେରିକା ନେତୃତ୍ୱରେ ଉଷ୍ମ ଯୁଦ୍ଧ ଚଳାଇଲେ। ଭିଏଟ୍‌ନାମ ଓ ଆଫଗାନିସ୍ତାନରୁ ଆମେରିକା ଲାଙ୍ଗୁଡ଼ ଜାକି ପଳାଇ ଆସିଥିଲେ ମଧ୍ୟ ତାହାର ଖୋଇ ଛାଡ଼ିନାହିଁ। ଇରାନ୍, ୟେମେନ୍, ସିରିଆ, ସୋମାଲିଆ ସହିତ ପ୍ରତ୍ୟକ୍ଷ ଯୁଦ୍ଧରେ ଆମେରିକା ସାମିଲ ହୋଇଥିଲା ବେଳେ ଗାଜା, ୟୁକ୍ରେନ୍ ଭଳି ଆଉ କେତେକ ଦେଶରେ ପରୋକ୍ଷ ଯୁଦ୍ଧରେ ସାମିଲ ହୋଇଛି। ୮୦ଟି ଦେଶର ୭୫୦ଟି ସ୍ଥାନରେ ସାମରିକ ଘାଟି ପ୍ରତିଷ୍ଠା କରି ଅଣ-ନାଟୋ-ମେଣ୍ଟ ରାଷ୍ଟ୍ରକୁ କରାୟତ୍ତ କରିବାକୁ ବସିଛି। ଅଧା ପୃଥିବୀ ଅତିକ୍ରମ କରି ଇରାନ୍ ଉପରେ ଆକ୍ରମଣ କରିଛି।

ବହୁ ବର୍ଷ ଧରି ସାମ୍ରାଜ୍ୟବାଦ ବିରୋଧରେ ଭାରତର ଅବସ୍ଥାନ ନିର୍ଣ୍ଣାୟକ ଥିଲା। ମାତ୍ର



ଅଟଳ ବିହାରୀ ବାଜପେୟୀଙ୍କ ସରକାର ଆସିବା ପରେ ଭାରତ କ୍ରମେ କ୍ରମେ ଆମେରିକା ମୁହାଁ ହେଲା। ଆମ ଦେଶର ଅର୍ଥନୀତି ଓ ବୈଦେଶିକ ନୀତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଲା। ଆମେରିକା ହାଣ୍ଡିରେ ଫୁଟଣ ଫୁଟିଲେ ଭାରତରେ ତାହା ବାସୁଥିଲା। ସହଜରେ ତ ଏବେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଓ ଟ୍ରମ୍ପ ପ୍ରଶାସନ ମଧ୍ୟରେ ଆଉ ପାଣି ଗଳୁନି! ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ସମ୍ଭବ ହୋଇଛି ବୋଲି ସେ ବାରମ୍ବାର ମନ୍ତବ୍ୟ ଦେଉଥିବା ବେଳେ କେନ୍ଦ୍ର ସରକାର ଦୃଢ଼ତାର ସହ ତାକୁ ଖଣ୍ଡନ କରୁନାହାନ୍ତି। ବାଜପେୟୀଙ୍କ ଶାସନ କାଳରେ ହୋଇଥିବା କାର୍ଗିଲ ଲଢ଼େଇରେ ଆମେରିକା ହସ୍ତକ୍ଷେପ କରିଥିବାର ଠୋସ୍ ପ୍ରମାଣ ରହିଛି।

୨୦୧୯ରେ 'ହାଓଡ଼ି ମୋଦି' କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାରେ ନିର୍ବାଚନ ପ୍ରଚାର କରିଥିଲେ। ଏପଟେ ଟ୍ରମ୍ପଙ୍କ ବିଜୟ କାମନା କରି ହିନ୍ଦୁ ମହାସଭା ଭାରତର ବିଭିନ୍ନ ସ୍ଥାନରେ ଯଜ୍ଞ ମଧ୍ୟ ଆୟୋଜନ କରିଥିଲା। ଦୁର୍ଭାଗ୍ୟକୁ ଟ୍ରମ୍ପ ପରାଜିତ ହେଲେ। ତା' ସତ୍ତ୍ୱେ ରାଷ୍ଟ୍ରପତି ହେବାକୁ ଏକ ଅସଫଳ ଉଦ୍ୟମ କରିଥିଲେ।

ପହଲଗାମ୍ ଘଟଣା ପରେ ଭାରତର ୮ଟି ବହୁଦଳୀୟ ପ୍ରତିନିଧି ଦଳ ଆମେରିକା ସମେତ ବିଭିନ୍ନ ରାଷ୍ଟ୍ର ଗସ୍ତ କଲେ। ଫଳ କ'ଣ ହେଲା ତାହା ଜଣାପଡ଼ିଲା ନାହିଁ। କାନାଡ଼ାରେ ଅନୁଷ୍ଠିତ ଜି-୭ ଦେଶର ସମ୍ମିଳନୀ ଅଧାରୁ ଟ୍ରମ୍ପ ଚାଲିଆସି ଘୋଷଣା କଲେ- 'ଆଇ ଲଭ୍ ପାକିସ୍ତାନ'। ଆମେରିକାର ସମ୍ମତିରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପାକିସ୍ତାନର ବିକାଶ ଲାଗି ୭ ବିଲିଅନ୍ ଡଲାର ଋଣ ମଞ୍ଜୁର କଲା। ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର୍‌ଙ୍କୁ ଜଣେ ସ୍ୱତନ୍ତ୍ର ଅତିଥି ଭାବେ ଟ୍ରମ୍ପ ତାଙ୍କ ଉତ୍ସବକୁ ନିମନ୍ତ୍ରଣ କଲେ। ପହଲଗାମ୍ ଓ ଇରାନ୍ ଯୁଦ୍ଧ ମଧ୍ୟରେ ଏସବୁ ଘଟିଗଲା। ବହୁଦଳୀୟ ପ୍ରତିନିଧି ମଧ୍ୟ ଆମେରିକା ଯାଇ ଫେରିଆସିଛନ୍ତି। ବାଣିଜ୍ୟିକ ଶୁଳ୍କ ଲାଗୁ କଲାବେଳେ ଟ୍ରମ୍ପ ଭାରତ ପ୍ରତି ସାମାନ୍ୟତମ ଅନୁକମ୍ପା ଦେଖାଇ ନାହାନ୍ତି କି ପାକିସ୍ତାନକୁ ସାହାଯ୍ୟ ସହଯୋଗରେ ଆଦୌ ହେଳା କରିନାହାନ୍ତି। ଏସବୁ ସତ୍ତ୍ୱେ ଆମେରିକା କୁଆଡ଼େ ଭାରତର ବନ୍ଧୁ!

ଉଭୟ ଭାରତ ଓ ପାକିସ୍ତାନର ପିଠି ଥାପୁଡ଼େଇ ଆମେରିକା ଯେ ପୁଳାଏ ମାଂସ ନେଇଯାଉଛି ଏକଥା କେହି ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି। ଏବେ ବି ସମୟ ଅଛି, ଭାରତ ତା'ର ବୈଦେଶିକ ନୀତିର ସମୀକ୍ଷା କରୁ। ପଡ଼ୋଶୀ ରାଷ୍ଟ୍ର ସହ ମିତ୍ରତା ସ୍ଥାପନ କରି ସାମ୍ରାଜ୍ୟବାଦୀ ଆମେରିକାର କଳା କାରସାଦିକୁ ପ୍ରତିହତ କରୁ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ମକା ଖାଇ ଚୋପା (ହସ୍କ)କୁ ଏଣେ ତେଣେ ଆଉ ପକାଇବାକୁ ପଡ଼ିବନି। ଏହାର ପୁନଃ ବିନିଯୋଗ କରାଯିବାର ଉପାୟ ସାମ୍ନାକୁ ଆଣିଛନ୍ତି ମଣିପୁର ସେନପତି ଜିଲାର ଫ୍ଲୋରିଷ୍ଟ ନେଲି ଛାଛେୟା। ସେ ହସ୍ତକଳାରେ ଶିକ୍ଷା ଲାଭ କରିଛନ୍ତି। ନେଲି ମକା ଚୋପାରୁ ଜୈବ କଣ୍ଢେଇ ତିଆରି କରୁଛନ୍ତି ଏବଂ ଏହା ଶୀଘ୍ର ମାଟିରେ ମିଶିଯାଇପାରୁଛି। ଏହି କାର୍ଯ୍ୟରେ ସେ ଅନେକ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହି କଣ୍ଢେଇଗୁଡ଼ିକୁ ସେମାନେ ହାତରେ ସିଲାଇକରି ତିଆରି କରୁଛନ୍ତି। ନେଲି ମଧ୍ୟ ରୋଷେଇ ଘରୁ ବାହାରୁ ଥିବା ବର୍ଜ୍ୟକୁ ଏହି କଣ୍ଢେଇ ତିଆରିରେ ବ୍ୟବହାର କରୁଛନ୍ତି। କଣ୍ଢେଇରେ ଉଦ୍ଭିଦରୁ ପ୍ରସ୍ତୁତ ଜୈବ ରଙ୍ଗ ବ୍ୟବହାର କରୁଛନ୍ତି। ନେଲି ଆଖପାଖ ଗାଁର ମକାଚାଷୀ ଓ ଦୋକାନୀଙ୍କଠାରୁ ମକା ଚୋପା ସଂଗ୍ରହ କରୁଛନ୍ତି । ସେ ମଧ୍ୟ ଏହି କଣ୍ଢେଇ ତିଆରି ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୦ ଜୁଲାଇ ୧୯୭୬

- ସଂଖ୍ୟାଲଘୁ ମୁସଲମାନମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ସଂସ୍ଥା ନାମରେ ଏକ ସଂସ୍ଥା ଗଠନ କରାଯାଇଛି।
- ଭାରତୀୟ ଲୌହ ଓ ଇସ୍ପାତ କମ୍ପାନୀର ପରିଚାଳନା ଭାରତ ସରକାର ନିଜ ହାତକୁ ନେବା ପାଇଁ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲୀ ଅହମ୍ମଦ ଏକ ଅଧ୍ୟାଦେଶ ଜାରି କରିଛନ୍ତି।

## ଚିରନ୍ତନୀ

ସନ୍ଧ୍ୟାଲୋକ ତଳେ ଏକା
ସଜଳ କଜ୍ଜଳରେଖା-
ଜଳ ଧାରାଟିଏ ଯାଏ ବହି,
କ୍ଳାନ୍ତ ପଦେ ମୁଁ ଏକାକୀ
ତରୁତଳ କରି ସାକ୍ଷୀ
ବିଶ୍ରମିଛି ଶଯ୍ୟାହୀନ ମହୀ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | | 9 | |
| 5 | 9 | 8 | | | 4 | | 3 | |
| 6 | | | | | 7 | 4 | | |
| | 4 | | | | 6 | 8 | 7 | |
| | | | | | | | | |
| | | 9 | 4 | 7 | | | | |
| | | | | | 3 | | 6 | 5 |
| | | | 2 | | | | | |
| 2 | 6 | | 9 | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 8 | 7 | 9 | 5 | 6 | 3 |
| 9 | 6 | 7 | 5 | 2 | 3 | 1 | 4 | 8 |
| 5 | 3 | 8 | 1 | 6 | 4 | 2 | 9 | 7 |
| 8 | 9 | 5 | 6 | 4 | 2 | 3 | 7 | 1 |
| 7 | 4 | 3 | 9 | 5 | 1 | 6 | 8 | 2 |
| 1 | 2 | 6 | 3 | 8 | 7 | 4 | 5 | 9 |
| 6 | 7 | 1 | 2 | 9 | 5 | 8 | 3 | 4 |
| 2 | 8 | 4 | 7 | 3 | 6 | 9 | 1 | 5 |
| 3 | 5 | 9 | 4 | 1 | 8 | 7 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମେଦବୃଦ୍ଧି ରୋଗର କାରଣ

ମହାଶୟ,

ଡାକ୍ତରମାନେ କହନ୍ତି, ମେଦବୃଦ୍ଧି ହିଁ ରୋଗର କାରଣ। ପୋଲିସ ବିଭାଗର କନ୍‌ଷ୍ଟେବଲଠାରୁ ଆରମ୍ଭ କରି ଉପର ଅଫିସରମାନଙ୍କୁ ଦେଖିଲେ ଦୟା ଲାଗେ। ସେମାନଙ୍କର ଏତେ ମେଦ ବୃଦ୍ଧି ପାଇଛି, ଅବସର ପରେ ସେମାନେ ତ ରୋଗାକ୍ରାନ୍ତ ହୋଇଯିବେ। ସେମାନେ ତ ଏବେ ଚୋର ଡକାୟତଙ୍କ ସାମ୍ନା କରିପାରୁ ନ ଥିବେ। କେବଳ ପୋଲିସ ବର୍ଦ୍ଦିଟା ପିନ୍ଧିଥାନ୍ତି, ହାତରେ ଲାଠି ବା ବନ୍ଧୁକ ଥାଏ ବୋଲି ଲୋକେ ଡରିଥାନ୍ତି। ନଚେତ୍ ସେମାନଙ୍କର ବପୁ ଦେଖିଲେ ଲୋକେ ଆରାମରେ ଖସି ଯିବେ। ଏମିତି ବି ଅତ୍ୟଧିକ ମୋଟା ହୋଇ ସେମାନଙ୍କର ପେଟ ବାହାରି ପଡ଼ିବା ଫଳରେ ସେମାନେ ଅସୁନ୍ଦର ଦେଖାଯାଉଛନ୍ତି। ତେଣୁ ସରକାରଙ୍କୁ ଅନୁରୋଧ, ବ୍ୟାୟାମ କରି ଫିଟ୍ ରହିବାକୁ ପୋଲିସଙ୍କୁ ପରାମର୍ଶ ଦିଅନ୍ତୁ। ଫଳରେ ଅବସର ପରେ ସେମାନେ ସୁସ୍ଥ ସବଳ ରହି ଜୀବନ ଜିଇ ପାରିବେ।

-ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏମ୍ସରେ ଉତ୍ତେଜନା

## ବିଜେଡି, କଂଗ୍ରେସ ସହ ଭାଜପା କର୍ମୀ ମୁହାଁମୁହିଁ

## ବିଏନ୍ଏସ୍ଏସ୍ ୧୬୩ ଲାଗୁ


ଭୁବନେଶ୍ୱର ଏମ୍ସ ବର୍ନ ୱାର୍ଡ ସମ୍ମୁଖରେ ସୃଷ୍ଟି ହୋଇଥିବା ଉତ୍ତେଜନା।


ଆନ୍ଦୋଳନରତ ବିଜେଡି ନେତାଙ୍କୁ ପୋଲିସ ବୁଝାଶୁଝା କରୁଛି।


ବିରୋଧୀଙ୍କ ଆନ୍ଦୋଳନ ଯୋଗୁ ଏମ୍ସରେ ରୋଗୀ ସେବା ବ୍ୟାହତ ହେଉଥିବା ଦର୍ଶାଇ ଭାଜପା ପକ୍ଷରୁ ବିରୋଧ କରାଯାଉଛି।

ଭୁବନେଶ୍ୱର,୧୯।୭(ସତ୍ୟଜିତ୍ ରାଉତ)

ପୁରୀ ଜିଲା ବଲଙ୍ଗା ଥାନା ଅଞ୍ଚଳରେ ଶନିବାର ସକାଳେ ଦୁର୍ବୃତ୍ତଙ୍କ ଦ୍ୱାରା ପୋଡ଼ିହୋଇ ଗୁରୁତର ହୋଇଥିବା ପୀଡ଼ିତା ନାବାଳିକା ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ସରକାରଙ୍କ ବିରୋଧରେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଏମ୍ସ ବର୍ନ ୱାର୍ଡରେ ପୀଡ଼ିତାଙ୍କ ଚିକିତ୍ସା ଚାଲିଥିବାବେଳେ ସେଠାରେ ଶାସକ ଦଳକୁ ବିରୋଧ କରି କଂଗ୍ରେସ, ବିଜେଡି କର୍ମୀ ଏବଂ କିଛି ଛାତ୍ର ସଂଗଠନର ସଦସ୍ୟମାନେ ଧାରଣାରେ ବସି ଆନ୍ଦୋଳନ କରିଛନ୍ତି। ଏହାକୁ ନେଇ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଛି। ଆନ୍ଦୋଳନକାରୀଙ୍କୁ ଉଠାଇବାବେଳେ ପୋଲିସ ନାକେଦମ୍ ହୋଇଥିବାବେଳେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ସନ୍ଧ୍ୟାରେ କମିଶନରେଟ୍ ପୋଲିସ ପକ୍ଷରୁ ବର୍ନ ୱାର୍ଡକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ୧୬୩ ଲାଗୁ କରାଯାଇଛି।

ନାବାଳିକା ଜଣକ ଏମ୍ସରେ ଭର୍ତ୍ତି ହେବା ପରେ ବିରୋଧୀ ଦଳଗୁଡ଼ିକର କର୍ମୀମାନେ ସେଠାରେ ଧାରଣାରେ ବସିଥିଲେ। ବିଜେଡି ପକ୍ଷରୁ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ଏମ୍ପି ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖଙ୍କ ନେତୃତ୍ୱରେ ବହୁ କର୍ମୀ ନାରାବାଜି କରିଥିଲେ। ସେହିପରି କଂଗ୍ରେସ କର୍ମୀଙ୍କ ସହ କିଛି ଛାତ୍ର ସଂଗଠନର ସଦସ୍ୟମାନେ ସେଠାରେ ବସି ଆନ୍ଦୋଳନ କରିଥିଲେ। ଏମ୍ସ ପରିସରରେ ସୁରକ୍ଷା ପାଇଁ ପ୍ରାୟ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ତେବେ ୫୦୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଏକାଠି ହେବାରୁ ପ୍ରଥମେ ଚାପା ଉତ୍ତେଜନା ଦେଖାଦେଇଥିଲା। ସନ୍ଧ୍ୟାରେ ସରକାର ବିରୋଧୀ ନାରାବାଜି ତୀବ୍ର ହୋଇଥିଲା। ଅନ୍ୟପଟେ ଏହି ଆନ୍ଦୋଳନ ଫଳରେ ରୋଗୀସେବା ବ୍ୟାହତ ହେଉଥିବା ଅଭିଯୋଗ ଆଣି ଭାଜପା କର୍ମୀମାନେ ଏହାକୁ ବିରୋଧ କରି ହୋହଲ୍ଲା କରିଥିଲେ। ଏଥିଯୋଗୁ ସ୍ଥିତି ବିଗିଡ଼ିଯାଇଥିଲା। ତେବେ ବିଏନ୍ଏସ୍ଏସ୍-୧୬୩ କଟକଣା ଜାରି ହେବା ପରେ ଉକ୍ତ ଅଞ୍ଚଳକୁ ଖାଲି କରିବାକୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଆନ୍ଦୋଳନକାରୀମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିବା ଦାବି କରି କିଛି ଶୁଣି ନ ଥିଲେ। ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ପକ୍ଷରୁ ବଳପୂର୍ବକ ବିରୋଧୀ ଦଳର କେତେଜଣ ନେତାଙ୍କୁ ଉଠାଇ ନିଆଯାଇଥିଲା। ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ତେବେ ରାତି ପ୍ରାୟ ୧୧ଟା ୪୫ ବେଳକୁ ସ୍ଥିତି ସାମାନ୍ୟ ନିୟନ୍ତ୍ରଣକୁ ଆସିଥିଲା। କେତେଜଣ କର୍ମୀଙ୍କୁ ପୋଲିସ ଉଠାଇ ନେଇଥିବା ବେଳେ ଆଉ କେତେଜଣ ବର୍ନ ୱାର୍ଡଠୁ କିଛି ଦୂରରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଥିଲେ। ଏନେଇ ପ୍ରଦୀପ ମାଝୀ ଗଣମାଧ୍ୟମରେ କହିଛନ୍ତି, ପୀଡ଼ିତାଙ୍କୁ ହତ୍ୟା କରିବାକୁ ଯୋଜନା ହୋଇଛି। ଏହା ନାରୀସମାଜ ପ୍ରତି ଷଡ଼ଯନ୍ତ୍ର। ଯଦି ଝିଅର ମୃତ୍ୟୁ ହୁଏ, ସରକାର ଦାୟୀ ରହିବେ। ଶୃଙ୍ଖଳାର ସହ ଆନ୍ଦୋଳନ ଚାଲିଥିବାବେଳେ ପୋଲିସ ସେମାନଙ୍କୁ ବଳପୂର୍ବକ ଉଠାଇଛି। ଧାରଣା ଦେବା ଛଡ଼ା ସେମାନଙ୍କ ପାଖରେ ଆଉ କୌଣସି ଉପାୟ ନ ଥିଲା ବୋଲି ମାଝୀ କହିଛନ୍ତି। ଖବର ପ୍ରସ୍ତୁତ ହେବା ଯାଏ ବର୍ନ ୱାର୍ଡ ନିକଟରେ ଉତ୍ତେଜନା ଲାଗି ରହିଥିଲା।

## ଚିକିତ୍ସାରେ ୧୪ଜଣିଆ ଡାକ୍ତରୀ ଟିମ୍

ଭୁବନେଶ୍ୱର, ୧୯।୭ (ବନ୍ଦନା ସେଠୀ)

ଦୁର୍ବୃତ୍ତମାନେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ପୁରୀ ଜିଲା ବଲଙ୍ଗା ଅଞ୍ଚଳର ନାବାଳିକା ଏବେ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଶରୀରର ପ୍ରାୟ ୭୦ରୁ ୭୫ ପ୍ରତିଶତ ପୋଡ଼ି ଯାଇଥିବା ଏମ୍ସର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ସେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି ଓ କଥାବାର୍ତ୍ତା କରୁଛନ୍ତି। କିନ୍ତୁ ତାଙ୍କ ମାନସିକ ଅବସ୍ଥା ଭଲନାହିଁ। ତେଣୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଦରକାର ରହିଛି। ତେବେ ଆଗାମୀ ୪୮ରୁ ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ଡା. ବିଶ୍ୱାସ କହିଛନ୍ତି। ଡାକ୍ତର ସଞ୍ଜୟ ଗିରିଙ୍କ ନେତୃତ୍ୱରେ ୧୪ ଜଣିଆ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛି। ଏହି ଟିମ୍‌ରେ ପ୍ରଫେସର ଅନୁପମ ଦେ, ପ୍ରଫେସର ମନୋଜ ପାଣିଗ୍ରାହୀ, ଡ. ଦେବାଶିଷ ଆଚାର୍ଯ୍ୟ, ଡ. ଆଲୋକ ସାହୁ, ଡ. ରିତେଶ ପଣ୍ଡା, ଡ. ସିନ୍ଧୁ ସୁଧା ସାହୁ, ଡ. ସୁବର୍ଣ୍ଣ ମିତ୍ର, ଡ. ପ୍ରୀତି ମୀନା, ଡ. ତରୁଣ କୁମାର ପାତ୍ର, ଡ. ଶ୍ୟାମସୁନ୍ଦର ବେହେରା, ଡ. ଦେବଶ୍ରୀ ଦାସ, ଡ. ମହାଲିଙ୍ଗମ ଓ ପ୍ରିୟଦର୍ଶିନୀ ସାହୁ ରହିଥିବା ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ପୀଡିତାଙ୍କ ଚିକିତ୍ସା ଯେପରି ପ୍ରଭାବିତ ନ ହେବ ଓ ସଂକ୍ରମଣ ନ ହେବ ସେଥିପାଇଁ ଏମ୍ସ କର୍ତ୍ତୃପକ୍ଷ ବର୍ନ ୱାର୍ଡ ବାହାରେ ନୋଟିସ ଲଗାଇବା ସହ ଗହଳି ଓ ଉଚ୍ଚ ଶବ୍ଦ ଏଡ଼ାଇବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ୟାରିକେଡ୍ ଲଗାଯିବା ସହ ପୋଲିସ ମୁତୟନ କରାଯାଇ ଅବାଧ ପ୍ରବେଶ ଉପରେ କଟକଣା ଲଗାଯାଇଛି। ହସ୍ପିଟାଲ ପ୍ରବେଶ ସ୍ଥାନରୁ ଦୂରରେ ରହିବାକୁ ଏବଂ ହସ୍ପିଟାଲ ଲବି ଭିତରେ ଏକାଠି ନ ହେବାକୁ ଅନୁରୋଧ କରାଯାଉଛି। ଘଟଣାସ୍ଥଳ ସମ୍ବେଦନଶୀଳ ଥିବାରୁ ବ୍ୟାରିକେଡ ବାହାରକୁ ଏବେ ନେତା ଓ କର୍ମୀଙ୍କୁ କଢ଼ାଯିବା ପାଇଁ ଯୋଜନା କରାଯାଇଛି।




## ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ ପାଇଁ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)



ବଲଙ୍ଗା ଘଟଣାରେ ପୋଲିସ ଆମୂଳଚୂଳ ତଦନ୍ତ ଜାରି ରଖିଛି। ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କ ଜୀବନ ରକ୍ଷା ପାଇଁ ସବୁ ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର ପୀଡ଼ିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍ସରେ ଚିକିତ୍ସା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସ୍ଥିତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମ୍ଓ ଏମ୍ସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ଅନୁମୋଦନ ମିଳିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ପୀଡ଼ିତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏହି ଘଟଣାରେ ଅପରାଧୀ ଯେଉଁଠାରେ ଥିଲେ ବି ନିଶ୍ଚିତ ଧରାପଡ଼ିବେ। ପୋଲିସ ଟିମ୍ ଅପରେଶନ ମୋଡ୍‌ରେ ଅଛନ୍ତି। ଆଇନ ଅନୁଯାୟୀ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)



ବଲଙ୍ଗା ଛାତ୍ରୀ ପୋଡ଼ି ଘଟଣାକୁ ନେଇ ଅତ୍ୟନ୍ତ ମର୍ମାହତ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ମନମୋହନ କହିଛନ୍ତି, ଏହି ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏହା କେବଳ ଜଣେ ନାବାଳିକାଙ୍କ ଉପରେ ଅତ୍ୟାଚାର ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ। ଆମ ସରକାର ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତିବଦ୍ଧ।

## ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ, ମହିଳା କଂଗ୍ରେସ

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)

ବଲଙ୍ଗା ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବହୁ ନେତୃବର୍ଗ ତାଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ଘଟଣାରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସରକାରୀ ବାସଭବନ ଘେରାଉ କରିଛନ୍ତି। 'ମହିଳାଙ୍କୁ ନ୍ୟାୟ ଦିଅ', 'ମହିଳା ଅତ୍ୟାଚର ବନ୍ଦ କର' ଏବଂ 'ପ୍ରଭାତୀ ପରିଡ଼ା ଇସ୍ତଫା ଦିଅ' ସ୍ଲୋଗାନ ଦେଇ ଯୁବ କଂଗ୍ରେସ କର୍ମୀମାନେ ପ୍ରଭାତୀଙ୍କ ସରକାରୀ ବାସଭବନ ଫାଟକ ପାଖରେ ବସି ଧାରଣା ଦେଇଥିଲେ। କିଛି ସମୟ ପରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଗିରଫ କରିନେଇଛି। ଏହି ଅବସରରେ ରଞ୍ଜିତ ପାତ୍ର କହିଛନ୍ତି, ନାରୀ ସୁରକ୍ଷାକୁ ନେଇ ଉପମୁଖ୍ୟମନ୍ତ୍ରୀ ଫମ୍ପା ଭାଷଣ ମାରୁଛନ୍ତି। କାରଣ ତାଙ୍କ ନିର୍ବାଚନମଣ୍ଡଳୀରେ ମହିଳା ଅସୁରକ୍ଷିତ। ସରକାର ନାବାଳିକାଙ୍କ ପରିବାରକୁ ୨ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରନ୍ତୁ। ଅପରାଧୀଙ୍କୁ ତୁରନ୍ତ ଗିରଫକରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ। ଯୁବନେତା ସୟଦ ୟାସିର ନୱାଜ କହିଛନ୍ତି, ଭାଜପା ସରକାର ମହିଳାଙ୍କ ପ୍ରତି ବିଶ୍ୱାସଘାତ କରିଛି। ସୁରକ୍ଷାର ପ୍ରତିଶ୍ରୁତି ଦେଇ ଭୋଟ ନେଇଯିବା ପରେ ଏବେ ମହିଳାଙ୍କୁ ସୁରକ୍ଷା ଦେବାରେ ଭାଜପା ସରକାର ସକ୍ଷମ ହେଉନାହିଁ ବୋଲି ସେ କହିଛନ୍ତି।

ମହିଳା କଂଗ୍ରେସ ପକ୍ଷରୁ ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରିବାକୁ ଉଦ୍ୟମ କରାଯାଇଛି। ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ମହିଳା କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ। 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ଭାଜପା ସରକାରଙ୍କ ଶାସନରେ ମହିଳା, ଛାତ୍ରୀମାନେ ସବୁଠୁ ଅଧିକ ଅସୁରକ୍ଷିତ। ରାଜ୍ୟରେ ନାରୀ ଆଉ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି।

### ଛାତ୍ରୀ, ମହିଳା ରାଜ୍ୟରେ ଅସୁରକ୍ଷିତ: ଭକ୍ତ



ନାରୀ ନିର୍ଯାତନା ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ସରକାର ଓ ପ୍ରଶାସନ ସ୍ଥାଣୁ ପାଲଟିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। 'X'ରେ ଭକ୍ତ କହିଛନ୍ତି, ଛାତ୍ରୀ ଓ ମହିଳାମାନେ ରାଜ୍ୟରେ ଅସୁରକ୍ଷିତ। ଅପରାଧୀମାନଙ୍କ ସରକାର, ପ୍ରଶାସନ ଓ ପୋଲିସ ପ୍ରତି ଆଉ ଭୟ ନାହିଁ। ଭାଜପା ସରକାର ଅତ୍ୟନ୍ତ ସମ୍ବେଦନଶୂନ୍ୟ ହୋଇ ସୁଶାସନର ଡିଣ୍ଡିମ ପିଟି ଚାଲିଛନ୍ତି ବୋଲି ଭକ୍ତ କହିଛନ୍ତି।


କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ପରିସରକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସରକାରୀ ବାସଭବନ ନିକଟରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## 'ସରକାରଙ୍କ ବ୍ୟବସ୍ଥାଗତ ବିଫଳତା'

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)



ବଲଙ୍ଗା ଅଞ୍ଚଳରେ ଜଣେ ନାବାଳିକାଙ୍କୁ କେତେଜଣ ନିଆଁ ଲଗାଇବା ଘଟଣା ଗଭୀର ମର୍ମାହତ କରିଛି ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ସାମାଜିକ ଗଣମାଧ୍ୟମ 'X'ରେ ନବୀନ ଉଲ୍ଲେଖ କରିଛନ୍ତି ଯେ, ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାର ସପ୍ତାହେ ଏବଂ ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବାର ମାସକ ଭିତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମହିଳାଙ୍କ ବିରୋଧରେ ଏପରି ଘଟଣା ନୀତିଦିନିଆ ହୋଇଗଲାଣି। ଏହା ସରକାରଙ୍କ ଏକ ଗୁରୁତର ବ୍ୟବସ୍ଥାଗତ ବିଫଳତା। ସରକାରଙ୍କ ନିଷ୍କ୍ରିୟତା ଏବଂ ରାଜନୈତିକ ପୃଷ୍ଠପୋଷକତା କାରଣରୁ ମହିଳାମାନେ ଓଡ଼ିଶାରେ କେତେମାତ୍ରାରେ ଅସୁରକ୍ଷିତ ହେଲେଣି ତାହା ସ୍ପଷ୍ଟ ବୁଝାପଡୁଛି। ଅପରାଧୀମାନେ ଯେପରି ଗିରଫ ହେବେ, ସେ ଦିଗରେ ପଦକ୍ଷେପ ଜରୁରୀ।

## ଶ୍ରୀକାନ୍ତଙ୍କ ଅଧକ୍ଷତାରେ ଏମ୍ସ ଗଲା କଂଗ୍ରେସର ତଥ୍ୟ ଅନୁଧାନ କମିଟି



ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲା ବଲଙ୍ଗା ଥାନା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦିଆଯିବା ଘଟଣାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ସ୍ପର୍ଶକାତର ଘଟଣାର ତଥ୍ୟ ଅନୁଧାନ କରିବା ପାଇଁ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ତତ୍କାଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ଭେଟି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାୟିତ୍ୱ ଦିଆଯାଇଛି। ତଦନୁଯାୟୀ ଉକ୍ତ କମିଟି ସଦସ୍ୟମାନେ ଭୁବନେଶ୍ୱର ଏମ୍ସ୍‌କୁ ଯାଇ ପୀଡ଼ିତାଙ୍କୁ ଭେଟ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ପରିବାରବର୍ଗଙ୍କ ସହ ଆଲୋଚନାକରି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ତଥ୍ୟ ଅନୁଧାନ ସମୟରେ କମିଟିର ଅଧ୍ୟକ୍ଷ ଶ୍ରୀକାନ୍ତ ଜେନାଙ୍କ ସମେତ ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଦେବାଶିଷ ପଟ୍ଟନାୟକ, ପ୍ରଦେଶ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି, ୟାସିର ନୱାଜ, ରଞ୍ଜିତ ପାତ୍ର ଓ ଅନ୍ୟମାନେ ଥିଲେ। ଏହି କମିଟିରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍, ସୋନାଲି ସାହୁ, ମନୀଷା ଦାସ ପଟ୍ଟନାୟକ ଓ ଉଦିତ ପ୍ରଧାନ ପ୍ରମୁଖ ରହିଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।



# କୁକୁଡ଼ା ମଡ଼କ: ୪୧ ଫାର୍ମ ଉପରେ କଟକଣା

## ୩୪୧ ସ୍ୱାବ ସଂଗ୍ରହ

ଖୋର୍ଦ୍ଧା, ୧୯।୭ (ପ୍ରଭାତ ପାଣିଗ୍ରାହୀ)



ମୃତ କୁକୁଡ଼ାଙ୍କ ସ୍ୱାବ ସଂଗ୍ରହ କରାଯାଉଛି।

ଖୋର୍ଦ୍ଧା ଜିଲାରେ କୁକୁଡ଼ା ମଡ଼କ ଏବେ ଚିନ୍ତାର କାରଣ ପାଲଟିଛି। ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ଜଟଣୀ ବ୍ଲକର ୧୦ କିମି ପରଧି ମଧ୍ୟରେ ୪୧ଟି କୁକୁଡ଼ା ଫାର୍ମ ଉପରେ କଟକଣା ଜାରି କରାଯାଇଛି। ଶୁକ୍ରବାର ଜଙ୍କିଆ ମୁଣ୍ଡାଆମ୍ବ ଓ ଟାଙ୍ଗୀ ବ୍ଲକ ତାଲିପଡା ଅଞ୍ଚଳରେ ପ୍ରାୟ ଏକ ହଜାର କୁକୁଡା ମରିଥିବା ଜଣାପଡ଼ିଛି। ଜଙ୍କିଆ ଏବଂ ଖୋର୍ଦ୍ଧା ଆର୍‌ଆର୍ ଟିମ୍ ପହଞ୍ଚି ସ୍ୱାବ ସଂଗ୍ରହ କରିଛନ୍ତି। ବାଲିଅନ୍ତା ବ୍ଲକର ଏକ କୁକୁଡା ଫାର୍ମରେ ୭ଶହରୁ ଉର୍ଦ୍ଧ୍ୱ କୁକୁଡ଼ା ମରିଥିବା ନେଇ ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ୩ହଜାର କୁକୁଡ଼ା ମରିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଥିବା ବେଳେ ଜିଲାରେ ଛୋଟ, ବଡ କୁକୁଡା ଫାର୍ମରେ ପ୍ରାୟ ୫୦ହଜାର କୁକୁଡା ମରିଥିବା ବେସରକାରୀ ଭାବେ କୁହାଯାଉଛି। ବିଭାଗର ସୂଚନା ଅନୁଯାୟୀ, କୁକୁଡ଼ା ମଡ଼କ ସଂଖ୍ୟା ବୋଲଗଡ଼ରେ ୧୫୦, ବେଗୁନିଆରେ ୨ଶହ, ଜଙ୍କିଆରେ ୭ଶହ, ବାଲିଅନ୍ତାରେ ୭ଶହ, ବାଲିପାଟଣାରେ ୫ଶହ ରହିଛି। ତେବେ ଅନେକ ଫାର୍ମ ଏ ସମ୍ପର୍କରେ କୌଣସି ସୂଚନା ଦେଉ ନ ଥିବାରୁ ପ୍ରାଣୀଧନ କାର୍ଯ୍ୟାଳୟ ନିକଟରେ ସେଭଳି କୌଣସି ତଥ୍ୟ ନ ଥିବା ଜିଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସକ ଡା. ରବି ପଟ୍ଟନାୟକ କହିଛନ୍ତି। ଶନିବାର ସୁଦ୍ଧା ଜିଲାରୁ ୩୪୧ ସ୍ୱାବ ସଂଗ୍ରହ କରାଯାଇଥିବା ଡିଷ୍ଟ୍ରିକ୍ଟ ଡାଇଗ୍ନୋଷ୍ଟିକ ଲାବୋରେଟରୀ (ଡିଡିଏଲ) ଡା. ଲିକେଶ କାନୁନଗୋ ସୂଚନା ଦେଇଛନ୍ତି।

କୁକୁଡା ଚିଆଁ ୩୦ରୁ ୩୫ ଦିନ ମଧ୍ୟରେ ବଢୁଥିବାବେଳେ ଏହାର ଅବଧି ପୂର୍ବରୁ ୨୦ରୁ ୨୫ ଦିନ ମଧ୍ୟରେ ଆପେ ଆପେ ମୃତ୍ୟୁବରଣ କରୁଥିବା ଅନେକ କୁକୁଡ଼ା ଚାଷୀ ଜଣାଇଛନ୍ତି। ଏହାକୁ ନେଇ ଅନେକ କୁକୁଡ଼ା ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଫାର୍ମଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିତ୍ର ଅଭାବ, ସ୍ୱଚ୍ଛତା, ହାଇଜେନିକ୍, ନିୟମିତ ଟିକାକରଣ ଅଭାବ ବିଭିନ୍ନ ରୋଗର କାରକ ହୋଇଥାଏ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ସଚେତନ କରାଯିବ ସହ ଚାଷୀଙ୍କ ଅଭିଯୋଗ ଅନୁଯାୟୀ ସେବା ଯୋଗାଇ ଦିଆଯାଇଥାଏ। ଏଥିସହିତ ଭ୍ରାମ୍ୟମାଣ ମୋବାଇଲ ଭ୍ୟାନ ଦ୍ୱାରା ମଧ୍ୟ ସେବା ଯୋଗାଇ ଦିଆଯାଏ। ଡା. ପଟ୍ଟନାୟକ କହିଛନ୍ତି, କେବଳ ଡେଲାଙ୍ଗ ନିକଟବର୍ତ୍ତୀ ୧୦ କିମି ବ୍ୟବଧାନରେ ରହିଥିବା ଜଟଣୀ ବ୍ଲକର ଗାଁ ଗୁଡିକରେ ନୀରିକ୍ଷଣ ସହ ସମ୍ପୃକ୍ତ ଅଞ୍ଚଳର କୁକୁଡା ଫାର୍ମଗୁଡିକ ଉପରେ କଟକଣା ଜାରି କରାଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ଲାଗି ଜିଲାରେ ଏକ ସ୍ୱତନ୍ତ୍ର ଟିମ ସଜାଗ ରହିଛନ୍ତି। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ଏଡିଭିଓ) ଡା. ଯଶୋବନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଏହାକୁ ନିରୀକ୍ଷଣ କରୁଛନ୍ତି। ଜିଲାର ୧୦ଟି ବ୍ଲକରେ ୧୦ଟି ରାପିଡ ରେସପନ୍ସ ଟିମ କୁକୁଡା ଫାର୍ମ ରହିଥିବା ଅଂଚଳକୁ ପରିଦର୍ଶନ କରି ନିୟମିତ ସ୍ୱାବ ସଂଗ୍ରହ କରି ଜିଲା କାର୍ଯ୍ୟାଳୟକୁ ପଠାଉଛନ୍ତି। ଏଠାରୁ କଟକ ଲାବୋରୋଟେରୀକୁ ପଠାଯାଉଛି। ମୃତ ଏବଂ ଜୀବିତ କୁକୁଡ଼ାର ସ୍ୱାବ ସଂଗ୍ରହ କରାଯାଉଛି। କଟକ ଲାବୋରେଟରୀରେ ସନ୍ଦେହ ହେଲେ ଏହାକୁ ଭୋପାଳକୁ ପଠାଯିବ।

# ରଥିପୁରରେ ଆର୍‌ଆଇ ଅଫିସ ନିର୍ମାଣ ଦାବି


ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ରଥିପୁର ଗ୍ରାମବାସୀ।

ଜଟଣୀ, ୧୯।୭ (ରବୀନ୍ଦ୍ରନାଥ ମହାକୁଡ)

ରଥିପୁରରେ କୁଦିଆରୀ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣକୁ ନେଇ ଅସନ୍ତୋଷ ଓ ବିବାଦ ବଢ଼ିବାରେ ଲାଗିଛି। ଗୋଟିଏ ପଟେ କୁଦିଆରୀରେ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ ପାଇଁ କୁଦିଆରୀ ଅଞ୍ଚଳବାସୀ ଦାବି କରି ଆସୁଥିବାବେଳେ ଆସନ୍ତା ୨୨ ତାରିଖ ସୁଦ୍ଧା ପ୍ରଶାସନ ପଦକ୍ଷେପ ନ ନେଲେ, ୨୩ରେ ଅଞ୍ଚଳବାସୀ ଏବଂ କୁଦିଆରୀ ଦଶଦୋଳ ମେଳଣ କମିଟି ପକ୍ଷରୁ ରାସ୍ତାରୋକୋ କରାଯିବାକୁ ଅନୁଷ୍ଠାର ସଭାପତି ସୁଦର୍ଶନ ସୁନ୍ଦରାୟ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଜଟଣୀ ନଗରପାଳ ଅନନ୍ତ ବେହେରା ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କୁ କୁଦିଆରୀରେ ଉକ୍ତ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ ଲାଗି ଗତ ୧୬ତାରିଖରେ ଅନୁରୋଧ ଜଣାଇଛନ୍ତି। ପଦକ୍ଷେପ ନିଆ ନ ଗଲେ ୨୩ତାରିଖରେ କୁଦିଆରୀ ଗ୍ରାମବାସୀଙ୍କ ସହିତ ଧାରଣା ଦେବା ସହ ଆତ୍ମାହୁତି ଦେବେ ବୋଲି ଧମକ ଦେଇଛନ୍ତି। ଏଭଳି ସ୍ଥିତିରେ ରଥିପୁରବାସୀ ଜିଲାପାଳ ଓ ଜଟଣୀ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ତୁରନ୍ତ ରଥିପୁରରେ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣ ଲାଗି ସେମାନେ ଦାବି କରିଛନ୍ତି। ଏହି ଅବସରରେ କନ୍ତିଆ ସରପଞ୍ଚ ମନୋଜ ବେହେରା, ସମିତି ସଭ୍ୟ ଭୀମସେନ ଭୂଜବଳ, ବସନ୍ତ ସ୍ୱାଇଁ, ସଚ୍ଚିଦାନନ୍ଦ ସାମନ୍ତରାୟ, ପଦ୍ମଚରଣ ସୁବୁଦ୍ଧି, ଭଗବାନ ପାତ୍ର, ଚିତ୍ତରଞ୍ଜନ ସାହୁ, ସୁବାସ ମୁଦୁଲି, ବଦରୁଦ୍ଦିନ୍ ଖାଁ, ଦୀପକ ଜେନା, ନିବାସ ପାଇକରାୟ, ସଂଗ୍ରାମ ବଡ଼ଜେନା, ଅମୁ ନାୟକ, ସନ୍ତୋଷ ମହାପାତ୍ର ଏବଂ ହୁଲ୍ଲାସ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲିପାଟଣା ୧୯।୭ (ଅଭିମନ୍ୟୁ ନାୟକ)

ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରସ୍ତରୀୟ ଏକ ଦିବସୀୟ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷା ନୀତିରେ ଅନ୍ତର୍ଭୁକ୍ତ ହୋଇଥିବା ବାଲ୍ ବାଟିକା କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ଜ୍ଞାନ ଆହରଣ ସହ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବାକୁ ଶିକ୍ଷକମାନେ କିପରି ଅଧିକ ଯତ୍ନବାନ ହୋଇପାରିବେ ସେ ସମ୍ପର୍କରେ ଏଠାରେ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଧାନହରା କ୍ଲଷ୍ଟରଠାରେ ବ୍ଲକ ଶିକ୍ଷାଧିକାରୀ ପ୍ରଭାତ କୁମାର ରଥ, ଜିଲା ଶିକ୍ଷା ପ୍ରଶିକ୍ଷିକା ରଶ୍ମିରେଖା ସ୍ୱାଇଁ, ଜିଲା ଯୋଜନା ସଂଯୋଜନା ଅଧିକାରୀ ମନସିନୀ ପ୍ରଧାନ, ବିପିନ ବିହାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ତପନ କୁମାର ରାଉତ, ସ୍ମିତାଞ୍ଜଳି ଜେନା, ସ୍ୱିଟି ଦଳାଇ ଓ ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା ପ୍ରମୁଖ ଏଥିରେ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ଝୁନି ଦେଇ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ସ୍ଥାନରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେହିପରି ଅଠାନ୍ତର କ୍ଲଷ୍ଟରର ବାରିଲ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।

# 'ବିଶ୍ୱାସରେ ସଙ୍କଟ ଓ ସାମ୍ପ୍ରତିକ ସମାଜ'



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉପସ୍ଥିତ ଲୋକେ।

ବାଘମାରୀ, ୧୯।୭ (ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମର ଶ୍ରୀସୋମନାଥ ଦେବଙ୍କ ମନ୍ଦିର ପରିସରରେ ଶନିବାର 'ସଙ୍କଟରେ ବିଶ୍ୱାସ ଓ ସାମ୍ପ୍ରତିକ ସମାଜ' ଶୀର୍ଷକ ଆଲୋଚନାଚକ୍ର ଏବଂ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ର ଓ କବିତା ପାଠରେ ଶିକ୍ଷାବିତ ହରିବନ୍ଧୁ ପଣ୍ଡା ସଭାପତିତ୍ୱ କରିଥିଲେ। ମନ୍ଦିର ପୂଜକ କାଳନ୍ଦୀ ରାଣା ପୂଜାର୍ଚ୍ଚନା କରିବା ପରେ ବସନ୍ତ କୁମାର ଦାସ ମଙ୍ଗଳା ଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟିକ ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟ ଅତିଥି, ବାଗ୍ମୀ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟବକ୍ତା, ଶିକ୍ଷାବିତ ତଥା ସଂସ୍କୃତି ବିଶେଷଜ୍ଞ ପ୍ରଫୁଲ୍ଲ ମହାନ୍ତି, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, କବୟିତ୍ରୀ ଡ. ଗୀତାଞ୍ଜଳି ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମାଜ ସୁରକ୍ଷାର ସର୍ବଶ୍ରେଷ୍ଠ କବଚ ହେଲା ବିଶ୍ୱାସ। ଦୃଢ ବିଶ୍ୱାସ ଓ ଅଙ୍ଗୀକାରବଦ୍ଧତା ଦ୍ୱାରା ଏକ ଶକ୍ତିଶାଳୀ ଓ ବିକଶିତ ସମାଜ ଗଠିତ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ କବି ଦିବ୍ୟସିଂହ ରଣା ଧନ୍ୟବାଦ ଦେଇଥିଲେ।

# ଏକ୍ସକୁ ସରକାର ଗୁରୁତ୍ୱ ଦେବାକୁ ଦାବି

କୃଷ୍ଣପ୍ରସାଦ, ୧୯।୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ବାଲେଶ୍ୱର ଏଫ୍.ଏମ୍.କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶି ଏକ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଜିଲାପାଳ ଓ ବିଧାୟକଙ୍କୁ ତାଙ୍କ ସମସ୍ୟାର ସମାଧାନ ପାଇଁ ଅଭିଯୋଗ କରିଥିଲେ। ତେବେ ତାଙ୍କ ଟୁଇଟ୍‌କୁ ଗୁରୁତ୍ୱ ନ ଦିଆଯିବାରୁ ଅବହେଳାର ଶିକାର ହୋଇ ସେ ଆତ୍ମାହୂତି ଦେଇଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ବର୍ତ୍ତମାନ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି। ବିଗତ ଦିନରେ ସରକାର ଏବଂ ବିଭାଗୀୟ ଅଧିକାରୀ ଏକ୍ସରେ ଆସୁଥିବା ଅଭିଯୋଗ ଶୁଣିଥିଲେ ଓ ସମାଧାନ କରୁଥିଲେ। କିନ୍ତୁ ଏବେ ତାହାକୁ ଅଣଦେଖା କରାଯାଉଛି। ତେଣୁ କୃଷ୍ଣପ୍ରସାଦ ଅଞ୍ଚଳର ସମାଜସେବୀ ତଥା ଟୁଇଟର ବୟ ରାଜକିଶୋର ନାୟକ ଦୁଃଖ ପ୍ରକାଶ କରିବା ସହିତ ବିଧାୟିକା ଉପାସନା ମହାପାତ୍ରଙ୍କୁ ଦାବି ଜଣାଇଛନ୍ତି। କିପରି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ପୋଲିସ ଷ୍ଟେଶନ, ବ୍ଲକ ଅଫିସ ଏବଂ ତହସିଲ ଅଫିସରେ ଏକ୍ସ ଖୋଲାଯିବ ଏବଂ ଏଥିରେ ଆସୁଥିବା ସମସ୍ୟାକୁ ସମାଧାନ କରାଯିବା ସହିତ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଓ କଲେଜରେ ଏଭଳି ସମସ୍ୟାର କିପରି ମୁକାବିଲା କରାଯିବ ଏନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରିବାକୁ ଅନୁରୋଧ କରାଯାଇଛି।

# ଗୋଦାବରୀଶ ହାଇସ୍କୁଲରେ ଆଇସିସି ଗଠିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ବାଣପୁର, ୧୯।୭ (ଦିଲ୍ଲୀପ କୁମାର ସ୍ୱାଇଁ)

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ତଥା ଖୋର୍ଦ୍ଧା ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ଚିଠି ନିର୍ଦ୍ଦେଶାନୁସାରେ ଶନିବାର ନାଚୁଣୀସ୍ଥିତ ଗୋଦାବରୀଶ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବସନ୍ତ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ରୀ ସୁରକ୍ଷା ଜନିତ ଇଣ୍ଟରନାଲ କମ୍ପ୍ଲେନ କମିଟି (ଆଇସିସି) ଗଠନ କରାଯାଇଛି। ଏହି ଅବସରରେ 'କିଶୋରୀ ସୁରକ୍ଷା ଓ ସଚେତନତା' ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସ, ଶିକ୍ଷୟିତ୍ରୀ ମୋନିକା ମହାରଣା, ସ୍ୱାଗତିକା ସ୍ୱାଇଁ, ସୋନାଲି ନାୟକ, ନିହାରିକା ପାଇକରାୟ, ବନିତା ପରିଡ଼ାଙ୍କୁ ଏହି ଇଣ୍ଟରନାଲ କମ୍ପ୍ଲେନ୍ କମିଟିରେ ସଦସ୍ୟ ଭାବେ ରଖାଯାଇଛି। ପୀଡ଼ିତାଙ୍କ ପାଇଁ ଶିକ୍ଷାନୁଷ୍ଠାନର ଏକ ସ୍ୱତନ୍ତ୍ର କମ୍ପ୍ଲେଣ୍ଟ ହେଲ୍ପ ଲାଇନ ନମ୍ବର ଜାରି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶିକ୍ଷୟିତ୍ରୀ ଚୋନାଲିନ ମହାରଣା ଓ ଶିକ୍ଷକ ସୌମ୍ୟକାନ୍ତ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋରୀ ସୁରକ୍ଷା ଓ ଦାୟିତ୍ୱବୋଧତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ଶ୍ରେଣୀର ଛାତ୍ରୀ ପ୍ରତିନିଧିମାନେ ଯୋଗଦେଇ ନିଜ ମତ ରଖିଥିଲେ।

# ଚାନ୍ଦପୁର ଅଞ୍ଚଳରେ ଜଣ୍ଡିସ୍, ଡାଇରିଆ ବ୍ୟାପୁଛି

ଟାଙ୍ଗୀ, ୧୯।୭ (ରଘୁନାଥ ସାହୁ)

ଟାଙ୍ଗୀ ଚାନ୍ଦପୁର ଅଞ୍ଚଳରେ ଗତ କିଛିଦିନ ଧରି ଜଣ୍ଡିସ ଓ ଡାଇରିଆ ବ୍ୟାପିବାରେ ଲାଗିଛି। ଏହାର ମୁଖ୍ୟ କାରଣ ଦୂଷିତ ପାଣି ବୋଲି ଜଣାପଡ଼ିଛି। ରାସ୍ତାକଡ଼ର ୧୫ରୁ ୨୦ଟି ସ୍ଥାନରେ ଗୁପଚୁପ ବିକ୍ରି ହେଉଛି। ସ୍କୁଲ, କଲେଜ ନିକଟରେ ମଧ୍ୟ ଗୁପଚୁପ ବିକ୍ରି ହେଉଛି। ବହୁ ଛାତ୍ରୀ ଓ ମହିଳା ସେହି ଗୁପଚୁପ କିଣି ଖାଉଥିବା ଦେଖିବାକୁ ମିଳୁଛି। ତେବେ ବିକ୍ରି ହେଉଥିବା ଗୁପଚୁପ ପାଣିର ମାନ ଯାଞ୍ଚ କରାଯାଉନାହିଁ। ହାତରେ ଗ୍ଲୋଭସ ନ ପିନ୍ଧି ଖାଲିହାତରେ ପାଣିରେ ବୁଡ଼ାଇ ଗୁପଚୁପ ଖାଇବାକୁ ଦିଆଯାଉଛି। ଖାଦ୍ୟ ସୁରକ୍ଷା ଅଧିକାରୀ ପାଣି ମାନ ଯାଞ୍ଚ କରିବା ଉଚିତ। ଅସ୍ୱାସ୍ଥ୍ୟକର ପରିବେଶରେ ଗୁପଚୁପ ତିଆରି କରାଯାଉଛି। ସେହିପରି ଅନେକ ଦୋକାନ ଏବଂ ହୋଟେଲରେ ବାସି ଓ ଅପମିଶ୍ରିତ ଖାଦ୍ୟ ପ୍ରସ୍ତୁତ ହେଉଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# 'ମା' ପାଇଁ ଗଛଟିଏ

ବାଲିଅନ୍ତା, ୧୯।୭ (ନୀଳମାଧବ ସାହୁ) : ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିର ପରିସରରେ ଶନିବାର 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଅତିକମ୍‌ରେ ୧୦ଟି ଲେଖାଏଁ ଗଛ ଲଗାଇ ତା'ର ଯତ୍ନ ନିଅ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଘରୋଇ ବିଦ୍ୟାଳୟର ରାଜ୍ୟ ସମ୍ପାଦକ ଅବନ୍ତୀ ସୂତାର, ସହସମ୍ପାଦକ ସୁରେଶ ସାମନ୍ତରାୟ, ସହସଭାପତି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ସାମାଜିକ କର୍ମୀ ସ୍ୱାକ୍ଷର ରଞ୍ଜନ ମହାନ୍ତି ଓ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ୧୦ଟି କିସମର ଚାରା ବଣ୍ଟନ କରିଥିଲେ। ଏହାକୁ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ପରିଚାଳନା କରିଥିଲେ।

# ମହିଳା ଯୌନ ଉତ୍ପୀଡ଼ନ ନିବାରଣ ସମ୍ପର୍କିତ କର୍ମଶାଳା

ବାଲୁଗାଁ, ୧୯।୭ (ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟରେ ଶନିବାର 'କର୍ମସ୍ଥଳରେ ମହିଳା ଯୌନ ଉତ୍ପୀଡ଼ନର ନିବାରଣ, ନିଷେଧ ଓ ପ୍ରତିକାର' ସମ୍ପର୍କିତ କର୍ମଶାଳା ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଓ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ କ୍ରମେ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ପ୍ରିଜାଇଡିଂ ଅଫିସର ଡ. ମୋନାଲିସା ମାନସିଂହ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିବାରଣ ଓ ପ୍ରତିକାର ସମ୍ପର୍କରେ କେନ୍ଦ୍ର ସରକାର, ୟୁଜିସି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା କାର୍ଯକ୍ରମ ସଂଯୋଜନା କରିବା ସହ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ମର୍ଯ୍ୟାଦା ରକ୍ଷା କରିବା ପାଇଁ ୨୦୧୩ ଓ ୨୦୧୫ରେ ଆଗତ ଅଧିନିୟମ ଏହି ସଚେତନତା ମାଧ୍ୟମରେ ମହାବିଦ୍ୟାଳୟ ପରିସରରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବ ବୋଲି କହିଥିଲେ। ଅଧ୍ୟାପିକା ସୁନିତା ନନ୍ଦ ମହିଳା ସୁରକ୍ଷା, ସମ୍ମାନ ଓ ଅଧିକାର ସମ୍ପର୍କରେ ସମ୍ବିଧାନରେ ପ୍ରଣୀତ ବିଭିନ୍ନ ଧାରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରବୀଣ କୁମାର ଜେନା ଏବଂ ଅଧ୍ୟାପିକା ରୀନା ରାଉତ ମହାବିଦ୍ୟାଳୟର କର୍ମଚାରୀ ଓ ଶିକ୍ଷାର୍ଥୀଙ୍କ ମିଳିତ ଉଦ୍ୟମରେ ପବିତ୍ର ଶୈକ୍ଷିକ ପରିବେଶ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀ ଯସ୍ମିନ ବେଗମ ଦେଶରେ ମହିଳାଙ୍କ ଉପରେ ହେଉଥିବା ଉତ୍ପୀଡ଼ନ ଓ ଏହାର ପ୍ରତିକାର ସମ୍ପର୍କରେ ଅଧିନିୟମ ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ ବୋଲି ମତ ଦେଇଥିଲେ। ଶିକ୍ଷାନୁଷ୍ଠାନ ଓ ସମାଜର ବିଭିନ୍ନ କ୍ଷେତ୍ରରେ ମହିଳା ଯୌନ ଉତ୍ପୀଡ଼ନ ନିବାରଣ ଓ ପ୍ରତିକାର ପାଇଁ ସମସ୍ତେ ଶପଥ ନେଇଥିଲେ। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଚଳିତ ବର୍ଷ ମହାବିଦ୍ୟାଳୟରେ ପୁନର୍ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ ସମିତି (ଆଇସିସି) ସଦସ୍ୟ ଭାବେ ଶିକ୍ଷକ-ଅଣଶିକ୍ଷକ, ଶିକ୍ଷାର୍ଥୀ ଓ ଅଞ୍ଚଳର ସାମାଜିକ କର୍ମୀଙ୍କୁନେଇ ଏକ ସାତଜଣିଆ ସମିତି ଗଠନ କରାଯାଇଛି। ଏଥିସହ ମହାବିଦ୍ୟାଳୟର ପ୍ରମୁଖ ସ୍ଥାନରେ ୧୮୧ ସହାୟତା ନମ୍ବରକୁ ସାର୍ବଜନୀନ କରାଯାଇଛି।


ଯୌନ ଉତ୍ପୀଡ଼ନ ନିବାରଣ ପାଇଁ ମହିଳାମାନେ ଶପଥପାଠ କରୁଛନ୍ତି।

# ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ୍: ଚ୍ୟାଲେଞ୍ଜର-୧୧ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଜଟଣୀ, ୧୯।୭ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ବେଣାପାଞ୍ଜରୀଠାରେ ଶନିବାର ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ଏହି ଲିଗରେ ୬ଟି କ୍ରିକେଟ ଦଳ ଭାଗନେଇଥିବାବେଳେ ଚ୍ୟାଲେଞ୍ଜର-୧୧ ଓ ବ୍ଲାକପାନ୍ଥର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଚ୍ୟାଲେଞ୍ଜର -୧୧ ଚାମ୍ପିୟନ ହୋଇଛି। ଚ୍ୟାଲେଞ୍ଜର୍-୧୧ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୯ ଉଇକେଟ୍ ହରାଇ ୧୧୬ ରନ କରିଥିଲା। ଜବାବରେ ବ୍ଲାକ ପାନ୍ଥର ବ୍ୟାଟିଂ କରି ୧୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୪ ରନ କରି ହାରିଯାଇଥିଲା। ପ୍ରକାଶ ୪୬ ରନ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚ୍‌ରେ ବିଜୟୀ ଟିମକୁ ୧୪ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର ଅପ୍ ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ କ୍ୱାଲିଫାୟାର ପରାଜିତ ହୋଇଥିବା ହସ୍ପା ୱରିୟର୍ସ ତୃତୀୟ ସ୍ଥାନରେ ରହିଥିବାରୁ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ବ୍ୟାଟ୍ସମ୍ୟାନ୍ ଅଶୋକ କୁମାର ମହାନ୍ତି, ବେଷ୍ଟ ବୋଲର ପ୍ରତାପ ଚୋହଲା, ମ୍ୟାନ୍ ଅଫ୍ ଦ ସିରିଜ ଅଭିଷେକ ନିଶଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ଶାହା ଇଶାକ ଅଲ୍ଲୀ ଓ ଚିକୁ ମ୍ୟାଚ ପରିଚାଳନା କରିଥିଲେ। ଉଦଯାପନୀ ଦିବସରେ ଅତିଥି ରୂପେ ତିରିମଲ୍ ସରପଞ୍ଚ ପ୍ରସନ୍ନ ଛୋଟରାୟ, ବେଣାପଞ୍ଜରୀ ସରପଞ୍ଚ ପ୍ରତିନିଧି ଶାହା ଜାଫର ଅଲ୍ଲୀ, ବେଣାପଞ୍ଜରି ସମିତି ସଭ୍ୟ ଶରତ ପାଲଟାସିଂହ, ମହମ୍ମଦ କୌଶର, ରବୀନ୍ଦ୍ର ରାଉତ, ଲୋକନାଥ ଜେନା, ଶିକ୍ଷାବିତ୍ ରାଧେଶ୍ୟାମ ଜେନା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ଅସୁସ୍ଥ ମହିଳାଙ୍କୁ ସହାୟତା ସମ୍ମାନିତ ହେଲେ ପୋଲିସ ଅଧିକାରୀ

ବାଲିଅନ୍ତା ୧୯।୭(ନୀଳମାଧବ ସାହୁ) କଂଗ୍ରେସର ଓଡ଼ିଶା ବନ୍ଦ ଡାକରା ଦିନ ଜାତୀୟ ରାଜପଥ ଅବରୋଧ ଯୋଗୁ ବସ୍‌ରେ ଫସିଥିବା ଜଣେ ଅସୁସ୍ଥ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନା ପଠାଇଥିବା ପୋଲିସ ଅଧିକାରୀ ସ୍ମୃତିରଞ୍ଜନ ମହାନ୍ତିଙ୍କୁ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ପାହାଳ ଥାନାର ଏସ୍‌ଆଇ ରୂପେ କାର୍ଯ୍ୟରତ ମହାନ୍ତିଙ୍କୁ ସମ୍ମାନିତ କରିବା ସହ ଏକ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ଓଡ଼ିଶା ବନ୍ଦ ବେଳେ ଏସ୍‌ଆଇ ମହାନ୍ତି ଭୁବନେଶ୍ୱର – କଟକ ରାସ୍ତାର ରୁଦ୍ରପୁର ନିକଟରେ ଡ୍ୟୁଟିରେ ଥିଲେ। ସେହି ସମୟରେ ନୂଆପଡ଼ାରୁ କଟକ ବଡ଼ ଡାକ୍ତରଖାନାକୁ ଏକ ମହିଳା ଚିକିତ୍ସା ନିମନ୍ତେ ବସ୍ ଯୋଗେ ଆସୁଥିବା ବେଳେ ରାସ୍ତା ଅବରୋଧ ଯୋଗୁ ଗାଡ଼ିଟି ଫସି ଯାଇଥିଲା। ବସରେ ଥିବା ରୋଗାକ୍ରାନ୍ତ ମହିଳା ଦୀର୍ଘ ସମୟ ଅଟକି ରହିବା ଫଳରେ ଅଚେତ ହୋଇପଡ଼ିଥିଲେ। ଏହି ଘଟଣା ସେଠାରେ ଥିବା ପୋଲିସ ଅଧିକାରୀ ମହାନ୍ତିଙ୍କ ନଜରକୁ ଆସିଥିଲା। ସେ ତତ୍‌କ୍ଷଣାତ୍ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିଲେ। ମହାନ୍ତି ଅସୁସ୍ଥ ମହିଳାଙ୍କୁ ଦୁଇହାତରେ ବୋହି ଆଣି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ପୋଲିସ ଅଧିକାରୀଙ୍କ ଏହି ମାନବିକତା ପାଇଁ ତାଙ୍କୁ ପ୍ରଶଂସା କରାଯାଇଛି।

# ଖୁବ୍‌ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ରାଶନ କାର୍ଡ

ଭୁବନେଶ୍ୱର, ୧୯।୭(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ଖୁବ୍‌ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯିବ। ଶନିବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଏନେଇ ସୂଚନା ଦିଆଯାଇଛି। ୨୦୨୨ରୁ ନୂତନ ରାଶନ କାର୍ଡ ଯୋଗାଣ ବନ୍ଦ ଥିଲା। ଏବେ ପ୍ରକ୍ରିୟା ଚାଲୁ ରହିଥିବାବେଳେ ସରକାରଙ୍କ ନିର୍ଦ୍ଦେଶ ପରେ ପୋର୍ଟାଲରେ ଉପଲବ୍ଧ କରାଯିବାର ବ୍ୟବସ୍ଥା କରାଯାଉଛି। ଏନେଇ ବିଭାଗୀୟ ନିର୍ଦ୍ଦେଶ ଆସିବା ପରେ ବିଏମ୍‌ସି ଅଞ୍ଚଳରେ ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ରାଶନ କାର୍ଡ ଆବେଦନ ପୋର୍ଟାଲ ମାଧ୍ୟମରେ କରାଯିବ। ଏଥିପାଇଁ ୨୧ ତାରିଖରୁ ବିଏମ୍‌ସିର ୩ ଜୋନ୍ କାର୍ଯ୍ୟାଳୟରେ ଇ-କେୱାଇସି କରାଯିବ। ଏବେ ବିଏମ୍‌ସି ଅଞ୍ଚଳରେ ୧୦ଲକ୍ଷ ୩୦୦୦ ପରିବାରଙ୍କ ରାଶନ କାର୍ଡ ରହିଛି। ଅପରପକ୍ଷେ ନୂଆ କାର୍ଡ ପାଇଁ ଏଯାବତ୍ ୧୫୦୮୭ଟି ପରିବାର ଆବେଦନ କରିଛନ୍ତି। ଏଥିମଧ୍ୟରୁ ୩,୨୫୫ ପରିବାରକୁ ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ କରାଯାଇଛି। ୪୦୭୭ ପରିବାରଙ୍କ ଆବେଦନ ନାକଚ ହୋଇ ଅଯୋଗ୍ୟ ଘୋଷଣା କରାଯାଇଛି। ଅବଶିଷ୍ଟ ୭୭୫୫ ଆବେଦନର ଘୋଷଣା ଖୁବ୍‌ଶୀଘ୍ର ହେବ ବୋଲି ସୂଚନା ଦିଆଯାଇଛି। ନାଗରିକମାନେ କିପରି ଏହି ସୁବିଧା ପାଇବେ ସେଥିପାଇଁ ଇ-କେୱାଇସିରେ ଯୋଗ୍ୟ ପରିବାରଙ୍କୁ ସହଯୋଗ କରିବାକୁ କର୍ପୋରେଟରମାନଙ୍କୁ ମେୟର ସୁଲୋଚନା ଦାସ ଅନୁରୋଧ କରିଥିଲେ। ବୈଠକରେ ମେୟର ଅଧ୍ୟକ୍ଷତା କରିଥିବାବେଳେ ମହାନଗର ନିଗମର ସମସ୍ତ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ଏବଂ କର୍ପୋରେଟର ଉପସ୍ଥିତ ଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ପ୍ରିୟଙ୍କା ମଲ୍ଲିକ ଏବଂ ଏନ୍. ଗଣେଶ ବାବୁ ବୈଠକ ପରିଚାଳନା କରିଥିଲେ।

**୨୧ରୁ ୩ଟି ଜୋନ୍‌ରେ ହେବ ଇ-କେୱାଇସି**



ବିଏମ୍‌ସି ବୈଠକରେ ଉପସ୍ଥିତ କର୍ପୋରେଟରମାନେ।

# ଡ.ସତ୍ୟବ୍ରତ ମୀନକେତନଙ୍କ ୩ ପୁସ୍ତକ ଉନ୍ମୋଚନ କଲେ ବାଚସ୍ପତି

ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)

ଓଡିଏମ୍ ଶିକ୍ଷାସମୂହର ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କ ଲିଖିତ ୩ଟି ପ୍ରେରଣାଦାୟୀ ପୁସ୍ତକ ଶନିବାର ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱର ଶିଶୁବିହାରସ୍ଥିତ ଓଡିଏମ୍ କ୍ୟାମ୍ପସ୍‌ରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ପୁସ୍ତକଗୁଡ଼ିକୁ ଉନ୍ମୋଚନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ହରେକୃଷ୍ଣ ଶତପଥୀ ଓ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍ ଯୋଗଦେଇଥିଲେ। ଓଡ଼ିଆ ପୁସ୍ତକ 'ମଣିଷ ଗଢ଼ା କାରିଗର'ରେ ବସ୍ତି ଶିକ୍ଷାଦାନରୁ ଉଠି ଦେଶ ନିର୍ମାଣ ଶିକ୍ଷାବିତ୍ ହେବା ପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କ ଯାତ୍ରା ରହିଛି। ଇଂଲିଶ୍ ପୁସ୍ତକ 'ବାରିଅର୍ ବ୍ରେକର୍'ରେ ମୌଳିକ ସୁବିଧାରୁ ବଞ୍ଚିତ ଗରିବ ଆଦିବାସୀଙ୍କ ଥଇଥାନ ତଥା ରକ୍ଷଣାବେକ୍ଷଣଠାରୁ ଆରମ୍ଭ କରି ବସ୍ତି ଶିକ୍ଷା ପର୍ଯ୍ୟନ୍ତ ବ୍ୟକ୍ତିଗତ, ସାମାଜିକ ଏବଂ ବ୍ୟବସ୍ଥାଗତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାର ଏକ ଆକର୍ଷଣୀୟ କାହାଣୀ ରହିଛି। ସେହିପରି ପୁସ୍ତକ 'ୟୁ କ୍ୟାନ୍ ବି ଏ ସ୍ପିକର'ରେ ସାର୍ବଜନୀନ ଭାଷଣ ଏବଂ ଆଶୁଭାଷଣ କଳାରେ ଦକ୍ଷତା ହାସଲ କରିବାକୁ ଲକ୍ଷ୍ୟ ରଖିଥିବା ଛାତ୍ର ଏବଂ ବୃତ୍ତିଗତଙ୍କ ପାଇଁ ଏକ ପ୍ରେରଣାଦାୟକ ତଥା ବ୍ୟବହାରିକ ମାର୍ଗଦର୍ଶିକା ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ତଥା ଓଡ଼ିଶା କୃଷି ଓ ପ୍ରାଦୌଗିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପ୍ରବନ୍ଧନ ସମିତିର ସଭାପତି ପ୍ରଫେସର ଡ. ପି.କେ. ଦାସ ଏବଂ ଓଡିଏମ୍ ଶିକ୍ଷାସମୂହର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ତଥା କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୫ ଜଣଙ୍କୁ ସେମାନଙ୍କ ସାହିତ୍ୟିକ ଏବଂ ଶୈକ୍ଷିକ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।



ପ୍ରଦକ୍ଷିଣା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶନିବାର ଅନୁଷ୍ଠିତ ବାର୍ଷିକ ନୃତ୍ୟ ମହୋତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ତାଲିମ ନେଲେ ଇଏସ୍‌ଆଇ ଫାର୍ମାସିଷ୍ଟ

ଭୁବନେଶ୍ୱର, ୧୯।୭(ବନ୍ଦନା ସେଠୀ)– ଶ୍ରମ ବିଭାଗ, ରାଜ୍ୟ ଶ୍ରମ ସଂସ୍ଥାନ ଆନୁକୂଲ୍ୟରେ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା(ଇଏସ୍‌ଆଇ) ନିର୍ଦ୍ଦେଶାଳୟ ସହଯୋଗିତାରେ ଇଏସ୍‌ଆଇ ଔଷଧ ବିଶେଷଜ୍ଞ(ଫାର୍ମାସିଷ୍ଟ)ଙ୍କ ତାଲିମ୍ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଶ୍ରମ ସଂସ୍ଥାନ ସମ୍ମିଳନୀ କକ୍ଷରେ ଦୁଇଦିନ ଧରି ଚାଲିଥିବା ଏହି ଶିବିରରେ ୨୫ଜଣ ଫାର୍ମାସିଷ୍ଟ ଯୋଗଦେଇଥିଲେ। ସେମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ କ୍ଷେତ୍ର ପରିଦର୍ଶନରେ କ୍ୟାପିଟାଲ ହସ୍ପିଟାଲର ସବ୍‌ଷ୍ଟୋର ପରିଦର୍ଶନ କରିଥିଲେ। ଜଗତଜୀବନ ପତି, ମିହିର କୁମାର କର, ମନୋଜ କୁମାର ହାଂସ୍‌ଦା, ବିବେକାନନ୍ଦ ବେହେରା, ଲକ୍ଷ୍ମୀକାନ୍ତ ଦେବତା, ଭାନୁପ୍ରସାଦ ମିଶ୍ର, ବି.କେ. ଲୀନା, ଅଶୋକ କୁମାର ପାତ୍ର, ସୁରେଶ କୁମାର ମହାପାତ୍ର ପ୍ରମୁଖ ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରିଥିଲେ। ତାଲିମ ଶେଷରେ ରାଜ୍ୟ ଶ୍ରମ ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗ ଅତିରିକ୍ତ ଶାସନ ସଚିବ ନୀତିରଞ୍ଜନ ସେନ୍ କୃତୀ ଫାର୍ମାସିଷ୍ଟଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ନିମ୍ବସ୍ ପକ୍ଷରୁ ୬୦ କଳାକାର ସମ୍ମାନିତ

ଭୁବନେଶ୍ୱର, ୧୯।୭
(ସୌମ୍ୟରଞ୍ଜନ ରାଉତ)

ନିମ୍ବସ୍ ପକ୍ଷରୁ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ 'କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍' ଶନିବାର ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଦଳଗତ ନୃତ୍ୟ, କାଳୀ, ମଙ୍ଗଳା ଚରଣ ନୃତ୍ୟ ସମେତ ଅନ୍ୟାନ୍ୟ ନୃତ୍ୟ ପରିବେଷଣ ହୋଇଥିଲା। ପରେ ୬୦ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, କର୍ପୋରେଟର ମାନସୀ ରାଉତରାୟ, ଟ୍ରଷ୍ଟି ଅଧ୍ୟକ୍ଷ ଅଂଶୁମାନ ମିଶ୍ର, ଓଡ଼ିଶୀ ଗୁରୁ ପୁଷ୍ପିତା ମିଶ୍ର, ମହୋତ୍ସବର ନିର୍ଦ୍ଦେଶକ ଶେୟାଶ୍ରୀ ପତି ପ୍ରମୁଖ ଉପସ୍ଥିତ ଥିଲେ। ଆଦ୍ୟାଶା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବରେ ଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରୁଛନ୍ତି।

## ବେକରେ ଓଢ଼ଣି ବାନ୍ଧି ଛାତ୍ରୀ, ଯୁବକଙ୍କ ଆତ୍ମହତ୍ୟା

**ଚୌଦ୍ୱାରରେ ୨ ପୃଥକ୍ ଅପମୃତ୍ୟୁ**

ଚୌଦ୍ୱାର,୧୯।୭(ଆଶୁତୋଷ ଦାସ)

ଚୌଦ୍ୱାର ସହରରେ ଶନିବାର ୨ଟି ଅପମୃତ୍ୟୁ ଘଟଣା ଘଟିଛି। ଚୌଦ୍ୱାର ଥାନା କପାଳେଶ୍ୱର ଅଞ୍ଚଳରେ ଜଣେ ଛାତ୍ରୀ ସକାଳେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଥିବା ବେଳେ ଚୌଦ୍ୱାର ଗ୍ରାମର ଜଣେ ଯୁବକ ଶୁକ୍ରବାର ରାତିରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଚୌଦ୍ୱାର କଲେଜରେ ଯୁକ୍ତ ୩ କଳା ବିଭାଗରେ ପାଠ ପଢୁଥିବା ଛାତ୍ରୀ ଘରେ କେହି ନ ଥିବା ସୁଯୋଗ ନେଇ ବେକରେ ଓଢ଼ଣି ବାନ୍ଧି ଛାତରେ ଝୁଲି ପଡିଥିଲେ। ପରିବାର ଲୋକେ ଦେଖି ସ୍ଥାନୀୟ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ସେହିପରି ଚୌଦ୍ୱାର ଖର୍ଦ୍ଦାସାହିରେ ଏକ ଭଡ଼ାଘରେ ରହୁଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କୟଳପଡ଼ା ଗ୍ରାମର ସୁବାସ ଚନ୍ଦ୍ର ବେହେରା (୩୬) ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ଓଢ଼ଣିରେ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ଶବବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଉଭୟଙ୍କ ଆତ୍ମହତ୍ୟାର ଠିକ କାରଣ ଜଣାପଡ଼ିନାହିଁ। ଏ ନେଇ ଥାନାରେ ୨ଟି ପୃଥକ ଅପମୃତ୍ୟୁ ମାମଲା (ନଂ.୧୫ ଓ ୧୬/୨୫) ରୁଜୁ ହୋଇଛି।

# ଓଡ଼ିଶୀରେ ବିଭୋର ହେଲେ ଦର୍ଶକ

**ପ୍ରଦକ୍ଷିଣା ସ୍କୁଲ ଅଫ୍ ଓଡ଼ିଶୀ ଡ୍ୟାନ୍ସର ୬ଷ୍ଠ ବାର୍ଷିକ ଉତ୍ସବ**

ଭୁବନେଶ୍ୱର, ୧୯।୭ (ସୌମ୍ୟରଞ୍ଜନ ରାଉତ)

ପ୍ରଦକ୍ଷିଣା ସ୍କୁଲ ଅଫ୍ ଓଡିଶୀ ଡ୍ୟାନ୍ସର ୬ଷ୍ଠ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶୀ ନୃତ୍ୟ ସନ୍ଧ୍ୟା ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ଅଧିବେଶନରେ ଓଡ଼ିଶୀ ପରିବେଷଣ ଥିଲା। ଏହାର ସଙ୍ଗୀତ ସଂଯୋଜନା ବିନାୟକ ନେଟକେ ଓ ନୃତ୍ୟ ସଂଯୋଜନା ଅଂଶୁମାନ ମିଶ୍ର କରିଥିଲେ। ଆରାଧ୍ୟା, ଅର୍କିଶା, ଆୟୁଷୀ, ଆଦିକାଙ୍କ ସମେତ ଅନ୍ୟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ଶିଷ୍ୟ ସୌରଭ ମହାନ୍ତି ଓ ରୋହିଣୀ ସାମଲଙ୍କ ଦ୍ୱାରା ଓଡ଼ିଶୀ ଦ୍ୱୈତ ନୃତ୍ୟ ଶିବାଷ୍ଟକ ପରିବେଷିତ ହୋଇଥିଲା। ନୃତ୍ୟ ସମୟରେ ପ୍ରଦକ୍ଷିଣାର ନୃତ୍ୟଶିଳ୍ପୀମାନେ ଚମତ୍କାର ଓ ଆକର୍ଷଣୀୟ ଅଙ୍ଗଭଙ୍ଗୀ ସାଙ୍ଗକୁ ତାଳ, ଲୟ ଓ ଛନ୍ଦର ସମ୍ମିଶ୍ରଣରେ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ଡ. ଇଲିଆନା ସିତ୍ତାରିସ୍ତି, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଡ. ଅରୁଣା ମହାନ୍ତି, ଏବିଆଇଟି ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ୍ସର ପରିଚାଳନା ଟ୍ରଷ୍ଟି ଇଂ. ସତ୍ୟଦର୍ଶୀ ମିଶ୍ର, ଏବିଆଇଟି ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ୍ସର ପରିଚାଳନା ଟ୍ରଷ୍ଟି ଇଂ. ପାୟଲ ମହାପାତ୍ର, ଅନୁଷ୍ଠାନର ଟ୍ରଷ୍ଟି ଗୁରୁ ରତିକାନ୍ତ ମହାପାତ୍ର ଏବଂ ପ୍ରଦକ୍ଷିଣାର ନିର୍ଦ୍ଦେଶକ ଅଂଶୁମାନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପଦାଭିଷେକ ସମାରୋହ

ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲର ବାର୍ଷିକ ପଦାଭିଷେକ ସମାରୋହ ସ୍କୁଲର ଇନ୍ଦ୍ରପ୍ରସ୍ଥ ଅଡ଼ିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ନୂତନ ଛାତ୍ର ପରିଷଦ କର୍ମକର୍ତ୍ତା ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର-କଟକ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଯୋଗଦେଇ ୨୦୨୫-୨୬ ବର୍ଷ ପାଇଁ ଛାତ୍ର ପରିଷଦରେ ନୂତନ ପଦବୀ ପାଇଥିବା ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ବ୍ୟାଜ୍ ପ୍ରଦାନ କରିଥିଲେ। ଏ ଅବସରରେ କମିଶନର ସିଂ କହିଥିଲେ, ନେତୃତ୍ୱ କେବେ ବି ଏକ କାର୍ଯ୍ୟ ନୁହେଁ ବରଂ ଏହା ସହଯୋଗ, ସହାନୁଭୂତି ଓ ଅନ୍ୟମାନଙ୍କୁ ଉପରକୁ ଉଠାଇବାର କ୍ଷମତା ବୃଦ୍ଧି କରାଏ। ଡିଜିଟାଲ ଦୁନିଆରେ ଛାତ୍ରୀଛାତ୍ରମାନେ ସାଇବର ବିପଦ ପ୍ରତି ସତର୍କ ରହିବା ଓ ସୋସିଆଲ ମିଡିଆରେ ପୋଷ୍ଟ ବିଷୟରେ ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପୋଲିସ କମିଶନର ଛାତ୍ରୀଛାତ୍ରଙ୍କୁ ସଚେତନତା ଏବଂ ଦାୟିତ୍ୱ ସହିତ ନେତୃତ୍ୱ ନେବାକୁ ପ୍ରେରଣା ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ଯେତେବେଳେ ଝଡ଼ ଆସେ ସେତେବେଳେ ଅଧିକାଂଶ ପକ୍ଷୀ ଆଶ୍ରୟ ଖୋଜନ୍ତି। କିନ୍ତୁ ଚିଲ ଆଶ୍ରୟ ନିଏ ନାହିଁ, ଝଡ଼କୁ ଖାତିର ନ କରି ପବନକୁ ବ୍ୟବହାର କରି ଉଚ୍ଚକୁ ଉଡ଼େ। ସେହିପରି ତୁମେମାନେ ଚ୍ୟାଲେଞ୍ଜରୁ ଉପରକୁ ଉଠିବାକୁ ପଡ଼ିବ। ଛାତ୍ରୀଛାତ୍ରଙ୍କୁ ନେତୃତ୍ୱ ନେବାର କୌଶଳ ଶିକ୍ଷା ଦେବା ସହିତ ଚ୍ୟାଲେଞ୍ଜ ନେବାକୁ ସେ ଆହ୍ୱାନ ଦେଇଥିଲେ। ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ହେଡ୍ ବୟ ଭାବେ ସାୟଦ୍ ଆୟାନ୍ ଅଲି ଓ ହେଡ୍ ଗର୍ଲ ଭାବେ ସାଗୁନ୍ ସାମନ୍ତରାୟ ଚୟନ ହୋଇଥିଲେ। ସେହିପରି ବିଭିନ୍ନ ବିଭାଗ ପାଇଁ ଚୟନ ହୋଇଥିବା ବିଦ୍ୟାଳୟର ୪୩ଜଣ ଛାତ୍ରୀଛାତ୍ର ଶପଥ ଗ୍ରହଣ କରିଥିଲେ ଓ ୯୨ଜଣ ଛାତ୍ରୀଛାତ୍ର ବିଭିନ୍ନ କ୍ଲବର ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ ଓ ଜୁନିୟର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଉପସ୍ଥିତ ଥିଲେ।




ସମାରୋହରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଉଛନ୍ତି।

# ସର୍ବନିମ୍ନ ପେନ୍‌ସନ ବୃଦ୍ଧି ଲାଗି ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର, ୧୯।୭(ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନ ଆସୋସିଏଶନ ପକ୍ଷରୁ ସର୍ବନିମ୍ନ ପେନ୍‌ସନ ୧ ହଜାରରୁ ୯ ହଜାର ଟଙ୍କାକୁ ବୃଦ୍ଧି ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଶନିବାର ଆସୋସିଏଶନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦେଶରେ ଥିବା ୮୦ ଲକ୍ଷ ପେନ୍‌ସନଭୋଗୀଙ୍କ ମଧ୍ୟରୁ ୩୫ ଲକ୍ଷ ପେନ୍‌ସନଭୋଗୀ ମାସିକ ୧ହଜାର ଟଙ୍କାରୁ କମ୍ ପେନ୍‌ସନ ପାଉଛନ୍ତି। ୨୦୧୪ରେ କେନ୍ଦ୍ର ସରକାର ଇପିଏଫ୍ ପେନ୍‌ସନଭୋଗୀଙ୍କ କ୍ଷେତ୍ରରେ ବିନା ମହଙ୍ଗା ଭତ୍ତାରେ ସର୍ବନିମ୍ନ ମାସିକ ପେନ୍‌ସନ ୧ହଜାର ଟଙ୍କା ଲାଗୁ କରିଛନ୍ତି। ଏକ ପରିସଂଖ୍ୟାନ ଅନୁଯାୟୀ, ହାରାହାରି ଇପିଏଫ୍ ପେନ୍‌ସନଭୋଗୀଙ୍କୁ ଜଣ ପିଛା ମାତ୍ର ୧୫୦୦ଟଙ୍କା ମିଳୁଛି, ଯାହା କେତେକ ରାଜ୍ୟ ସରକାର ପ୍ରଦାନ କରୁଥିବା ବାର୍ଦ୍ଧକ୍ୟ ଭତ୍ତାଠାରୁ ମଧ୍ୟ କମ୍। ଇତିମଧ୍ୟରେ ୧୧ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଏହି ସର୍ବନିମ୍ନ ୧ହଜାର ଟଙ୍କା ପେନସନ୍ ରାଶିକୁ ବୃଦ୍ଧି କରିବାରେ କେନ୍ଦ୍ର ସରକାର ଚରମ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ସେହିପରି ପେନ୍‌ସନ ବୃଦ୍ଧି ବାବଦରେ ବିଗତ ବର୍ଷଗୁଡ଼ିକରେ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ଉଦାସୀନତା ସଂପୃକ୍ତ ପେନସନ୍‌ଭୋଗୀ ତଥା ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି ବୋଲି ଆସୋସିଏଶନର ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସୂଚନା ଦେଇଛନ୍ତି।

# ଧନ୍ଦାମୂଳକ କନିଷ୍ଠ ଅଧ୍ୟାପିକାଅଧ୍ୟାପକଙ୍କ ପ୍ରଶିକ୍ଷଣ ସରିଲା

ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ୫୪ଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କନିଷ୍ଠ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପାଇଁ ୪ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ସେଞ୍ଚୁରିଅନ ୟୁନିଭର୍ସିଟି ଜଟଣୀ ଓ ପାରଳାଖେମୁଣ୍ଡିଠାରେ ୧୬ ତାରିଖରୁ ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଶିକ୍ଷଣରେ ଜଟଣୀଠାରେ ୬ଟି କର୍ମବିଦ୍ୟା ଯଥା ଟୁରିଜମ୍ ଆଣ୍ଡ୍ ହସ୍ପିଟାଲିଟି, ଏସ୍‌ପିଇଏଫ୍‌ଏଲ୍, ସିଆର୍‌ଏମ୍, ଇନ୍‌ସ୍ୟୁରାନ୍ସ, ଓଏମ୍, ବିଏଫ୍‌ଏସ୍‌ଆଇର ଅଧ୍ୟାପିକା ଓ ଅଧ୍ୟାପକମାନେ ପ୍ରଶିକ୍ଷଣ ଗ୍ରହଣ କରିଥିବା ବେଳେ ପାରଳାଖେମୁଣ୍ଡିଠାରେ ହର୍ଟିକଲଚର, ସେରିକଲଚର ଓ ଇନ୍‌ଲାଣ୍ଡ ଫିଶରିସ୍‌ର ଅଧ୍ୟାପିକା ଓ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ମଧୁସୂଦନ ମଲ୍ଲିକ, ଡ. ଜ୍ୟୋତି ପ୍ରକାଶ ରଥ, ସେଞ୍ଚୁରିଅନ ୟୁନିଭର୍ସିଟିର ପ୍ରୋ ଭାଇସ୍ ଚାନ୍ସେଲର ଡ. ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଧନ୍ଦାମୂଳକ ଶିକ୍ଷାରେ ଦକ୍ଷତା ବିକାଶର ଭୂମିକା ବିଷୟରେ କହିଥିଲେ। ନିର୍ଦ୍ଦେଶାଳୟର ଗବେଷଣା ସହାୟିକା ସ୍ମିତାରେଖା ମହାନ୍ତି ଧନ୍ୟବାଦ ଦେଇଥିଲେ।




ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ମଧୁସୂଦନ ମଲ୍ଲିକ ଓ ଅନ୍ୟମାନଙ୍କ ଗହଣରେ ପ୍ରଶିକ୍ଷଣ ନେଇଥିବା ଅଧ୍ୟାପିକାଅଧ୍ୟାପକ।

# ସବୁ କ୍ଷେତ୍ରରେ ବିପ୍ଳବ ଆଣୁଛି ଏଆଇ

**ସାଇବର ସୁରକ୍ଷା, ଡିଜିଟାଲ ଇଣ୍ଡିଆର ଭବିଷ୍ୟତ ଉପରେ କର୍ମଶାଳା**

ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠସ୍ଥିତ ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ(ସିୟୁଜି)ର ବୋଷ୍ ଅଡିଟୋରିୟମ୍‌ରେ 'ଏଆଇ, ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଓ ସାଇବର ସୁରକ୍ଷା: ଡିଜିଟାଲ ଇଣ୍ଡିଆର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇଇଇଇ ଛାତ୍ର ଶାଖା, ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର(ଏଆଇସି-ସିୟୁଜି) ଏବଂ ଇନ୍‌ଷ୍ଟିଚ୍ୟୁଶନ୍ସ ଇନୋଭେଶନ କାଉନ୍‌ସିଲ(ଆଇଆଇସି-ସିୟୁଜି) ଦ୍ୱାରା କର୍ମଶାଳା ଆୟୋଜିତ ହୋଇଥିଲା। ପିଡବ୍ଲ୍ୟୁସି ଇଣ୍ଡିଆର ସାଇବର ସୁରକ୍ଷା ନିର୍ଦ୍ଦେଶକ ଡ. ଦେବବ୍ରତ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ଡିଜିଟାଲ ପରିଦୃଶ୍ୟକୁ ନୂଆ ପ୍ରଯୁକ୍ତିବିଦ୍ୟା କିପରି ପରିବର୍ତ୍ତନ କରୁଛି ସେନେଇ ମତ ରଖିଥିଲେ। ଏଆଇ ଭାରତୀୟ ସମାଜର ପ୍ରତ୍ୟେକ ସ୍ତରରେ ପ୍ରବେଶ କରୁଥିବା ଯୋଗାଣ ଶୃଙ୍ଖଳାର ସ୍ୱୟଂଚାଳନ, ଚିକିତ୍ସା ନିର୍ଣ୍ଣୟରେ ଉନ୍ନତି, ଇ-ଗଭର୍ନାନ୍ସ ଏବଂ ଆର୍ଥିକ ସେବାରେ ବିପ୍ଳବ ଆଣୁଛି। ଗ୍ରାମୀଣ ଭାରତରେ ଏଆଇଚାଳିତ ପ୍ଲାଟ୍‌ଫର୍ମ ଚାଷୀମାନଙ୍କୁ ଫସଲ ଉତ୍ପାଦନ ଏବଂ ଜଳବାୟୁ ଅନୁକୂଳ ପାଇଁ ପୂର୍ବାନୁମାନ ବିଶ୍ଳେଷଣରେ ସାହାଯ୍ୟ କରୁଛି। ଏଥିସହ ଶିକ୍ଷାକ୍ଷେତ୍ରରେ ଅନୁକୂଳ ଶିକ୍ଷଣ ପଦ୍ଧତି ସାକ୍ଷରତା ଏବଂ ଗୁଣବତ୍ତାର ବ୍ୟବଧାନ ଦୂର କରୁଛି। ଏଆଇ ପ୍ରମାଣଆଧାରିତ ନୀତି ନିର୍ମାଣ, ସ୍ମାର୍ଟ ସହରାଞ୍ଚଳ ଯୋଜନା ଏବଂ ଦକ୍ଷ ଜନସେବା ପ୍ରଦାନରେ ସହାୟକ ହେଉଛି ବୋଲି ଡ. ନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିୟୁଜି ଉପକୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରଫେସର ତଥା ଗବେଷଣା ପରାମର୍ଶଦାତା ଗଣପତି ପଣ୍ଡାଙ୍କ ସହ ଅନ୍ତର୍ବିଭାଗୀୟ ଅଧ୍ୟାପକମାନେ ଏବଂ ଉତ୍ସାହୀ ଛାତ୍ର ଓ ଗବେଷକମାନେ ଉପସ୍ଥିତ ଥିଲେ।



କର୍ମଶାଳାରେ ଅତିଥିଙ୍କ ସହ ଛାତ୍ର ଓ ଗବେଷକମାନେ।

# 'ପାଣି ଟୋପେ ଦିଅ, ମୋତେ ବଞ୍ଚାଅ'

## ସହାୟତା କରି ମାନବିକତା ଦେଖାଇଲେ ଦୁଃଖୀଶ୍ୟାମ

ବଳଙ୍ଗା,୧୯।୭(କେଦାରେଶ୍ୱର ନନ୍ଦ)

'ପାଣି ଟୋପେ ଦିଅ, ମୋତେ ବଞ୍ଚାଅ'। ନାବାଳିକା ଛାତ୍ରୀଜଣକ ଜଳୁଥିବା ଅବସ୍ଥାରେ କୌଣସିମତେ ଦୁର୍ବୃତ୍ତମାନଙ୍କ କବଳରୁ ନିଜକୁ ରକ୍ଷାକରି ସ୍ଥାନୀୟ ତେରହଲ ଗ୍ରାମର ଦୁଃଖୀଶ୍ୟାମ ସେନାପତିଙ୍କ ଘରକୁ ଦୌଡ଼ିଯାଇ କାନ୍ଦିକାନ୍ଦି ଏପରି ଗୁହାରି କରିଥିଲେ। ଦୁଃଖୀଶ୍ୟାମ ହଠାତ୍ କିଛି ବୁଝିପାରି ନ ଥିଲେ ମଧ୍ୟ ତାଙ୍କୁ ତତ୍କ୍ଷଣାତ୍ ନିଜ ଘର ଭିତରକୁ ନେଇଯାଇ ପରିବାର ଲୋକଙ୍କୁ ଡାକ ପକାଇଥିଲେ। ନାବାଳିକାଙ୍କ ଡ୍ରେସ୍ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ପ୍ରଥମେ ଦୁଃଖୀଶ୍ୟାମଙ୍କ ଝିଆରୀ ତାଙ୍କ ଡ୍ରେସ୍



ଦୁଃଖୀଶ୍ୟାମ ସେନାପତି।

ବଦଳାଇ ଏକ ନାଇଟ୍ ପିନ୍ଧାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପାଣି ପିଇବାକୁ ଦେବା ସହ ଯଥାସମ୍ଭବ ଆଶୁ ଚିକିତ୍ସା କରିଥିଲେ। ସମ୍ପୃକ୍ତ ନାବାଳିକାଙ୍କଠାରୁ ସମସ୍ତ କଥା ଶୁଣିବା ପରେ ସେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେମାନଙ୍କ ସହଯୋଗରେ ନାବାଳିକାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା ମଧ୍ୟ କରିଥିଲେ। ଏପରି କି ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ଜାଣିବା ପାଇଁ ସେ ଘଟଣାସ୍ଥଳକୁ ଧାଇଁଥିଲେ। ତେବେ ସେତେବେଳକୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ଦୁଃଖୀଶ୍ୟାମଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଥିବାବେଳେ ସେ ମାନବିକତା ଦେଖାଇ ଭାଇଚାରାର ଉଦାହରଣ ସୃଷ୍ଟି କରିଥିବା ମତ ପ୍ରକାଶ ପାଇଛି।



କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଲୋକଙ୍କୁ ପଚରାଉଚରା କରୁଛନ୍ତି।



ଘଟଣାସ୍ଥଳକୁ ଘୋଡ଼ାଇ ରଖାଯାଉଛି।

## 'ଆମେ ନିଜକୁ ସୁରକ୍ଷିତ ମଣୁନାହୁଁ'

ବଳଙ୍ଗା ଅଞ୍ଚଳରେ ଏଭଳି ଘଟଣା ପ୍ରଥମ ଥର ଘଟିଛି। ସ୍ୱଷ୍ଟ ଦିବାଲୋକରେ ଲୋକଙ୍କ ଚଳପ୍ରଚଳ ରାସ୍ତାରେ ଏହି ଘଟଣା ଘଟିଥିବାରୁ ଆମେ ନିଜକୁ ସୁରକ୍ଷିତ ମଣୁନାହୁଁ। ବିଶେଷକରି ଏଣିକି ଆମ ଝିଅବୋହୂମାନେ ପଦାକୁ ବାହାରିବାକୁ ଡରିବେ ବୋଲି ସ୍ଥାନୀୟ ଅଞ୍ଚଳର କେତେଜଣ ବାସିନ୍ଦା ଗଣମାଧ୍ୟମ ଆଗରେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାତି ଅଧରେ ବି ଲୋକେ ଏହି ରାସ୍ତାରେ ଯାତାୟାତ କରିଛନ୍ତି, କେବେ କିଛି କ୍ଷତି ଘଟିନି। ଆଜି କିନ୍ତୁ କାହିଁକି ଏହି ଘଟଣା ଘଟିଲା ତାହା ବୁଝାପଡୁନି ବୋଲି କେତେଜଣ କହିଛନ୍ତି।



ଘଟଣାସ୍ଥଳରେ ଲୋକଙ୍କ ସମାଗମ।

## ପୂର୍ବ ଯୋଜନା ସନ୍ଦେହ: ତଦନ୍ତକୁ ଅପେକ୍ଷା

ବଡ଼ବାପାଙ୍କ ଘରକୁ ପୀଡ଼ିତା ଛାତ୍ରୀ ଆସିଥିବାବେଳେ କିଛି ଦୂର ରାସ୍ତାରେ ଏହି ଘଟଣା ଘଟିଛି। ଘଟଣା ସମୟରେ ପୀଡ଼ିତା ରକ୍ଷା ପାଇବା ପାଇଁ ଚିତ୍କାର କରିଥିଲେ। ତେବେ ସେମାନଙ୍କ ପରିବାର ଲୋକେ କିପରି ଏ ସମ୍ପର୍କରେ ଜାଣିପାରିଲେ ନାହିଁ ତାହା ସମସ୍ତଙ୍କୁ ବିସ୍ମିତ କରିଛି। ସେହିପରି ପୀଡ଼ିତାଙ୍କ ପଛେ ପଛେ ଦୁଇଜଣ ଯୁବତୀ ଆସୁଥିବା କୁହାଯାଉଛି। ଏହି ଘଟଣା ଯୋଜନାବଦ୍ଧ ଭାବେ ହୋଇଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ତଦନ୍ତ ପରେ ସବୁକିଛି ସ୍ୱଷ୍ଟ ହେବ।



ଜବତ ହୋଇଥିବା କପଡ଼ାର କିଛି ଅଂଶ ।

## 'ଦୁର୍ବୃତ୍ତଙ୍କୁ କଠୋର ଦଣ୍ଡ ମିଳୁ'

ନାବାଳିକା ଛାତ୍ରୀଙ୍କ ପ୍ରତି ଦୁର୍ବୃତ୍ତମାନେ ଯେଉଁଭଳି କଠୋର ହୋଇ ଅମାନବୀୟ କାଣ୍ଡ ଘଟାଇଛନ୍ତି, ସେହିଭଳି ଦୁର୍ବୃତ୍ତମାନଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଘଟଣା ଅତ୍ୟନ୍ତ ଦୁଃଖଦ ବୋଲି ସମସ୍ତେ ମତ ପୋଷଣ କରିଛନ୍ତି। ପୋଲିସ ତୁରନ୍ତ ସମସ୍ତ ଦୋଷୀଙ୍କୁ ଖୋଜି ବାହାର କରିବା ସହ ଗିରଫ କରି ଜେଲ ପଠାଉ ବୋଲି ପୀଡ଼ିତାଙ୍କ ପରିବାର ସମେତ ବଳଙ୍ଗା ଜନସାଧାରଣ ଦାବି କରିଛନ୍ତି।



ପୋଡ଼ା କପଡ଼ା ପଡ଼ିଛି।



ଏସ୍‌ପି ପିନାକ ମିଶ୍ର ତଦନ୍ତ କରୁଛନ୍ତି।

## ୨ ସ୍ପେଶାଲ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଛି: ଏସ୍‌ପି

ଏହା ଏକ ଅତ୍ୟନ୍ତ ଦୁଃଖଦ ତଥା ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣା। ୨ଟି ସ୍ପେଶାଲ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଛି। ସାଇଣ୍ଟିଫିକ୍ ଟିମ୍, ଫରେନସିକ ଟିମ୍ ଓ ଡଗ୍ ସ୍କାଡ୍ ଦ୍ୱାରା ଘଟଣାର ଅନୁସନ୍ଧାନ କରାଯାଇଥିବାବେଳେ ନିକଟସ୍ଥ ଘର ସମ୍ମୁଖରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରୁଛି। ଘଟଣାସ୍ଥଳକୁ ଜବତ ହୋଇଥିବା ସାମଗ୍ରୀକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଦୁର୍ବୃତ୍ତମାନେ କିଏ ଓ କାହିଁକି ଏଭଳି କାଣ୍ଡ ଭିଆଇଲେ ତାହା ଏପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନାହିଁ। କାହାକୁ ସନ୍ଦେହରେ ଅଟକ ରଖାଯାଇନାହିଁ। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ପୋଲିସ ଉଦ୍ୟମ ଚଳାଇଛି ବୋଲି ଏସ୍‌ପି ପିନାକ ମିଶ୍ର କହିଛନ୍ତି।

## ଘଟଣା ଅତ୍ୟନ୍ତ ଦୁଃଖଦାୟକ: ଜିଲାପାଳ

ନିମାପଡ଼ା ବ୍ଲକ୍ ବଙ୍ଗଳା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପୋଡ଼ିବାକୁ ଉଦ୍ୟମ କରିବା ଘଟଣା ସମ୍ପର୍କରେ ଜିଲାପାଳ ଚଞ୍ଚଳ କୁମାର ରାଣା କହିଛନ୍ତି, ଘଟଣା ଅତ୍ୟନ୍ତ ଦୁଃଖଦାୟକ। କିଛି ଦୁର୍ବୃତ୍ତ ନାବାଳିକାଙ୍କୁ କିରୋସିନ ପକାଇ ନିଆଁ ଲଗାଇ ଦେଇଥିବା ଘଟଣା ସାମ୍ନାକୁ ଆସିଛି। ପ୍ରଥମେ ସ୍ଥାନୀୟ ମେଡିକାଲ୍‌ରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ଭାବେ ପୁରୀ ପ୍ରଶାସନ ପକ୍ଷରୁ କିଛି ଆର୍ଥିକ ସହାୟତା କରାଯାଇଛି। ପରେ ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ଓ ପୁରୀ ଜିଲା ପ୍ରଶାସନ ବହନ କରିବ। ଲଗାତର ଆମେ ଏମ୍ସ ଡାକ୍ତରଙ୍କ ସହିତ ଯୋଗାଯୋଗରେ ରହିଛୁ। ଘଟଣାକୁ ଅତି ଗୁରୁତ୍ୱର ସହ ନିଆଯାଇ ତଦନ୍ତ କରାଯାଉଛି।

## ୧୦ ଜଣଙ୍କୁ ଉଠାଇନେଲା ପୋଲିସ

ନାବାଳିକା ଛାତ୍ରୀଙ୍କୁ ଜାଳିଦେବା ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ କିଛି ଜିନିଷ ଓ ନିକଟସ୍ଥ ଘରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି ପୋଲିସ। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଦେହରେ ୧୦ ଜଣଙ୍କୁ ପୋଲିସ ଉଠାଇ ନେଇ ଥାନା ପରିବର୍ତ୍ତେ ଏକ ଗୁପ୍ତ ସ୍ଥାନରେ ପଚରାଉଚରା କରୁଛି। ସେମାନଙ୍କ ମଧ୍ୟରେ ଜଣେ ଝିଅଙ୍କ ସମେତ କେତେଜଣ ମହିଳା ଓ ପୁରୁଷ ରହିଛନ୍ତି। ଏ ସମ୍ପର୍କରେ ବଳଙ୍ଗା ଥାନା ପୋଲିସ କିଛି କହିବାକୁ ମନା କରିଦେଇଛି।

## ଜିଲାସ୍ତରୀୟ କନିଷ୍ଠ ମୁଷ୍ଟିଯୁଦ୍ଧ ଚୟନ ପ୍ରତିଯୋଗିତା

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରରେ କନିଷ୍ଠ ବାଳକ ଓ ବାଳିକା ମୁଷ୍ଟିଯୁଦ୍ଧ ଦଳ ଚୟନ ପ୍ରତିଯୋଗିତା ପୁରୀ ଷ୍ଟାଡିୟମ ଗ୍ରାଉଣ୍ଡଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂସଦ ତରଫରୁ ଆୟୋଜିତ ଏହି ଚୟନ ପ୍ରତିଯୋଗିତାରେ ବିଭିନ୍ନ ବ୍ଲକ ଓ ନଗର ଅଞ୍ଚଳରୁ ଅନେକ ପ୍ରତିଭାଶାଳୀ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଦକ୍ଷତା ଓ ନିୟମିତତା ଦେଖାଇ ଚୟନ ହୋଇଥିବା ବାଳକ ଓ ବାଳିକାମାନେ ବର୍ତ୍ତମାନ ଆଗାମୀ ୨୫ ଓ ୨୬ ତାରିଖରେ ରାଉରକେଲାଠାରେ ଆୟୋଜନ ହେବାକୁ ଥିବା ରାଜ୍ୟସ୍ତରୀୟ କନିଷ୍ଠ ବାଳକ ଓ ବାଳିକା ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ପୁରୀ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ଅବସରରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ଭଲିବଲ ପ୍ରଶିକ୍ଷକ ଅଜୟ କୁମାର ତ୍ରିପାଠୀ, ପୁରୀ ବକ୍ସିଂ ଏକାଡେମୀର ସଂସ୍ଥାପକ ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱଭୂଷଣ ପଣ୍ଡା, ଲକ୍ଷ୍ମୀଧର ମୁଦୁଲି, ବିଶ୍ୱନାଥ ସ୍ୱାଇଁ, ଚନ୍ଦନ ଥାପ୍ପା, ପ୍ରିୟଙ୍କା ସାହୁ, ରାଜଲକ୍ଷ୍ମୀ ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜିଲାସ୍ତରୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଉପସ୍ଥିତ ମୁଷ୍ଟିଯୋଦ୍ଧାମାନେ।

## ସୁତନ ସମବାୟ ସମିତିରେ ଚାଷୀ ଅବହେଳିତ

ଗୋପ,୧୯।୭(ଭାରତୀ ଭୂଷଣ ଉପାଧ୍ୟାୟ)

### ଜିଲାପାଳଙ୍କ ନିକଟରେ ଅଭିଯୋଗ

ସମବାୟ ସମିତି ସଂସ୍ଥାଟି ଚାଷୀମାନଙ୍କୁ ସାହାଯ୍ୟ ସହଯୋଗ ଓ ସଶକ୍ତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପାଇଁ ସବୁଠାରୁ ନିର୍ଭର ଓ ବିଶ୍ୱାସଯୋଗ୍ୟ ଅନୁଷ୍ଠାନ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ପୁରୀ ଜିଲା ଗୋପ ବ୍ଲକର ସୁତନ ସମବାୟ ସମିତିରେ କିଛି ବ୍ୟତିକ୍ରମ ଦେଖିବାକୁ ମିଳିଛି। ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀମାନଙ୍କ ପ୍ରତି ପ୍ରତାରଣା ସମସ୍ତ ସୀମା ପାର କରିବାରୁ ଚାଷୀମାନେ ସମ୍ମିଳିତ ହୋଇ ପୁରୀ ଜିଲାପାଳଙ୍କୁ ନିଜ ଦୁଃଖ ଜଣାଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, କେତେଜଣ ମୁଷ୍ଟିମେୟଙ୍କ ଇଙ୍ଗିତରେ ସମବାୟ ସମିତି ଚାଲିଛି। ସମବାୟ ସମିତିର କୌଣସି କଥା ଚାଷୀମାନଙ୍କୁ କେବେ ଜଣାଯାଏ ନାହିଁ। ଯଦି କେହି ଚାଷୀ ମେମ୍ବର ହେବାକୁ ଚାହେଁ, ତେବେ ଏବେ ହେଉନି କହି ବିଦା କରାଯାଏ। କେବେ ସଭା ସମିତି ନ ହେବା, ବର୍ଷ ବର୍ଷ ଧରି ପଦ ପଦବୀ ପରିବର୍ତ୍ତନ ନ ହେବା, ମଣ୍ଡିରେ ନାମ ରେଜିଷ୍ଟ୍ରି ଭୟ ଓ ଟୋକନ କାଟି ଦେବାର ଭୟ ଦେଖାଇ ଚାଷ ହେଉ ନ ଥିବା ଜମି ଦେଇ ବେପାରୀମାନଙ୍କ ସହ ସଲାସୁତୁରା ହୋଇ ମଣ୍ଡିରେ ଧାନ ଦେବା ଭଳି ସଙ୍ଗିନ୍ ଅଭିଯୋଗ ଜିଲାପାଳ, ପୁରୀ ସମବାୟ ସମିତି ଉପନିବନ୍ଧକ, ଜିଲା ଯୋଗାଣ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ନିମାପଡ଼ା ଆଦିଙ୍କୁ ଅବଗତ କରାଯାଇଛି। ତୁରନ୍ତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ତଦନ୍ତ କରିବା ଲାଗି ଚାଷୀମାନେ ଦାବି କରିଛନ୍ତି। ସେବା ସମବାୟ ସମିତି ବହୁ ଦିନ ଧରି ସୁତନ ମୌଜାରେ ଚାଲୁଥିଲା। ୧୯୯୯ ମସିହା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମବାୟ ସମିତି କାର୍ଯ୍ୟାଳୟଟି ଭାଙ୍ଗିଯିବାରୁ ତରୋକର ଗ୍ରାମରେ ସମ୍ପାଦକ ନିଜ ଘରେ ଅଫିସ୍ କାର୍ଯ୍ୟ କରୁଛନ୍ତି। ମାତ୍ର ପଞ୍ଚାୟତ ବିଭାଜନ ପରେ ସୁତନ ପଞ୍ଚାୟତ ଚାଷୀମାନେ ବହୁ ଅବହେଳାର ଶିକାର ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ସରକାରଙ୍କ ତରଫରୁ ଆସିଥିବା ଧାନ କ୍ରୟ କେନ୍ଦ୍ରକୁ ସୁତନରେ ନ କରାଇଦେବା ଭଳି ହୀନ ଚକ୍ରାନ୍ତ ଏହାର ଏକ ଜ୍ୱଳନ୍ତ ଉଦାହରଣ। ସୁତନରେ ସମସ୍ତ ଭିତ୍ତିଭୂମି ଥାଇ ସୁଦ୍ଧା କାହିଁକି ସମବାୟ ଅଫିସ ଚାଲୁନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୁତନକୁ ସମବାୟ ସମିତି ଫେରାଇ ଆଣିବା ଓ ଧାନ କ୍ରୟ ପିଣ୍ଡି ତ୍ୱରିତ ନିର୍ମାଣ କରିବା ପାଇଁ ସୁତନ ପଞ୍ଚାୟତର ଚାଷୀମାନେ ସମବାୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଅନୁରୋଧ କରିଛନ୍ତି।

## ଯୋଗାସନ ବିଚାରକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଯୋଗ ପ୍ରଶିକ୍ଷଣ ଶିବିରରେ ଭାଗନେଇଥିବା ପ୍ରତିଯୋଗୀମାନେ।

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମଠାରେ ଯୋଗାସନ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାଙ୍କ ଆନୁକୂଲ୍ୟରେ ଷଷ୍ଠ ଯୋଗ ବିଚାରକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୨ଜଣ ଯୋଗ ବିଚାରକ ଅଂଶଗ୍ରହଣ କରିଥିଲେ। ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଏହି ବିଚାରକମାନେ ଅଂଶଗ୍ରହଣ କରି ଉପଯୁକ୍ତ ପ୍ରତିଯୋଗୀ ଅନ୍ୱେଷଣ କରିବା ସହ ଜାତୀୟସ୍ତରରେ ପ୍ରତିଭା ଦେଖାଇ ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ବିଚାରକମାନେ ଆଶା ପୋଷଣ କରିଥିଲେ। ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଯୋଗାସନ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଦିବାକର ହରିଚନ୍ଦନ, ଉପସଭାପତି ବିଥିକା ମହାନ୍ତି, ରାମବଲ୍ଲଭ ମହାପାତ୍ର, ସମ୍ପାଦକ ମନୋଜ ମୁଖାର୍ଜୀ, ଯୁଗ୍ମ ସମ୍ପାଦକ ଆଲୋକ କୁମାର ସ୍ୱାଇଁ, ପ୍ରକାଶ ଗୋଛିକାର, ମମତା ସାହୁ, ସଞ୍ଜୀବ କୁମାର ମିଶ୍ର ଓ ସସ୍ମିତା ରାୟ ପ୍ରମୁଖ ଯୋଗ ଦେଇଥିଲେ। ସିନିଅର ପ୍ରୋଗ୍ରାମ ଅଧିକାରୀ ହରିଶ୍ କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ସମସ୍ତ ବିଚାରକଙ୍କ ମଧ୍ୟରେ ଦକ୍ଷତାର ଗ୍ରେଡେସନ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା।

## ଦକ୍ଷତା ହିଁ ବିଦେଶ ନେବାରେ ସହାୟକ ହେବ

ଗୋପ,୧୯।୭
(ଭାରତୀ ଭୂଷଣ ଉପାଧ୍ୟାୟ)

### ମୁକ୍ତି କଲେଜ ଅଫ୍ ନର୍ସିଂ କଲେଜରେ ସଚେତନତା କାର୍ଯ୍ୟକ୍ରମ

ଦକ୍ଷତା ଓ ଉନ୍ନତ ଚିନ୍ତାଧାରା ସହ ସେବା କ୍ଷେତ୍ରରେ ତୁମମାନଙ୍କୁ ବିଦେଶ ନେବାରେ ସହାୟକ ହୋଇପାରିବ ବୋଲି ଶନିବାର ଗୋପ ମାଟିଆଖାତସ୍ଥିତ ମୁକ୍ତି କଲେଜ ଅଫ୍ ନର୍ସିଂର ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଆମେରିକାର କାଲିଫର୍ନିଆରେ ଦୀର୍ଘ ବର୍ଷ ଧରି ଆଇଟି ଇଞ୍ଜିନିୟର କ୍ଷେତ୍ରରେ କାର୍ଯ୍ୟରତ ପ୍ରିୟଦର୍ଶନୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ସେ ମଧ୍ୟ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କେବଳ ନର୍ସିଂ ନୁହେଁ, ଆଇଟିଆଇ କ୍ଷେତ୍ରରେ ଏପରି ଏକ ସୁଯୋଗ ବିଦେଶରେ ମିଳିପାରିବା ସହିତ ସବୁବେଳେ ସୋସିଆଲ ମିଡିଆରେ ଗୁଗ୍‌ଲି ସହିତ ଅନ୍ୟ ଆପ୍ ଦ୍ୱାରା ଅନେକ ସଫଳତା ଲାଭ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ଅଧକ୍ଷ ଗଣେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁକ୍ତି ଫାଉଣ୍ଡେଶନ ଟ୍ରଷ୍ଟିର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ ଯୋଗଦେଇ ଆଜି ଆମେ ସାଧାରଣ ଲୋକଙ୍କୁ ସେବା ଯୋଗାଇଦେବା ପାଇଁ ନର୍ସିଂ ଭଳି ଶିକ୍ଷାଲାଭ କରିବା ବଡ଼କଥା ନୁହେଁ। କିପରି ଆଗକୁ ଯିବାକୁ ପଡ଼ିବ, ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ମତବ୍ୟକ୍ତ କରିବା ସହ ଏବେଠାରୁ ଆମକୁ ସ୍ୱାବଲମ୍ବୀ ଲାଗି ଆହୁରି ଅନେକ ସଫଳତା ହାସଲ କରି ବିଦେଶ ଯିବା ପାଇଁ ପ୍ରସ୍ତୁତ ହେବାର ସମୟ ଆସିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୁପ୍ରଭା ରାଣୀ ହାଜିରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିବାବେଳେ ଛାତ୍ରୀଛାତ୍ର ବିଭିନ୍ନ ପ୍ରଶ୍ନର ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ମନସ୍ୱିନୀ ପୃଷ୍ଟି, ଗୀତାଞ୍ଜଳି କାଣ୍ଡି, ସ୍ନିଗ୍ଧା ସୁଚରିତା ପାତ୍ର, ମନୋସ୍ମିତା ନାୟକ, ବିଶ୍ୱସ୍ମିତା ଲେଙ୍କା ଓ ଜ୍ୟୋତିପ୍ରଭା ଜେନା ପ୍ରମୁଖ ପରିଚାଳନା କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

## ମହାପ୍ରଭୁଙ୍କ ଚିତ୍ର ଆଙ୍କିଲେ ୨୮ ଶିଳ୍ପୀ

### ଆନ୍ତର୍ଜାତିକ ଚିତ୍ରକଳା ଶିବିର 'ନୀଳାଦ୍ରି' ଉଦ୍‌ଯାପିତ

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଏବଂ ଜଳେଶ୍ୱର ଆର୍ଟ ଫାଉଣ୍ଡେଶନ ପକ୍ଷରୁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ସମ୍ମୁଖରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର 'ନୀଳାଦ୍ରି' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦେଶ ବିଦେଶର ୨୮ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ମହାପ୍ରଭୁଙ୍କ ଚିତ୍ର ଆଙ୍କିଥିଲେ। ଏହି ଅବସରରେ ନିଜ ତୂଳୀ ସାହାଯ୍ୟରେ ଚିତ୍ରଶିଳ୍ପୀମାନେ ମହାପ୍ରଭୁଙ୍କ ଭଳିକିଭଳି ଚିତ୍ର କାନଭାସ୍‌ରେ ଆଙ୍କିଥିବା ବେଳେ ଏହାକୁ ଦେଖି ଜଗନ୍ନାଥପ୍ରେମୀ ବେଶ୍ ଉତ୍ସାହିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଏବଂ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ ଯୋଗଦେଇ ଚିତ୍ରକଳା ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତିର ପରିପ୍ରକାଶ ହୋଇଥିବାରୁ ଏହାର ପ୍ରଭାବ ସୁଦୂର ପ୍ରସାରୀ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଚିତ୍ରକର ଓ ଚିତ୍ରକଳାର ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ଓ ମହାବିଦ୍ୟାଳୟର ଅଧକ୍ଷ ଡ. ଦୁର୍ଗାମାଧବ କରଙ୍କ ଅଧକ୍ଷତାରେ ସମସ୍ତ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏଥିରେ ବରିଷ୍ଠ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ସୁକାନ୍ତ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଚିତ୍ର ଶ୍ରୀଜଗନ୍ନାଥଙ୍କ ବେଶଭୂଷାକୁ ନେଇ ଅଙ୍କନ କରାଯାଇଥିଲା। ଓଡ଼ିଶାରୁ ଦୁର୍ଗାମାଧବ କର, ବ୍ରଜ ଷଡ଼ଙ୍ଗୀ, ମୁକ୍ତିପଦ ନନ୍ଦୀ, ପ୍ରିୟବଲ୍ଲଭ ସାହୁ, ଭୂପତି ସୁର, ସନ୍ତୋଷ କାମିଲା, ପରମେଶ୍ୱର ମେହେର, ପ୍ରଣୟ ଜେନା, ପ୍ରସନ୍ନ ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର, କୁଳଧୂପ ବର୍ମା, ସ୍ମିତାରାଣୀ ବିଶ୍ୱାଳ, ଶ୍ରଦ୍ଧା ସୁମନ ସାହୁ, ତନିଶା ପଣ୍ଡା, ଜିତେନ୍ଦ୍ର ସାହୁ, ମେଘାଶ୍ରୀ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ନେପାଳରୁ ଉଦ୍ଧବ ଗୁରୁଙ୍ଗ ଯୋଗ ଦେଇଥିଲେ। ସେହିପରି ଆସାମରୁ ଅଜୟ ଦେ, ଅନନ୍ୟା ପାଲ୍, ମଧ୍ୟପ୍ରଦେଶରୁ ଅନାମିକା ଆରାଧନା, ଉତ୍ତର ପ୍ରଦେଶରୁ ରେଣୁ ପାଞ୍ଜିୱାଲ, ରାଜସ୍ଥାନରୁ ନିଲୁ ଶର୍ମା ଏବଂ କୋଲକାତାରୁ ମାରିୟମ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ଅନ୍ତର୍ଜାତୀୟ ଚିତ୍ରକଳା ଶିବିରରେ ଉପସ୍ଥିତ ଚିତ୍ରଶିଳ୍ପୀମାନେ।

## ୬ ଗୋରୁ ଉଦ୍ଧାର କଲା ପୋଲିସ

କଟକ ସଦର,(ସୁଶାନ୍ତ କୁମାର ଜେନା): ଜଗତ୍‌ସିଂହପୁର ଜିଲାକୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୬ ଗୋରୁ ଅବୈଧ ଭାବେ ଶନିବାର ନିଆଯାଉଥିଲା। କନ୍ଦରପୁର ଲେଭଲ କ୍ରସିଂ ନିକଟରେ ବଜରଙ୍ଗ ଦଳ କର୍ମୀମାନେ ଅଟକାଇବାକୁ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଶେଷରେ ଚାଳକ ଓ ହେଲପର ଗାଡ଼ି ଫେରାର ହୋଇଥିଲେ। କନ୍ଦରପୁର ପୋଲିସ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ଉଦ୍ଧାର ୬ ଗୋରୁ ବାରଙ୍ଗ ଗୋଶାଳାକୁ ପଠାଇ ଦେଇଥିଲା। ବାଲିଅନ୍ତା ପଟୁ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୨୨ବି୮୮୯୫)ରେ ଗୋରୁ ବୋଝେଇ ହୋଇ ଆସୁଥିବା ଖବର ପାଇ ବଜରଙ୍ଗ ଦଳର କର୍ମୀମାନେର ପିଛା କରିଥିଲେ। ଗାଡି ଜଗତ୍‌ସିଂହପୁର ଅଭିମୁଖେ ଯାଉଥିବା ବେଳେ ଲେଭଲ କ୍ରସିଂ ଫାଟକ ବନ୍ଦ ହୋଇଯାଇଥିଲା। ଚାଳକ ଓ ହେଲପର ଗାଡ଼ି ଛାଡ଼ି ଫେରାର ହେବା ପରେ ଗୋରୁ ଉଦ୍ଧାର କରାଯାଇଥିଲା।

## ସଂକ୍ଷେପରେ

### ରାସ୍ତାଘାଟ ମରାମତି ପାଇଁ କଂଗ୍ରେସ ପକ୍ଷରୁ ଦାବିପତ୍ର

ମଙ୍ଗୁଳି-ଜଗତପୁର,୧୯।୭(ମାନସ ସାମଲ)

ଜଗତପୁର ଅଞ୍ଚଳରେ ଆର୍‌ଏଣ୍ଡବି ଅଧୀନ ରାସ୍ତାଗୁଡ଼ିକ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହାର ତୁରନ୍ତ ମରାମତି ଦାବିରେ କଟକ ନଗର ୮ନଂ. ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ଜଗତପୁରସ୍ଥିତ ଆର୍‌ଏଣ୍ଡବିର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯନ୍ତ୍ରୀ ଅରବିନ୍ଦ ସ୍ୱାଇଁଙ୍କୁ ବିଭାଗୀୟ ଡିଭିଜନ-୨ର ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ରାସ୍ତାଗୁଡ଼ିକ ମରଣଯନ୍ତା ପାଲଟି ଥିବା ବେଳେ ଗୟାନନା ଛକଠାରୁ ଇପିକଲ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାନବାହନ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ବହୁବାର ଦୁର୍ଘଟଣା ଘଟୁଛି। ଏହାର ତୁରନ୍ତ ମରାମତି କରିବାକୁ କଂଗ୍ରେସ ଦାବି କରିଛି। ଏଥିସହିତ ଜଗତପୁର ଷ୍ଟେଶନ ବଜାର ଓ ଇପିକଲ ଛକ ନିକଟରେ ଅସରାଏ ବର୍ଷା ହେଲେ ଦୀର୍ଘ ସମୟ ରାସ୍ତା ଉପରେ ପାଣି ଜମି ରହୁଛି। ତୁରନ୍ତ ମରାମତି କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଦଧୀଚି ଫାର୍ମାସୀ କଲେଜରେ କ୍ୟାମ୍ପସ୍ ଚୟନ

କଣ୍ଟାପଡା,୧୯।୭(ସୁରନାରାୟଣ ସାହୁ)

ସୁନ୍ଦରଗ୍ରାମସ୍ଥିତ ଦଧୀଚି ଫାର୍ମାସୀ କଲେଜ ପରିସରରେ ଆପୋଲ ହେଲଥ କେୟାର ପକ୍ଷରୁ ଶନିବାର ଏକ କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ବିଫାର୍ମ ଓ ଡିଫାର୍ମ ଛାତ୍ରୀଛାତ୍ରମାନେ ଏହି ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଆପୋଲ ଫାର୍ମାସୀମାନବ ସମ୍ବଳ ବିଭାଗର ମୁଖ୍ୟ ଜାପା କୁମାର ଓଝା ଓ ସପନ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଦଧିଚି ଫାର୍ମାସି କଲେଜର ପ୍ରଶାନ୍ତ ବିଶ୍ୱାଳ, ସତ୍ୟରଞ୍ଜନ ଦଳେଇ, ଅମୂଲ୍ୟ କୁମାର ଦାସ, ପ୍ରଭାତ ରଞ୍ଜନଗୁରୁ, ଆଶୀଷ ପାଣ୍ଡବ, ଦୁଖୀଶ୍ୟାମ ରାଉତ, ବିଭଳ ମଲିକ ପରିଚାଳନା କରିଥିଲେ।

### ଜ୍ୟୋତିପ୍ରକାଶଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସୁଛି

କଟକ,୧୯।୭ (ଶିଳ୍ପା ପ୍ରିୟଦର୍ଶିନୀ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ଆହତ ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଏସ୍‌ସିବି ମେଡିକାଲରେ ଚିକିତ୍ସା ଚାଲିଛି। ଜ୍ୟୋତିଙ୍କ ଚିକିତ୍ସାରେ ନିୟୋଜିତ ଥିବା ପ୍ଲାଷ୍ଟିକ ସର୍ଜରି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ନାୟକଙ୍କ ସୂଚନା ଅନୁଯାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବର୍ତ୍ତମାନ ଉନ୍ନତି ହେଉଛି। ଫୁସଫୁସରେ ସମସ୍ୟା ଦେଖା ଦେଇଥିଲା। ସେଥିପାଇଁ ପଲମୋନାରୀ ମେଡିସିନର ଡାକ୍ତର ତାଙ୍କୁ ଚିକିତ୍ସା କରୁଛନ୍ତି। ଖୁବଶୀଘ୍ର ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଜୀବନ ବଞ୍ଚାଇବାକୁ ଯାଇ ଜ୍ୟୋତିପ୍ରକାଶ ନିଆଁରେ ପୋଡ଼ି ଆହତ ହୋଇଥିଲେ।

### କାହ୍ନୁ ରାଉତ ହତ୍ୟା ଘଟଣା: ମହିଳା ଗିରଫ

ଖୁଣ୍ଟୁଣୀ,୧୯।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ମହାକାଳବସ୍ତ କାହ୍ନୁ ରାଉତ ହତ୍ୟାକାଣ୍ଡ ଘଟଣାରେ ଶନିବାର ସ୍ଥାନୀୟ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ଏହି ଥାନା ମହାକାଳବସ୍ତ ଗ୍ରାମର ଜୁଲି ଓରଫ ସୁପ୍ରଭା ସେଠୀ। ପୋଲିସ ସୁପ୍ରଭାଙ୍କୁ ତାଙ୍କ ଘରୁ ଗିରଫ କରିଥିବା ଆଇଆଇସି ରଞ୍ଜନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ ଏହି ହତ୍ୟାକାଣ୍ଡ ଘଟଣାରେ ଗତ ବୁଧବାର ସୁପ୍ରଭାଙ୍କ ସ୍ୱାମୀ କୃଷ୍ଣ ସେଠୀଙ୍କ ସମେତ ମୁଖ୍ୟ ଅଭିଯୁକ୍ତ ଲିଦୁନ ଓରଫ ବଟକୃଷ୍ଣ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶୁକ୍ରବାର ବବୁଲ ଓରଫ ବିଶ୍ୱଜିତ ବେହେରା ଆଠଗଡ଼ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କରିଥିବା ବବୁଲଙ୍କୁ ରିମାଣ୍ଡରେ ଆଣି ପୋଲିସ ପଚରାଉଚରା କରିବ ବୋଲି ଚୌଦ୍ୱାର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଉମାକାନ୍ତ ନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଠିକ୍ ସମୟରେ ହୋଇପାରୁନି ରୋଗୀଙ୍କ ପରୀକ୍ଷା

## ଏସ୍‌ସିବି ମେଡିକାଲ

■ଅଲ୍ଟ୍ରାସାଉଣ୍ଡ ପରୀକ୍ଷା କରାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି ରୋଗୀ

କଟକ,୧୯।୭(ଶିଳ୍ପା ପ୍ରିୟଦର୍ଶିନୀ)



ରଞ୍ଜନରଶ୍ମି ବିଭାଗରେ ପରୀକ୍ଷା କରିବାକୁ ଷ୍ଟ୍ରେଚରରେ ଶୋଇ ରୋଗୀ ଅପେକ୍ଷା କରିଛନ୍ତି।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ କେବଳ ପରୀକ୍ଷାନିରୀକ୍ଷାରେ ଅଟକି ରହୁଛି ରୋଗୀସେବା। ଫଳରେ ରୋଗୀଙ୍କ ପରୀକ୍ଷା ଠିକ୍ ସମୟରେ ହୋଇପାରୁ ନାହିଁ। ରୋଗୀ ଗୁରୁତର ଅବସ୍ଥାରେ ମେଡିକାଲକୁ ଆସୁଥିବାବେଳେ ଡାକ୍ତରଙ୍କ ପରାମର୍ଶ ପରେ କେବଳ ପରୀକ୍ଷା ପାଇଁ ୭ରୁ ୮ଦିନ ସମୟ ବିତିଯାଉଛି। ଦିନେ କିମ୍ବା ଦୁଇଦିନରେ ରୋଗୀଙ୍କ ଯେଉଁ ପରୀକ୍ଷା ସରିବା କଥା, ସେଠାରେ ରୋଗୀଙ୍କୁ ସପ୍ତାହେକାଳ ଦୌଡାଇ ଦୌଡାଇ ହନ୍ତସନ୍ତ କରାଯାଉଛି। କିଏ ଅଲ୍‌ଟ୍ରାସାଉଣ୍ଡ ତ କିଏ ଏକ୍ସ-ରେ ଓ କିଏ ଅନ୍ୟାନ୍ୟ ପରୀକ୍ଷା ପାଇଁ ଅପେକ୍ଷା କରି ପଡ଼ିରହୁଛନ୍ତି। ମେଡିକାଲର ରଞ୍ଜନରଶ୍ମି ବିଭାଗରେ ଏଭଳି ଚିକିତ୍ସାରୁ ବଞ୍ଚିତ ଥିବାବେଳେ ଓ ଆଜକୁ ୭ ଦିନ ହେବ କେବଳ ପରୀକ୍ଷାରେ ଚିକିତ୍ସା ସୀମିତ ଥିବା ୨ଜଣ ରୋଗୀ ଷ୍ଟ୍ରେଚରରେ ଶୋଇ ଅପେକ୍ଷା କରିଥିବା ଶନିବାର ନଜରକୁ ଆସିଛି।

ସୂଚନା ଅନୁଯାୟୀ, ମେଡିକାଲକୁ ପ୍ରତ୍ୟେକ ଦିନ ଶତାଧିକ ରୋଗୀ ଦୂରଦୂରାନ୍ତରରୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ମେଡିକାଲ ରଞ୍ଜନରଶ୍ମି ବିଭାଗରେ ରୋଗୀଙ୍କ ସମସ୍ତ ପରୀକ୍ଷାନିରୀକ୍ଷା କରାଯାଇଥାଏ। ପ୍ରାୟ ୫ଶହ ରୋଗୀଙ୍କୁ ପ୍ରତ୍ୟେକ ଦିନ ଡାକ୍ତର ଅଲଟ୍ରାସାଉଣ୍ଡ କରାଇବାକୁ ପରାମର୍ଶ ଦେଇଥାନ୍ତି। ଏସ୍‌ସିବିରେ ଅଲ୍‌ଟ୍ରାସାଉଣ୍ଡ ପାଇଁ ମାତ୍ର ଦୁଇଟି ମେଶିନ ଥିବାରୁ ଦେଢ଼ ଶହରୁ ଦୁଇ ଶହ ରୋଗୀଙ୍କ ଅଲ୍‌ଟ୍ରାସାଉଣ୍ଡ କରାଯାଉଛି। ହେଲେ ଦୁଇଟି ମେଶିନ ମଧ୍ୟରୁ ଗୋଟିଏ ମେଶିନ ପ୍ରାୟ ସମୟ ଅଚଳ ହୋଇ ଯାଉଛି। ଏପରିକି ଏସ୍‌ସିବିରେ କେବଳ ଅଲ୍‌ଟ୍ରାସାଉଣ୍ଡ ନୁହେଁ, ଅନ୍ୟ ପରୀକ୍ଷା ପାଇଁ ରୋଗୀଙ୍କୁ ଏଭଳି ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଏ ନେଇ ମେଡିକାଲକୁ ଭଦ୍ରକରୁ ଆସିଥିବା ମାନଗୋବିନ୍ଦ ପଣ୍ଡାଙ୍କ ସମ୍ପର୍କୀୟ କହିଛନ୍ତି, ବାପାଙ୍କ ବ୍ରେନ୍‌ଷ୍ଟ୍ରୋକ ହେବାରୁ ଆଜକୁ ୭ ଦିନ ହେବ ଏସ୍‌ସିବି ଆଣିଛୁ। ହେଲେ ଏଠାରେ ଚିକିତ୍ସା କେବଳ ପରୀକ୍ଷାରେ ସୀମିତ ରହିଛି। ରୋଗୀ ଗୁରୁତର ଥାଇ ମଧ୍ୟ କେବଳ ଡାକ୍ତର ପରୀକ୍ଷା କରାଇବାରେ ଦିନ ଗଡାଉଛନ୍ତି। ଗୋଟିଏ ଗୋଟିଏ ପରୀକ୍ଷା ପ୍ରତ୍ୟେକ ଦିନ କରିବାକୁ କହିବା ପରେ ଆଜି ଅଲ୍‌ଟ୍ରାସାଉଣ୍ଡ ଓ ଟିବି ପରୀକ୍ଷା କରାଇବାକୁ କହିଛନ୍ତି। କେବଳ ଚିକିତ୍ସା ଆଳରେ ପରୀକ୍ଷା କରାଯାଇ ବିଳମ୍ବ କରାଯାଉଛି। ସେହିପରି ମେଡିକାଲକୁ ରାଇରଙ୍ଗପୁରରୁ ଆସିଥିବା ଲକ୍ଷ୍ମୀଧର ଶତପଥୀଙ୍କ ସମ୍ପର୍କୀୟ କହିଛନ୍ତି, ବାପାଙ୍କ ପରିସ୍ରା ସଂକ୍ରମଣ ହେବାରୁ ମେଡିକାଲକୁ ୭ଦିନ ହେବ ଆସିଛୁ। ହେଲେ ଏ ଯାଏ କେବଳ ବିଭିନ୍ନ ପରୀକ୍ଷା କରାଯାଉଛି। ରୋଗୀ ଚିକିତ୍ସା ବଦଳରେ କେବଳ ପରୀକ୍ଷା ପାଇଁ ଅପେକ୍ଷା କରି ରହୁଛନ୍ତି। ଏ ସମ୍ପର୍କରେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# 'ପରିବେଶର ସନ୍ତୁଳନ ସାମ୍ପ୍ରତିକ ସମୟର ସର୍ବଶ୍ରେଷ୍ଠ ଆବଶ୍ୟକତା'

କଟକ,୧୯।୭(କାର୍ତ୍ତିକ ସାହୁ)

ପରିବେଶର ସନ୍ତୁଳନ ସାମ୍ପ୍ରତିକ ସମୟର ସର୍ବଶ୍ରେଷ୍ଠ ଆବଶ୍ୟକତା ବୋଲି ସମାଜର ପୂର୍ବତନ ମୁଖ୍ୟ ପରିଚାଳକ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ସ୍ୱର୍ଗତ ପଦାରବିନ୍ଦ ମହାପାତ୍ରଙ୍କ ୩୭ତମ ଶ୍ରାଦ୍ଧ ବାର୍ଷିକୀରେ ଆୟୋଜିତ ସ୍ମୃତି ସମର୍ପିତ ଆଲୋଚନାଚକ୍ରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଲୁଣା ଜଙ୍ଗଲର ସୁରକ୍ଷା ଓ ମୁହାଣରେ ବର୍ଜ୍ୟ ପ୍ଲାଷ୍ଟିକ ନିଷ୍କାସନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ରାହୁଲ ମହାରଣାଙ୍କୁ ପଦାରବିନ୍ଦ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ବକ୍ସିବଜାରସ୍ଥିତ ଗୋପବନ୍ଧୁ ଭବନରେ ଶନିବାର ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଡ. ଆଶୁତୋଷ ଦେବତା ଯୋଗଦେଇ ପୃଥିବୀ ପୃଷ୍ଠର ବୈଜ୍ଞାନିକ ବିଶ୍ଳେଷଣ କରିଥିଲେ। ସେ ଜଳ, ସ୍ଥଳ ଓ ବାୟୁ ପ୍ରଦୂଷଣର ମୁଖ୍ୟ କାରଣଗୁଡିକ ଉପସ୍ଥାପନ କରିବା ସହ ପ୍ରତି ସେକେଣ୍ଡରେ ହେଉଥିବା ଏକର ଏକର ଜଙ୍ଗଲ କ୍ଷୟକୁ ରୋକା ନ ଗଲେ ପରିସ୍ଥିତି ଭୟଙ୍କର ହେବ ବୋଲି ସତର୍କ କରାଇ ଦେଇଥିଲେ। ସମ୍ମାନିତ ଅତିଥି ଡ. ନିରଞ୍ଜନ ସାହୁ ପଦାରବିନ୍ଦଙ୍କଠାରୁ ପାଇଥିବା ସାହାଯ୍ୟ ଓ ଶିକ୍ଷା ସମ୍ବନ୍ଧରେ ସ୍ମୃତି ରୋମନ୍ଥନ କରି ପଞ୍ଚଭୂତର ସୁରକ୍ଷା ସମୟର ସର୍ବଶ୍ରେଷ୍ଠ ବୋଲି କହିଥିଲେ। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଅରୁଣ ମିଶ୍ର, ଓରାକଲର ପୂର୍ବ ଉପାଧ୍ୟକ୍ଷ ଜ୍ଞାନରଞ୍ଜନ ଦାଶ, ପ୍ରଫେସର ଶ୍ୱେତପଦ୍ମା ଦାସ, ନାଲକୋର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଲୋକ ସେବକ ଯୁବ ମଣ୍ଡଳ ଉପସଭାପତି ଡ. ଶିଶୁ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ମନୋରମା ମହାପାତ୍ରଙ୍କ ଲିଖିତ କବିତାକୁ ଶରତ ଶତପଥୀ ପାଠ କରିଥିଲେ। ଡ. ଅଭୟ ରାଉତ ମାନପତ୍ର ପାଠ ଓ ମହେଶ ମଲ୍ଲ ଧନ୍ୟବାଦ ଦେଇଥିଲେ।



ସିଏମ୍‌ସିରେ ହୋଇଥିବା ମହାଦୁର୍ନୀତିର ତଦନ୍ତ ଦାବିକରି କଟକ ନଗର କଂଗ୍ରେସ ପକ୍ଷରୁ ଭିଜିଲାନ୍ସ ଡିଜି ଅଫିସ୍‌ରେ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ସିଏମ୍‌ସି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କଲା କଂଗ୍ରେସ

କଟକ,୧୯।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ସିଏମ୍‌ସିର ପୂର୍ବତନ ବିରୋଧୀ ଦଳ ନେତା ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସିଏମସିରେ ୧୫୪.୨୯ କୋଟି ଟଙ୍କାର ବିଲ ଅନୁମୋଦନ ହୋଇଥିବାବେଳେ ତାହାର ଉଚିତ୍ କାର୍ଯ୍ୟ କରାଯାଇ ନାହିଁ। ହେଲେ ୮୩ କୋଟି ଟଙ୍କାର ବିଲ ପୈଠ କରାଯାଇଛି। ବାସ୍ତବରେ କୌଣସି କାର୍ଯ୍ୟ କରା ନ ଯାଇ ଏହି ଟଙ୍କା ଲୁଟ କରାଯାଇଛି। ଏହାସହ କାଉନସିଲର ବିନା ଅନୁମୋଦନରେ ୫କୋଟି ଟଙ୍କାର ଜିମ୍ ଉପକରଣ କିଣାଗଲା ଏବଂ କୌଣସି ଆଲୋଚନା ନ କରାଯାଇ ୩.୫ କୋଟି ଟଙ୍କା ବିଲ୍ ପ୍ରଦାନ କରାଯାଇଛି। ଯାହାକି ସମ୍ପୂର୍ଣ୍ଣ ଭାବେ ସାବ୍ୟସ୍ତ କରୁଛି ଯେ ଲୋକଙ୍କ ଟିକସ ଟଙ୍କା ଏଠାରେ ହରିଲୁଟ କରାଯାଇଛି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କଂଗ୍ରେସ ଦାବି କରିଛି। ଦାବିପତ୍ରକୁ ଭିଜିଲାନ୍ସ ଏଆଇଜି ମହେଶ୍ୱର ସେଠୀ ଦାବିପତ୍ର ଗ୍ରହଣ କରିବା ସହ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଶୁବାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡା, ଭାନୁ ସେନାପତି, ଜେ. କାମେଶ୍ୱର ରାଓ, କଂଗ୍ରେସ ବରିଷ୍ଠ ନେତା ନିକୁଞ୍ଜ ପସାୟତ, ସୂର୍ଯ୍ୟକାନ୍ତ ରାଉତ, ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେକରେ ଓଢ଼ଣି ବାନ୍ଧି ଛାତ୍ରୀ, ଯୁବକଙ୍କ ଆତ୍ମହତ୍ୟା

## ଚୌଦ୍ୱାରରେ ୨ ପୃଥକ୍ ଅପମୃତ୍ୟୁ

ଚୌଦ୍ୱାର,୧୯।୭(ଆଶୁତୋଷ ଦାସ)

ଚୌଦ୍ୱାର ସହରରେ ଶନିବାର ୨ଟି ଅପମୃତ୍ୟୁ ଘଟଣା ଘଟିଛି। ଚୌଦ୍ୱାର ଥାନା କପାଳେଶ୍ୱର ଅଞ୍ଚଳରେ ଜଣେ ଛାତ୍ରୀ ସକାଳେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଥିବା ବେଳେ ଚୌଦ୍ୱାର ଗ୍ରାମର ଜଣେ ଯୁବକ ଶୁକ୍ରବାର ରାତିରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଚୌଦ୍ୱାର କଲେଜରେ ଯୁକ୍ତ ୩ କଳା ବିଭାଗରେ ପାଠ ପଢୁଥିବା ଛାତ୍ରୀ ଘରେ କେହି ନ ଥିବା ସୁଯୋଗ ନେଇ ବେକରେ ଓଢ଼ଣି ବାନ୍ଧି ଛାତରେ ଝୁଲି ପଡିଥିଲେ। ପରିବାର ଲୋକେ ଦେଖି ସ୍ଥାନୀୟ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ସେହିପରି ଚୌଦ୍ୱାର ଖର୍ଡାସାହିରେ ଏକ ଭଡ଼ାଘରେ ରହୁଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କୟଳପଡ଼ା ଗ୍ରାମର ସୁବାସ ଚନ୍ଦ୍ର ବେହେରା (୩୬) ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ଓଢ଼ଣିରେ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ଶବବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଉଭୟଙ୍କ ଆତ୍ମହତ୍ୟାର ଠିକ କାରଣ ଜଣାପଡ଼ିନାହିଁ। ଏ ନେଇ ଥାନାରେ ୨ଟି ପୃଥକ ଅପମୃତ୍ୟୁ ମାମଲା (ନଂ.୧୫ ଓ ୧୬/୨୫) ରୁଜୁ ହୋଇଛି।

# ମାରୱାଡ଼ି ସମାଜର ଶ୍ରାବଣ ସିନ୍ଧାରା ଉତ୍ସବ



ଶ୍ରାବଣ ସିନ୍ଧାରା ଉତ୍ସବ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୧୯।୭(କାର୍ତ୍ତିକ ସାହୁ)

କଟକ ମାରୱାଡ଼ି ସମାଜ ଓ ମାତୃଶକ୍ତି କଟକ ମାରୱାଡ଼ି ସମାଜ ପକ୍ଷରୁ ଆୟୋଜିତ ଶ୍ରାବଣ ସିନ୍ଧାରା ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ବିଧାୟିକା ସୋଫିଆ ଫିର୍ଦ୍ଦୋସ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ବର୍ଷାର ଆଗମନରେ ଏଭଳି ଉତ୍ସବ ପାଳନର ପ୍ରଶଂସା କରିଲେ। ଏହି ଅବସରରେ ବାଚସ୍ପତି ଓ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଆୟୋଜକ ମାତୃଶକ୍ତି ଅଧ୍ୟକ୍ଷା ସମ୍ପତ୍ତି ମୋଡ଼ାଙ୍କ ଅଧ୍ୟକ୍ଷତାରେ ସଚିବ ସଙ୍ଗୀତା କରଣାନୀ, ସମନ୍ୱୟକ ନୀଳମ ଶାହ ଓ ଅଲକା ସିଂଘୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କଟକ ମାରୱାଡ଼ି ସମାଜ ଅଧ୍ୟକ୍ଷ ସଞ୍ଜୟ ଶର୍ମା, ଚେୟାରପର୍ସନ ଗଣେଶ କନ୍ଦୋଇ, ଉପାଧ୍ୟକ୍ଷ ସୁରେଶ ପୋଦ୍ଦାର, ବିନୋଦ ସରାଓଗୀ ଓ ସତୀଶ ଗୋଏଙ୍କା ମଧ୍ୟ ଉପସ୍ଥିତ ଥିଲେ। ଉତ୍ସବ ପରିସରରେ ୫୦ରୁ ଅଧିକ ଷ୍ଟଲ ଲାଗିଛି। ଗ୍ରାହକମାନେ ଗୋଟିଏ ସ୍ଥାନରେ ନିଜ ପସନ୍ଦର ବିଭିନ୍ନ ସାମଗ୍ରୀ କିଣିପାରୁଥିବାରୁ ସମସ୍ତେ ବେଶ ଉତ୍ସାହିତ ଅଛନ୍ତି। ମହିଳାମାନେ ବିଭିନ୍ନ ପ୍ରକାର ଘର ଉପକରଣ ଜିନିଷ ସହିତ ଲାଇଭ ମେହେନ୍ଦି, କିଡ୍ସ ଜୋନ, ଫେସ ଅଫ ଦି କ୍ରାଉଡ, ଲଟାରି, ସିନ୍ଧାରା କ୍ୱିନ, ବେଷ୍ଟ ପ୍ରିନ୍ସେସ, ବେଷ୍ଟ କିଡ୍ସ ଆଦି ସାମଗ୍ରୀ କିଣିବାକୁ ଭିଡ଼ ଲଗାଉଥିବା ଦେଖିବାକୁ ମିଳିଥିଲା। ସେହିପରି ମନୋରଞ୍ଜନ ଲାଗି ଦୋଳି ଖେଳ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିମଧ୍ୟରୁ ରାଜସ୍ଥାନୀ ମାରୱାଡ଼ୀ ସଙ୍ଗୀତ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। କୁସୁମ ଖଣ୍ଡେଲୱାଲ, କଳ୍ପନା ଜେନ, ଯଶ କନ୍ଦୋଇ, ପଲ୍ଲବୀ ସୁଲତାନିଆ, ମାୟା ଶର୍ମା, ରଶ୍ମି ମିତ୍ତଲ ପ୍ରମୁଖ ସହଯୋଗ କରିଛନ୍ତି।

# ଯୌନ ଶୋଷଣମୁକ୍ତ ସମାଜ ଗଠନ ପାଇଁ ଶପଥ ନେଲେ




ଖ୍ରୀଷ୍ଟ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୯।୭(ଶିଳ୍ପା ପ୍ରିୟଦର୍ଶିନୀ)

ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଖ୍ରୀଷ୍ଟ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନ ଉତ୍ପୀଡନ ନିବାରଣ ସମ୍ପର୍କିତ ସଚେତନତା ଓ ତାର ନ୍ୟାୟିକ ପ୍ରତିକାର ଶୀର୍ଷକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶା ହାଇକୋର୍ଟ ବରିଷ୍ଠ ଅଧିବକ୍ତା ସୁଜାତା ଜେନା ଯୋଗଦେଇ ଯୌନ ଉତ୍ପୀଡନର ବିଭିନ୍ନ କାରଣ ଓ ନ୍ୟାୟିକ ନିରାକରଣ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ମହିଳାମାନେ ନିଜ ଅଧିକାର ପ୍ରତି ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜ ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ଗୃହବିଜ୍ଞାନ ବିଭାଗ ମୁଖ୍ୟ ଡ. ବିନିତା ନନ୍ଦ, ମନୋବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସାଦିଆ ଆଲାମ୍ ପ୍ରମୁଖ ମହିଳାମାନଙ୍କ ପ୍ରତି ହେଉଥିବା ଉତ୍ପୀଡନର ବିଭିନ୍ନ ଦିଗ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଶେଷରେ ଇଂଲିଶ ବିଭାଗ ଅଧ୍ୟାପିକା ଡ. ଜୀତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ କଲେଜର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ଯୌନ ଶୋଷଣମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

## ୫୫ ନଂ. ଜାତୀୟ ରାଜପଥ ସାଜିଛି ମରଣଯନ୍ତା

■ମଙ୍ଗୁଳି ଓଭର ବ୍ରିଜ୍ ଦୁଇ ପାର୍ଶ୍ୱରେ ୫ ଫୁଟର ଗର୍ତ୍ତ

■ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗୁନି ସୂଚନା ଫଳକ, ବଢୁଛି ଦୁର୍ଘଟଣା

ମଙ୍ଗୁଳି-ଜଗତପୁର,୧୯।୭(ମାନସ ସାମଲ)

ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ୪ କି.ମି. ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଲଘୁଚାପ ଜନିତ ବର୍ଷାରେ ରାସ୍ତାର ଅଧିକାଂଶ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ବିଶେଷ କରି ଚୌଦ୍ୱାର ପଟୁ ମଙ୍ଗୁଳି ଓଭର ବ୍ରିଜ୍ ଦୁଇ ପାର୍ଶ୍ୱ ରାସ୍ତା ମଝିରେ ପ୍ରାୟ ୫ ଫୁଟର ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷାରେ ପାଣି ଜମି ରହୁଥିବାରୁ ପଥଚାରୀମାନେ ଗର୍ତ୍ତରେ ପଡି ଆହତ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଆଉ ଏକ ଲଘୁଚାପଜନିତ ବର୍ଷା ହେବାକୁ ଥିବା ବେଳେ ଏହା ପୂର୍ବରୁ ତୁରନ୍ତ ମରାମତି ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁର, ଢେଙ୍କାନାଳ, ରାଉରକେଲା ଯିବା ପାଇଁ ଏହା ଏକ ପ୍ରମୁଖ ରାସ୍ତା। ଗତ ପ୍ରାୟ ୬ ବର୍ଷ ହେବ ରାସ୍ତା ସମ୍ପ୍ରସାରଣ ପାଇଁ ଏହାକୁ ତାଡି ଦିଆଯାଇଛି। ଠିକାସଂସ୍ଥା ମରାମତି ସ୍ୱରୂପ କୋଇଲା ଛଇକୁ ବ୍ୟବହାର କରି ରାସ୍ତାକୁ ସମତୁଲ କରିଥାଏ। କିନ୍ତୁ ଅସରାଏ ବର୍ଷା ହେଲେ କୋଇଲା ଛଇ ଧୋଇ ହୋଇ ବଡବଡ଼ ଗର୍ତ୍ତ ସୃଷ୍ଟି ହୁଏ। ଗାଡି ଚାଳକ ଓ ପଥଚାରୀମାନେ ଯାତାୟାତ କରିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ପ୍ରତିଦିନ ଦୁର୍ଘଟଣା ମଧ୍ୟ ଘଟୁଛି। ପ୍ରତିବର୍ଷ ରାସ୍ତା ମରାମତି ପାଇଁ ସ୍ୱତନ୍ତ୍ର ବ୍ୟୟ ବରାଦ କରାଯାଉଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସୁନାହିଁ ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏ ନେଇ ସାମାଜିକ କର୍ମୀ ସୁରେଶ ରାଉତରାୟ କହିଛନ୍ତି, ଠିକା ସଂସ୍ଥାର ରାସ୍ତା ସମ୍ପ୍ରସାରଣ କାମର ଅବଧି ସରିଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ ନିକଟରେ ଅଭିଯୋଗ କଲେ ମଧ ଠିକା ସଂସ୍ଥା କେବଳ କୋଇଲା ଛାଇ ପକାଇ ଦେଉଛି। ଅସରାଏ ବର୍ଷ ଯେଉଁ ଖାଲ କୁ ସେଇ ଖାଲ। ଫଳରେ ୬ବର୍ଷ ଭିତରେ ଏହି ଖାଲଖମା ପାଇଁ ୫୦ରୁ ଊର୍ଦ୍ଧ୍ୱ ଜୀବନ ଯାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଜୀବନ ବଲ୍ଲଭ ବଳ କହିଛନ୍ତି, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଠିକା ସଂସ୍ଥା କୌଣସି ସଂକେତ ଦେଉନାହିଁ। ଦୂର ଦୁରାନ୍ତରୁ ଆସିଥିବା ଯାତ୍ରୀ ରାସ୍ତା ନ ଜାଣି ପାରି ଭୁଲ ରାସ୍ତା ପଶି ଯିବାରୁ ଟ୍ରାଫିକ ସମସ୍ୟା ଦେଖାଯିବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଚୌଦ୍ୱାର ପଟୁ ମଙ୍ଗୁଳି ଓଭର ବ୍ରିଜ୍ ପୂର୍ବରୁ ଦୁଇ ପାର୍ଶ୍ୱର ମଝି ରାସ୍ତାରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି।

# 'ପାଣି ଟୋପେ ଦିଅ, ମୋତେ ବଞ୍ଚାଅ'

## ସହାୟତା କରି ମାନବିକତା ଦେଖାଇଲେ ଦୁଃଖୀଶ୍ୟାମ

ବଲାଙ୍ଗୀ,୧୯।୭(କେଦାରେଶ୍ୱର ନନ୍ଦ)

'ପାଣି ଟୋପେ ଦିଅ, ମୋତେ ବଞ୍ଚାଅ'। ନାବାଳିକା ଛାତ୍ରୀଜଣକ ଜଳୁଥିବା ଅବସ୍ଥାରେ କୌଣସିମତେ ଦୁର୍ବୃତ୍ତମାନଙ୍କ କବଳରୁ ନିଜକୁ ରକ୍ଷାକରି ସ୍ଥାନୀୟ ଚେରେଙ୍ଗଲ ଗ୍ରାମର ଦୁଃଖୀଶ୍ୟାମ ସେନାପତିଙ୍କ ଘରକୁ ଦୌଡ଼ିଯାଇ କାନ୍ଦିକାନ୍ଦି ଏପରି ଗୁହାରି କରିଥିଲେ। ଦୁଃଖୀଶ୍ୟାମ ହଠାତ୍ କିଛି ବୁଝିପାରି ନ ଥିଲେ ମଧ୍ୟ ତାଙ୍କୁ ତତ୍କ୍ଷଣାତ୍ ନିଜ ଘର ଭିତରକୁ ନେଇଯାଇ ପରିବାର ଲୋକଙ୍କୁ ଡାକ ପକାଇଥିଲେ। ନାବାଳିକାଙ୍କ ଡ୍ରେସ୍ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ପ୍ରଥମେ ଦୁଃଖୀଶ୍ୟାମଙ୍କ ଝିଆରୀ ତାଙ୍କ ଡ୍ରେସ୍ ବଦଳାଇ ଏକ ନାଇଟ୍‌ପିନ୍ଧାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପାଣି ପିଇବାକୁ ଦେବା ସହ ଯଥାସମ୍ଭବ ଆଶୁ ଚିକିତ୍ସା କରିଥିଲେ। ସମ୍ପୃକ୍ତ ନାବାଳିକାଙ୍କଠାରୁ ସମସ୍ତ କଥା ଶୁଣିବା ପରେ ସେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେମାନଙ୍କ ସହଯୋଗରେ ନାବାଳିକାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା ମଧ୍ୟ କରିଥିଲେ। ଏପରି କି ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ଜାଣିବା ପାଇଁ ସେ ଘଟଣାସ୍ଥଳକୁ ଧାଇଁଥିଲେ। ତେବେ ସେତେବେଳକୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ଦୁଃଖୀଶ୍ୟାମଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଥିବାବେଳେ ସେ ମାନବିକତା ଦେଖାଇ ଭାଇଚାରାର ଉଦାହରଣ ସୃଷ୍ଟି କରିଥିବା ମତ ପ୍ରକାଶ ପାଇଛି।


ଦୁଃଖୀଶ୍ୟାମ ସେନାପତି।


କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଲୋକଙ୍କୁ ପଚରାଉଚରା କରୁଛନ୍ତି।


ଘଟଣାସ୍ଥଳକୁ ଘୋଡ଼ାଇ ରଖାଯାଇଛି।

## 'ଆମେ ନିଜକୁ ସୁରକ୍ଷିତ ମଣୁନାହୁଁ'

ବଲାଙ୍ଗୀ ଅଞ୍ଚଳରେ ଏଭଳି ଘଟଣା ପ୍ରଥମ ଥର ଘଟିଛି। ସ୍ପଷ୍ଟ ଦିବାଲୋକରେ ଲୋକଙ୍କ ଚଳପ୍ରଚଳ ରାସ୍ତାରେ ଏହି ଘଟଣା ଘଟିଥିବାରୁ ଆମେ ନିଜକୁ ସୁରକ୍ଷିତ ମଣୁନାହୁଁ। ବିଶେଷକରି ଏଣିକି ଆମ ଝିଅବୋହୂମାନେ ପଦାକୁ ବାହାରିବାକୁ ଡରିବେ ବୋଲି ସ୍ଥାନୀୟ ଅଞ୍ଚଳର କେତେଜଣ ବାସିନ୍ଦା ଗଣମାଧ୍ୟମ ଆଗରେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାତି ଅଧରେ ବି ଲୋକେ ଏହି ରାସ୍ତାରେ ଯାତାୟାତ କରିଛନ୍ତି, କେବେ କିଛି କ୍ଷତି ଘଟିନି। ଆଜି କିନ୍ତୁ କାହିଁକି ଏହି ଘଟଣା ଘଟିଲା ତାହା ବୁଝିପାରୁନି ବୋଲି କେତେଜଣ କହିଛନ୍ତି।


ଘଟଣାସ୍ଥଳରେ ଲୋକଙ୍କ ସମାଗମ।

## ୧୦ ଜଣଙ୍କୁ ଉଠାଇନେଲା ପୋଲିସ

ନାବାଳିକା ଛାତ୍ରୀଙ୍କୁ ଜାଳିଦେବା ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ କିଛି ଜିନିଷ ଓ ନିକଟସ୍ଥ ଘରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି ପୋଲିସ। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଦେହରେ ୧୦ ଜଣଙ୍କୁ ପୋଲିସ ଉଠାଇ ନେଇ ଥାନା ପରିବର୍ତ୍ତେ ଏକ ଗୁପ୍ତ ସ୍ଥାନରେ ପଚରାଉଚରା କରୁଛି। ସେମାନଙ୍କ ମଧ୍ୟରେ ଜଣେ ଝିଅଙ୍କ ସମେତ କେତେଜଣ ମହିଳା ଓ ପୁରୁଷ ରହିଛନ୍ତି। ଏ ସମ୍ପର୍କରେ ବଲାଙ୍ଗୀ ଥାନା ପୋଲିସ କିଛି କହିବାକୁ ମନା କରିଦେଇଛି।


ଜବତ ହୋଇଥିବା କପଡ଼ାର କିଛି ଅଂଶ।

## କଠୋର ଦଣ୍ଡ ମିଳୁ

ନାବାଳିକା ଛାତ୍ରୀଙ୍କ ପ୍ରତି ଦୁର୍ବୃତ୍ତମାନେ ଯେଉଁଭଳି କଠୋର ହୋଇ ଅମାନବୀୟ କାଣ୍ଡ ଘଟାଇଛନ୍ତି, ସେହିଭଳି ଦୁର୍ବୃତ୍ତମାନଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଘଟଣା ଅତ୍ୟନ୍ତ ଦୁଃଖଦ ବୋଲି ସମସ୍ତେ ମତ ପୋଷଣ କରିଛନ୍ତି। ପୋଲିସ ତୁରନ୍ତ ସମସ୍ତ ଦୋଷୀଙ୍କୁ ଖୋଜି ବାହାର କରିବା ସହ ଗିରଫ କରି ଜେଲ ପଠାଉ ବୋଲି ପୀଡ଼ିତାଙ୍କ ପରିବାର ସମେତ ବଲାଙ୍ଗୀ ଜନସାଧାରଣ ଦାବି କରିଛନ୍ତି।

## ୨ ସ୍ପେଶାଲ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଛି: ଏସ୍‌ପି



ଏହା ଏକ ଅତ୍ୟନ୍ତ ଦୁଃଖଦ ତଥା ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣା। ୨ଟି ସ୍ପେଶାଲ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଛି। ସାଇଣ୍ଟିଫିକ୍ ଟିମ୍, ଫରେନସିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଦ୍ୱାରା ଘଟଣାର ଅନୁସନ୍ଧାନ କରାଯାଉଥିବାବେଳେ ନିକଟସ୍ଥ ଘର ସମ୍ମୁଖରେ ଲାଗିଥିବା ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରୁଛି। ଘଟଣାସ୍ଥଳରୁ ଜବତ ହୋଇଥିବା ସାମଗ୍ରୀକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଦୁର୍ବୃତ୍ତମାନେ କିଏ ଓ କାହିଁକି ଏଭଳି କାଣ୍ଡ ଭିଆଇଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କାହାକୁ ସନ୍ଦେହରେ ଅଟକ ରଖାଯାଇନାହିଁ। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ପୋଲିସ ଉଦ୍ୟମ ଚଳାଉଛି ବୋଲି ଏସ୍‌ପି ପିନାକ ମିଶ୍ର କହିଛନ୍ତି।

# ଓଡ଼ିଶାର ବିକାଶମୂଳକ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ନେଇ ଆଲୋଚନା

ଭୁବନେଶ୍ୱର, ୧୯।୭
(ବନ୍ଦନା ସେଠୀ)

### 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' କର୍ମଶାଳା

'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' ସଂକ୍ରାନ୍ତ କର୍ମଶାଳା ଶନିବାର ଖାରବେଳଭବନରେ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଉଷା ପାଢ଼ୀ ଏଥିରେ ଅଧକ୍ଷତା କରି ଦୃଢ଼ ସଂସ୍ଥାଗତ କ୍ଷମତା, ତଥ୍ୟଚାଳିତ ଶାସନ ଏବଂ ବିଭାଗ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଲକ୍ଷ୍ୟ ସହିତ ଓଡ଼ିଶାର ବିକାଶମୂଳକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଜିଏସ୍‌ଡିପି ହାସଲ କରିବା, ଭାରତର ଜିଡିପିରେ ୫% ଯୋଗଦାନ ଦେବା ଏବଂ ୧ କୋଟିରୁ ଅଧିକ ଅଣ-କୃଷି ନିଯୁକ୍ତି ସୃଷ୍ଟି କରିବା ଆଦି ରାଜ୍ୟର ଦୀର୍ଘକାଳୀନ ଆକାଂକ୍ଷାକୁ ରୂପରେଖ ଦିଆଯାଇଥିଲା। 'ଭିଜନ ୨୦୩୬ ଏବଂ ୨୦୪୭' ୬ଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଧାରିତ। ସେହିପରି '୩୬ ପାଇଁ ୩୬' ପ୍ରମୁଖ କାର୍ଯ୍ୟକ୍ରମର ଉପସ୍ଥାପନା କର୍ମଶାଳାର ଅନ୍ୟତମ ଆକର୍ଷଣ ଥିଲା। କର୍ମଶାଳାରେ ଅଂଶଗ୍ରହଣକାରୀମାନେ ନମୁନା କାର୍ଯ୍ୟକାରୀ ମଡେଲଗୁଡ଼ିକର ସମୀକ୍ଷା କରିଥିଲେ। ଏଥିରେ ସମ୍ବଲପୁର ମହାନଗର ନିଗମ ପାଇଁ ଏକ ବିସ୍ତୃତ ଯୋଜନା ଅନ୍ତର୍ଭୁକ୍ତ ଥିଲା। କର୍ମଶାଳାରେ ରିୟଲ-ଟାଇମ ଡାସ୍‌ବୋର୍ଡ, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଭଳି ଯନ୍ତ୍ରପାତିର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। କର୍ମଶାଳାରେ ବାଣିଜ୍ୟ ଓ ପରିବହନ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଓଡ଼ିଶୀ ନୃତ୍ୟର ଗଭୀରତା ପ୍ରଦର୍ଶନ କଲା 'କଳାବତୀ ପଲ୍ଲବୀ'

ଭୁବନେଶ୍ୱର, ୧୯।୭
(ସୌମ୍ୟରଞ୍ଜନ ରାଉତ)

ନୃତ୍ୟପ୍ରଜ୍ଞା ପବ୍ଲିକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୃତ୍ୟପ୍ରଜ୍ଞା ଉତ୍ସବ ଶନିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଗୁରୁ କୁମ୍‌କୁମ୍ ମହାନ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ କଳାବତୀ ପଲ୍ଲବୀ ଉପସ୍ଥାପନ କରିଥିଲେ ନୃତ୍ୟଶିଳ୍ପୀ ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି। ଏହା ଓଡ଼ିଶୀ ନୃତ୍ୟର ଗଭୀରତା ପ୍ରଦର୍ଶନ କରିଥିଲା। ଏଥିସହ ସୁହାଗ ନଳିନୀ ଦାସ, ବିରଞ୍ଚି ଦାସ ଓ ପ୍ରୀତିଶା ମହାପାତ୍ର ପ୍ରମୁଖ ଏକକ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ର ମଙ୍ଗଳାଚରଣ ଓ ଆହେ ନୀଳଶୈଳ ପରିବେଷଣ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ କୁମ୍‌କୁମ୍ ମହାନ୍ତି, ସମ୍ମାନିତ ଅତିଥିଭାବେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି, ବରିଷ୍ଠ ଖବରଦାତା ଶ୍ରୀରାମ ଦାଶ, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ କର୍ଣ୍ଣେଲ ସୋନାଲି ରଥ ଏବଂ ଓଟିଡିସିର ପୂର୍ବତନ ସଚିବ ଜିତେନ୍ଦ୍ରିୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସଚିବ ସସ୍ମିତା ପରିଡ଼ା ଧନ୍ୟବାଦ ଦେଇଥିଲେ।


**OFFICE OF THE PRINCIPAL**
**GOKUL PARVATI RURAL DEGREE COLLEGE, KUNTARA**
DIST.: SAMBALPUR, ODISHA - 768227
Email: gokulparvati@gmail.com

**TENDER/QUOTATION CALL NOTICE**

Sealed tenders/quotations are invited from intending registered manufactures/firms/suppliers having PAN/GST registration with IT Clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting. Internet facilities, Odia literature & language books through Regd. Post/Speed Post on or before 3 P.M. on 31.07.2025.
For details of the requirement with specification terms and conditions please contact Mob. No. 7655028730 and visit website: **gprcollegekuntara.in**.
The undersigned reserves the right to cancel part or whole of the tenders/quotations without specifying any reason thereof.

Sd./- Principal-cum-Secretary
G.P.R. Degree College, Kuntara,
Dist.: Sambalpur


# 'ମା' ପାଇଁ ଗଛଟିଏ'



ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ।

ବାଲିଅନ୍ତା ୧୯।୭ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିର ପରିସରରେ ଶନିବାର ମା ' ପାଇଁ ଗଛଟିଏ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଅତିକମ୍‌ରେ ୧୦ଟି ଲେଖାଏଁ ଗଛ ଲଗାଇ ତା'ର ଯତ୍ନ ନିଅ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଘରୋଇ ବିଦ୍ୟାଳୟର ରାଜ୍ୟ ସମ୍ପାଦକ ଅବନ୍ତୀ ସୂତାର, ସହ- ସମ୍ପାଦକ ସୁରେଶ ସାମନ୍ତରାୟ, ସହ – ସଭାପତି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ସାମାଜିକ କର୍ମୀ ସ୍ୱାକ୍ଷର ରଞ୍ଜନ ମହାନ୍ତି ଓ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ୧୦ଟି କିସମର ଚାରା ବଣ୍ଟନ କରିଥିଲେ। ଏହାକୁ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ପରିଚାଳନା କରିଥିଲେ।

# କ୍ଲଷ୍ଟରସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲିପାଟଣା ୧୯।୭(ଅଭିମନ୍ୟୁ ନାୟକ)

ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରସ୍ତରୀୟ ଏକ ଦିବସୀୟ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଶିକ୍ଷା ନୀତିରେ ଅନ୍ତର୍ଭୁକ୍ତ ହୋଇଥିବା ବାଲ୍ ବାଟିକା କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ଜ୍ଞାନ ଆହରଣ ସହ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବାକୁ ଶିକ୍ଷକମାନେ କିପରି ଅଧିକ ଯତ୍ନବାନ ହୋଇପାରିବେ ସେ ସମ୍ପର୍କରେ ଏଠାରେ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଧାନହରା କ୍ଲଷ୍ଟରଠାରେ ବ୍ଲକ ଶିକ୍ଷାଧିକାରୀ ପ୍ରଭାତ କୁମାର ରଥ, ଜିଲା ଶିକ୍ଷା ପ୍ରଶିକ୍ଷିକା ରଶ୍ମିରେଖା ସ୍ୱାଇଁ, ଜିଲା ଯୋଜନା ସଂଯୋଜନା ଅଧିକାରୀ ମନସିନୀ ପ୍ରଧାନ, ବିପିନ ବିହାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ତପନ କୁମାର ରାଉତ, ସ୍ମିତାଞ୍ଜଳି ଜେନା, ସ୍ୱିଟି ଦଳାଇ ଓ ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା ପ୍ରମୁଖ ଏଥିରେ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ଝୁନି ଦେଇ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ସ୍ଥାନରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେହିପରି ଅଠାନ୍ତର କ୍ଲଷ୍ଟରର ବାଗିଲ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଅଧିକାରୀଙ୍କ ସହ ଅନ୍ୟମାନେ।

# ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ, ସ୍ୱଚ୍ଛତାକୁ ୟୁଏସ୍‌ଆଇ ଫାଉଣ୍ଡେଶନର ଗୁରୁତ୍ୱ

ଭୁବନେଶ୍ୱର, ୧୯।୭(ସୌମ୍ୟରଞ୍ଜନ ରାଉତ)

ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଛି ୟୁଏସ୍‌ଆଇ ଫାଉଣ୍ଡେଶନ। ଶୁକ୍ରବାର ଫାଉଣ୍ଡେଶନ ପକ୍ଷରୁ ଖାରବେଳନଗରରେ ଥିବା ଉତ୍କଳ ଦୃଷ୍ଟିହୀନ ସଂଘର ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଡଷ୍ଟବିନ ଏବଂ ଖାଦ୍ୟ ପରଷିବା ପାଇଁ ବାଲ୍‌ଟି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ନୀଳକଣ୍ଠ ନାଥ ଓ ସଦସ୍ୟ ଶୁଭରଞ୍ଜନ ଜେନା, ଛାତ୍ରୀଛାତ୍ରଙ୍କୁ ଏସବୁ ସାମଗ୍ରୀ ପ୍ରଦାନ କରିଥିବାବେଳେ ଡ. ରଶ୍ମିରେଖା ସାହୁ, ବନୋଜ ତ୍ରିପାଠୀ, ପ୍ରତୀକ୍ଷା ମିଶ୍ର, ଅତୁଲବାଳା ଦାସ ଯୋଗଦେଇ ସହଯୋଗ କରିଥିଲେ। ବିଦ୍ୟାଳୟର ଜିତେନ୍ଦ୍ର କୁମାର ସିଂ ଓ ସେକ୍ରେଟାରୀ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ଥିଲେ।


ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ୟୁଏସଆଇ ଫାଉଣ୍ଡେଶନ ପକ୍ଷରୁ ବାଲ୍‌ଟି ଓ ଡଷ୍ଟବିନ ପ୍ରଦାନ କରାଯାଉଛି।


**"ମା' ଙ୍କ ନାମରେ ଗଛଟିଏ"**
**୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା**

ମା' ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ଅଧୀନରେ ନିମ୍ନଲିଖିତ ୧୮(ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ, ଅନୁଷ୍ଠାନ ମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର : (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| ନଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧର ପାଲି | ୧୨୬୪୪୮ | ଶ୍ରୀ ତାପସ କୁମାର ଶତପଥୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ.ବଲାଙ୍ଗ | ୪୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଳିପୋଷ | ଗଡ଼ରୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପୋଳ | ୬୩୭୦୨୬୩୬୧୯ |
| ୬ | କୁଳିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାତ୍ କିପୋସ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଢେଇଡିହା | ୩୫୦୦୦ | ଶ୍ରୀ ଈଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଳ | ୧୫୦୦୦ | ଶ୍ରୀ ପ୍ରତାପ କୁମାର ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଆଁ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ସାହୁ, ବନପାଳ | ୮୭୬୩୪୯୨୧୭୮ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | କାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଳ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ : | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼



**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
**NirupanBhawan, 3rd Floor, Room No. 401,56-Set,**
**Doranda,Ranchi-834002**

**e-Procurement ( Short Tender Notice )**
**Letter of Invitation (LOI) No.-13/2025-26**
**2nd Call**
**e-Tender Ref No:–RCD/PID/RANCHI/13/2025-26 Date:-18.07.2025**

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/ (Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. **As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,At 05:30 PM |
| 7 | Online Last Date/Time of Bid Submission | 06.08.2025, 12:00 noon |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 355580 Road(25-26).D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

PR 357762 (Road) 25-26 (D)

Executive Engineer,
Planning & Investigation Division,
Road Construction Department, Ranchi.

## ବାଇକ୍ ଦୁର୍ଘଟଣା : ୨ ଗୁରୁତର

ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର)- ବାଙ୍କୀ ଓ ଆଠଗଡ଼ ମଧସ୍ଥଳ ଅଂଶୁପା ମୁଖ୍ୟରାସ୍ତା ବେଟିଆ ବୁଲାଣୀ ନିକଟରେ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇଯିବାରୁ ଶନିବାର ଗୋଟିଏ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ଉଭୟ ଯୁବକ ଆଠଗଡ଼ ଉପଖଣ୍ଡ ଅରଖପାଟଣା ଗ୍ରାମର ବୋଲି ଜଣାପଡ଼ିଛି। ଉଭୟ ଯୁବକ ବାଇକ୍‌ରେ ଦ୍ରୁତଗତିରେ ଯାଉଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ଉକ୍ତ ରାସ୍ତାଦେଇ ଯାଉଥିବା ସାମାଜିକ କର୍ମୀ ଦାଶରଥି ପଡ଼ିହାରୀ ଓ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଗୁରୁତର ଯୁବକଦ୍ୱୟଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ପଠାଇଛନ୍ତି।

## ସଂକ୍ଷେପରେ

### ପ୍ରଧାନଶିକ୍ଷକ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ

ବାଙ୍କୀ,୧୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)- ବାଙ୍କୀ ବ୍ଲକ ଅନ୍ତର୍ଗତ ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ମନମୁଖି କାର୍ଯ୍ୟକଳାପ ନେଇ ଶନିବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି। ପୂର୍ବରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ମଧ ଏନେଇ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପାଠପଢ଼ା ହେଉନାହିଁ, ଶୌଚାଳୟ ପରିଷ୍କାର କରାଯାଉନାହିଁ, ବିଦ୍ୟାଳୟ ଭିତର ଅଳିଆ ଆବର୍ଜନା ସଫା କରାଯାଉନାହିଁ, ମଧ୍ୟାହ୍ନଭୋଜନ ନିମ୍ନମାନର ହେଉଛି। ସରକାରୀ ଅନୁଦାନ ଅର୍ଥକୁ ପ୍ରଧାନଶିକ୍ଷକ ମନମୁଖି ଭାବେ ଖର୍ଚ୍ଚ କରୁଥିବା ଅଭିଯୋଗ ହୋଇଛି। ଏନେଇ ୱାର୍ଡସଭ୍ୟ ଜଗନ୍ନାଥ ରାଉତ, ସାମାଜିକ କର୍ମୀ ଦୁର୍ଗାଚରଣ ପରିଡ଼ା, ଗତିକୃଷ୍ଣ ଦାସ, ବବିତା ଶତପଥୀ, ଚିନ୍ତାମଣି ସାହୁ, ସୁଷମା ମୁଦୁଲି, ସସ୍ମିତା ପ୍ରଧାନ, ରେଣୁକା ରଣା ପ୍ରମୁଖ ଲିଖିତ ଭାବେ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାଙ୍କ ମୋବାଇଲ୍ ଫୋନ୍ ଲାଗି ନ ଥିଲା।

### ତାଳବସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସଂଲଗ୍ନ ରାସ୍ତା ସଫେଇ

ବାଙ୍କୀ,୧୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ଏହାର ସଂଲଗ୍ନ ରାସ୍ତା ସଫେଇ କରାଯାଇଛି । ଶ୍ରୀରାମ କମିଟି ଏବଂ ଓମ୍ ସାଇରାମ ମହିଳା ସଂଘ ମିଳିତ ଆନୁକୂଲ୍ୟରେ ଉକ୍ତ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବୈକୁଣ୍ଠ ନାଥ ନାୟକ, ସୁଶୀଲ ଦାସ, ରାକେଶ ଲେଙ୍କା, ସୁମିତ୍ରା ସାହୁ, ସୁପ୍ରିୟା ନାୟକ, ମୃତ୍ୟୁଞ୍ଜୟ ସ୍ୱାଇଁ, ଅମରଜିତ୍ ନାୟକ ଓ ଚିନ୍ମୟୀ ବାରିକ ପ୍ରମୁଖ ଯୋଗଦେଇ ଅଳିଆ ଆବର୍ଜନାକୁ ସଫା କରିବା ସହ ଗାତଖୋଳି ପକାଇଥିଲେ।

### ହାତପାହାନ୍ତାରେ ସେବା ପହଞ୍ଚାଇବାକୁ ସମର୍ଥ ହୋଇଛି ବ୍ୟାଙ୍କ

କଟକ,୧୯।୭(କାର୍ତ୍ତିକ ସାହୁ): ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ (ଏଆଇବିଇଏ) ସହ ଅନୁବନ୍ଧିତ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୫୬ତମ ବ୍ୟାଙ୍କ ଜାତୀୟକରଣ ଦିବସ ଉପଲକ୍ଷେ ବାରବାଟୀ ଷ୍ଟାଡିୟମଠାରେ ଶନିବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସୁଭାଷ ଚନ୍ଦ୍ର ବୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ବରିଷ୍ଠ ଖବରଦାତା ଅରବିନ୍ଦ ରାଉତରାୟ ଯୋଗଦେଇ କହିଲେ, ବ୍ୟାଙ୍କ ଦାରିଦ୍ର୍ୟ ଦୂରୀକରଣ ଓ ବ୍ୟାଙ୍କ ସେବା ଲୋକଙ୍କ ହାତ ପାହାନ୍ତାରେ ପହଞ୍ଚାଇବାକୁ ସମର୍ଥ ହୋଇଛି। ସମ୍ମାନିତ ଅତିଥି ଏଆଇଟିୟୁସିର ସମ୍ପାଦକ କିଶୋର ଜେନା ବ୍ୟାଙ୍କ ଜାତୀୟକରଣ ଦେଶର ଆବଶ୍ୟକତା ଥିଲା ଓ ଆଜି ମଧ କେବଳ ସରକାରୀ ବ୍ୟାଙ୍କ ପ୍ରାନ୍ତିକ ଓ ସାଧାରଣ ଜନତାଙ୍କୁ ସେବା ଯୋଗାଉଛି। ଏଓବିଇଏର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ନନ୍ଦ, ଉପସଭାପତି ବିପିନ ପାଢ଼ୀ, ଉପ ସାଧାରଣ ସମ୍ପାଦକ ଓଁକାର ମହାନ୍ତି, ସମ୍ପାଦକ ରାଜେଶ ସାହୁ, ବରିଷ୍ଠ ବ୍ୟାଙ୍କ କର୍ମଚାରୀ ନେତା ଭ୍ରମରବର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମନ୍ୱୟ ସମିତି ସମ୍ପାଦକ ବିଶୁଦ୍ଧଚକ୍ର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଭିନ୍ନ ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତଥିଲେ।

# ଛାତ୍ରୀଛାତ୍ରଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ, ଚାଉଳରେ ପୋକ

**ଅଙ୍ଗନୱାଡ଼ି କେନ୍ଦ୍ରରେ ଅନିୟମିତତା, ଅବ୍ୟବସ୍ଥା**
- ସମୟ ଅନୁସାରେ ଖୋଲୁନି କେନ୍ଦ୍ର
- ଅର୍ଥ ହଡ଼ପ ଅଭିଯୋଗ

**ବାଙ୍କୀ,୧୯।୭( ଶୁଭେନ୍ଦୁ ମହାପାତ୍ର) :**



ବାଙ୍କୀ-ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶବର ସାହିସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ ମନମୁଖି କାର୍ଯ୍ୟ ଚାଲିଛି। ଏପରି କି ପୋକରା ଚାଉଳରେ ରୋଷେଇ କରାଯାଉଛି ବୋଲି ସ୍ଥାନୀୟ ଲୋକେ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଭଳି ବିଭିନ୍ନ ଅଭିଯୋଗ ଆଣି ଶନିବାର ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ସ୍ଥାନୀୟ ଲୋକେ ଓ ଅଭିଭାବକମାନେ ହୋହଲ୍ଲା କରିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସକାଳ ୯ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ କେନ୍ଦ୍ର ଖୋଲିବା ପାଇଁ ନିୟମ ରହିଛି। ଅଙ୍ଗନୱାଡ଼ି କର୍ମୀ ଅଧିକାଂଶ ଦିନ କେନ୍ଦ୍ରକୁ ସମୟ ଅନୁସାରେ ଆସୁନାହାନ୍ତି ଫଳରେ କୁନି ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଶନିବାର ମଧ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କେନ୍ଦ୍ର ଖୋଲାଯାଇ ନ ଥିବା ଅଭିଯୋଗ ହୋଇଥିଲା। ଏହାଛଡ଼ା କୁନି ପିଲାଙ୍କୁ ପୋକ ସାଲୁବାଲୁ ଚାଉଳରେ ରୋଷେଇ କରି ଦିଆଯାଉଛି। ସେମାନଙ୍କ ପାଇଁ ସରକାର ପୁଷ୍ଟିକର ଖାଦ୍ୟ ଓ ସକାଳ ଟିଫିନ୍ ଯୋଗାଇ ଦେଉଥିବାବେଳେ ଏହି କେନ୍ଦ୍ରରେ ଛାତ୍ରୀଛାତ୍ରମାନଙ୍କୁ ଟିଫିନ୍ ଦିଆଯାଉନାହିଁ। କେନ୍ଦ୍ରରେ ୧୮ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଥିବାବେଳେ ମାତ୍ର ୬/୭ ପିଲା ଆସୁଛନ୍ତି। ଅବଶିଷ୍ଟ ପିଲାଙ୍କ ନାମରେ ଅର୍ଥ ହଡ଼ପ କରାଯାଉଛି। କେନ୍ଦ୍ର ସମ୍ମୁଖରେ ଅପରିଷ୍କାର ଓ ଅଳିଆ ଆବର୍ଜନା ରହୁଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ଫଳରେ କୁନି ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସାହୁ ଅଭିଯୋଗରେ ଦର୍ଶାଇଛନ୍ତି। ଡମପଡ଼ା ବ୍ଲକରେ ଥିବା ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରକୁ କୌଣସି ଅଧିକାରୀ ପରିଦର୍ଶନ କରୁ ନ ଥିବାରୁ ଏଠାକାର ଅଧିକାଂଶ କେନ୍ଦ୍ରରେ ଏଭଳି ଅନିୟମିତତା ଓ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି।

ଏସମ୍ପର୍କରେ ବିଭାଗୀୟ ସୁପରଭାଇଜର ଫୁଲରାଣୀ ବେହେରାଙ୍କ ନିକଟରେ ଅଭିଯୋଗ ପରେ ଅଙ୍ଗନୱାଡ଼ି କର୍ମୀ ଓ ପାଚିକା ଦୌଡ଼ି ଆସି କେନ୍ଦ୍ର ଖୋଲିଥିଲେ। ଏ ସମ୍ପର୍କରେ ସିଡିପିଓ ଅଯୋଧ୍ୟା ଧରୁଆଙ୍କୁ ପଚାରିବାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପୂର୍ବଶତ୍ରୁତାରୁ ଗଣ୍ଡଗୋଳ : ୨ ଅଭିଯୁକ୍ତ ଗିରଫ



ଗିରଫ ୨ ଅଭିଯୁକ୍ତ।

**ତିଗିରିଆ,୧୯।୭(ଜାଫର ଖାଁ)**

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା କମାରସାହିର ସୂର୍ଯ୍ୟକାନ୍ତ ସାହୁଙ୍କୁ ଆକ୍ରମଣ କରାଯାଇଛି। ଏହି ଘଟଣାରେ ତିଗିରିଆ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୂଆପାଟଣା ଶବରସାହିର ଅଜୟ ନାଏକ ଓ ଆଲୋକ ବେହେରା।

ସୂର୍ଯ୍ୟକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ଗଣେଶ ପୂଜା ସମୟରେ ଶବରସାହିର ଅଜୟ ଓ ଆଲୋକଙ୍କ ସହ କୌଣସି କାରଣରୁ ତାଙ୍କର ଗଣ୍ଡଗୋଳ ହୋଇଥିଲା। ୧୬ ତାରିଖ ରାତିରେ କୌଣସି କାମରେ ସୂର୍ଯ୍ୟକାନ୍ତ ଯାଉଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତଦ୍ୱୟ କଟୁ ମନ୍ତବ୍ୟ ଦେବା ସହ ମାଡ଼ ମାରିଥିଲେ। ଏହି ଆକ୍ରମଣରେ ସୂର୍ଯ୍ୟକାନ୍ତଙ୍କ ଆଖି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।

୧୭ ତାରିଖରେ ସୂର୍ଯ୍ୟକାନ୍ତଙ୍କ ଭାଇ ନୂଆପାଟଣା ଚଣ୍ଡୀବଜାର ଯାଉଥିବାବେଳେ ସେଠାରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣାରେ ସୂର୍ଯ୍ୟକାନ୍ତ ଥାନାରେ ଲିଖିତ ଅଭିଯୋଗ କରିବା ପରେ ତିଗିରିଆ ପୋଲିସ ମାମଲା(ନଂ. ୧୩୪/୨୫) ରୁଜୁ କରିଛି। ଅଜୟ ଓ ଆଲୋକଙ୍କ ନାମରେ ୨୦୨୩ର ଏକ ମାମଲାରେ ତିଗିରିଆ ଜେଏମ୍ଏଫ୍‌ସି କୋର୍ଟଙ୍କ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

# ୨୦ ଅଗଷ୍ଟରେ ସରିବ ଚାଷୀ ପଞ୍ଜୀକରଣ



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଖରିଫ ଧାନ ସଂଗ୍ରହ ପାଇଁ ତାଲିମ ଶିବିର**

**ଆଠଗଡ, ୧୯।୭(ସତ୍ୟପ୍ରସାଦ ରଥ)**

୨୦୨୫- ୨୬ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ନିମନ୍ତେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ୪ ବ୍ଲକ ଆଠଗଡ଼, ତିଗିରିଆ, ବଡ଼ମ୍ବା ଓ ନରସିଂହପୁର ସହ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସମସ୍ତ ୭୪ ପ୍ରାଥମିକ ସମବାୟ ସମିତିର ସମ୍ପାଦକ ଏବଂ ଡିଓମାନେ ଏଥିରେ ଉପସ୍ଥିତ ଥିଲେ। ଶିବିରରେ ପ୍ରଶିକ୍ଷଣ ଦେବା ପାଇଁ କଟକ ଜିଲା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମଧୁସ୍ମିତା ମହାପାତ୍ର, କମ୍ପ୍ୟୁଟର ପ୍ରୋଗ୍ରାମର ଯାମିନକାନ୍ତ ମହାପାତ୍ର, ଆଠଗଡ କାର୍ଯ୍ୟକାରୀ ସହକାରୀ ନିବନ୍ଧକ ନିରୁପମା ଦଳାଇ ଓ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମନାରାୟଣ ମଲ୍ଲିକ ଉପସ୍ଥିତ ହୋଇ ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶନିବାରଠାରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ ଏହା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଏହି ପଞ୍ଜୀକରଣରେ ଭାଗ ନେଇପାରିବେ। ସମସ୍ତ ଆଗ୍ରହୀ ଚାଷୀ ନିଜ ନିଜ ଅଞ୍ଚଳର ପ୍ରାଥମିକ ସେବା ସମବାୟ ସମିତିରୁ ପଞ୍ଜୀକରଣ ଫର୍ମ ସଂଗ୍ରହ କରି ସମିତି କାର୍ଯ୍ୟାଳୟରେ ଆବେଦନ କରିପାରିବେ। ଏହି ଫର୍ମ ବିଭାଗର ୱେବ୍‌ସାଇଟ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଫୁଡ୍ ଓଡ଼ିଶା.ଇନ୍‌ରେ ମଧ ଉପଲବ୍ଧ ହେବ। ପଞ୍ଜୀକରଣ ପାଇଁ ଧାନଚାଷ ହୋଇଥିବା ଜମିର ବିଶଦ୍ ବିବରଣୀ ଦେବାକୁ ପଡ଼ିବ। ଏଥିନିମନ୍ତେ ଆବଶ୍ୟକ କାଗଜପତ୍ରଗୁଡ଼ିକ ହେଲା ଆଧାର କାର୍ଡ, ମୋବାଇଲ ନମ୍ବର, ଜମିପଟ୍ଟା, ଭାଗଚାଷୀମାନଙ୍କ ପାଇଁ ଜମି ରେକର୍ଡଧାରୀ ମାଲିକଙ୍କଠାରୁ ସମ୍ମତିପତ୍ର, ରେକର୍ଡଧାରୀମାନଙ୍କଠାରୁ ସହମତିପତ୍ର(ନିଜ ବ୍ୟତୀତ) ଇତ୍ୟାଦି। ଚାଷୀ ପଞ୍ଜୀକରଣ ସମୟରେ ଇ-କେୱାଇସି ଜରୁରୀ। ଖରିଫ ଧାନ ସଂଗ୍ରହ ସମ୍ପର୍କରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରି କରିବେ ଚାଷୀ ପଞ୍ଜୀକରଣ ଫର୍ମରେ ତାହା ଉଲ୍ଲେଖ କରିବେ। ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ କରିଥିଲେ ଚଳିତ ବର୍ଷ ସେହି ସମିତିରେ ସମ୍ପର୍କ କରିବା ଆବଶ୍ୟକ। ସମିତିର କାର୍ଯ୍ୟକର୍ତ୍ତାମାନେ ଚାଷୀମାନଙ୍କୁ ଫର୍ମ ପୂରଣରେ ସାହାଯ୍ୟ କରିବେ ବୋଲି ଶିବିରରେ ସୂଚନା ଦିଆଯାଇଥିଲା।

## ଭିରୁଡ଼ା ସେବା ସମବାୟ ସମିତି ସଭାପତିଙ୍କ ପରଲୋକ



ତିଗିରିଆ, ୧୯।୭(ଜାଫର ଖାଁ) ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ସେବା ସମବାୟ ସମିତି ସଭାପତିଙ୍କ ନିରଞ୍ଜନ ଘଡେଇ (୪୫)ଙ୍କ ଶନିବାର ସକାଳେ ହୃଦଘାତରେ ପରଲୋକ ଘଟିଛି ବୋଲି ପରିବାର ପକ୍ଷରୁ କୁହାଯାଇଛି। ସକାଳେ ଘଡେଇ ଭିରୁଡ଼ାସ୍ଥିତ ତଳଗଡ଼ ଗ୍ରାମର ବାସଭବନରେ ଥିଲାବେଳେ ହଠାତ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନେଇ ଆଠଗଡ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଘଡେଇଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଜଣେ ଯୁବ ସଙ୍ଗଠକ, ସାମାଜିକ କର୍ମୀ, ମେଳାପୀ, ପରୋପକାରୀ ଭାବେ ସୁନାମ ଅର୍ଜନ କରିଥିବା ଘଡ଼େଇଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ପଞ୍ଚାୟତ ସରପଞ୍ଚ ବେଣୁଧର ସାହୁ, ସମିତି ସଭ୍ୟ ଧନେଶ୍ୱର ରଣା, ପୂର୍ବତନ ସରପଞ୍ଚ ପ୍ରେମରଞ୍ଜନ ମହାମାନସିଂହ, ପୂର୍ବତନ ସରପଞ୍ଚ ପ୍ରଭାକର ବେହେରା, ବାଲିପୁଟ ସରପଞ୍ଚ ରଞ୍ଜନ କୁମାର ସୁତାର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ତିଗିରିଆ ଶାଖା ପରିଚାଳକ ରମେଶ ଚନ୍ଦ୍ର ସାହୁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗୌରହରି ପରିଡା, ସମବାୟବିତ ରମେଶ ଚନ୍ଦ୍ର ପଣ୍ଡା, ଭିରୁଡ଼ା ସେବା ସମବାୟ ସମିତିର ସମ୍ପାଦକ ବିଜୟ କୁମାର ବାରିକ, ଅଚଳକୋଟ ସେବା ସମବାୟ ସମିତିର ସମ୍ପାଦକ ମାଧବ ଚନ୍ଦ୍ର ନାୟକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଘଡେଇଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଅଙ୍କିତ ଓଁକାର ମୁଖାଗ୍ନି ଦେଇଥିଲେ।

# ଔଷଧୀୟ ଚାରା ବଣ୍ଟନ, ରୋପଣ

**ବାଙ୍କୀ,୧୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ତହସିଲ କାର୍ଯ୍ୟାଳୟ ପରିସରରେ ଶନିବାର ବିଭିନ୍ନ ପ୍ରକାରର ଫୁଲଚାରା ରୋପଣ କରାଯାଇଛି । ଏହି ଅବସରରେ ତହସିଲଦାର ଅଶେଷ କୁମାର ନାୟକ ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ଜେନା ପରିଚାଳନା କରିଥିବା ବେଳେ ପ୍ରକୃତିବନ୍ଧୁ ବଳରାମ ପାଇକରାୟ, ପ୍ରକୃତିପ୍ରେମୀ ଶଶିଭୂଷଣ ତ୍ରିପାଠୀ, ଅତିରିକ୍ତ ତହସିଲଦାର ସୋନମ ପ୍ରିୟଦର୍ଶିନୀ, ସତ୍ୟରଞ୍ଜନ ପ୍ରଧାନ, ଅନଦା ପ୍ରସାଦ ମହାପାତ୍ର, ସିଦ୍ଧେଶ୍ୱର ସାହୁ, ସରୋଜିନୀ ପଣ୍ଡା, ଦୀପ୍ତିମୟୀ ରାଉତ, ସଚ୍ଚିନ ସାଗର, କେଳୁଚରଣ ରଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ସେହିପରି ବାଙ୍କୀ ଏନ.ଏ.ସି ଅନ୍ତର୍ଗତ ସାହାଡାପଦାର ଅବସରପ୍ରାପ୍ତ ରାଉରକେଲା ଷ୍ଟିଲ କାରାଖାନାର କର୍ମଚାରୀ କାହ୍ନୁ ମହାରଣାଙ୍କ ଦ୍ୱାରା ବାଙ୍କୀ ବଜାରରେ ମାଗଣାରେ ଔଷଧୀୟ ଚାରା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୌଶିକ ନାୟକ, ଅକ୍ଷୟ କୁମାର ସାମଲ, ପ୍ରକୃତିବନ୍ଧୁ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାରର ଚାରା ସଂଗ୍ରହ କରିଥିଲେ।

# ଜମିଜମା ରେକର୍ଡ ସଂଶୋଧନରେ ମନ୍ଥର

**କଟକ ସଦର ତହସିଲ**

**କଟକ ସଦର,୧୯।୭ (ସୁଶାନ୍ତ କୁମାର ଜେନା)**

କଟକ ସଦର ତହସିଲ ଅଧୀନ ବିଭିନ୍ନ ରାଜସ୍ୱ ସର୍କଲରେ ଜମିଜମା ରେକର୍ଡ ସଂଶୋଧନ କାର୍ଯ୍ୟ ମନ୍ଥର ହୋଇଯାଇଛି। ଏହି ତହସିଲ ଅନ୍ତର୍ଗତ କନ୍ଦରପୁର ରାଜସ୍ୱ ସର୍କଲର ଆରଆଇ ଓ ଅମିନ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଜେଲ ଯିବାଠାରୁ ୱାରସ ପରିବର୍ତ୍ତନ କାର୍ଯ୍ୟ ଏକରକମର ବନ୍ଦ ହୋଇଯାଇଛି। ଯେଉଁ ବ୍ୟକ୍ତିମାନଙ୍କ ଉତ୍ତରାଧିକାରୀ ପ୍ରମାଣ ପତ୍ର ରହିଛି, ସେମାନଙ୍କ ରେକର୍ଡ ସଂଶୋଧନ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ଅଗ୍ରଣୀ ସାମାଜିକ ସଙ୍ଗଠନ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନେକ ବ୍ୟକ୍ତିଙ୍କ ମୃତ୍ୟୁପ୍ରମାଣ ନାହିଁ। ୧୯୭୦ରୁ ୧୯୯୦ ମଧ୍ୟରେ ଏହି ପ୍ରମାଣ ପତ୍ର ବାଧ୍ୟତାମୂଳକ ନ ଥିଲା। ଏବେ ଏହି ପ୍ରମାଣପତ୍ର ବାହାର କରିବା ପାଇଁ କୋର୍ଟ ଓ ପୋଲିସ ତଦନ୍ତ ବାବଦରେ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ୪୨ ମୌଜା ଅଞ୍ଚଳରେ ଶେଷଥର ପାଇଁ ସାଧାରଣ ବନ୍ଦୋବସ୍ତ ୧୯୭୪ରେ ହୋଇଥିଲା। ଅଣ ଜଳସେଚିତ ଅଞ୍ଚଳ ହୋଇଥିବାରୁ ଚକବନ୍ଦୀ ହୋଇ ନ ଥିଲା। ଜେଜେଙ୍କ ନାମରେ ଥିବା ସମ୍ପତ୍ତିକୁ ନାତି ଭୋଗ କରୁଛି। ତେଣୁ ସରକାର ଏହି ପରିସ୍ଥିତିକୁ ଅନୁଧାନ କରି ସରପଞ୍ଚଙ୍କ ମୃତ୍ୟୁପ୍ରମାଣ ପତ୍ର ବଳରେ ରେକର୍ଡ ସଂଶୋଧନ କରିବା ପାଇଁ ସଭାପତି ନାୟକ ଦାବି କରିଛନ୍ତି। ନଚେତ୍ ସଂଶୋଧନ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହୋଇ ପାରିବ ନାହିଁ। ଫଳରେ ବହୁସଂଖ୍ୟକ ଚାଷୀ ପିଏମ ଓ ସିଏମ କିଷାନ ପାଇବାରୁ ବଞ୍ଚିତ ହେବେ। ଅଦ୍ୟାବଧି କୌଣସି ଆରଆଇ ସର୍କଲକୁ ଅଧିକ ଷ୍ଟାଫ ମଧ ଦିଆଯାଇ ନାହିଁ। ଏ ନେଇ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

# ବର୍ଷାଦିନେ ଦେଖିବାକୁ ମିଳୁନି ଲାଲ ଟୁକୁଟୁକୁ ସାଧବବୋହୂ



**ବାଙ୍କୀ,୧୯।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ମୌସୁମୀ ବର୍ଷା ଆସିଲେ ଧରିତ୍ରୀ ମା' ସବୁଜ ରଙ୍ଗର ଶାଢ଼ି ପିନ୍ଧେ। ଏତିକି ବେଳେ ସବୁଜ ଘାସ ପଡ଼ିଆରେ ବହୁ ସ୍ଥାନରେ ଲାଲ ଟୁକୁଟୁକୁ ସାଧବବୋହୂ ଦଳ ଦଳ ହୋଇ ଦେଖାଯାଆନ୍ତି। ତାକୁ ଦେଖି ସମସ୍ତେ ଆନନ୍ଦିତ ହୋଇଥାନ୍ତି। ଏହି କୁନି କୀଟର ରଙ୍ଗ ଲାଲ। ସେ ଧୀରେ ଧୀରେ ସବୁଜ ଘାସ ଉପରେ ଚାଲିଥାଏ ବୋଲି ତାକୁ ସାଧବବୋହୂ ବୋଲି କୁହାଯାଏ। ସାଧବବୋହୂ ଛୋଟ କୀଟ ହେଲେ ମଧ ଏହାର ସୌନ୍ଦର୍ଯ୍ୟ ଅତ୍ୟନ୍ତ ଆକର୍ଷଣୀୟ । ବର୍ଷା ଋତୁ ଆରମ୍ଭ ହେଲା ମାତ୍ରେ ଗାଁ ପଡ଼ିଆରେ ଏମାନେ ଦେଖାଯାଆନ୍ତି। ମାତ୍ର ଏବେ ବାୟୁମଣ୍ଡଳ ପ୍ରଦୂଷଣ ହେବାରୁ ମାଟି, ପାଣି, ପବନ ସବୁ ବିଷାକ୍ତ ହୋଇଗଲାଣି। ବିଲବାଡିରେ ଅତ୍ୟଧିକ ରାସାୟନିକ ସାର, କୀଟନାଶକ, ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ ବ୍ୟବହାର କାରଣରୁ ମାଟିର ଗୁଣ ଓ ଉର୍ବରତା ହ୍ରାସ ପାଇଛି। ମାଟି ବିଷାକ୍ତ ହୋଇଥିବାରୁ ଲାଲ ଟୁକ୍‌ଟୁକ୍ ସାଧବବୋହୂ ଆଉ ଦେଖିବାକୁ ମିଳୁନାହିଁ। ଏହି ପରିପ୍ରେକ୍ଷୀରେ ଜୈବିକ ପଦ୍ଧତିରେ ଚାଷ କରାନଗଲେ ସାଧବ ବୋହୂ ପରି ଅନେକ କୀଟପତଙ୍ଗ ପୃଥିବୀ ପୃଷ୍ଠରୁ ଲୋପ ପାଇଯିବେ ବୋଲି ପରିବେଶବିତ୍ ତଥା ପ୍ରକୃତିବନ୍ଧୁ ପ୍ରାଧାପକ ମନୋଜ କୁମାର ମହାପାତ୍ର କହିଛନ୍ତି। ତେଣୁ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ଜୈବିକ ସାର ପାଇଁ ପ୍ରୋତ୍ସାହନ ଦେବା ନିତ୍ୟାନ୍ତ ଆବଶ୍ୟକ। ଏହା ଫଳରେ ମାଟିର ଉର୍ବରତା ବଜାୟ ରହିବ ଏବଂ କୀଟପତଙ୍ଗ ସବୁ ସୁରକ୍ଷିତ ହୋଇପାରିବେ ବୋଲି ପ୍ରାଧାପକ ମହାପାତ୍ର ପ୍ରକାଶ କରିଛନ୍ତି। ଏଥିନିମନ୍ତେ ଜନସଚେତନତା ଆବଶ୍ୟକ ବୋଲି ସାଧାରଣରେ କୁହାଯାଇଛି।


**"ମା' ଙ୍କ ନାମରେ ଗଛଟିଏ"**
**୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା**

ମା' ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ଅଧୀନରେ ନିମ୍ନଲିଖିତ ୧୮(ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ, ଅନୁଷ୍ଠାନ ମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦେବାକୁ ପଡ଼ିବ। ଏତତ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର : (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| ନଂ. | ବନାଞ୍ଚଳ (ରେଞ୍ଜ୍) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧର ପାଲି | ୧୨୬୪୮ | ଶ୍ରୀ ତାପସ କୁମାର ଶତପଥୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ.ବଲାଙ୍ଗ | 4୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଳିପୋଷ | ଗଡ଼ରୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପୋଳ | ୬୩୭୦୨୬୩୬୧୯ |
| ୬ | କୁଳିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାତ୍ କିପୋସ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଈଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଲ | ୧୫୦୦୦ | ଶ୍ରୀ ପ୍ରତାପ କୁମାର ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଆଁ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ସାହୁ, ବନପାଳ | ୮୭୬୩୪୯୨୧୭୮ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଡ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ : | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼



**OFFICE OF THE PRINCIPAL**
**GOKUL PARVATI RURAL DEGREE COLLEGE, KUNTARA**
DIST.: SAMBALPUR, ODISHA - 768227
Email: gokulparvati@gmail.com

**TENDER/QUOTATION CALL NOTICE**

Sealed tenders/quotations are invited from intending registered manufactures/firms/suppliers having PAN/GST registration with IT Clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting. Internet facilities, Odia literature & language books through Regd. Post/Speed Post on or before 3 P.M. on 31.07.2025.
For details of the requirement with specification terms and conditions please contact Mob. No. 7655028730 and visit website: **gprcollegekuntara.in**.
The undersigned reserves the right to cancel part or whole of the tenders/quotations without specifying any reason thereof.

Sd./- Principal-cum-Secretary
G.P.R. Degree College, Kuntara,
Dist.: Sambalpur



**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
NirupanBhawan, 3rd Floor, Room No. 401,56-Set,
Doranda,Ranchi-834002

**e-Procurement ( Short Tender Notice )**
Letter of Invitation (LOI) No.-13/2025-26
2nd Call
e-Tender Ref No:–RCD/PID/RANCHI/13/2025-26 Date:-18.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. **As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,At 05:30 PM |
| 7 | Online Last Date/Time of Bid Submission | 06.08.2025, 12:00 noon |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 355580 Road(25-26).D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.
PR 357762 (Road) 25-26 (D)

## ଓଡ଼ିଶୀ ନୃତ୍ୟର ଗଭୀରତା ପ୍ରଦର୍ଶନ କଲା 'କଳାବତୀ ପଲ୍ଲବୀ'

ଭୁବନେଶ୍ୱର, ୧୯।୭ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟପ୍ରଜ୍ଞା ପବ୍ଲିକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୃତ୍ୟପ୍ରଜ୍ଞା ଉତ୍ସବ ଶନିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଗୁରୁ କୁମକୁମ୍ ମହାନ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ କଳାବତୀ ପଲ୍ଲବୀ ଉପସ୍ଥାପନ କରିଥିଲେ ନୃତ୍ୟଶିଳ୍ପୀ ଲକି ପ୍ରଜ୍ଞା ପ୍ରଜ୍ଞିତ ମହାନ୍ତି। ଏହା ଓଡ଼ିଶୀ ନୃତ୍ୟର ଗଭୀରତା ପ୍ରଦର୍ଶନ କରିଥିଲା। ଏଥିରେ ସୁହାଗ ନଳିନୀ ଦାସ, ବିରଞ୍ଚି ଦାସ ଓ ପ୍ରାର୍ଥିତା ମହାପାତ୍ର ପ୍ରମୁଖ ଏକକ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ର ମଙ୍ଗଳାଚରଣ ଓ ଆହେ ନୀଳଶୈଳ ପରିବେଷଣ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ କୁମକୁମ୍ ମହାନ୍ତି, ସମ୍ମାନିତ ଅତିଥିଭାବେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି, ବରିଷ୍ଠ ଖବରଦାତା ଶ୍ରୀରାମ ଦାଶ, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ କର୍ଣ୍ଣେଲ ସୋନାଲି ରଥ ଏବଂ ଓଟିଡିସିର ପୂର୍ବତନ ସଚିବ ଜିତେନ୍ଦ୍ରିୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସଚିବ ସସ୍ମିତା ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଧାନ ବିହନ ପାଇଁ ବାରଦୁଆର ଚାଷୀ

ଝାଁଳା, ୧୯।୭ (ବୁଲା ବାରିକ)



ମୌସୁମୀ ବର୍ଷା ପରେ ରୁଆ ବେଉଷଣ ପାଇଁ ଚାଷୀ ତରତର ହେଲାଣି। ମାତ୍ର ପରିତାପର କଥା, ରାଜଧାନୀ ଉପକଣ୍ଠ ଝାଁଳା ଅଞ୍ଚଳରେ ଚାଷୀଙ୍କୁ ବିହନ ମିଳୁନାହିଁ। ଜଣଶା ବ୍ଲକ ପଞ୍ଚାୟତରେ ବିଭାଗୀୟ ବିହନ ବିକ୍ରୟ କେନ୍ଦ୍ର ନ ଥିବାରୁ ଚାଷୀଙ୍କୁ ବାରଦୁଆର ବୁଲିବାକୁ ପଡୁଛି। ଝାଁଳାରେ ସେବା ସମବାୟ ସମିତି ଓ କୃଷି ବିଭାଗର କାର୍ଯ୍ୟାଳୟ ଥାଇ ମଧ୍ୟ ବିହନ ମିଳୁନାହିଁ। ତେଣୁ ଚାଷୀମାନେ ବିହନ ପାଇଁ ବଡ ସମସ୍ୟାରେ ପଡୁଛନ୍ତି।

ଗତ କିଛିବର୍ଷ ହେଲା ଝାଁଳା କୃଷି କାର୍ଯ୍ୟାଳୟକୁ ବିହନ ଆସୁନାହିଁ। ସମବାୟ ସମିତିରେ ବିହନ ବିକ୍ରୟ ହେବା ପାଇଁ ନିୟମ ଲାଗୁ ହେଲାଠାରୁ କୃଷି କାର୍ଯ୍ୟାଳୟରେ ବିହନ ବିକ୍ରି ବନ୍ଦ ହୋଇଯାଇଛି। ଏବେ ଝାଁଳା ସେବା ସମବାୟ ସମିତିକୁ ମଧ୍ୟ ବିହନ ଆସୁନାହିଁ। ଫଳରେ ଝାଁଳା ପଞ୍ଚାୟତର ଝାଁଳା, ଉତ୍ତର ମୁଣ୍ଡମୁହାଣ, ରାଧାଚରଣପୁର, ଓଗାଳପଡା ଓ ମଦନପୁର ପଞ୍ଚାୟତର ମଦନପୁର, ବଡ଼ରଘୁନାଥପୁର, କାଇମାଟିଆ, ଯାଗସରାପଟଣା, ଦେଉଳିଆପାଟଣା ଆଦି ଗ୍ରାମର ଚାଷୀମାନେ ଧାନ ବିହନ ପାଇଁ ହଇରାଣ ହେଉଛନ୍ତି। ମଦନପୁର ପଞ୍ଚାୟତର ଚାଷୀମାନେ ମେଧାଶାଳ ଓ ଅରିଶଲ ସେବା ସମବାୟ ସମିତିକୁ ଧାଉଁଛନ୍ତି। ସେହିଭଳି ଝାଁଳା ପଞ୍ଚାୟତର ଚାଷୀମାନେ ଜଣଶା କିମ୍ବା ପିପିଲି ପର୍ଯ୍ୟନ୍ତ ଦୌଡୁଛନ୍ତି। ବିହନ ପାଇଁ ଦୂରକୁ ଦୌଡିବା ଯେତିକି ବାଧୁଛି ବେଳେବେଳେ ବିହନ ନ ପାଇ ଫେରିବା ତା'ଠାରୁ କଷ୍ଟଦାୟକ ହେଉଛି। ସେହିଭଳି ଚାଷୀ ନିଜ ଜମି ପାଇଁ ଅନୁକୂଳ ବା ପସନ୍ଦର ବିହନ ପାଇପାରୁନାହାନ୍ତି। ବିକ୍ରୟ କେନ୍ଦ୍ରରେ ଯାହା ମହଜୁଦ ଅଛି, ସେହି ବିହନ ନେବା ପାଇଁ ବାଧ୍ୟ ହେଉଛନ୍ତି। ଝାଁଳା ଅଞ୍ଚଳର ଚାଷୀ ରତ୍ନାକର ଭୂୟାଁ କହିଛନ୍ତି, ଚଳିତ ବର୍ଷ ଠିକ୍ ସମୟରେ ବର୍ଷା ଆରମ୍ଭ ହୋଇଥିଲା। ତେଣୁ ରଜ ପରେ ତଳି ପଡ଼ିବା କଥା। ଏତେବେଳକୁ ତଳି ଉପାଡ଼ି ବିଲରେ ରୁଆ କାମ ଆରମ୍ଭ ହୁଅନ୍ତା ବା ଯେଉଁ କିଆରିରେ ଧାନ ବୁଣାଯାଇଥିଲା, ତାହା ବେଉଷଣ ହେବା କଥା। କିନ୍ତୁ ବିହନ ବିକ୍ରୟ କେନ୍ଦ୍ର ନ ଥିବାରୁ ବିହନ ପାଇଁ ଅନ୍ୟ ଅଞ୍ଚଳକୁ ଯିବାକୁ ପଡୁଛି। ସେଠାରେ ସବୁବେଳେ ସବୁ ପ୍ରକାର ବିହନ ମିଳିବା କଷ୍ଟକର ହେଉଛି। ତେଣୁ ଏଣିକି ଧାନଚାଷ ବଞ୍ଚାଇ ରଖିବା ସମ୍ଭବ ହେବ ନାହିଁ। ବିଲ୍ଡରଙ୍କ ଆଁରେ ଅଧା ଗହିର ଗଲାଣି। ଯେତିକି ଅଛି, ତାକୁ ଚାଷ କରିବା ପାଇଁ ସରକାରୀ ସୁବିଧା କିଛି ନାହିଁ। ଯେଉଁଠି ବିହନ ମୁଠାଏ ମିଳୁ ନାହିଁ ସେଠାରେ ସାର କଥା କାହାକୁ ଗୁହାରି କରିବା ବୋଲି ଭୂୟାଁଙ୍କ ସମେତ ବହୁ ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଏନେଇ ଝାଁଳା ସେବା ସମବାୟ ବ୍ୟାଙ୍କର ଜଣେ କର୍ମଚାରୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଗୋଦାମ ଘର ଅଭାବରୁ ବିହନ ଆଣି ହେଉନାହିଁ। ଯେଉଁ ଗୋଦାମ ଘର ଅଛି, ତାହା ବହୁବର୍ଷ ଧରି ମରାମତି ହୋଇ ନ ଥିବାରୁ ସେଥିରେ ବିହନ ରଖିବା ସମ୍ଭବ ନୁହେଁ। ଗୋଟିଏ ବର୍ଷର ହିସାବ ଦେଇ କହିଲେ ଯେ, ସେହି ବର୍ଷ ଯେତିକି ବିହନ ବିକ୍ରି ହେଲା, ତା'ଠାରୁ ଅଧିକ ବିହନ ମୂଷା ଖାଇଗଲେ। ତେଣୁ ସେହି ବର୍ଷଠାରୁ ବିହନ ବିକ୍ରୟ ବ୍ୟବସ୍ଥା ବନ୍ଦ କରାଯାଇଛି। ଘର ମରାମତି ପରେ ବିହନ ଅଣାଯିବ।

## କ୍ଲଷ୍ଟରସ୍ତରୀୟ ପ୍ରଥମ ମାସିକ ବୈଠକ



ବୈଠକରେ ଯୋଗଦେଇଥିବା ଅତିଥି।

ଟାଙ୍ଗୀ, ୧୯।୭ (ରଘୁନାଥ ସାହୁ)

ମୁକ୍ତେଶ୍ୱରଦେବ କ୍ଲଷ୍ଟରର ପ୍ରଥମ ମାସିକ ବୈଠକ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରିୟମ୍ବଦା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିରୂପେ ପରିଚାଳନା କମିଟି ସଭାପତି ପରମାନନ୍ଦ ପ୍ରଧାନ ଯୋଗଦେଇ ବିଦ୍ୟାଳୟ ସ୍ତରରେ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାରଟିଆ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୋଫାନ ନାୟକ, ଲଳିତ ନାରାୟଣ ମହାପାତ୍ର, ଅମିତ ଚକ୍ରବର୍ତ୍ତୀ, ପ୍ରଥମା ଏଜୁକେଶନ ଫାଉଣ୍ଡେଶନର ଓଡ଼ିଶା ରାଜ୍ୟ ଦକ୍ଷତା ପ୍ରଶିକ୍ଷଣ ସହକର୍ମୀ ହିମାଂଶୁ ପତି, ଖୋର୍ଦ୍ଧା ଜିଲା ଟିମ୍ ଲିଡର ରାକେଶ ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ବୈଠକରେ ଶିଶୁବାଟିକା ପୁସ୍ତିକା ଓ କାର୍ଯ୍ୟ ପୁସ୍ତିକା, ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ନମୁନା ପାଠ୍ୟଟିକା, ଆଦର୍ଶ ଶିକ୍ଷାଦାନ କଳାଂଶ, କାର୍ଯ୍ୟ ନିର୍ଘଣ୍ଟ ବିଦ୍ୟାଳୟ ବିକାଶ ଯୋଜନା, ବିଦ୍ୟାଳୟ ବିକାଶ ଓ ନିରାପତ୍ତା ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ଉଜ୍ଜ୍ୱଳା ଗୋପୀନାଥପୁରର ପ୍ରିୟଙ୍କା ମହାପାତ୍ର, ମାନତୀ ନାୟକ, ପ୍ରକାଶ ବେହେରା, ଦୀପୁନ ପରିଡ଼ା, ମନୋରମା ସାହୁ, ମୀନାକ୍ଷୀ ବେହେରା, ସୋନାଲି ମୁର୍ମୁ, ଅନସୂୟା ବିଶ୍ୱାଳ, ରଶ୍ମିତା ସେଠୀ, ଟିକିନା ବାରିକ, ଟୁଲୁ ପ୍ରଧାନ, ବୀଣାପାଣି ବେହେରା, ମଞ୍ଜୁବାଳା ଦେଈ, ଗୀତା ବେହେରା, ଶ୍ରୀୟା ଦେଈ, ବିଭୂତି ଭୂଷଣ ବାରିକ, ସୀତା ଦେଈ, ସବିତା ବାଘସିଂହ, ନମିତା ପାଇକରାୟ, ରୁନି ଜେନା, କାଗଜୀ ମାର୍ଥୀ ପ୍ରମୁଖ ଭାଗ ନେଇଥିଲେ। ମୁକ୍ତେଶ୍ୱର ଦେବ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉଜ୍ଜ୍ୱଳା ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ।

# 'ପାଣି ଟୋପେ ଦିଅ, ମୋତେ ବଞ୍ଚାଅ'

## ସହାୟତା କରି ମାନବିକତା ଦେଖାଇଲେ ଦୁଃଖୀଶ୍ୟାମ

ବଲଙ୍ଗା, ୧୯।୭ (କେଦାରେଶ୍ୱର ନନ୍ଦ)



ଦୁଃଖୀଶ୍ୟାମ ସେନାପତି

'ପାଣି ଟୋପେ ଦିଅ, ମୋତେ ବଞ୍ଚାଅ'। ନାବାଳିକା ଛାତ୍ରୀଜଣକ ଜଳୁଥିବା ଅବସ୍ଥାରେ କୌଣସିମତେ ଦୁର୍ବୃତ୍ତମାନଙ୍କ କବଳରୁ ନିଜକୁ ରକ୍ଷାକରି ସ୍ଥାନୀୟ ତେରହଳ ଗ୍ରାମର ଦୁଃଖୀଶ୍ୟାମ ସେନାପତିଙ୍କ ଘରକୁ ଦୌଡ଼ିଯାଇ କାନ୍ଦିକାନ୍ଦି ଏପରି ଗୁହାରି କରିଥିଲେ। ଦୁଃଖୀଶ୍ୟାମ ହଠାତ୍ କିଛି ବୁଝିପାରି ନ ଥିଲେ ମଧ୍ୟ ତାଙ୍କୁ ତତ୍କ୍ଷଣାତ୍ ନିଜ ଘର ଭିତରକୁ ନେଇଯାଇ ପରିବାର ଲୋକଙ୍କୁ ଡାକ ପକାଇଥିଲେ। ନାବାଳିକାଙ୍କ ଡ୍ରେସ୍ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ପ୍ରଥମେ ଦୁଃଖୀଶ୍ୟାମଙ୍କ ଝିଆରୀ ତାଙ୍କ ଡ୍ରେସ୍ ବଦଳାଇ ଏକ ନାଇଟ୍ ପିନ୍ଧାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପାଣି ପିଇବାକୁ ଦେବା ସହ ଯଥାସମ୍ଭବ ଆଶୁ ଚିକିତ୍ସା କରିଥିଲେ। ସମ୍ପୃକ୍ତ ନାବାଳିକାଙ୍କଠାରୁ ସମସ୍ତ କଥା ଶୁଣିବା ପରେ ସେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେମାନଙ୍କ ସହଯୋଗରେ ନାବାଳିକାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା ମଧ୍ୟ କରିଥିଲେ। ଏପରି କି ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ଜାଣିବା ପାଇଁ ସେ ଘଟଣାସ୍ଥଳକୁ ଧାଇଁଥିଲେ। ତେବେ ସେତେବେଳକୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ଦୁଃଖୀଶ୍ୟାମଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଥିବାବେଳେ ସେ ମାନବିକତା ଦେଖାଇ ଭାଇଚାରାର ଉଦାହରଣ ସୃଷ୍ଟି କରିଥିବା ମତ ପ୍ରକାଶ ପାଇଛି।

# ପିଏନ୍ କଲେଜର ୬୬ତମ ବିଦ୍ୟାରମ୍ଭ ଉତ୍ସବ




ବିଦ୍ୟାରମ୍ଭ ସାମ୍ବତ୍ସରିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଖୋର୍ଦ୍ଧା, ୧୯।୭ (ପ୍ରଭାତ ପାଣିଗ୍ରାହୀ)

### ପତ୍ରିକା ଫ୍ରଣ୍ଟ୍‌ଫୁଟ, କ୍ୟାଲେଣ୍ଡର ଉନ୍ମୋଚିତ

ପ୍ରାଣନାଥ (ପି.ଏନ୍.) ସ୍ୱୟଂଶାସିତ ମହାବିଦ୍ୟାଳୟର ୬୬ତମ ବିଦ୍ୟାରମ୍ଭ ସାମ୍ବତ୍ସରିକ ଉତ୍ସବ ଏବଂ ବନ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ କ୍ୟାମ୍ପସ ପରିସରରେ ଚାରାରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ପରିଚାଳନା କମିଟି ସଭାପତି ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ପରିଶ୍ରମ, ନିଷ୍ଠା, ଏକାଗ୍ରତ ଜରୁରୀ ବୋଲି ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ଡ. ବିଦୁଶ୍ରୀ ମିଶ୍ର ସ୍ୱାଗତ ଭାଷଣ ଦେଇ କହିଲେ, ୧୯୫୯ ଜୁଲାଇ ୧୯ରେ ଏହି କଲେଜ ପ୍ରତିଷ୍ଠା ହୋଇଥିଲା। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଉଚ୍ଚଶିକ୍ଷାର ଲକ୍ଷ୍ୟ ନେଇ ଏହି କଲେଜ ପ୍ରତିଷ୍ଠା କରିଥିଲେ। ଏହି କଲେଜ ତାଙ୍କ ନାମ ଅନୁସାରେ ନାମକରଣ କରାଯାଇଛି। ଡ. ହରେକୃଷ୍ଣ ମହତାବ, ରାଜେନ୍ଦ୍ର ନାରାୟଣ ସିଂଦେଓ ଏବଂ ରାଧାନାଥ ରଥ ପ୍ରାଣନାଥ କଲେଜରେ ବିଦ୍ୟାରମ୍ଭ କରିଥିଲେ। ଏହି ଦିବସର ସ୍ମୃତି ଉଦ୍ଦେଶ୍ୟରେ ବନ ମହୋତ୍ସବ ପାଳିତ ହୋଇଆସୁଛି। ଅତିଥିମାନେ କଲେଜ ତ୍ରୟମାସିକ ପତ୍ରିକା 'ଫ୍ରଣ୍ଟଫୁଟ୍' ଓ 'କଲେଜ କ୍ୟାଲେଣ୍ଡର' ଉନ୍ମୋଚନ କରିଥିଲେ।

ପ୍ରାଣନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ୨) ଅଧ୍ୟକ୍ଷା ଡ. ପୂର୍ଣ୍ଣିମା ନାୟକ, ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ଡ. ପ୍ରଦୀପ୍ତ ମହାପାତ୍ର, ଧନ୍ଦାମୂଳକ ପାଠ୍ୟକ୍ରମ ଅଧ୍ୟକ୍ଷ ଗଦାଧର ସାହୁ, ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଅଧ୍ୟାପିକା ସୁଧାଂଶୁବାଳା ରାଉତ, ତୃପ୍ତିରେଖା ପଣ୍ଡା, ଡ. ନନ୍ଦିତା ଛୋଟରାଏ, ସ୍ୱାଗତିକା ମୁର୍ମୁ, ଅଲିଭା ବେଉରା, ଅଧ୍ୟାପକ ସୁବୋଧ ଜଗଦ୍ଦେବ, ଡ. ଅନିଲ ରାଏ, ଲକ୍ଷ୍ମୀପ୍ରସନ୍ନ ପଟ୍ଟନାୟକ, ଡ. ସୌମେନ୍ଦ୍ର କୁମାର ମିଶ୍ର ଏବଂ ଡ. ବ୍ରଜକିଶୋର ସାହୁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କଲେଜ ଏନ୍‌ସିସି, ରୋଭରସ ରେଞ୍ଜର, ଭାରତ ସ୍କାଉଡ ଗାଇଡସ୍, ଜୁନିୟର ରେଡକ୍ରସ, ଇକୋ କ୍ଲବ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅତିଥିମାନେ ମିଳିମିଶି କ୍ୟାମ୍ପସ ପରିସରରେ ଔଷଧୀୟ ଚାରା ରୋପଣ କରିଥିଲେ।

## ଆଦର୍ଶ ଶିକ୍ଷକ ରାମକୃଷ୍ଣ ସାହୁଙ୍କ ପରଲୋକ

ବୋଲଗଡ଼, ୧୯।୭ (ଦେବବ୍ରତ ହୋତା)



ଆଦର୍ଶ ଶିକ୍ଷକ ରାମକୃଷ୍ଣ ସାହୁଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ସେ ହୃଦଘାତରେ ରଣପୁରସ୍ଥିତ ନିଜ ବାସଭବନରେ ପ୍ରାଣ ହରାଇଛନ୍ତି। ସେ ବୋଲଗଡ଼ ବାମନସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱକାଳ ଶିକ୍ଷକତା କରି ୨୦୦୫ରେ ଅବସର ନେଇଥିଲେ। ବିଜ୍ଞାନ ଓ ଗଣିତ ଶିକ୍ଷକ ଭାବେ ତାଙ୍କର ଶିକ୍ଷାଦାନ ଉଚ୍ଚକୋଟୀର ଥିଲା। ବିଦ୍ୟାଳୟ ପାଠପଢା ସହ ବ୍ୟକ୍ତିଗତ ଭାବେ ବିଦ୍ୟାର୍ଥୀମାନଙ୍କ ବିଜ୍ଞାନ ଓ ଗଣିତ ଶିକ୍ଷାର ଉନ୍ନତିରେ ସେ ସହାୟକ ହୋଇ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଞ୍ଚଳବାସୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

# ଓଡ଼ିଶୀରେ ବିଭୋର ହେଲେ ଦର୍ଶକ

## ପ୍ରଦକ୍ଷିଣା ସ୍କୁଲ ଅଫ୍ ଓଡ଼ିଶୀ ଡ୍ୟାନ୍ସର ୬ଷ୍ଠ ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୯।୭ (ସୌମ୍ୟରଞ୍ଜନ ରାଉତ)

ପ୍ରଦକ୍ଷିଣା ସ୍କୁଲ ଅଫ୍ ଓଡିଶୀ ଡ୍ୟାନ୍ସର ୬ଷ୍ଠ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶୀ ନୃତ୍ୟ ସନ୍ଧ୍ୟା ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ଅଧିବେଶନରେ ଓଡ଼ିଶୀ ପରିବେଷଣ ଥିଲା। ଏହାର ସଙ୍ଗୀତ ସଂଯୋଜନା ବିନାୟକ ନେଟକେ ଓ ନୃତ୍ୟ ସଂଯୋଜନା ଅଂଶୁମାନ ମିଶ୍ର କରିଥିଲେ। ଆରାଧ୍ୟା, ଅର୍କିଶା, ଆୟୁଷୀ, ଆଦିକାଙ୍କ ସମେତ ଅନ୍ୟ ଶିଳ୍ପୀମାନେ ନୃତ୍ୟ ପରିବେଶଣ କରିଥିଲେ। ଶେଷରେ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ଶିଷ୍ୟ ସୌରଭ ମହାନ୍ତି ଓ ରୋହିଣୀ ସାମଲଙ୍କ ଦ୍ୱାରା ଓଡ଼ିଶୀ ଦ୍ୱୈତ୍ୟ ନୃତ୍ୟ ଶିବାଷ୍ଟକ ପରିବେଷିତ ହୋଇଥିଲା। ନୃତ୍ୟ ସମୟରେ ପ୍ରଦକ୍ଷିଣାର ନୃତ୍ୟଶିଳ୍ପୀମାନେ ଚମତ୍କାର ଓ ଆକର୍ଷଣୀୟ ଅଙ୍ଗଭଙ୍ଗୀ ସାଙ୍ଗକୁ ତାଳ, ଲୟ ଓ ଛନ୍ଦର ସମିଶ୍ରଣରେ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ଡ. ଇଲିଆନା ଚିତ୍ତାରିସ୍ତି, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଡ. ଅରୁଣା ମହାନ୍ତି, ଏବିଆଇଟିଗ୍ରୁପ୍‌ଅଫଇନଷ୍ଟିଚ୍ୟୁସନ୍ସର ପରିଚାଳନା ଟ୍ରଷ୍ଟି ଇଂ. ସତ୍ୟଦର୍ଶୀ ମିଶ୍ର, ଏବିଆଇଟି ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ୍ସର ପରିଚାଳନା ଟ୍ରଷ୍ଟି ଇଂ. ପାୟଲ ମହାପାତ୍ର, ଅନୁଷ୍ଠାନର ଟ୍ରଷ୍ଟି ଗୁରୁ ରତିକାନ୍ତ ମହାପାତ୍ର ଏବଂ ପ୍ରଦକ୍ଷିଣାର ନିର୍ଦ୍ଦେଶକ ଅଂଶୁମାନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ମାନିତ ହେଲେ ପୋଲିସ ଅଧିକାରୀ

ବାଲିଅନ୍ତା ୧୯।୭ (ନୀଳମାଧବ ସାହୁ)

### ଅସୁସ୍ଥ ମହିଳାଙ୍କୁ ସହାୟତା

କଂଗ୍ରେସର ଓଡ଼ିଶା ବନ୍ଦ ଡାକରା ଦିନ ଜାତୀୟ ରାଜପଥ ଅବରୋଧ ଯୋଗୁ ବସ୍‌ରେ ଫସିଥିବା ଜଣେ ଅସୁସ୍ଥ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନା ପଠାଇଥିବା ପୋଲିସ ଅଧିକାରୀ ସ୍ମୃତିରଞ୍ଜନ ମହାନ୍ତିଙ୍କୁ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ପାହାଳ ଥାନାର ଏସ୍‌ଆଇ ରୂପେ କାର୍ଯ୍ୟରତ ମହାନ୍ତିଙ୍କୁ ସମ୍ମାନିତ କରିବା ସହ ଏକ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ଓଡ଼ିଶା ବନ୍ଦ ବେଳେ ଏସ୍‌ଆଇ ମହାନ୍ତି ଭୁବନେଶ୍ୱର – କଟକ ରାସ୍ତାର ରୁଦ୍ରପୁର ନିକଟରେ ଡ୍ୟୁଟିରେ ଥିଲେ। ସେହି ସମୟରେ ନୂଆପଡ଼ାରୁ କଟକ ବଡ଼ ଡାକ୍ତରଖାନାକୁ ଏକ ମହିଳା ଚିକିତ୍ସା ନିମନ୍ତେ ବସ୍ ଯୋଗେ ଆସୁଥିବା ବେଳେ ରାସ୍ତା ଅବରୋଧ ଯୋଗୁ ଗାଡ଼ିଟି ଫସି ଯାଇଥିଲା। ବସରେ ଥିବା ରୋଗାକ୍ରାନ୍ତ ମହିଳା ଦୀର୍ଘ ସମୟ ଅଟକି ରହିବା ଫଳରେ ଅଚେତ ହୋଇପଡ଼ିଥିଲେ। ଏହି ଘଟଣା ସେଠାରେ ଥିବା ପୋଲିସ ଅଧିକାରୀ ମହାନ୍ତିଙ୍କ ନଜରକୁ ଆସିଥିଲା। ସେ ତତ୍କ୍ଷଣାତ୍ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିଲେ। ମହାନ୍ତି ଅସୁସ୍ଥ ମହିଳାଙ୍କୁ ଦୁଇହାତରେ ବୋହି ଆଣି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ପୋଲିସ ଅଧିକାରୀଙ୍କ ଏହି ମାନବିକତା ପାଇଁ ତାଙ୍କୁ ପ୍ରଶଂସା କରାଯାଇଛି।

# ନିମ୍ଫସ୍ ପକ୍ଷରୁ ୬୦ କଳାକାର ସମ୍ମାନିତ

ଭୁବନେଶ୍ୱର, ୧୯।୭ (ସୌମ୍ୟରଞ୍ଜନ ରାଉତ)



କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

ନିମ୍ଫସ୍ ପକ୍ଷରୁ କଳିଙ୍ଗାୟନ ତୌର୍ଯ୍ୟତ୍ରୀକମ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଶନିବାର ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର ଶିଳ୍ପୀ ମାନଙ୍କ ଦ୍ୱାରା ଦଳଗତ ନୃତ୍ୟ, କାଳୀ, ମଙ୍ଗଳା ଚରଣ ନୃତ୍ୟ ସମେତ ଅନ୍ୟାନ ନୃତ୍ୟ ପରିବେଷଣ ହୋଇଥିଲା। ପରେ ୬୦ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସହିତ୍ୟ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ଉତ୍ତରର ବିଧାୟକ ସୁଶାନ୍ତ କୁମାର ରାଉତ, କର୍ପୋରେଟର ମାନସୀ ରାଉତରାୟ, ଟ୍ରଷ୍ଟି ଅଧ୍ୟକ୍ଷ ଅଂଶୁମାନ ମିଶ୍ର, ଓଡ଼ିଶୀ ଗୁରୁ ପୁଷ୍ପିତା ମିଶ୍ର, ମହୋତ୍ସବର ନିର୍ଦ୍ଦେଶକ ସେୟାଶ୍ରୀ ପତି ପ୍ରମୁଖ ଉପସ୍ଥିତ ଥିଲେ। ଆଦ୍ୟାଶା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


"ମା' ଙ୍କ ନାମରେ ଗଛଟିଏ"
୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା

ମା' ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ଅଧୀନରେ ନିମ୍ନଲିଖିତ ୧୮ (ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ, ଅନୁଷ୍ଠାନ ମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ। ଏତତ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର : (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| ନଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧର ପାଲି | ୧୨୬୪୪୮ | ଶ୍ରୀ ତାପସ କୁମାର ଶତପଥୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ.ବଲାଙ୍ଗ | ୪୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଲିପୋଷ | ଗଡ଼ରୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପୋଳ | ୬୩୭୦୨୬୩୬୧୯ |
| ୬ | କୁଲିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାତ୍ କିପୋସ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଈଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଲ | ୧୫୦୦୦ | ଶ୍ରୀ ପ୍ରତାପ କୁମାର ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଆଁ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ସାହୁ, ବନପାଳ | ୮୭୬୩୪୯୨୧୭୮ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଳ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ : | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼



OFFICE OF THE PRINCIPAL
GOKUL PARVATI RURAL DEGREE COLLEGE, KUNTARA
DIST.: SAMBALPUR, ODISHA - 768227
Email: gokulparvati@gmail.com
TENDER/QUOTATION CALL NOTICE

Sealed tenders/quotations are invited from intending registered manufactures/firms/suppliers having PAN/GST registration with IT Clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting. Internet facilities, Odia literature & language books through Regd. Post/Speed Post on or before 3 P.M. on 31.07.2025.
For details of the requirement with specification terms and conditions please contact Mob. No. 7655028730 and visit website: gprcollegekuntara.in.
The undersigned reserves the right to cancel part or whole of the tenders/quotations without specifying any reason thereof.

Sd./- Principal-cum-Secretary
G.P.R. Degree College, Kuntara,
Dist.: Sambalpur



OFFICE OF THE EXECUTIVE ENGINEER
PLANNING AND INVESTIGATION DIVISION
ROAD CONSTRUCTION DEPARTMENT (RCD),RANCHI
NirupanBhawan, 3rd Floor, Room No. 401,56-Set,
Doranda,Ranchi-834002

e-Procurement ( Short Tender Notice )
Letter of Invitation (LOI) No.-13/2025-26
2nd Call
e-Tender Ref No:–RCD/PID/RANCHI/13/2025-26 Date:-18.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/ (Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. **As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,At 05:30 PM |
| 7 | Online Last Date/Time of Bid Submission | 06.08.2025, 12:00 noon |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 355580 Road(25-26).D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.
PR 357762 (Road) 25-26 (D)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୭।୨୦୨୫

| | |
|---|---|
| ୪,୯୪,୩୮୮ ଟଙ୍କା | |
| ସୁନା | ୧.୪୫୦ ଗ୍ରାମ୍ |
| ରୁପା | ୧୫.୮୦୦ ଗ୍ରାମ୍ |

# ହେଉନି ରାତ୍ରିକାଳୀନ ପାଟ୍ରୋଲିଂ, ବଢ଼ୁଛି ବାଲିଚାଲାଣ

କୋଣାର୍କ,୧୯।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ବିଭିନ୍ନ ସ୍ଥାନରୁ ବେଆଇନ ବାଲିଚାଲାଣ ହେଉଥିବା ବେଳେ ସ୍ଥାନୀୟ ପୋଲିସ ପ୍ରଶାସନ, ରାଜସ୍ୱ ବିଭାଗର ଉଦାସୀନତା ଓ ନିଷ୍କ୍ରିୟତା ମନୋଭାବ ଯୋଗୁଁ ରାତିଅଧିଆ ବାଲି ଚୋରାଚାଲାଣ ବୃଦ୍ଧି ପାଉଛି। ଚୋରାଚାଲାଣ ସମ୍ପର୍କରେ କୋଣାର୍କ ପୋଲିସ, ଗୋପ ଓ କାକଟପୁର ତହସିଲ୍‌ଦାରଙ୍କୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ୁଛି। କୋଣାର୍କ ପୋଲିସର ରାତ୍ରିକାଳୀନ ପାଟ୍ରୋଲିଂ ଆଦୌ ହେଉ ନ ଥିବାରୁ ଏହାର ସୁଯୋଗ ନେଇ ଗତ କିଛିଦିନ ହେଲା କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ସମ୍ବେଦନଶୀଳ ସ୍ଥାନ, ଭଗବତୀ ମନ୍ଦିର ପଛପଟ ଓ ଚିତ୍ରେଶ୍ୱରୀ ରାଜସ୍ୱ ସର୍କଲ ଅଧୀନ ଗୋଧନପଡ଼ା ଏବଂ ବାଲିଦୋକାନ ଅଞ୍ଚଳର ବିଭିନ୍ନ ବାଲିବନ୍ତଗୁଡ଼ିକରୁ ବାଲିବୁହା ଚାଲିଛି। ଅବାଧରେ ବାଲି ଚୋରାଚାଲାଣ



ବାଲି ଚାଲାଣ କରାଯାଉଛି ।

ଯୋଗୁ କୋଣାର୍କ ସମେତ ଗୋଧନପଡ଼ା ଓ ବାଲିଦୋକାନ ଅଞ୍ଚଳରେ ଥିବା ପ୍ରାକୃତିକ ବାଲିବନ୍ତ ବିଲୁପ୍ତ ଓ ଧ୍ୱଂସସ୍ତୂପରେ ପରିଣତ ହେଉଥିବା ବେଳେ ଜଙ୍ଗଲ ସମ୍ପଦ ଅବକ୍ଷୟ ହେବାରେ ଲାଗିଛି ବୋଲି ପରିବେଶବିତ୍, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ଓ ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। କୋଣାର୍କ-ପୁରୀ ବେଳାମାର୍ଗ, ହେଲିପ୍ୟାଡ୍, ମଙ୍ଗୁଳେଶ୍ୱର ମନ୍ଦିର ନିକଟ ସମେତ ବିଭିନ୍ନ ସ୍ଥାନରେ ଥିବା ବାଲିବନ୍ତରୁ ନିୟମିତ ବାଲି ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳିଛି। ସରକାରଙ୍କ ମାଲିକାନାରେ ଥିବା ପ୍ରାକୃତିକ ବାଲିବନ୍ତରୁ ରାତିଅଧିଆ ବାଲି ଚୋରାଚାଲାଣ ହେଉଥିବା ବେଳେ ରାଜସ୍ୱ ବିଭାଗର ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି ବୋଲି ସାଧାରଣରେ ମତ ପ୍ରକାଶ

**ରାଜସ୍ୱ ବିଭାଗର ନିଷ୍କ୍ରିୟତା ଯୋଗୁ ସକ୍ରିୟ ହେଉଛନ୍ତି ବାଲିମାଫିଆ**

ପାଇଛି। ଏହି ସମ୍ବେଦନଶୀଳ ଘଟଣା ଉପରେ ପୁରୀ ଜିଲାପାଳ ଓ ଏସ୍‌ପି ଦୃଷ୍ଟିଦେବା ସହିତ ବାଲିଚାଲାଣ ଉପରେ ରୋକ ଲଗାଇବା ପାଇଁ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ କାକଟପୁର ତହସିଲ୍‌ଦାର ଅଙ୍କିତା ଅନିନ୍ଦିତାଙ୍କୁ ପଚାରିବାରେ ସେ କୁହନ୍ତି, ରାତିଅଧିଆ ବାଲି ଚୋରାଚାଲାଣ ଉପରେ ରୋକ ଲଗାଇବା ପାଇଁ ଜିଲା ଖଣିଜ ସମ୍ପଦ ଅଧିକାରୀ, ପୋଲିସ ଓ ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ନେଇ ଏକ ମିଳିତ ସ୍କ୍ୱାଡ୍ ଗଠନ କରାଯିବ। ରାତିଅଧିଆ ବାଲି ଚୋରାଚାଲାଣ ବନ୍ଦ କରିବା ପାଇଁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବା ସହ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଚଳିତବର୍ଷ ନିମାପଡ଼ା ବ୍ଲକ୍‌ରେ ନିର୍ମାଣ ହେବ ୭୯ ପ୍ରକଳ୍ପ

ନିମାପଡ଼ା,୧୯।୭(ବିଚିତ୍ରାନନ୍ଦ ସାହୁ)

ଗ୍ରାମାଞ୍ଚଳରେ ବହୁବିଧ ବିକାଶ, ଭିତ୍ତିଭୂମିର ସୁଦୃଢ଼ୀକରଣ କ୍ଷେତ୍ରରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ଓ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନାରେ ନିମାପଡ଼ା ବ୍ଲକରେ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ୪.୬୧ କୋଟି ଟଙ୍କା ବ୍ୟୟରେ ୭୯ଟି ନୂତନ ପ୍ରକଳ୍ପ ନିର୍ମାଣ ହେବ। ଏହି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ସରକାରୀ ଅନୁଦାନ ମଞ୍ଜୁର ହୋଇଛି। ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ପ୍ରକଳ୍ପର ତାଲିକା ଓ ପ୍ରପୋଜାଲ ଆସିଥିବା ବେଳେ ଏହି ବିକାଶମୂଳକ କାର୍ଯ୍ୟ ଡିପାର୍ଟମେଣ୍ଟ ଲି. କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ ନୂତନ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ କରାଯିବ ବୋଲି ବିଡିଓ ଡ. ଅଜିତ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏହି ସମସ୍ତ କାର୍ଯ୍ୟ କାହାର ମନମାନିରେ କରା ନ ଯାଇ ସରକାରଙ୍କ ନୀତିନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ ସୁଚାରୁରୂପେ କରାଯିବ ବୋଲି ବିଡିଓ କହିଛନ୍ତି। ଏହି ଯୋଜନାରେ କେତେକ ନିର୍ମାଣ କାର୍ଯ୍ୟ ଚଳିତ ମାସରୁ ଆରମ୍ଭ ହୋଇଛି। ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ଓ ଆସନ୍ତା ବର୍ଷକ ମଧ୍ୟରେ ଶେଷ ହେବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏହି ଯୋଜନାରେ ନୂତନ ପ୍ରକଳ୍ପଗୁଡ଼ିକ ନିର୍ମିତ ହୋଇ କାର୍ଯ୍ୟକ୍ଷମ ହେଲେ ଗ୍ରାମାଞ୍ଚଳର ଭିତ୍ତିଭୂମି, ଚିତ୍ର, ଦୃଶ୍ୟପଟ ବଦଳିଯିବ। ଗାଁ ଗଣ୍ଡାର ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ, ଗ୍ରାମାଞ୍ଚଳର ଲୋକଙ୍କ ମୁହଁରେ ହସ ଫୁଟିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସ୍ଥା ପ୍ରକଟ କରିଛନ୍ତି।



ଓଡ଼ିଶା ହାଇକୋର୍ଟରେ ନୂତନ ଭାବେ ଯୋଗଦେଇଥିବା ଗୌହାଟିର ବିଚାରପତି ମାନସ ରଞ୍ଜନ ପାଠକ ସପରିବାର ଶନିବାର ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

## ବନ୍ଦେ ମାତରଂ ଫାଉଣ୍ଡେଶନ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

ବନ୍ଦେ ମାତରଂ ଫାଉଣ୍ଡେଶନ ପକ୍ଷରୁ ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି କାମନା ନିମନ୍ତେ ଏକ ମହମବତି ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅଲାରନାଥ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମସ୍ତ ସଦସ୍ୟ ଦାଶରଥି ପ୍ୟାଲେସ୍ ଠାରୁ ଅଲାରନାଥ ମନ୍ଦିର ପର୍ଯ୍ୟନ୍ତ ମହମବତି ଶୋଭାଯାତ୍ରାରେ ଆସିଥିଲେ। ସୌମ୍ୟାଶ୍ରୀଙ୍କ ପରି ଅନେକ ମହିଳା ଏବେ ଯୌନ ନିର୍ଯାତନା ସହିତ ଶୋଷଣର ଶିକାର ହେଉଛନ୍ତି। ଯେଉଁଥିପାଇଁ ମହିଳାଙ୍କ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେଉଁ ବ୍ୟକ୍ତି ମହିଳାଙ୍କ ପ୍ରତି ଏଭଳି ଘୃଣ୍ୟ କାର୍ଯ୍ୟ କରୁଛନ୍ତି, ସେହି ଦୋଷୀମାନଙ୍କ ବିରୋଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଉଚିତ ଦଣ୍ଡବିଧାନ କରନ୍ତୁ ବୋଲି ଅନୁଷ୍ଠାନ ପକ୍ଷରୁ ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ଥାନାର ପୁଲିସ କର୍ମଚାରୀଙ୍କ ସମେତ ବରିଷ୍ଠ ନାଗରିକ, ଅନେକ ଯୁବତୀଯୁବକ ସାମିଲ୍ ହୋଇଥିଲେ।

# ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଲେ ଦିଗମ୍ବର

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

**ଜିଲା ଯାଦବ ମହାସଭା**

ଜିଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ସାଧାରଣ ସଦସ୍ୟ ପଦବୀରୁ ସଂଗଠକ ଦିଗମ୍ବର ବେହେରା ଇସ୍ତଫା ଦେଇଥିବା ଜଣାପଡ଼ିଛି। ବେହେରା ତାଙ୍କର ଇସ୍ତଫାପତ୍ର ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ନିକଟକୁ ପଠାଇଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବେହେରାଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ଆଇନଜୀବୀ ସମ୍ମିଳନୀ ପୁରୀଠାରେ ଅନୁଷ୍ଠିତ ହୋଇଥିଲା। ଲଉଡ଼ି ଖେଳକୁ କଳାର ମାନ୍ୟତା ଦେବା ଏବଂ ଲଉଡ଼ି କଳାକାରମାନଙ୍କୁ କଳାକାର ଭତ୍ତା ପ୍ରଦାନ ତାଙ୍କର ବହୁଦିନର ଦାବିକୁ ତତ୍କାଳୀନ ଓଡ଼ିଶା ସରକାର କାର୍ଯ୍ୟକାରୀ କରିଥିଲେ। ଜିଲାରେ ବାସ କରୁଥିବା ୨.୫ ଲକ୍ଷରୁ ଉର୍ଦ୍ଧ୍ୱ ଯାଦବମାନଙ୍କର ସାମ୍ବିଧାନିକ ଅଧିକାର ପାଇଁ ସେ ବିଭିନ୍ନ ମହଲରେ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଜିଲା ଯାଦବ ମହାସଭାର ବିଭିନ୍ନ ମୁରବିମାନେ ହଠାତ ଦିଗମ୍ବର ବେହେରାଙ୍କ ଇସ୍ତଫାକୁ ସହଜରେ ଗ୍ରହଣ କରିପାରୁନଥିବା ବେହେରା ସୂଚନା ଦେଇଛନ୍ତି।

# ଘଟଣାକୁ ଗୁରୁତ୍ୱ ଦେବାକୁ ଏସ୍‌ପିଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ

ଅନୁଗୋଳ,୧୯।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ)

**ନାବାଳିକା ଆକ୍ରମଣ ଘଟଣାକୁ ୧୦ ଦିନ ବିତିଲା**

ବାଲେଶ୍ୱରସ୍ଥିତ ଏଫ୍‌ଏମ୍ କଲେଜ ଛାତ୍ରୀ ନ୍ୟାୟ ପାଇଁ ଲଢ଼ି ଲଢ଼ି ଶେଷରେ ଜୀବନ ହାରିଲେ। ଏ ନେଇ ରାଜ୍ୟରେ ବିଦ୍ରୋହର ବହ୍ନି ଜଳୁଥିବାବେଳେ ଅନ୍ୟପଟେ ଦୀର୍ଘ ୧୦ ଦିନ ହେବ ଅନୁଗୋଳ ଥାନାକୁ ନାବାଳିକା ଛାତ୍ରୀ ଓ ତାଙ୍କ ମା' ନ୍ୟାୟ ପାଇଁ ଦୌଡୁଛନ୍ତି। ନାବାଳିକା ଛାତ୍ରୀଙ୍କୁ ଆକ୍ରମଣ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହ ବିଭାଗ ପକ୍ଷରୁ ଏକ୍ସ ମାଧ୍ୟମରେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନୁଗୋଳ ଅଞ୍ଚଳର ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରଶାସନ ତରଫରୁ ସିସିଟିଭି କ୍ୟାମେରା ଲାଗିନାହିଁ। ଫଳରେ ଅନୁଗୋଳ ବୁକରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଅଧିକାଂଶ ମନ୍ଦିର ଚୋରି ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଟ୍ରେସ୍ ପାଉନି। ଅନ୍ୟପଟେ ଜୁଲାଇ ୧୦ରେ ଅନୁଗୋଳ ଥାନାଠାରୁ ଅଳ୍ପ କିଛି ଦୂରରେ ଟ୍ୟୁସନରୁ ଫେରୁଥିବା ଜଣେ ୧୩ ବର୍ଷୀୟା ଛାତ୍ରୀଙ୍କୁ ଦିନଦ୍ୱିପ୍ରହରରେ କଳାମୁଖାପିନ୍ଧା ଯୁବକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କେବଳ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ସହ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟବସାୟୀଙ୍କ ସିସିଟିଭି ଯାଞ୍ଚ କରି ଚୁପ୍ ବସିଛି। ଏପର୍ଯ୍ୟନ୍ତ କଳାମୁଖାଧାରୀ ଆତଙ୍କ ସୃଷ୍ଟିକାରୀ ଯୁବକ ଧରାପଡ଼ିନାହାନ୍ତି। ସମ୍ପୃକ୍ତ ଯୁବକମାନଙ୍କ ଗିରଫ ଦାବିରେ ନାବାଳିକା ଛାତ୍ରୀ ଓ ତାଙ୍କ ମା' ବାରମ୍ବାର ଅନୁଗୋଳ ପୋଲିସର ଦ୍ୱାରସ୍ଥ ହେଉଥିବାବେଳେ ଶୁକ୍ରବାର ମଧ୍ୟାହ୍ନରେ କିଛି ଘଣ୍ଟା ପାଇଁ ଥାନା ସାମ୍ନାରେ ଧାରଣା ଦେଇଥିଲେ। ଅନୁଗୋଳ ଥାନାର ତଦନ୍ତକାରୀ ଅଧିକାରିଣୀ କହିଛନ୍ତି, ତଦନ୍ତ ତ୍ୱରାନ୍ୱିତ ହେଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଅନ୍ୟପଟେ ଖବର ପ୍ରସାରଣ ପରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଏକ୍ସ ମାଧ୍ୟମରେ ଜଣାଇଥିଲେ, ଯାହାକି ଗୃହ ବିଭାଗ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପକ୍ଷରୁ କଡ଼ାସୁରକ୍ଷା ବନ୍ଦୋବସ୍ତ କରାଯିବା, କଳା ପଲ୍‌ସରରେ ମୁଖାଧାରୀ କିଏ ଓ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଚାରାରୋପଣ ଆମମାନଙ୍କ ଭବିଷ୍ୟତ



ଚାରାରୋପଣ କରାଯାଉଛି ।

ଗୋପ,୧୯।୭(ଭାରତୀ ଭୂଷଣ ଉପାଧ୍ୟାୟ)

**କୁଶଭଦ୍ରା ବ୍ୟବସାୟୀ ସଂଘ ପକ୍ଷରୁ ବଞ୍ଚାଇବା ଅଭିଯାନ**

କେବଳ ଯେ ଚାରାରୋପଣ କରିବା ବଡ଼କଥା ନୁହେଁ। ବୃକ୍ଷର ସୁରକ୍ଷା ଓ ବୃକ୍ଷ ବଞ୍ଚାଇବା ଆମମାନଙ୍କ ଲାଗି ଏକ ମାଇଲଖୁଣ୍ଟ ବୋଲି ଶନିବାର ଗୋପ କୁଶଭଦ୍ରା ବ୍ୟବସାୟୀ ସଂଘ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ସାଂସ୍କୃତିକ ସମ୍ପାଦକ ବନବିହାରୀ ଗ୍ରହାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟବସାୟୀ ସଂଘର ସଭ୍ୟମାନଙ୍କୁ କହିଥିଲେ। କୁଶଭଦ୍ରା ବ୍ୟବସାୟୀ ସଂଘର ସଭାପତି ଦୁଃଖୀଶ୍ୟାମ ସେନାପତିଙ୍କ ସଭାପତିତ୍ୱରେ 'ବୃକ୍ଷ ହିଁ ଜୀବନ' ଶୀର୍ଷକ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷଭାଗରେ ଗଣେଶ ପୂଜା କମିଟି ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ରଣଜିତ୍ ବିଶ୍ୱାଳ, ମହେନ୍ଦ୍ର କୁମାର ବେହେରା, ମଧୁସୂଦନ ବେହେରା, ରତ୍ନାକର ସେଠୀ, ଶରତ କୁମାର ପ୍ରଧାନ, ପଦ୍ମଲାଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୧୯।୭ (ଅଜିତ୍ କୁମାର ମହାନ୍ତି)

ବାଲିଗୁଆଳିସ୍ଥିତ କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ ମହାବିଦ୍ୟାଳୟ ଦ୍ୱାରା ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ପୁରୀ ପୌରସଦନ ଠାରେ ଅଧକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଅଧକ୍ଷ ଡ. ସବିତା ମହାପାତ୍ର ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ କୋଲକାତା ସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟ ଫାର୍ମାସୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ତପନ କୁମାର ମାଇତି, ଆରବ ଏମିରେଟ୍ ସ୍ଥିତ ଏକ ଫାର୍ମା କମ୍ପାନୀର ମୁଖ୍ୟ ପରିଚାଳକ ଡ. ସ୍ୱୟମ ପ୍ରକାଶ, ମହାବିଦ୍ୟାଳୟ ପରିଚାଳନା କମିଟିର ବୟୋଜ୍ୟେଷ୍ଠ ସଦସ୍ୟ ଲୋକନାଥ ପାଣି, ଓୟୁଏଚ୍‌ଏସ୍‌ର ଅଧକ୍ଷା ତଥା କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍‌ର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର ଏବଂ ମୁଖ୍ୟ ପୃଷ୍ଠପୋଷକ ତଥା ମହାବିଦ୍ୟାଳୟର ଚେୟାରମ୍ୟାନ୍ ଅନିମା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ନୋଭାଲ ରିସର୍ଚ ଆଣ୍ଡ ଇମ୍ପ୍ରୋଭଡ୍ ଏକାଡେମିଆ ଦି ନିଡ ଫର ଫେସିଙ୍ଗ ଗୋବାଲ ଚାଲେଞ୍ଜ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ପ୍ରଗତିଶୀଳ ପୃଥିବୀପୃଷ୍ଠରେ ଜଳବାୟୁ ଅସମାନତା ଠାରୁ ଆରମ୍ଭକରି ଡିଜିଟାଲ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଏବଂ ବିଭିନ୍ନ ମହାମାରୀ ଭଳି ସମସ୍ୟାର ସମ୍ମୁଖୀନ ହେଉଛୁ। ଯାହାକି ବାସ୍ତବରେ ଜଟିଳ, କଷ୍ଟସାଧ୍ୟ ଏବଂ ଏହାର ସମାଧାନ ମଧ୍ୟ ଜରୁରି। ଏହିସବୁ ସମସ୍ୟାକୁ ସମାଧାନ କରିବା ପାଇଁ ବର୍ତ୍ତମାନ ସମୟର ଅଧ୍ୟୟନ ପଦ୍ଧତିକୁ ପରିବର୍ତ୍ତନ କରିବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସମ୍ମିଳନୀରେ ଓଡ଼ିଶା ଏବଂ ଓଡ଼ିଶା ବାହାରର ବିଭିନ୍ନ ଫାର୍ମାସୀ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟାପକ ସିଦ୍ଧେଶ୍ୱର ପ୍ରସାଦ ପାଢୀଯୋଶୀ ପରିଚାଳନା କରିଥିବାବେଳେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ମଧ୍ୟରେ ଡ. ସଞ୍ଜୟ ନାୟକ, ଡ. ଚିନ୍ମୟ କେଶରୀ ସାହୁ, ଡ. ନିକୁଞ୍ଜ ବିହାରୀ ମିଶ୍ର, ସୁନୀତା ମିଶ୍ର, ବସନ୍ତ କୁମାର ବେହେରା, ଭକ୍ତବନ୍ଧୁ ଜେନା, ଜଶସ୍ୱୀ ରାୟ, ଅସିତ୍ କୁମାର ଷଡ଼ଙ୍ଗୀ, ସୁଚିସ୍ମିତା ସ୍ୱାଇଁ, ସୁଦେଷ୍ଣା ମହାନ୍ତି, ଅନୁପ କୁମାର ପାତ୍ର, ତୃପ୍ତି ରଞ୍ଜନ ପାଢ଼ୀ, ହିମାଂଶୁ ରଞ୍ଜନ ପାଲଟାସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବସନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଅଧକ୍ଷ ଡ. ସବିତା ମହାପାତ୍ରଙ୍କ ସମେତ ଅନ୍ୟ ଅତିଥିମାନେ ।

# ଭଲ ପାଠ ନୁହେଁ, ଭଲ ମଣିଷ ହେବା ଆବଶ୍ୟକ

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

**ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା**

ବିକାଶଶୀଳ ଭାରତବର୍ଷ ପାଇଁ କେବଳ ଭଲ ପାଠ ନୁହେଁ, ଭଲ ମଣିଷ ହେବା ଆବଶ୍ୟକ ବୋଲି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର କହିଛନ୍ତି। ବ୍ରହ୍ମଗିରି ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୨୦୨୫ ହାଇସ୍କୁଲ ପରୀକ୍ଷାରେ ଏ-୧ ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଶିକ୍ଷାବିତ୍ ଦିବାକର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶୃଙ୍ଖଳିତ ସମାଜ ଓ ପରିବାର ପାଇଁ ଶିକ୍ଷା ସହ ସଂସ୍କୃତି, ଚାରିତ୍ରିକ ମୂଲ୍ୟବୋଧ ଓ ଦେଶାତ୍ମବୋଧକ ଶିକ୍ଷା ଆଜିର ଯୁବପିଢ଼ିଙ୍କ ଧ୍ୟେୟ ହେବା ଉଚିତ ବୋଲି ଡକ୍ଟର ମିଶ୍ର କହିଛନ୍ତି। ଭାଗବତ ଟୁଙ୍ଗି ବାମୁଣ୍ଡିର ସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବ୍ରହ୍ମଗିରି ମହାବିଦ୍ୟାଳୟର ଅଧକ୍ଷ ଶଶାଙ୍କ ଚୂଡ଼ାମଣି, ଭାଗବତ ପ୍ରଚାରକ ପ୍ରଶାନ୍ତ କୁମାର ତ୍ରିପାଠୀ, ଓବିସିସିର ମୁଖ୍ୟ ପରିଚାଳକ ଅତୁଲ୍ୟ ଚମ୍ପତିରାୟ, ଶିକ୍ଷାବିତ୍ କବି ଭିକାରୀ ଜେନା, ତରୁଣ କବି ଦାମୋଦର ପରିଡ଼ା, ସୁଶାନ୍ତ ଜେନା, ତ୍ରିଲୋଚନ ଦଳାଇ, ଅର୍ଚ୍ଚନା ରଥ, ଚିତ୍ତରଞ୍ଜନ ଜେନା, ସୁଲୋଚନା ମିଶ୍ର ଓ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବ୍ଲକର ସମସ୍ତ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ୧୧ଟି ଚାରାରୋପଣ ହେବା ପରେ ସମବେତ କଣ୍ଠ ସଂଗୀତ ମଧ୍ୟରେ ଉତ୍ସବ ଆରମ୍ଭ ହୋଇଥିଲା। ଆଗାମୀ ଦିନରେ ଭାଗବତ ଟୁଙ୍ଗି ବାମୁଣ୍ଡି ତରଫରୁ ବ୍ରହ୍ମଗିରିର ୨୫ ପଞ୍ଚାୟତର ୨୫ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଘୋଷଣା କରିଥିଲେ।



ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


**"ମା' ଙ୍କ ନାମରେ ଗଛଟିଏ"**
**୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା**

ମା' ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ଅଧୀନରେ ନିମ୍ନଲିଖିତ ୧୮(ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ, ଅନୁଷ୍ଠାନ ମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ। ଏତତ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର : (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| ନଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧର ପାଲି | ୧୨୬୪୪୮ | ଶ୍ରୀ ତାପସ କୁମାର ଶତପଥୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ.ବଲାଙ୍ଗ | ୪୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଳିପୋଷ | ଗଡ଼ରୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପୋଳ | ୬୩୭୦୨୬୩୬୧୯ |
| ୬ | କୁଳିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାତ୍ କିପୋସ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଈଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଳ | ୧୫୦୦୦ | ଶ୍ରୀ ପ୍ରତାପ କୁମାର ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୬୮୯୨୧୫୬ |
| ୧୬ | ବରସୁଆଁ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ସାହୁ, ବନପାଳ | ୮୭୬୩୪୯୨୧୭୮ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଳ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ : | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼



**OFFICE OF THE PRINCIPAL**
**GOKUL PARVATI RURAL DEGREE COLLEGE, KUNTARA**
DIST.: SAMBALPUR, ODISHA - 768227
Email: gokulparvati@gmail.com

**TENDER/QUOTATION CALL NOTICE**

Sealed tenders/quotations are invited from intending registered manufactures/firms/suppliers having PAN/GST registration with IT Clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting. Internet facilities, Odia literature & language books through Regd. Post/Speed Post on or before 3 P.M. on 31.07.2025.
For details of the requirement with specification terms and conditions please contact Mob. No. 7655028730 and visit website: **gprcollegekuntara.in**.
The undersigned reserves the right to cancel part or whole of the tenders/quotations without specifying any reason thereof.

Sd./- Principal-cum-Secretary
G.P.R. Degree College, Kuntara,
Dist.: Sambalpur



**OFFICE OF THE EXECUTIVE ENGINEER**
**PLANNING AND INVESTIGATION DIVISION**
**ROAD CONSTRUCTION DEPARTMENT (RCD),RANCHI**
**NirupanBhawan, 3rd Floor, Room No. 401,56-Set,**
**Doranda,Ranchi-834002**

**e-Procurement ( Short Tender Notice )**
Letter of Invitation (LOI) No.-13/2025-26
2nd Call
e-Tender Ref No:–RCD/PID/RANCHI/13/2025-26 Date:-18.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. **As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,At 05:30 PM |
| 7 | Online Last Date/Time of Bid Submission | 06.08.2025, 12:00 noon |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 355580 Road(25-26).D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR 357762 (Road) 25-26 (D)

# ଦୁଗ୍ଧଚାଷୀଙ୍କୁ ମିଳିବ ଗୀର୍ ଗାଈ, ଗୋବର ଗ୍ୟାସ୍ ପ୍ଲାଣ୍ଟ: ମୁଖ୍ୟମନ୍ତ୍ରୀ

## ଏନ୍‌ଡିଡିବି-ଓମ୍‌ଫେଡ୍ ମଧ୍ୟରେ ଚୁକ୍ତି

- ଡେଏରୀ ପ୍ଲାଣ୍ଟ କର୍ମଚାରୀଙ୍କ ପାଇଁ ୬୨ କ୍ୱାର୍ଟର୍ସ ଉଦ୍‌ଘାଟିତ
- ଦୁଗ୍ଧଚାଷୀ ସଂଘକୁ ୨୨ ଦୁଗ୍ଧ ପରିବହନ ଟ୍ୟାଙ୍କର ପ୍ରଦାନ

ଭୁବନେଶ୍ୱର, ୧୯।୭
(ସୁନିତ ମିଶ୍ର/ଅନୁରାଧା ମହାରଣା)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏନ୍‌ଡିଡିବି ଏବଂ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରାଯାଉଛି।

ରାଜ୍ୟରେ ଦୁଗ୍ଧଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ ସରକାରଙ୍କ ପଦକ୍ଷେପ ଜାରି ରହିଛି। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାରେ ଶ୍ୱେତ ବିପ୍ଳବର କର୍ଣ୍ଣଧାର ଓମଫେଡ୍ ମାଧ୍ୟମରେ ଦୁଗ୍ଧଚାଷକୁ ପ୍ରୋତ୍ସାହନ ଦିଆଯାଇ ରାଜ୍ୟର 'ଗୋ ଅର୍ଥନୀତି'କୁ ସମୃଦ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କଟକ ଅରିଲୋଠାରେ ନ୍ୟାଶନାଲ ଡେଏରୀ ଡେଭେଲପ୍‌ମେଣ୍ଟ ବୋର୍ଡ (ଏନ୍‌ଡିଡିବି) ଏବଂ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ଅବସରରେ କହିଛନ୍ତି। ଏହି ଚୁକ୍ତିନାମା ଜରିଆରେ ଏନ୍‌ଡିଡିବି ରାଜ୍ୟର ଦୁଗ୍ଧଚାଷୀଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର୍, ସହିୱାଲ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଈ ଯୋଗାଇଦେବ। ଏଥିସହିତ ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟରବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧଚାଷୀ ସଂଘକୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ୩ଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନ ଏବଂ ଓମଫେଡ୍ ଡେଏରୀ ପ୍ଲାଣ୍ଟର କର୍ମଚାରୀଙ୍କ ପାଇଁ ୬୨ଟି କ୍ୱାର୍ଟର୍ସ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଲେ, ଏବେ ରାଜ୍ୟର ଦୈନିକ ଦୁଗ୍ଧ ଉତ୍ପାଦନ ୭୨ ଲକ୍ଷ ଲିଟର ରହିଛି। ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଏବଂ ୨୦୪୭ ସୁଦ୍ଧା ଏହାକୁ ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଦୀର୍ଘ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧଚାଷୀଙ୍କ ଆର୍ଥିକ ବିକାଶରେ ଓମଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଆସୁଛି। ଏବେ ଓମ୍‌ଫେଡ୍ ଉତ୍ପାଦଗୁଡ଼ିକର ବିବିଧକରଣ କରିବା ସହିତ ଗୁଣ୍ଡ ଦୁଗ୍ଧ, ପନିର, ବଟର, ଛେନାପୋଡ, ଆଇସ୍କ୍ରିମ, ସୁବାସିତ ଦୁଗ୍ଧ, ମିଠା ଦହି, ପେଡା, ରାବିଡି ଆଦି ଅନେକ ଉତ୍ପାଦ ପ୍ରସ୍ତୁତ କରୁଛି। ଯୁବବର୍ଗ ମଧ୍ୟ ଏହା ମାଧ୍ୟମରେ ଭଲ ରୋଜଗାର କରିପାରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ ଟନ ଘିଅ ଯୋଗାଇଦେବାକୁ ଓମଫେଡ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି। ସେହିପରି ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ମାଧ୍ୟମରେ ଗୋପାଳକମାନେ ଗୋବରରୁ ଗ୍ୟାସ ଉତ୍ପାଦନ କରି ନିଜେ ବ୍ୟବହାର କରିବା ସହ ବଳକା ଗ୍ୟାସ ମଧ୍ୟ ବିକ୍ରି କରି ରୋଜଗାର ବୃଦ୍ଧି କରିପାରିବେ। ବାୟୋଗ୍ୟାସ ବାହାରିବା ପରେ ଗୋବର ମଣ୍ଡକୁ ଚାଷଜମିରେ ବ୍ୟବହାର କରି ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି କରାଯାଇପାରିବ। ଦେଶରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ ୪୭୧ ଗ୍ରାମ୍ ରହିଛି। ରାଜ୍ୟ ସରକାର ମଧ୍ୟ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଗାଈଗୋରୁଙ୍କ ସୁରକ୍ଷା ସହ ପରିଚାଳନା ଏବଂ ଚିକିତ୍ସା ପାଇଁ ମଧ୍ୟ ଆମ ସରକାର ଗୋମାତା ଯୋଜନା ଲାଗୁ କରିଛନ୍ତି। ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ପଞ୍ଜୀକୃତ ଗୋଶାଳାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନାରେ ସହାୟତା ଦେବାକୁ ଲକ୍ଷ୍ୟ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏମ୍‌ପି ଭର୍ତ୍ତୃହରି ମହତାବ, ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେଏରୀ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଓମଫେଡ୍ ପରିଚାଳନା ସମିତି ସଦସ୍ୟ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।

# ୩ ଦିନରେ ପ୍ରଦର୍ଶନ ହେବ ୧୦୮ ସିନେମା




କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କଟକ, ୧୯।୭ (କାର୍ତ୍ତିକ ସାହୁ)

## ୨୪ରୁ ସପ୍ତମ ବାଇସ୍କୋପ୍ ଫିଲ୍ମ ଫେଷ୍ଟିଭାଲ

ଗାଜିଆବାଦର ପ୍ରିଜ୍‌ମ ମୋଶନ ପିକ୍‌ଚର ପକ୍ଷରୁ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସହଯୋଗରେ ସପ୍ତମ ବାଇସ୍କୋପ୍ ଫିଲ୍ମ ଫେଷ୍ଟିଭାଲ ଆସନ୍ତା ୨୪ ତାରିଖରୁ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ପରିସରରେ ୩ଦିନ ବ୍ୟାପୀ ହେବାକୁ ଥିବା ଫେଷ୍ଟିଭାଲରେ ୧୦୮ଟି ସିନେମା ପ୍ରଦର୍ଶିତ ହେବ। ଆୟୋଜକଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ କହିଲେ, ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଭରପୂର ରହିଛି। ଚଳିତ ବର୍ଷ ମହିଳା ସଶକ୍ତୀକରଣ, ଆଇନ ଓ ନ୍ୟାୟ ପ୍ରସଙ୍ଗକୁ ନେଇ ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ପ୍ରତ୍ୟେକଟି ଭିତରେ ଆଇନ ରହିଛି। ସେ ଦୃଷ୍ଟିରୁ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ହେବାକୁ ଥିବା ଏହି ଫେଷ୍ଟିଭାଲ ଆଇନ ଛାତ୍ରୀଛାତ୍ରମାନଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ହେବ। ଦେଶ ବିଦେଶରୁ ଆସିଥିବା ଅନୁଷ୍ଠାନ ବିଭିନ୍ନ ଭାଷାଭାଷୀର ଚଳଚ୍ଚିତ୍ର ପ୍ରଦର୍ଶନ କରିବେ। ସିନେମା ହେଉଛି ସମାଜର ପ୍ରତିଛବି। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମନୋରଞ୍ଜନ ସାଙ୍ଗକୁ ସମାଜର ନାନା ରକମର ଚିତ୍ରକୁ ମଧ୍ୟ ହୃଦ୍‌ବୋଧ କରିବାର ସୁଯୋଗ ପାଇବେ।

ବିଶ୍ୱବିଦ୍ୟାଳୟ ସେଣ୍ଟର ଫର ଫିଲ୍ମ ଷ୍ଟଡିଜ୍‌ର ନିର୍ଦ୍ଦେଶିକା ସୋହିନି ମହାପାତ୍ର କହିଲେ, ସାଇଲେଣ୍ଟ ମୁଭି ଫେଷ୍ଟିଭାଲର ଅନ୍ୟତମ ଆକର୍ଷଣ ସାଜିବ। ଏଥିରେ ପ୍ରାମାଣିକ ଚଳଚ୍ଚିତ୍ର ସମେତ ବିଭିନ୍ନ ପ୍ରକାର କ୍ଷୁଦ୍ର ଓ ଦୀର୍ଘ ଚଳଚ୍ଚିତ୍ରମାନ ପ୍ରଦର୍ଶନ କରାଯିବାକୁ ସ୍ଥିର ହୋଇଛି। ଫେଷ୍ଟିଭାଲର ପ୍ରତିଷ୍ଠାତା ଆଲୋକ ଭରଦ୍ୱାଜ କହିଲେ, ପୂର୍ବରୁ ଅନ୍ୟ ରାଜ୍ୟରେ ୬ବର୍ଷ ଧରି ଏହିପରି ଫିଲ୍ମ ଫେଷ୍ଟିଭାଲ ଆୟୋଜନ କରାଯାଇ ସଫଳତା ମିଳିଛି। ପୂର୍ବରୁ ଅମ୍ରିତସରସ୍ଥିତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଦିଲ୍ଲୀର ଏନ୍‌ଡିଏମ୍‌ସି କନଭେନଶନ୍ ସେଣ୍ଟର, ଜଳନ୍ଧରରେ ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ, ନାଗାଲାଣ୍ଡରେ ହର୍ନବିଲ ଫେଷ୍ଟିଭାଲ ଆଦି ଅନୁଷ୍ଠିତ ହୋଇସାରିଛି। ସାମାଜିକ ଚେତନା ସହ ସିନେମାକୁ ଯୋଡ଼ିବା ନିମନ୍ତେ ଏହା ଏକ ପ୍ରୟାସ। ଫେଷ୍ଟିଭାଲ ନିର୍ଦ୍ଦେଶିକା ଜ୍ୟୋତି ଆରୋରା କହିଲେ, ତିନିଦିନ ବ୍ୟାପୀ ଫେଷ୍ଟିଭାଲରେ ଆଇନ, ସିନେମା, ଶିକ୍ଷା, ରାଜନୀତି, ସାମାଜିକ ସେବା ଆଦି କ୍ଷେତ୍ରରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ଏଥିରେ ଯୋଗଦେଇ ସେମାନଙ୍କ ଅଭିଜ୍ଞତା ବଖାଣିବେ। ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ସମ୍ପଦ ମହାପାତ୍ର, କନ୍ନଡ଼ ସିନେମା ନିର୍ମାତା ଚମ୍ପା ପି. ସେଟ୍ଟୀ, ଚଳଚ୍ଚିତ୍ର ନିର୍ମାତା ଲଳିତ ରାଓ ଏବଂ ସିନେ ନିର୍ଦ୍ଦେଶକ ଗଦାଧର ପୁଟ୍ଟୀ ବିଚାରକ ଭାବେ ଚଳଚ୍ଚିତ୍ରଗୁଡ଼ିକର ମୂଲ୍ୟାୟନ କରିବେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସେନଜିତ ହରିଚନ୍ଦନ, ଓମ ପ୍ରକାଶ ମହାନ୍ତି ଓ ଗଦାଧର ପୁଟ୍ଟୀ ଉପସ୍ଥିତ ଥିଲେ।

# ହିଟ୍-କୋଲ୍ଡ ବ୍ରୋଙ୍କୋସ୍କୋପିକ ପଦ୍ଧତିରେ ଫୁସ୍‌ଫୁସ୍‌ରୁ ବାହାରିଲା ଟ୍ୟୁମର

ଭୁବନେଶ୍ୱର, ୧୯।୭ (ଅନୁରାଧା ମହାରଣା)

## କିମ୍‌ସରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱରସ୍ଥିତ କିମ୍‌ସ ହସ୍ପିଟାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ହିଟ୍ କୋଲ୍ଡ ବ୍ରୋଙ୍କୋସ୍କୋପିକ ପଦ୍ଧତିରେ ଜଣେ ରୋଗୀଙ୍କ ଫୁସ୍‌ଫୁସ୍‌ରୁ ଟ୍ୟୁମର୍ ବାହାର କରାଯାଇଛି। ଜଣେ ୪୦ ବର୍ଷୀୟ ମହିଳାଙ୍କଠାରେ କାର୍ସିନଏଡ୍ ଟ୍ୟୁମର ଭଳି ଏକ ବିରଳ ପ୍ରକାରର ଫୁସ୍‌ଫୁସ୍ ଟ୍ୟୁମର ଚିହ୍ନଟ ହେବା ପରେ ରୋଗୀ ଜଣକ ୨୦୨୩ରେ ରେଡିଏଶନ ଥେରାପି ନେଇଥିଲେ। ରୋଗୀ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିଲେ ଓ ତାଙ୍କୁ ନିରନ୍ତର କାଶ ହେଉଥିଲା। ତେବେ ମହିଳାଙ୍କ ଶ୍ୱାସନଳୀର ଅଧାରୁ ଅଧିକ ଅଂଶ ଏକ ମାଂସପିଣ୍ଡ ଭଳି କିଛି ଅବରୋଧ କରୁଥିବା ୨୦୨୫ ଜୁନ୍‌ରେ ପୁଣିଥରେ ସ୍କାନ କରାଯିବା ପରେ ଜଣାପଡ଼ିଥିଲା। କିମ୍‌ସର ଇଣ୍ଟରଭେନଶନାଲ ପଲମୋନୋଲୋଜି ବିଶେଷଜ୍ଞ ଦଳ କାର୍ଡିଓଥୋରାସିକ ଅପରେଟିଂ ଥିଏଟରରେ ସାଧାରଣ ଆନାସ୍ଥେସିଆ ଦେଇ ସେମାନେ ରୋଗୀଙ୍କଠାରେ ଏକ ନମନୀୟ ବ୍ରୋଙ୍କୋସ୍କୋପ ପ୍ରବେଶ କରାଇଥିଲେ। ପରେ ହିଟ୍ ଆଣ୍ଡ କୋଲ୍ଡ ପଦ୍ଧତି ଜରିଆରେ ଉତ୍ତାପ ନିୟନ୍ତ୍ରଣ ପ୍ରକ୍ରିୟା ବ୍ୟବହାର କରି ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ଡା. ଦେବାଶିଷ ବେହେରା, ଡା. ସ୍ୱଦୀପ ମିଶ୍ର ଏବଂ ଡା. ସୁଶାନ୍ତ ମିଶ୍ର ଏହି ଜଟିଳ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ। ଡା. ଅଶୋକ କୁମାର ଓ ଡା. ଜ୍ଞାନ ରଞ୍ଜନ ମିଶ୍ରଙ୍କ କାର୍ଡିଆକ ଆନାସ୍ଥେସିଆ ଦଳ ଏଥିରେ ସହଯୋଗ କରିଥିଲେ। ଏହା ବ୍ୟତୀତ ପଲମୋନୋଲୋଜିର ରେସିଡେଣ୍ଟ ଡା. ଅଭିଷେକ ଦାସ, ଡା. ନିଖିଲ କୃଷ୍ଣ ଏବଂ ଡା. ଦେବ ଗର୍ଗ ମଧ୍ୟ ଏହି ଅସ୍ତ୍ରୋପଚାରରେ ସାମିଲ ଥିଲେ। ଏହି ସଫଳତା ପାଇଁ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



କିମ୍‌ସରେ ବିରଳ ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଦଳ।

# କମ୍ପାନୀରେ ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ନିରାକାରପୁର, ୧୯।୭
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ଶିଳ୍ପାଞ୍ଚଳରେ ଥିବା ଡ୍ରୋନ କମ୍ପାନୀରେ ଶନିବାର ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଅପରାହ୍ନ ସାଢ଼େ ୩ଟାରେ କମ୍ପାନୀରେ କାର୍ଯ୍ୟରତ ଜଣେ କର୍ମଚାରୀ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କମ୍ପାନୀ ତରଫରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ କର୍ମଚାରୀଙ୍କ ଘର ବ୍ରହ୍ମପୁର ବୋଲି ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି, ସେ ଉକ୍ତ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି। ତେବେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ଦୁଇମାସ ତଳେ ନିକଟସ୍ଥ କାଳୀବଡି ଶିଳ୍ପାଞ୍ଚଳରେ ନିର୍ମାଣାଧୀନ ଏକ କମ୍ପାନୀରେ ଜଣେ ଶ୍ରମିକ ଖସିପଡ଼ି ପ୍ରାଣ ହରାଇଥିଲେ। ଏହି ଘଟଣା ଶ୍ରମିକମାନଙ୍କ ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭୁବନେଶ୍ୱର ରେଳଷ୍ଟେଶନ ପୁନର୍ବିକାଶ କାର୍ଯ୍ୟ ନିରୀକ୍ଷଣ କଲେ ଭି. ସୋମନ୍ନା

## ଓଡ଼ିଶାକୁ ୧୨.୫ ଗୁଣ ଅଧିକ ବଜେଟ ଆବଣ୍ଟନ କରାଯାଉଛି



କେନ୍ଦ୍ରମନ୍ତ୍ରୀ ଭି. ସୋମନ୍ନା ଭୁବନେଶ୍ୱର ରେଳ ଷ୍ଟେଶନରେ ପୁନର୍ବିକାଶ କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି।

ଭୁବନେଶ୍ୱର, ୧୯।୭ (ଅନୁରାଧା ମହାରଣା)

ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଶନିବାର ଭୁବନେଶ୍ୱର ରେଳଷ୍ଟେଶନରେ ଚାଲିଥିବା ପୁନର୍ବିକାଶ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହି ଅବସରରେ ସୋମନ୍ନା କହିଛନ୍ତି, ନରେନ୍ଦ୍ର ମୋଦି ସରକାରଙ୍କ ଅଧୀନରେ ଓଡ଼ିଶା ରେଳ ବିକାଶ ପାଇଁ ବଜେଟ ବଣ୍ଟନରେ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାକୁ ୧୦,୫୯୯ କୋଟି ଟଙ୍କା ବରାଦ ହୋଇଛି, ଯାହା ୨୦୦୯-୧୪ ସମୟରେ ବରାଦ ହୋଇଥିବା ୮୩୮ କୋଟି ଟଙ୍କାର ୧୨.୫ ଗୁଣ ଅଧିକ। ରାଜ୍ୟରେ ୫୯ଟି ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ୨,୩୭୯ କୋଟି ଟଙ୍କା ବ୍ୟୟରେ ଚାଲିଛି। ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ଅନୁମୋଦିତ କାର୍ଯ୍ୟ ଅଧୀନରେ ୮୦ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗତ ବର୍ଷକ ମଧ୍ୟରେ ରାଜ୍ୟରେ ୮ଟି ନୂଆ ରେଳ ପ୍ରକଳ୍ପ, ମଲ୍ଟିଟ୍ରାକିଂ ଏବଂ ଫ୍ଲାଇଓଭର କାର୍ଯ୍ୟ ପାଇଁ ୨୫ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଅନୁମୋଦନ କରାଯାଇଛି। 'ଅମୃତ ଭାରତ ଷ୍ଟେଶନ ଯୋଜନା'ରେ ଭୁବନେଶ୍ୱର ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ କରାଯାଉଛି ଏବଂ ଏହି କାର୍ଯ୍ୟ ବହୁତ ଭଲ ଗତିରେ ଆଗେଇ ଚାଲିଛି। ରେଳଷ୍ଟେଶନ ବିକାଶ କାର୍ଯ୍ୟରେ ଉଚ୍ଚ ଆପ୍ରୋଚ ରୋଡ୍ ଏବଂ ଷ୍ଟେଶନକୁ ଯାଉଥିବା ଯାତ୍ରୀ ଏବଂ ଷ୍ଟେଶନ ବାହାରକୁ ଆସୁଥିବା ଯାତ୍ରୀଙ୍କ ଗମନାଗମନକୁ ପୃଥକୀକରଣ ଅନ୍ତର୍ଭୁକ୍ତ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ନିରୀକ୍ଷଣ ସମୟରେ ତାଙ୍କ ସହ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭୁବନେଶ୍ୱର ରେଳ ଷ୍ଟେଶନର ଏହି ପୁନଃବିକାଶ ପ୍ରକଳ୍ପରେ ଯାତ୍ରୀଙ୍କ ପାଇଁ ଆଧୁନିକ ସୁବିଧା ସୁଯୋଗ ଥିବା ପ୍ରବେଶପଥ, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷା ହଲ, ଶୌଚାଳୟ, ଲିଫ୍ଟ/ଏସ୍କାଲେଟର, ପରିଷ୍କାର ପରିଚ୍ଛନ୍ନତା, 'ୱାନ ଷ୍ଟେଶନ ୱାନ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ସମାଧାନ, କାର୍ଯ୍ୟନିର୍ବାହୀ ଲାଉଞ୍ଜ, ବାଣିଜ୍ୟିକ ବିକାଶ ବୈଠକସ୍ଥଳ ଆଦି ସୁବିଧା ରହିବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସାଗରିକା



@ ଅବିନାଶ



@ ସଞ୍ଜୀବ



@ ପୁପୁନ୍



@ ସୂର୍ଯ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବସ୍ ପଛକୁ ଧକ୍କାଦେଲା ବସ୍

ବାଲୁଗାଁ, ୧୯।୭ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବାଇପାସ୍ ୧୬ ନମ୍ବର ଜାତୀୟ ରାଜପଥର ସୁବୁଦ୍ଧିପାଟଣା ଛକ ନିକଟରେ ଶନିବାର ଏକ ଯାତ୍ରୀବାହୀ ବସ୍ ପଛକୁ ଅନ୍ୟ ଏକ ବସ୍ ଧକ୍କା ଦେଇଛି। ତେବେ ଅଳ୍ପକେ ଉଭୟ ବସ୍‌ର ସମସ୍ତ ଯାତ୍ରୀ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟାରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଗୋଟିଏ ବସ୍ ଯାତ୍ରୀଙ୍କୁ ନେବା ପାଇଁ ରାସ୍ତାକଡ଼ରେ ଠିଆ ହୋଇଥିଲା। ଏହି ସମୟରେ ଆସିକାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ସିଲୁ ନାମକ ବସ୍ ଭାରସାମ୍ୟ ହରାଇ ଠିଆ ହୋଇଥିବା ବସ୍ ପଛକୁ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ବସ୍ ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଉଭୟ ବସ୍‌ର ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ବ୍ରହ୍ମପୁର




ବସ୍‌ଟି ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଯାଇଥିବାବେଳେ ଆସିକା ବସ୍‌ର ସମସ୍ତ ଯାତ୍ରୀ ଅନ୍ୟ ବସ୍‌ରେ ନିଜ ନିଜର ଗନ୍ତବ୍ୟସ୍ଥଳକୁ ଯାଇଥିବା ଜଣାପଡ଼ିଛି।

## ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଆବାସିକ(ଏସ୍‌ଏସ୍‌ଡି) ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀଜଣକ ଏବେ ୨ମାସ ଗର୍ଭବତୀ ଥିବା ଘଟଣା ସାମ୍ନାକୁ ଆସିଛି। ଛାତ୍ରୀନିବାସରେ ରହୁଥିବା ଛାତ୍ରୀଙ୍କ ଦେହ ଅସୁସ୍ଥ ଥିବା ଜାଣିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନାବାଳିକାଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିଲେ। ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ ଛାତ୍ରୀଜଣକ ପାଖାପାଖି ୨ମାସ ଗର୍ଭବତୀ ଥିବା ଜଣାପଡିଥିଲା।

# ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର

- ଭିଡିଓ ଭାଇରାଲ ଭୟ ଦେଖାଇ ୫ ଲକ୍ଷ, ସୁନାଗହଣା ନେଇଗଲେ
- ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

କୁଆଁରମୁଣ୍ଡା,୧୯।୭(ମହେନ୍ଦ୍ର କୁମାର ସାହୁ)

ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରିବା ଏବଂ ବଳାତ୍କାର ସମୟର ଭିଡିଓ ଭାଇରାଲ କରିବା ଧମକ ଦେଇ ୫ ଲକ୍ଷ ଟଙ୍କା ଓ ସୁନାଗହଣା ଠକି ନେବା ଭଳି ସଙ୍ଗିନ ଅଭିଯୋଗ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରୁ ଆସିଛି। ଏନେଇ ଅଭିଯୋଗ ପରେ ବୀରମିତ୍ରପୁର ଥାନା ପୋଲିସ ଅଭିଯୁକ୍ତ ରାଉରକେଲା ମଣି କଲୋନୀର ଇନ୍ଦ୍ରମଣି ସାମଲ(୫୬)ଙ୍କୁ ଶନିବାର ଗିରଫ କରିଛି। ଏ ନେଇ ଥାନାରେ ଆଇପିସି ଦଫା ୩୭୬(୨)(ଏନ୍)/୩୭୬(୩)/୫୦୬,ସେକ୍ସନ ୪ ପୋକ୍‌ସୋ ଆକ୍ଟ ସହ ଏସ୍‌ସି/ଏସ୍‌ଟିରେ ଏକ ମାମଲା (ନଂ. ୩୨୪/୨୫) ରୁଜୁ ହୋଇଛି। ଘଟଣାଟି ୨୦୨୪ ମେ ୩ରେ ଘଟିଥିବା ବେଳେ ଅଭିଯୁକ୍ତ ବଳାତ୍କାର ସମୟର ଭିଡିଓ ଭାଇରାଲ କରିବା ଭୟ ଦେଖାଇ ପୀଡ଼ିତାଙ୍କୁ ବ୍ଲାକମେଲିଂ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ପରିବାର ରାଉରକେଲାରେ ରହୁଥିଲେ। ପାରିବାରିକ ସମସ୍ୟା ସୃଷ୍ଟି ହେବା ବିଷୟରେ ପୀଡ଼ିତାଙ୍କ ମା'ଙ୍କ ଠାରୁ ଇନ୍ଦ୍ରମଣି ଜାଣି ତାଙ୍କୁ ସାହାଯ୍ୟ କରିବା ପାଇଁ କୁଆଁରମୁଣ୍ଡା ଯମୁନାନାକିରେ ସେମାନଙ୍କ ପାଇଁ ୨୦୨୩ ସେପ୍ଟେମ୍ବର ୬ ତାରିଖରେ ଘରଭଡ଼ା ବୁଝିଥିଲେ। ପରେ ପରିବାର ସହ ତାଙ୍କର ସମ୍ପର୍କ ସୃଷ୍ଟି ହୋଇଥିଲା। ଏପରିକି ପୀଡ଼ିତାଙ୍କ ଉପରେ ତାଙ୍କର ଆଖି ପଡ଼ିଥିଲା। ପୀଡ଼ିତା ଜଣଙ୍କ କୁଆଁରମୁଣ୍ଡାର ଏକ ଘରୋଇ ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିଲେ। ୨୦୨୪ ମେ ୩ରେ ସ୍କୁଲ ଛୁଟି ହେବା ପରେ ଇନ୍ଦ୍ରମଣି ତାଙ୍କୁ ଘରେ ଛାଡ଼ିବା ପରିବର୍ତ୍ତେ ନିଜର ଏକ ହୋଟେଲକୁ ନେଇ ବଳାତ୍କାର କରିବା ସହ ଭିଡିଓ ମଧ୍ୟ କରିଥିଲେ। ପରେ ଭିଡିଓ ଭାଇରାଲ କରିବାର ଭୟ ଦେଖାଇ ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର କରିବା ସହ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ପୀଡିତା ପରିବାର ଲୋକଙ୍କୁ କହିଥିଲେ। ପ୍ରଥମେ ଇନ୍ଦ୍ରମଣି ପୀଡ଼ିତାଙ୍କଠାରୁ ୫ ଲକ୍ଷ ଟଙ୍କା ସହ ୩ ହଳ ସୁନା କାନଫୁଲ,୨ଟି ସୁନା ମୁଦି ଓ ଗହଣା ନେଇଥିଲେ। ହେଲେ ଇନ୍ଦ୍ରମଣି ଭିଡିଓ ଡିଲିଟ କରି ନ ଥିଲେ। ପୀଡିତାଙ୍କ ପରିବାର ଲୋକେ ତାଙ୍କୁ ବାରମ୍ବାର ଫୋନ କରି ଭିଡିଓ ଡିଲିଟ୍ କରିବାକୁ କହିବାରୁ ସେ ଆହୁରି ଟଙ୍କା ମାଗିଥିଲେ। ଶେଷରେ ପରିବାର ଲୋକେ ଶୁକ୍ରବାର ବୀରମିତ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଇନ୍ଦ୍ରମଣିଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଇନ୍ଦ୍ରମଣି ପୂର୍ବରୁ ରାଉରକେଲା ମ୍ୟୁନସିପାଲଟିର ସାନିଟାରୀ ଅଧିକାରୀ ଥିବା ବେଳେ ବର୍ତ୍ତମାନ କୁଆଁରମୁଣ୍ଡାରେ ଡେପୁଟେସନରେ କାମ କରୁଛନ୍ତି। ଏଥିସହ ଯମୁନାନାକି ନିକଟରେ ଏକ ହୋଟେଲ ବ୍ୟବସାୟ କରୁଥିବା ଜଣାପଡିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ରବିବାର କରାଯିବ ବୋଲି ଥାନା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

# ଘରକୁ ଡାକି ହତ୍ୟା, ପରେ ଆତ୍ମସମର୍ପଣ



ମୃତଦେହକୁ ଘରୁ ବାହାରକୁ ଅଣାଯିବାବେଳେ ଲୋକେ ରୁଣ୍ଡ ହୋଇଛନ୍ତି।

- ଅଭିଯୁକ୍ତଙ୍କ ଘର ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ

ଦେବଗଡ଼,୧୯।୭ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସଦର ଥାନା ଅଧୀନ ନୂଆଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପଞ୍ଚାନନ ସୁହୁଲା (୫୫) ଉକ୍ତ ଗ୍ରାମର ରତନ ପ୍ରଧାନ(୫୦)ଙ୍କୁ କୌଣସି କଥାରେ ଘରକୁ ଡାକି ଏକ କଟୁରିରେ ହାଣି ଦେଇଥିଲେ। ପରେ ରକ୍ତଲଗା କଟୁରି ଧରି ଦେବଗଡ଼ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଶନିବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିବା ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ଉତ୍ତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତଙ୍କ ଘରକୁ ଭଙ୍ଗାରୁଜା କରିଥିଲେ। ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଓ ଏସ୍‌ଡିପିଓ ରମେଶ ଚନ୍ଦ୍ର ମହାନା ଫୋର୍ସ ସହିତ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଇନ ହାତକୁ ନ ନେବାକୁ ଚେତାବନୀ ଦେବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଶୁକ୍ରବାର ରାତିରେ ରତନ ତାଙ୍କର ୨ବନ୍ଧୁଙ୍କ ସହ ବଲଣ୍ଡା ଗ୍ରାମରୁ ନିଜ ଘରକୁ ଫେରୁଥିଲେ। ରାସ୍ତାରେ ଦେଖାହେବାରୁ ରତନଙ୍କୁ ପଞ୍ଚାନନ ଘରକୁ ଡାକିଥିଲେ। ରତନ ତାଙ୍କ ସହିତ ଥିବା ୨ବନ୍ଧୁଙ୍କୁ ଚାଲିଯିବାକୁ କହି ସେ ଏକୁଟିଆ ପଞ୍ଚାନନଙ୍କ ଘରକୁ ଯାଇଥିଲେ। ପଞ୍ଚାନନଙ୍କ ସ୍ତ୍ରୀ, ପିଲାମାନେ ଅନ୍ୟତ୍ର ରହୁଥିବାବେଳେ ସେ ଏକୁଟିଆ ରହୁଥିଲେ। ତେବେ ରାତି ପ୍ରାୟ ୨ଟା ୩୦ରେ ପଞ୍ଚାନନ ଘରେ ତାଲା ପକାଇ ଏକ ସାଇକେଲ ଯୋଗେ ଦେବଗଡ଼ ଥାନାକୁ ଯାଇ ଆତ୍ମସମର୍ପଣ କରି ହତ୍ୟାକାଣ୍ଡ ସମ୍ପର୍କରେ କହିଥିଲେ। ପୋଲିସ ତାଙ୍କଠାରୁ ରକ୍ତଲଗା କଟୁରି ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ଦେବଗଡ଼ ପୋଲିସ ଟିମ୍ ଓ ଅନୁଗୋଳରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରତନଙ୍କ ପୁଅ ତ୍ରିଲୋଚନ ପ୍ରଧାନ ବିଧିବଦ୍ଧ ଭାବେ ଏତଲା ଦେବାପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ତାଲା ଭଙ୍ଗାଯାଇ ଘର ଭିତରୁ ରତନଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୁଣ୍ଡ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତଚିହ୍ନ ରହିଥିବା ଏବଂ ମୃତଦେହର ପ୍ରାୟ ଅର୍ଦ୍ଧେକ ଅଂଶକୁ ଏକ ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି କରାଯାଇଥିବା ଦେଖିବାକୁ ମିଳିଥିଲା। ହତ୍ୟାକାଣ୍ଡର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଅଧିକ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ସ୍ୱାମୀଙ୍କ ଗୁଳିରେ ସ୍ତ୍ରୀ ଗୁରୁତର

ବଲାଙ୍ଗୀର/ପାଟଣାଗଡ, ୧୯।୭ (ବୀରେନ୍ଦ୍ର କୁମାର ଝାଙ୍କର/ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଚୁଲାଦର୍ହ ଗ୍ରାମରେ ଜଣେ ଯୁବକ ଏକ ଚଢ଼େଇ ମରା ବନ୍ଧୁକରେ ସ୍ତ୍ରୀଙ୍କୁ ଗୁଳି କରିଛନ୍ତି। ଗୁଳିଟି ମହିଳାଙ୍କ ଛାତିରେ ବାଜିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ସମ୍ପୃକ୍ତ ଯୁବକ ଓ ତାଙ୍କ ସ୍ତ୍ରୀଙ୍କ ଭିତରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏହି ସମୟରେ ଯୁବକ ଜଣକ ରାଗରେ ତାଙ୍କ ସ୍ତ୍ରୀଙ୍କୁ ଏକ ଚଢେଇ ମରା ବନ୍ଧୁକରେ ତାଙ୍କ ସ୍ତ୍ରୀଙ୍କୁ ଗୁଳି (ଛର୍ରା) ମାରି ଦେଇଥିଲେ। ଫଳରେ ଗୁଳିଟି ତାଙ୍କ ଛାତିରେ ବାଜିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣାଗଡ ଉପଖଣ୍ଡସ୍ତରୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଜରୁରୀକାଳୀନ ୱାର୍ଡରେ ତାଙ୍କର ଚିକିତ୍ସା କରାଯାଉଥିବା ଜଣାପଡିଛି। ତାଙ୍କ ପରିବାର ସଦସ୍ୟଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ, ଶନିବାର ଯୁବକ ଜଣକ ବନ୍ଧୁକ ଧରି ଜଙ୍ଗଲକୁ ଚଢ଼େଇ ମାରିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରିଥିଲେ। ସେ ଧରିଥିବା ବନ୍ଧୁକରୁ କୌଣସି କାରଣରୁ ଗୁଳି ଫୁଟି ତାଙ୍କ ସ୍ତ୍ରୀଙ୍କ ଛାତିରେ ବାଜି ଯାଇଥିବା କୁହାଯାଇଛି। ତେବେ କେଉଁ କାରଣକୁ ଗୁଳିକାଣ୍ଡ ହୋଇଛି ସେନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ମହିଳାଙ୍କ ଅବସ୍ଥା ସମ୍ପର୍କରେ ହସ୍ପିଟାଲ ଅଧୀକ୍ଷିକାଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ।

## ୮ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କଲେ ୬୦ବର୍ଷୀୟ ବ୍ୟକ୍ତି

### ଜେଲ ଗଲେ ଅଭିଯୁକ୍ତ

ବାଲେଶ୍ୱର,୧୯।୭(ବାଞ୍ଛାନିଧି ଦେ)- ବାଲେଶ୍ୱର ଟାଉନ ଥାନା ଅଧୀନ ମଧୁଆମିଲ୍ ଛକ ନିକଟରେ ଥିବା ଏକ ଦୋକାନ ଭିତରେ ଜଣେ ୮ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୭୧/୨୫) ରୁଜୁ କରି ଅଭିଯୁକ୍ତ ବଡ଼ଖୁଆ ଅଞ୍ଚଳର ସେକ ବାବୁ(୬୦)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଗତ ୧୭ ତାରିଖ ଗୁରୁବାର ଶିଶୁକନ୍ୟାଙ୍କ ମା' ଦୋକାନରେ ନ ଥିବାବେଳେ ଅଭିଯୁକ୍ତ ସେକ୍ ସେଠାକୁ ଯାଇଥିଲେ। ସେହି ସମୟରେ ଶିଶୁକନ୍ୟାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଆଇଆଇସି ବିଜୟ କୁମାର ଦାସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର, ବାଳସୁଧାର ଗୃହ ଗଲେ ନାବାଳକ

ଦିଗପହଣ୍ଡି/ପାଟପୁର,୧୯।୭ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଧୀନ ଏକ ଗାଁର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଏ ନେଇ ନାବାଳିକାଙ୍କ ବାପା ପାଟପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ଗତ ବୁଧବାର ଦିଗପହଣ୍ଡି ସହର ଉପକଣ୍ଠ ଟାଙ୍ଗୁଡ଼ିଦେଇ ପାହାଡ଼ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ନାବାଳକଙ୍କୁ ଥାନାକୁ ନେଇଥିଲା। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ସମ୍ପୃକ୍ତ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ନାବାଳିକାଙ୍କ ସହ ଗତ କିଛିବର୍ଷ ହେଲା ନାବାଳକଙ୍କ ସମ୍ପର୍କ ରହିଥିଲା। ଗତ ବୁଧବାର ନାବାଳିକାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ନାବାଳକ ଜଣକ ଘରେ ପଶି ତାଙ୍କୁ ବଳାତ୍କାର କରିବା ସହ ଅପହରଣ କରିନେଇଥିଲେ। ବାପା ଫେରିବା ପରେ ଝିଅ ଘରେ ନ ଥିବା ଦେଖି ଚାରିଆଡ଼େ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ପାଟପୁର ଥାନାରେ ଏତଲା ଦେଇଥିଲେ। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଥାନା ମାମଲା ନଂ.୩୪୦/୨୫ ଅନୁଯାୟୀ ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ। ତଦନ୍ତକାରୀ ଅଧିକାରୀ ଏସ.ଆଇ ଶୁଭଲକ୍ଷ୍ମୀ କଅଁର ସଦଳବଳ ଟାଙ୍ଗୁଡ଼ିଦେଇ ପାହାଡ଼ ନିକଟରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

# ପ୍ରେମ ବ୍ୟାପାରକୁ ନେଇ ଛୁରାମାଡ଼

- ଗୁରୁତର ନାବାଳକ ଏମ୍‌କେସିଜିରେ ଭର୍ତ୍ତି

ଖଲ୍ଲିକୋଟ,୧୯।୭(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା କହ୍ନେଇପୁର ରାହଣଦେବୀ ଛକରେ ଶନିବାର ଜଣେ ନାବାଳକଙ୍କୁ ଛୁରାମାଡ଼ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଲାଗି ରହିଥିବା ଶତ୍ରୁତାରୁ ହୋଇଥିବା ଏହି ଛୁରାମାଡ଼ରେ ମାଣିକପୁର ଗ୍ରାମର ଶମ୍ଭୁ ସିଂ (୧୭) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ, କାନ୍ଧ, ଜଘଂ ଆଦିରେ ଆଘାତ ଲାଗିଛି। ଶମ୍ଭୁଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଚଳିତବର୍ଷ ମାଟ୍ରିକ୍ ପାସ୍ କରିଥିବା ଶମ୍ଭୁ ଶନିବାର ମଧ୍ୟାହ୍ନରେ କହ୍ନେଇପୁର ରାହାଣଦେବୀ ଛକକୁ ଆସିଥିଲେ। ସେଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କନ୍ଦିଗାଁର ଜଣେ ଡିପ୍ଲୋମା ଛାତ୍ର (୨୦) ତାଙ୍କୁ ଅତର୍କିତ ଭାବେ ଛୁରିରେ ଆକ୍ରମଣ କରିଥିଲେ। ଶମ୍ଭୁ ପ୍ରତିରୋଧ କରିବା ସମୟରେ ଆକ୍ରମଣକାରୀଙ୍କ ମୁହଁରେ ମଧ୍ୟ ଛୁରି ବାଜିଥିବା ଜଣାପଡ଼ିଛି। ଶମ୍ଭୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ ନେଇଥିଲେ। ଏ ସମ୍ପର୍କରେ ଶମ୍ଭୁଙ୍କ ବଡ଼ଭାଇ ଦେବାଶିଷ ସିଂ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୫୯୨/୨୦୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଅଭିଯୋଗ

କୋଟପାଡ଼,୧୯।୭(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ସଡୋରଙ୍ଗା ପଞ୍ଚାୟତ ଖୋପରୀଗୁଡା ନିକଟ କେନାଲ ହିଡ଼ ନିକଟରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ହେଲେ ସଡୋରଙ୍ଗା ଗ୍ରାମର ସେନାପତି ଭତ୍ରା(୩୪)।

ସୂଚନା ଅନୁଯାୟୀ, ଶୁକ୍ରବାର ସେନାପତି କୋଟପାଡ଼ ଯାଇ ଗାଁକୁ ଫେରୁଥିବା ବେଳେ କେତେଜଣ ଲୋକ ତାଙ୍କୁ ମାରପିଟ କରି ମୂର୍ଚ୍ଛିତ ଅବସ୍ଥାରେ କେନାଲ ହିଡ଼ ନିକଟ ଏକ ଗଛରେ ଟାଙ୍ଗି ଫେରାର ହୋଇଯାଇଥିବା ତାଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ଘଟଣା ପୂର୍ବରୁ ସେନାପତି ତାଙ୍କ ଭିଣୋଇଙ୍କୁ କେତେଜଣ ଲୋକ ତାଙ୍କ ଜୀବନ ପ୍ରତି ବିପଦ ଥିବା ଓ ସେ ଆଜି ଘରକୁ ଫେରି ନ ପାରନ୍ତି ବୋଲି ଫୋନ ମାଧ୍ୟମରେ ଜଣାଇଥିଲେ। ଏହା ପରେ ପରିବାର ଲୋକ ଆସି ସେନାପତିଙ୍କୁ ଖୋଜାଖୋଜି କରି ଏକ ଗଛ ନିକଟରୁ ତାଙ୍କୁ ଉଦ୍ଧାର କରି କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହି ସମୟରେ ସେନାପତିଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ମୃତଦେହ ଯେଉଁଠାରୁ ଆଣିଛ ସେଠାକୁ ନିଅ ବୋଲି କହିବାରୁ ସେନାପତିଙ୍କ ପରିବାର ମୃତଦେହ ପୁଣି ଉକ୍ତ ଗଛ ନିକଟକୁ ନେଇ ରାତିସାରା ଅପେକ୍ଷା କରିଥିବା ତାଙ୍କ ଭଉଣୀ କହିଛନ୍ତି। ଏ ନେଇ ଶନିବାର ସକାଳୁ କୋଟପାଡ଼ ଥାନାରେ ସେନାପତିଙ୍କ ଭିଣୋଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ପ୍ରକାଶ ଯେ, ସଡୋରଙ୍ଗା ଗାଁରେ କିଛିଦିନ ପୂର୍ବେ ଜମି ବିବାଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ କୋଟପାଡ଼ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା କେତେଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିବା ବେଳେ ଥାନାରୁ ଫେରିଲେ ଗୋଟିଏ ମୁଣ୍ଡ ଗଡ଼ାଇବୁ ବୋଲି ଧମକ ଦେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।


भारतीय रिज़र्व बैंक
RESERVE BANK OF INDIA
www.rbi.org.in

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ

ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା (ଆରବି-ଆଇଓଏସ୍)

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥାମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ଦ୍ରୁତ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି ।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧିନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗଗୁଡିକ ପାଇଁ ଆରବି-ଆଇଓଏସ ''ଗୋଟିଏ ରାଷ୍ଟ୍ର ଗୋଟିଏ ଓମ୍ବୁଡ୍ସମେନ'' ପଦ୍ଧତି ଗ୍ରହଣ କରେ । ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଓମ୍ବୁଡ୍ସମେନ ଯୋଜନା/ ଅଫିସ୍ ମାଧ୍ୟମରେ, ଓମ୍ବୁଡ୍ସମେନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ ।
- ଆରବି-ଆଇଓଏସ ଅଧୀନରେ ଆସୁନଥିବା ସଂସ୍ଥା ଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ ।
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ ।

ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ ।

ଆରବିଆଇ ଓମ୍ବୁଡ୍ସମେନଙ୍କୁ କେବେ ଯୋଗାଯୋଗ କରିବେ?

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଓମ୍ବୁଡ୍ସମେନଙ୍କ ସହ ଯୋଗାଯୋଗ କରିପାରିବେ:

- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ 30 ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ** - ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖ ଠାରୁ ଏକ ବର୍ଷ ଏବଂ 30 ଦିନ ମଧ୍ୟରେ ଯେ କୌଣସି ସମୟରେ ।
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ** - ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥାରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ ।

**ଧ୍ୟାନ ଦିଅନ୍ତୁ:**

- ଆରବି-ଆଇଓଏସ୍‌ରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ ।
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ)ରେ ବିଚାର ହୋଇ ନ ଥିବ /ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଓମ୍ବୁଡ୍ସମେନ ଦ୍ୱାରା ପୂର୍ବରୁ ବିଚାର ହୋଇନଥିବ ।
- **ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନକରି ଆରବିଆଇ ଓମ୍ବୁଡ୍ସମେନଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ ।**

ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:

- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି-ଆଇଓଏସର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା ''କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ୍, ସେକ୍ଟର - 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ - 160017'' କୁ ପଠାଯାଇ ପାରିବ ।

ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇ ପାରିବେ ?

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ । ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24x7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶନିବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି ।

ଅଧିକ ସୂଚନା ପାଇଁ

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ -
https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ - https://cms.rbi.org.in

**(ଡ଼ିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)**

**ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)**
ମହାପ୍ରବନ୍ଧକ
ଡ଼ିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ୍, 2ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ
ବାଇକୁଲା, ମୁମ୍ବାଇ - 400 008
ଇ-ମେଲ: dicgc.complaints@rbi.org.in
ଟେଲିଫୋନ୍ ନମ୍ବର. 022-23019645

# ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଥାନାରେ ଏତଲା

ତୁମୁଡିବନ୍ଧ,୧୯।୭
(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ଥିବା ଏକ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ରହି ଅଧ୍ୟୟନ କରୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ହଷ୍ଟେଲରେ ପ୍ରଦାନ କରାଯାଉଥିବା ମାସିକ ସାନିଟାରୀ ପ୍ୟାଡ୍ ଛାତ୍ରୀ ଜଣକ ନ ନେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନରେ ସନ୍ଦେହ ପ୍ରକାଶ ପାଇଥିଲା। ଫଳରେ ଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଡାକ୍ତରୀ ରିପୋର୍ଟରେ ସମ୍ପୃକ୍ତା ଛାତ୍ରୀ ଗର୍ଭବତୀ ଥିବା ସ୍ପଷ୍ଟ ହେବାରୁ ପରିବାର ଲୋକଙ୍କ ଉପସ୍ଥିତିରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଶନିବାର ତୁମୁଡିବନ୍ଧ ଥାନାରେ ଏତଲା ଦେଇଛନ୍ତି।

ପ୍ରକାଶ ଯେ, ସମ୍ପୃକ୍ତା ଛାତ୍ରୀ ଗ୍ରୀଷ୍ମ ଅବକାଶ ପରେ ଗତ ଜୁନ ୨୫ରେ ବିଦ୍ୟାଳୟକୁ ପଢ଼ିବାକୁ ଆସିଥିଲେ। ହଷ୍ଟେଲରେ କିଛିଦିନ ରହିବା ପରେ ସେ ଅସୁସ୍ଥ ଥିବା ଭଳି ଜଣାପଡ଼ିଥିଲେ। ହଷ୍ଟେଲରେ ପ୍ରଦାନ କରାଯାଉଥିବା ମାସିକ ସାନିଟାରୀ ପ୍ୟାଡ୍ ଅନ୍ୟ ଛାତ୍ରୀମାନେ ନେଇଥିବା ବେଳେ ସମ୍ପୃକ୍ତା ଛାତ୍ରୀ ତାହା ନେଇ ନ ଥିଲେ। ଫଳରେ ସେ ସନ୍ଦେହ ପରିସରକୁ ଆସିଥିଲେ। ଏ ନେଇ ହଷ୍ଟେଲ ମାଟ୍ରନ ଓ ଏଏନ୍ଏମ୍ ଶୁକ୍ରବାର ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ତୁରନ୍ତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିବାର ଲୋକେ ଛାତ୍ରୀଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଆବଶ୍ୟକ ପରୀକ୍ଷା ପରେ ଛାତ୍ରୀ ଜଣକ ଗର୍ଭବତୀ ଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୮୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଆଶୁତୋଷ ଜେନା କହିଛନ୍ତି। ତେବେ ଗ୍ରୀଷ୍ମ ଅବକାଶରେ ଛାତ୍ରୀ ଜଣକ ଗାଁକୁ ଯାଇଥିବା ବେଳେ ସେ ଭଲ ପାଉଥିବା ଯୁବକଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ ହୋଇଥିବା ପଚରାଉଚରା ବେଳେ ଛାତ୍ରୀଜଣକ ସ୍ୱୀକାର କରିଥିବା ପୋଲିସ କହିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କହିଛନ୍ତି, ଛାତ୍ରୀଙ୍କ ସମ୍ପର୍କରେ ମାଟ୍ରନ ଓ ଏଏନ୍ଏମ୍ ଜଣାଇବା ପରେ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ପଠାଇଥିଲୁ। ସେମାନଙ୍କ ଉପସ୍ଥିତିରେ ଥାନାରେ ଅଭିଯୋଗ କରାଯାଇଛି। ମାଟ୍ରନ ଓ ଏଏନ୍ଏମ୍ଙ୍କ ରିପୋର୍ଟକୁ ଭିତ୍ତିକରି ଉପରିସ୍ଥ ଅଧିକାରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଛନ୍ତି।



ଭୁବନେଶ୍ୱରରେ ଶନିବାର ଅପରାହ୍ନରେ ହୋଇଥିବା ବର୍ଷା ସମୟର ଦୃଶ୍ୟ। (ଫଟୋ–ବିକାଶ ନାୟକ)

# ଛୁରାମାଡ଼ରେ ୨ ନାବାଳକ ଗୁରୁତର

ରଘୁନାଥପୁର,୧୯।୭
(ରାଜେନ୍ଦ୍ର ନାରାୟଣ ସିଂହ)

## ବିଲ ମଧ୍ୟରୁ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମାଦେଲେ ଗ୍ରାମବାସୀ

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଛୁରାମାଡ଼ରେ ୨ ଜଣ ନାବାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ଏନ୍ ମାରାଣ୍ଡିଙ୍କ ପୁଅ ଓମ୍‌ପ୍ରକାଶ (୧୨) ଓ ଅନ୍ୟ ଜଣେ ହେଲେ ମନୋଜ ନାୟକଙ୍କ ପୁଅ ଆକାଶ (୧୪)। ଉଭୟ ନିକଟସ୍ଥ ସ୍କୁଲରେ ପାଠ ପଢ଼ନ୍ତି। ଛୁରାମାଡ଼ରେ ଓମପ୍ରକାଶଙ୍କ ପେଟ ଓ ଆକାଶଙ୍କ ବେକରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଓମ୍‌ପ୍ରକାଶ ଓ ଆକାଶ ସନ୍ଧ୍ୟାରେ ନିକଟସ୍ଥ ଦୋକାନରୁ କୁରୁକୁରେ ନେଇ ଫେରୁଥିବାବେଳେ ହଠାତ୍ ଉକ୍ତ ଗ୍ରାମର ନିତ୍ୟାନନ୍ଦ ଦାସ ଓରଫ ବଳିଆ ଛୁରିରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ପାଟି କରିବାରୁ ବଳିଆ ସେଠାରୁ ଫେରାର ହୋଇଯାଇଥିଲେ। ମାତ୍ର ଗ୍ରାମବାସୀ ତାଙ୍କୁ ଗୋଡ଼ାଇ ବିଲ ମଧ୍ୟରୁ ଧରିଛନ୍ତି। ପରେ ପୋଲିସ ପହଞ୍ଚି ବଳିଆଙ୍କୁ ଥାନାକୁ ନେବା ସହ ତାଙ୍କ ପାଖରୁ ଏକ ଧାରୁଆ ଛୁରି ଜବତ କରିଛି। ସୂଚନାଯୋଗ୍ୟ, ୨୦୧୯ରେ ବଳିଆ ନିଶାସେବନ ପାଇଁ ନିଜ ମା'ଙ୍କୁ ଟଙ୍କା ମାଗି ନିରାଶ ହେବା ପରେ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଗତ ଦେଢ଼ମାସ ତଳେ ଜେଲରୁ ଫେରି ପୁରୀସ୍ଥିତ ଏକ ହୋଟେଲରେ କାମ କରୁଥିଲେ। ସେଠାରୁ ଚାଲିଆସି ଗତ ୪ ଦିନ ହେଲା ନିଜଘରେ ରହୁଥିଲେ। ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ. ୧୫୧/୨୫) ରୁଜୁ କରାଯାଇଛି ବୋଲି ଏସ୍‌ଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ୨୪ରେ ସବୁ କଲେଜରେ ୨ ମିନିଟ୍ ନୀରବ ପ୍ରାର୍ଥନା

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)

- ସାରା ରାଜ୍ୟରେ ଅନୁରୂପ କାର୍ଯ୍ୟକ୍ରମ କରିବ ମହିଳା କଂଗ୍ରେସ
- ନ୍ୟାୟିକ ତଦନ୍ତ ଦାବିରେ ଆନ୍ଦୋଳନ ଚାଲୁରହିବ
- ନାରୀ ନ୍ୟାୟ ପାଇଁ ପିସିସି ଅନ୍‌ଲାଇନ ଅଭିଯୋଗ ପ୍ରକୋଷ୍ଠ ଖୋଲିବ

ଆସନ୍ତା ୨୪ ତାରିଖ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଏକାଦଶାହ ଦିନ ସବୁ କଲେଜରେ ୨ ମିନିଟ୍ ଲେଖାଏ ନୀରବ ପ୍ରାର୍ଥନା କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେହିପରି ମହିଳା କଂଗ୍ରେସ ତରଫରୁ ରାଜ୍ୟବ୍ୟାପୀ ସେହିଦିନ ୧ ମିନିଟ୍‌ର ନୀରବ ପ୍ରାର୍ଥନାକରି ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରାଯିବ। ଏହାଛଡ଼ା ଆଗକୁ କଂଗ୍ରେସ ପକ୍ଷରୁ ରାଜ୍ୟରେ ୬ଟି ବଡ଼ ସମାବେଶ ଓ ଜିଲାସ୍ତରୀୟ ସମାବେଶ ଆୟୋଜନ ହେବ ବୋଲି ସେ ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ, ଏଆଇସିସିର 'ସୃଜନ' ଜରିଆରେ ଖୁବ୍‌ଶୀଘ୍ର ସାଙ୍ଗଠନିକ ପ୍ରସ୍ତୁତି ହେବ। ପିସିସିର ଏକ ମହିଳା ସୁରକ୍ଷା (ନାରୀ ନ୍ୟାୟ) ସେଲ୍ ଗଠନ କରାଯାଇ ୨/୩ ଜଣ ମହିଳାଙ୍କୁ ଦାୟିତ୍ୱ ଦିଆଯିବ। ଏଥିନିମନ୍ତେ ଏକ 'ଆପ୍' କରାଯାଇ ଟୋଲ୍ ଫ୍ରି ନମ୍ବର ଦିଆଯିବା ନେଇ ଘୋଷଣା କରିଥିଲେ। ସେହିପରି ବନ୍ଦ ପାଳନର ସଫଳତା ପାଇଁ ଉପସ୍ଥିତ ସଦସ୍ୟମାନେ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇବା ସହ ପିସିସି ସଭାପତି, ଏଆଇସିସି ଓ ପ୍ରଭାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ ପରି ଅନ୍ୟ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ କଂଗ୍ରେସ ରାଜ୍ୟବାସୀଙ୍କୁ ସଚେତନ କରିବ ବୋଲି ସଦସ୍ୟମାନେ ସଂକଳ୍ପ ନେଇଥିଲେ। ଆଗକୁ ଥିବା ଛାତ୍ର ସଂସଦ ନିର୍ବାଚନରେ ଏନ୍‌ଏସ୍‌ୟୁଆଇ ସକ୍ରିୟ ଭାବେ ଲଢ଼ିବା ନେଇ ଆଶାପ୍ରକାଶ କରାଯାଇଥିଲା। 'ବନ୍ଦ ପାଳନର ଏକ ବଡ଼ ଉପଲବ୍ଧି ହେଲା, ଆମେ ଏକ ହୋଇ ଲଢ଼ିବୁ ବୋଲି ରାଜ୍ୟବ୍ୟାପୀ ଗୋଟିଏ ବାର୍ତ୍ତା ଗଲା। ଲୋକ ସମର୍ଥନରୁ ଜଣାପଡୁଛି, ସେମାନେ କଂଗ୍ରେସକୁ ପ୍ରମୁଖ ବିରୋଧୀ ଦଳ ଭାବେ ଦେଖୁଛନ୍ତି' ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ। ମହାରାଷ୍ଟ୍ର ପରେ ଭାଜପା ପ୍ରଥମେ ଏବେ ବିହାରରେ ଭୋଟଚୋରିର ବ୍ୟବସ୍ଥା କରୁଛି। ପରେ ସବୁଆଡ଼େ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଏହାକୁ ରୋକିବାକୁ କଂଗ୍ରେସ କର୍ମୀ ଏବେଠାରୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଥିଲା।

# ପାଟନା ଏମ୍ସ ହଷ୍ଟେଲରେ ଓଡ଼ିଶା ଛାତ୍ରଙ୍କ ମୃତ୍ୟୁ: ତଦନ୍ତ ଜାରି

ନୂଆଦିଲ୍ଲୀ,୧୯।୭

ପାଟନାସ୍ଥିତ ଏମ୍ସ ହଷ୍ଟେଲ ରୁମ୍‌ରୁ ଓଡ଼ିଶାର ଜଣେ ଛାତ୍ରଙ୍କ ମୃତଦେହ ଶୁକ୍ରବାର ମିଳିବା ଘଟଣା ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ଚିନ୍ତା ବଢ଼ାଇ ଦେଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ମୃତକ ଜଣକ ଓଡ଼ିଶାର ଯାଦବେନ୍ଦ୍ର ଶାହ ଓ ସେ ଏମ୍ସ ପାଟନାର ପ୍ରଥମ ବର୍ଷ ଏମ୍‌ଡି ଛାତ୍ର ବୋଲି ଜଣାପଡ଼ିଛି। ସକାଳଠାରୁ ଯାଦବେନ୍ଦ୍ରଙ୍କ ରୁମ୍ ବନ୍ଦ ରହିଥିବାବେଳେ ମୋବାଇଲ ଫୋନ୍ ବାରମ୍ବାର ରିଙ୍ଗ୍ ସତ୍ତ୍ୱେ କେହି ଉଠାଉ ନ ଥିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ପୋଲିସ୍‌କୁ ଜଣାଇଥିଲେ। ଏମ୍ସ କର୍ତ୍ତୃପକ୍ଷ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କବାଟ ଖୋଲାଯିବା ପରେ ବେଡ୍ ଉପରେ ମୃତଦେହ ପଡ଼ିରହିଥିବା ଦେଖାଯାଇଥିଲା। ପୋଲିସ ଓଡ଼ିଶାରେ ଥିବା ଶାହଙ୍କ ପରିବାରକୁ ଏ ସମ୍ପର୍କରେ ଜଣାଇଛି।

# ରାଜଧାନୀରେ ଏସ୍‌ଟିଏଫ୍ ଚଢ଼ାଉ | ବଜ୍ରକାପ୍ତା ଉଦ୍ଧାର, ୨ ଚାଲାଣକାରୀ ଗିରଫ

ଭୁବନେଶ୍ୱର,୧୯।୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ଶନିବାର ସନ୍ଧ୍ୟାରେ ବଜ୍ରକାପ୍ତା ଚାଲାଣବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଛି। ଚାଲାଣକାରୀଦ୍ୱୟ ହେଲେ ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ଅଞ୍ଚଳର ଗୋକୁଳ ଗୁପ୍ତା (୩୭) ଓ ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଞ୍ଚଳର ତେଜରାମ ମେହେର(୩୪)। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପିତାପଲ୍ଲୀ–ଚନ୍ଦକା ରାସ୍ତା ମା' ଲତା ଭୁଆଶୁଣୀ ମନ୍ଦିର ନିକଟରେ ଚାଲାଣକାରୀମାନେ ବଜ୍ରକାପ୍ତା ବିକ୍ରି ପାଇଁ ଡିଲ୍ କରୁଥିବାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ଚଢ଼ାଉ କରିଥିଲେ। ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ଏହା ୧୪ କେଜି ୧୦୦ ଗ୍ରାମର ହେବ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ମାମଲା (ନଂ.୧୯/୨୦୨୫) ପଞ୍ଜୀକୃତ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ବଜ୍ରକାପ୍ତାକୁ ଖୋର୍ଦ୍ଧା ବନ ଖଣ୍ଡ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ବଜ୍ରକାପ୍ତାଟି କେଉଁଠୁ ଅଣାଗଲା, ସେନେଇ ଏସ୍‌ଟିଏଫ୍ ଅଧିକ ଛାନଭିନ୍ ଚଳାଇଛି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଏସଟିଏଫ୍ ପ୍ରୟାସ ଜାରି ରଖିଛି।



ଉଦ୍ଧାର ବଜ୍ରକାପ୍ତା ଏବଂ ୨ ଅଭିଯୁକ୍ତ।

## BUSINESS

# ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରଣ

ଭୁବନେଶ୍ୱର,୧୯।୭(ଅଭୟ ଦାଶ)



ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରଣ କରାଯାଇଛି। ଗତ ୫ ବର୍ଷ ଧରି ଶକ୍ତି ଭରସାଯୋଗ୍ୟତା ସମସ୍ତଙ୍କ ପାଖରେ ବିଦ୍ୟୁତ୍ ପହଞ୍ଚାଇବା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତ୍ତିଭୂମି ପାଇଁ ଦୃଢ଼ ମୂଳଦୁଆ ସ୍ଥାପନ କରାଯାଇଛି। ଏହି କ୍ରମରେ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ପ୍ରାୟ ୪୦,୦୦୦ରୁ ଅଧିକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ସେହିଭଳି ଏହି ବ୍ୟାପକ ଧରଣର କ୍ଷମତା ବୃଦ୍ଧି ଯୋଗୁ ଭୋଲ୍‌ଟେଜ୍‌ରେ ସ୍ଥିରତା ଆଣିବା, ବୈଷୟିକ କ୍ଷତିରେ ହ୍ରାସ ଏବଂ ଉଭୟ ଗ୍ରାମୀଣ ଓ ସହରାଞ୍ଚଳ କ୍ଷେତ୍ରରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନରେ ଉନ୍ନତି ଆଣିବାରେ ଡିସ୍‌କମ୍‌ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବିଶେଷକରି ପିକ୍ ସମୟରେ ଏହା ଉନ୍ନତ ଲୋଡ୍ ପରିଚାଳନା, ସ୍ଥାନୀୟ ଓଭରଲୋଡିଂକୁ ରୋକିବା ସହ ନୂତନ ଭାବେ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରାଯାଉଥିବା ଓ ଉଚ୍ଚ ଅଭିବୃଦ୍ଧି ଅଞ୍ଚଳରେ ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିଛି। ଏପରିକି ଉନ୍ନତ ନେଟ୍‌ୱର୍କ ଦକ୍ଷତା ଯୋଗୁ ବର୍ତ୍ତମାନ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ଘରୋଇ ଗ୍ରାହକଙ୍କ କ୍ଷେତ୍ରରେ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ପୂରଣ କରିବାରେ ଏହା ଉତ୍ତମ ସ୍ଥିତିରେ ରହିଛି ଏବଂ ଭବିଷ୍ୟତରେ ଅକ୍ଷୟ ଶକ୍ତି ଓ ଇଲେକ୍ଟ୍ରିକ୍ ଯାନ ଭିତ୍ତିଭୂମିର ସମନ୍ୱୟ ପାଇଁ ତାହା ମୂଳଦୁଆ ସ୍ଥାପନ କରିଛି। ଭିତ୍ତିଭୂମି ସମ୍ପ୍ରସାରଣ ସହ ଏହି ଡିସ୍‌କମ୍‌ଗୁଡ଼ିକ ପରିଚାଳନା ପ୍ରଦର୍ଶନରେ ମଧ୍ୟ ଉଲ୍ଲେଖନୀୟ ଲାଭ ପ୍ରଦାନ କରିଛି। ଏଟି ଆଣ୍ଡ୍ ସି କ୍ଷତି ହାରାହାରି ୧୧% ହ୍ରାସ ଘଟିଛି ଏବଂ ୧୦ ଲକ୍ଷରୁ ଅଧିକ ନୂଆ ସଂଯୋଗ ପ୍ରଦାନ କରାଯାଇଛି। ଏହା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଉପଲବ୍ଧ କରିବାରେ ବେଶ୍ ସହାୟକ ହୋଇଛି।

ଉଲ୍ଲେଖଯୋଗ୍ୟ, ଟାଟା ପାୱାର ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗ କରାଯାଇଛି। ଏହା ଜରିଆରେ ଓଡ଼ିଶା ଡିସ୍‌କମ ଯଥା ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍), ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଓ ଟିପି ନର୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଭଳି ଚାରିଟି ଡିସ୍‌କମ୍ ଓଡ଼ିଶାରେ କମ୍ପାନୀ ପକ୍ଷରୁ ପରିଚାଳନା କରାଯାଉଛି। ସାମଗ୍ରିକ ଭାବେ ଏହି ଡିସ୍‌କମ୍‌ଗୁଡ଼ିକ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାଖାପାଖି ୪.୬କୋଟି ଲୋକଙ୍କୁ ସେବା ପ୍ରଦାନ କରୁଛି।

# ଏଚ୍‌ପିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୯।୭

ଏଚ୍‌ପିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଲେଜର ଏମ୍‌୩୦୦ ସିରିଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଲେଜର ପ୍ରିଣ୍ଟର ରେଞ୍ଜକୁ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଏସ୍‌ଏମ୍‌ବି ଏବଂ ସ୍ଥାନୀୟ ବ୍ୟବସାୟ ଓ ପ୍ରିଣ୍ଟିଂ ସର୍ଭିସ ଦୋକାନଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ନିର୍ମାଣ କରାଯାଇଛି। ସେହିଭଳି ଏହି ସିରିଜରେ ୫ଟି ମଡେଲ ଯଥା ଲେଜର ଏମ୍‌ଏଫ୍‌ପି ୩୨୩ଏସ୍‌ଡିଏନଡବ୍ଲ୍ୟୁ, ୩୨୩ଡିଏନଡବ୍ଲ୍ୟୁ, ୩୨୩ଡି, ୩୦୩ଡିଡବ୍ଲ୍ୟୁ ଓ ୩୦୩ଡି ସାମିଲ ରହିଛି, ଯାହା ସୁଲଭ ମୂଲ୍ୟ ବର୍ଗରେ ଦ୍ରୁତ ଅଟୋ–ଡୁପ୍ଲେକ୍ସ ପ୍ରିଣ୍ଟିଂ, ଉନ୍ନତ ପ୍ରିଣ୍ଟ୍ ଗୁଣବତ୍ତା ଓ ଶକ୍ତି ଦକ୍ଷତା ପ୍ରଦାନ କରୁଛି। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ବରିଷ୍ଠ ନିର୍ଦ୍ଦେଶକ ସତୀଶ କୁମାର କହିଛନ୍ତି, ଏଚ୍‌ପି ଲେଜର ଏମ୍‌୩୦୦ ସିରିଜ କମ୍ ରକ୍ଷଣାବେକ୍ଷଣ ସହ ଦ୍ରୁତ, ଉଚ୍ଚମାନର ଡୁପ୍ଲେକ୍ସ ପ୍ରିଣ୍ଟିଂ ପ୍ରଦାନ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ନିର୍ମିତ ହୋଇଛି।

# ଏନ୍‌ଏଲ୍‌ଏଫ୍‌ସିର ପ୍ରଥମ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଜିଏସ୍‌ଆଇ) କୋଲକାତାର ସଲ୍ଟ ଲେକ୍‌ରେ ଜାତୀୟ ଭୂସ୍ଖଳନ ପୂର୍ବାନୁମାନ କେନ୍ଦ୍ର (ଏନ୍‌ଏଲ୍‌ଏଫ୍‌ସି)ର ପ୍ରଥମ ବାର୍ଷିକୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଏଲ୍‌ଏଫ୍‌ସିର ଗତ ଏକ ବର୍ଷର ସଫଳତା ସମୀକ୍ଷା କରାଯାଇଥିଲା ଏବଂ ଦେଶବ୍ୟାପୀ ଭୂସ୍ଖଳନ ପୂର୍ବାନୁମାନ କ୍ଷମତାକୁ ଦୃଢ଼ୀକରଣ ପାଇଁ ଏକ କୌଶଳଗତ ରୋଡମ୍ୟାପ ପ୍ରସ୍ତୁତ କରାଯାଇଥିଲା। ଜିଏସ୍‌ଆଇର ମହାନିର୍ଦ୍ଦେଶକ ଅସିତ ସାହା କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଜୟେଶ ବାଗଚୀ, ପଶ୍ଚିମବଙ୍ଗ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସ୍ୱତନ୍ତ୍ର ସଚିବ ପ୍ରିୟଙ୍କା ସିଂଗଲା, ବରିଷ୍ଠ ପରାମର୍ଶଦାତା ଦୀପାଳି ଜିନ୍ଦଲ, କୋଲକାତା ଆଞ୍ଚଳିକ ପାଣିପାଗ କେନ୍ଦ୍ର ଉପ–ମହାନିର୍ଦ୍ଦେଶକ ଡ. ସୋମନାଥ ଦତ୍ତ, ଏନ୍‌ଆର୍‌ଏସ୍‌ସି ବୈଜ୍ଞାନିକ–ଏସ୍‌ଏଫ୍ ପ୍ରିୟମ ରୟଙ୍କ ସମେତ ବିଭିନ୍ନ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ଆଇଆଇଟି, ବିଶ୍ୱବିଦ୍ୟାଳୟ ଓ ଗବେଷଣା ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଜେଏଫ୍‌ଏସ୍‌ଏଲ୍ ସହ ଆଲିଆଞ୍ଜର ବୁଝାମଣା

ଭୁବନେଶ୍ୱର,୧୯।୭ (ଅଭୟ ଦାଶ)

ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍‌ଏସ୍‌ଏଲ୍) ଏବଂ ଆଲିଆଞ୍ଜ ଗ୍ରୁପ୍ (ଆଲିଆଞ୍ଜ)ର ସହାୟକ କମ୍ପାନୀ ଆଲିଆଞ୍ଜ ୟୁରୋପ ବିଭି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ କମ୍ପାନୀ ଭାରତୀୟ ବୀମା ବଜାରରେ ପ୍ରବେଶ ପାଇଁ ଏକ ୫୦:୫୦ ଅନୁପାତରେ ଘରୋଇ ପୁନଃ ବୀମା ମିଳିତ ଉଦ୍ୟୋଗ ଗଠନ ନେଇ ଘୋଷଣା କରିଛନ୍ତି। ଏଥିପାଇଁ ଦୁଇଟି କମ୍ପାନୀ ଏକ ବାଧ୍ୟତାମୂଳକ ଚୁକ୍ତିରେ ଅନୁବନ୍ଧିତ ହୋଇଛନ୍ତି। ସେହିଭଳି ଜେଏଫ୍‌ଏସ୍‌ଏଲ୍ ପାଖରେ ସ୍ଥାନୀୟ ବୁଝାମଣା ଜ୍ଞାନର ଦୃଢ଼ତା ଏବଂ ଏକ ଦୃଢ଼ ଡିଜିଟାଲ ଉପସ୍ଥିତି ରହିଥିବାବେଳେ ଆଲିଆଞ୍ଜ ଦୃଢ଼ ଅଣ୍ଡରରାଇଟିଂ ଏବଂ ବିଶ୍ୱସ୍ତରୀୟ ପୁନଃ ବୀମା କ୍ଷମତା ଆଣିବ। ଏହି ମିଳିତ ଉଦ୍ୟୋଗ ଭାରତରେ ଆଲିଆଞ୍ଜର ବର୍ତ୍ତମାନ ରହିଥିବା ଆଲିଆଞ୍ଜ–ରି ଏବଂ ଆଲିଆଞ୍ଜ ବାଣିଜ୍ୟିକ ପୋର୍ଟଫୋଲିଓର ଲାଭ ମଧ୍ୟ ପାଇବ।

ଏ ନେଇ ଜେଏଫ୍‌ଏସ୍‌ଏଲ୍‌ର ଅଣ–କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ୍.ଅମ୍ବାନୀ କହିଛନ୍ତି, ବୃଦ୍ଧି ପାଉଥିବା ସମୃଦ୍ଧି, ଆର୍ଥିକ ସଚେତନତା ଏବଂ ବର୍ଦ୍ଧିତ ଡିଜିଟାଲ୍ ପରିବେଶ ଦ୍ୱାରା ଭାରତରେ ବୀମା ଚାହିଦା ବୃଦ୍ଧି ପାଉଛି। ଏହି ସହଭାଗିତା ଆଲିଆଞ୍ଜର ବିଶ୍ୱସ୍ତରୀୟ ପୁନଃ ବୀମା ବିଶେଷଜ୍ଞତାକୁ ଜେଏଫ୍‌ଏସ୍‌ଏଲ୍‌ର ଭାରତୀୟ ବଜାରର ଦୃଢ଼ ବୁଝାମଣା ଜ୍ଞାନ ଏବଂ ଦୃଢ଼ ଡିଜିଟାଲ୍ ଭିତ୍ତିଭୂମି ସହ ସମାବେଶିତ କରିଛି, ଯାହା ବୀମାକାରୀମାନଙ୍କୁ ଅଭିନବ ଏବଂ ଆବଶ୍ୟକ ଅନୁଯାୟୀ ପୁନଃ ବୀମା ସମାଧାନ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି।

୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଜାତୀୟ ଲକ୍ଷ୍ୟ ସହ ଆମେ ଏକ ଦୃଢ଼ ଏବଂ ଅଧିକ ଅନ୍ତର୍ଭୁକ୍ତ କରୁଥିବା ବୀମା ପରିବ୍ୟବସ୍ଥା ନିର୍ମାଣ କରିବାକୁ ପ୍ରତିବଦ୍ଧ ରହିଛି। ଯାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବ।

# ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ଏଲ୍‌ଆଇସିର ଭାଗୀଦାରି

ଭୁବନେଶ୍ୱର,୧୯।୭

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଏବଂ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ମଧ୍ୟରେ ଏକ ଭାଗୀଦାରି ସ୍ଥାପନ ହୋଇଛି। ଏପରି କି ଉଭୟ ସଂସ୍ଥା (କମ୍ପାନୀ) ମଧ୍ୟରେ କର୍ପୋରେଟ ଏଜେନ୍ସି ରାଜିନାମା ହୋଇଛି। ଫଳରେ ବ୍ୟବସାୟ ଅଭିବୃଦ୍ଧି ପାଇଁ ଉଭୟ କାର୍ଯ୍ୟ କରିବେ ବୋଲି ଚୁକ୍ତିରେ ବିସ୍ତୃତ ଉଲ୍ଲେଖ କରାଯାଇଛି। ସେହିଭଳି ଏକ ସ୍ୱତନ୍ତ୍ର ସମାରୋହରେ ଉଭୟ ସଂସ୍ଥା ମଧ୍ୟରେ ବାଣିଜ୍ୟିକ କାରବାର ଓ ସହଭାଗିତାର ଶୁଭାରମ୍ଭ ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରି କି ବ୍ୟବସାୟିକ ସମ୍ପ୍ରସାରଣ ଓ ଅଭିବୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ସହ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଉଭୟ କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ଏଲ୍‌ଆଇସିର ନେଟୱର୍କ ଓ ଉତ୍ପାଦଗୁଡ଼ିକର ବଣ୍ଟନ କାର୍ଯ୍ୟକ୍ରମକୁ ବ୍ୟାଙ୍କ ତା'ର ସମସ୍ତ ଶାଖା ଓ ଚ୍ୟାନେଲ ମାଧ୍ୟମରେ ବିତରଣ କରିବ ବୋଲି କୁହାଯାଇଛି। ଅପରପକ୍ଷରେ ବ୍ୟାଙ୍କର ଏକ ବୃହତ ନେଟୱର୍କ ଏହି ଚୁକ୍ତିକୁ ବଳ ଯୋଗାଇବ। ଫଳରେ ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା (ଇନ୍‌ସ୍ୟୁରାନ୍ସ ଫର ଅଲ ବାଏ ୨୦୪୭) ଲକ୍ଷ୍ୟକୁ ଏଲ୍‌ଆଇସି ଏହା ଜରିଆରେ ପୂରଣ କରିବାକୁ ଆଶା ରଖିଛି। ବର୍ତ୍ତମାନ ୩୬୦୦ରୁ ଅଧିକ ଏଲ୍‌ଆଇସି ସାଟେଲାଇଟ କାର୍ଯ୍ୟାଳୟ ଓ ୨୫୦୦ରୁ ଅଧିକ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଟଚ୍ ପଏଣ୍ଟ ରହିଛି।




ଚୁକ୍ତିନାମା ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ସିଆଇଏଲ୍‌ର ୧୦ କୋଟି ଟଙ୍କାର ସହାୟତା ପ୍ରତିଶ୍ରୁତି

ଭୁବନେଶ୍ୱର, ୧୯।୭

ଜନଜାତୀୟ କାର୍ଯ୍ୟ ମନ୍ତ୍ରଣାଳୟ (ଏମ୍‌ଓଟିଏ) ଏବଂ କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଛତିଶଗଡ଼ରେ ଆଦିବାସୀ ଛାତ୍ରଙ୍କ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିଛନ୍ତି। ସିଆଇଏଲ୍ ତାଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୬୮ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ (ଇଏମଆରଏସ୍) ପାଇଁ ୧୦ କୋଟି ଟଙ୍କାର ସହାୟତା ପ୍ରଦାନ କରିବ। ବର୍ତ୍ତମାନ ଦେଶରେ ୪୭୯ଟି ଇଏମଆରଏସ୍ କାର୍ଯ୍ୟକ୍ଷମ ଅଛି। ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପ୍ୟୁଟର ଲ୍ୟାବ ସ୍ଥାପନ କରିବା ପାଇଁ ପ୍ରାୟ ୩୨୦୦ କମ୍ପ୍ୟୁଟର ଏବଂ ୩୦୦ ଟାବ୍‌ଲେଟ କ୍ରୟ କରାଯିବ। ବିଦ୍ୟାଳୟ ଓ ଛାତ୍ରାବାସରେ ୧୨୦୦ ସାନିଟାରୀ ନାପକିନ ଭେଣ୍ଡିଂ ମେଶିନ ଏବଂ ୧୨୦୦ ଇନସିନାରେଟର ସ୍ଥାପନ। ସେହିପରି ଛାତ୍ରୀଛାତ୍ରମାନଙ୍କ ପାଇଁ ବ୍ୟାପକ କ୍ୟାରିଅର ମାର୍ଗଦର୍ଶନ କାର୍ଯ୍ୟକ୍ରମ କରାଯିବ। ଏହି ସହଯୋଗ ମାଧ୍ୟମରେ ଜନଜାତୀୟ କାର୍ଯ୍ୟ ମନ୍ତ୍ରଣାଳୟ ଏବଂ ସିଆଇଏଲ ଇଏମଆରଏସରେ ଆଧୁନିକ ଶିକ୍ଷଣ ପରିବେଶ ସୁନିଶ୍ଚିତ କରି ସମାଜର ବଞ୍ଚିତ ବର୍ଗର ଛାତ୍ରଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଡିଜିଟାଲ ଶିକ୍ଷା, କ୍ୟାରିୟର ପ୍ରସ୍ତୁତି ଓ ଉଦ୍ୟମିତା ମାନସିକତା ମାଧ୍ୟମରେ ଆଦିବାସୀ ଯୁବକଙ୍କ ଶୈକ୍ଷିକ ଅନ୍ତରାଳ ଦୂର କରି ନୂଆ ପଥ ସୃଷ୍ଟି କରାଯିବ। ଏହା ୨୦୨୦ ରାଷ୍ଟ୍ରୀୟ ଶିକ୍ଷା ନୀତି ଅନୁଯାୟୀ ସମାଜର ସମସ୍ତ ବର୍ଗ ପାଇଁ ସମାନ ଓ ସମାବେଶୀ ଶିକ୍ଷା ସୁଯୋଗ ସୃଜନ କରିବାର ସରକାରୀ ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଅର୍ଥ ଓ ବିକାଶ ନିଗମ (ଏନଏସଟିଏଫଡିସି) ମାଧ୍ୟମରେ କାର୍ଯ୍ୟକାରୀ ହେବ।

# ଦାୟିତ୍ୱରୁ ହଟିଲେ ଏମ୍‌ପିସି କଲେଜ ପରୀକ୍ଷା ନିୟନ୍ତ୍ରକ

ବାରିପଦା,୧୯।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ପାଇଁ ମୟୂରଭଞ୍ଜ ଜିଲ୍ଲା ବାରିପଦା ତକଟପୁରସ୍ଥିତ ଏମ୍‌ପିସି (ମହାରାଜା ପୂର୍ଣ୍ଣଚନ୍ଦ୍ର) ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ଏନେଇ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଶନିବାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମହାବିଦ୍ୟାଳୟର ୨ୟ ଓ ୩ୟ ସେମିଷ୍ଟରର ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବାରୁ ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଅକ୍ଟୋବର ପରେ ୪ର୍ଥ ସେମିଷ୍ଟର ପରୀକ୍ଷା ହେବାକୁ ଥିବାବେଳେ ପରୀକ୍ଷାଫଳକୁ ନେଇ ଛାତ୍ରଛାତ୍ରୀ ଆଶଙ୍କାରେ ରହିଥିଲେ। ପୂର୍ବ ପରୀକ୍ଷାରେ ବ୍ୟାକ୍ ଥିବା ନେଇ ସନ୍ଦେହ ଜାତ ହୋଇଥିବା ବେଳେ ଏହାକୁ ନେଇ ସଙ୍ଗେ ସଙ୍ଗେ ପୂର୍ବ ପାଠର ପ୍ରସ୍ତୁତି ହୋଇ ପରୀକ୍ଷା ଦେବା ସମ୍ଭବ ହୋଇପାରୁ ନ ଥିଲା। ଫଳରେ ଦୁଇଟି ସେମିଷ୍ଟରର ପରୀକ୍ଷା ଫଳ ପ୍ରକାଶ କରିବାକୁ ଛାତ୍ରଛାତ୍ରୀ ଅଧକ୍ଷ ଆଲବର୍ଟିନା ତିର୍କୀଙ୍କ ଦୃଷ୍ଟିକୁ ଆଣିଥିଲେ। ଏ ସମ୍ପର୍କରେ ଛାତ୍ରଛାତ୍ରୀ ପରୀକ୍ଷା ନିୟନ୍ତ୍ରକ ରାଜମଣି ମାର୍ଣ୍ଡିଙ୍କୁ ବାରମ୍ବାର ଜଣାଇବା ପରେ ସେମାନଙ୍କୁ ସେମିଷ୍ଟରରେ ବ୍ୟାକ୍ କରିଦିଆଯିବ ବୋଲି ଧମକ ଦେଉଥିଲେ। ଏହାକୁ ନେଇ ଶୁକ୍ରବାର ଛାତ୍ର ଅଶାନ୍ତି ତେଜିବା ସହ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପରେ କଲେଜ ଅଧକ୍ଷ ଓ ପରୀକ୍ଷା ନିୟନ୍ତ୍ରକ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଣୁ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଦାୟିତ୍ୱ ଦେଇ ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ବିଭାଗ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ମଲ୍ଲିକ ଶନିବାର ଏହି ମହାବିଦ୍ୟାଳୟକୁ ଯାଇ ସମସ୍ତ ଘଟଣାର ତଦନ୍ତ କରିଥିଲେ। ଏଥିରେ ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟରେ ଅବହେଳା ନେଇ ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟାଳୟ ଚିଠି ନଂ. ୨୫୦୫/୧୯ ଜୁଲାଇ ୨୦୨୫ରେ ଦାୟିତ୍ୱରୁ ଅପସାରଣ କରାଯାଇଛି। ସେହି ସ୍ଥାନରେ ଅତିରିକ୍ତ ପ୍ରଫେସର ଅନନ୍ତ କୁମାର ନାୟକଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାସହ ୨ୟ ସେମିଷ୍ଟରର ପରୀକ୍ଷାଫଳ ପ୍ରକାଶ କରାଯାଇଥିବା ବେଳେ ଆସନ୍ତା ୨୩ ତାରିଖରେ ବାକି ରହିଥିବା ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ଜଣାଯାଇଛି। ସେହିପରି ସମସ୍ତ ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଦାବିଗୁଡ଼ିକ ପୂରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଥିଲେ ଛାତ୍ରୀଛାତ୍ର**

# ତୁରନ୍ତ ମହିଳା କମିଶନର ନିଯୁକ୍ତି ନ କଲେ ତାଲା ପକାଇବୁ: ବିଜେଡି



ବିଜୁ ମହିଳା ଜନତା ଦଳ ପକ୍ଷରୁ ମହିଳା କମିଶନଙ୍କ ଅଫିସ୍ ସମ୍ମୁଖରେ ଧାରଣା।

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର) ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁମାନେ ଅସୁରକ୍ଷିତ ମନେକରିବା ସହ ନିର୍ଯାତନା ଓ ବଳାତ୍କାର ହାର ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ରାଜ୍ୟରେ ଭାଜପା ସରକାର ଆସିବାର ୧୪ ମାସ ବିତିଗଲା ପରେ ମଧ୍ୟ ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟେ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଥିଲା। ଜଣେ ନାରୀ ଉପରେ ଅତ୍ୟାଚାର ହେଲେ ପ୍ରଥମେ ସେ ମହିଳା କମିଶନର ଦ୍ୱାରସ୍ଥ ହୋଇଥାନ୍ତି। ହେଲେ ଦୁଃଖ ଓ ପରିତାପର କଥା ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନର ଅଧକ୍ଷ ଏପର୍ଯ୍ୟନ୍ତ ନିଯୁକ୍ତ ଦେଲେ ନାହିଁ। ଯଦି ସରକାର ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ କରନ୍ତି ବିଜୁ ମହିଳା ଜନତା ଦଳ କମିଶନ ଅଫିସରେ ତାଲା ପକାଇବା ସହ ଘେରାଉ କରିବ ବୋଲି ଚେତାବନୀ ଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ ହେବାରୁ ରାଜ୍ୟର ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିବା ମହିଳା ଓ ଶିଶୁ ନିଜ ନିଜର ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆନ୍ଦୋଳନରେ ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଯୋଗଦେଇଥିଲେ।

# ପ୍ରମାଣ ଦେଲେ ରାଜନୀତିରୁ ସନ୍ନ୍ୟାସ ନେବି: ପ୍ରତାପ ଷଡ଼ଙ୍ଗୀ

ବାଲେଶ୍ୱର,୧୯।୭ (ବାଞ୍ଛାନିଧି ଦେ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣା ସପ୍ତାହେ ପରେ ବି ଅଧୁନି ରାଜନୈତିକ ଦୋଷ ଲଦାଲଦି। ଦଦବକୁ ବାଦବଣା କରିବା ପାଇଁ ବିରୋଧୀମାନେ ଅପେଶିଳ, ଭିତ୍ତିହୀନ ଓ ପ୍ରମାଣବିହୀନ ମନ୍ତବ୍ୟ ଦେଉଛନ୍ତି ବୋଲି ଶନିବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଦେଇଥିବା ମନ୍ତବ୍ୟକୁ ଏମ୍‌ପି କଡ଼ା ସମାଲୋଚନା କରିଛନ୍ତି। ସତ୍ୟତା ପୂର୍ବକ ସମସ୍ତ ଆରୋପର ପ୍ରମାଣ ରଖିବା ନେଇ ସେ ଚ୍ୟାଲେଞ୍ଜ ଦେଇଛନ୍ତି। କୌଣସି ପ୍ରମାଣ ସିଦ୍ଧ ହେଲେ ସେ ରାଜନୀତିରୁ ସନ୍ନ୍ୟାସ ନେବାକୁ ପ୍ରସ୍ତୁତ। ମାତ୍ର ଅସିଦ୍ଧ ତଥ୍ୟ ପାଇଁ ଭୋଗରାଇ ବିଧାୟକ କ୍ଷମା ମାଗିବେ କି ବୋଲି ଏମ୍‌ପି ଦୃଢ଼ କଣ୍ଠରେ ପଚାରିଛନ୍ତି? ଗତ ୧ ତାରିଖରେ ଛାତ୍ରୀଜଣକ ଏବିଭିପି ସମାର ସାହୁଙ୍କ ନିର୍ଯାତନା ସମ୍ପର୍କରେ ଅଧକ୍ଷଙ୍କୁ ଜଣାଇଥିଲେ। ୨ ତାରିଖରେ ସର୍କିଟ୍ ହାଉସଠାରେ କେତେକ ପିଲାଙ୍କ ସହ ସୌମ୍ୟାଶ୍ରୀ ମୋତେ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରାଇଥିଲେ। ଛାତ୍ରୀଙ୍କର ସୁଦୀର୍ଘ ଭବିଷ୍ୟତ ନିର୍ମାଣ ପାଇଁ ସେ ଘଣ୍ଟାଏ କାଳ ବୁଝାଇବା ପରେ ସେ କୌଣସି ବିପଦପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଏଭଳି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ସମସ୍ତ ଘଟଣାକ୍ରମରେ ତାଙ୍କର ତିଳେ ମାତ୍ର ଅବହେଳା ନ ଥିବା ଏମ୍‌ପି କହିଥିଲେ। ପୂର୍ବ ସରକାର ସମୟରେ ବହୁ ନେତା ଓ ମନ୍ତ୍ରୀ ଏଭଳି ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ସରକାର ଘଟଣାକୁ ଚପାଇ ଦେବା ସହ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଏମ୍‌ପି କହିଥିଲେ। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପୂର୍ବକ ଠିକ୍ ତଥ୍ୟ ସାମ୍ନାକୁ ଆଣିବା ନିମନ୍ତେ ସେ ଗଣମାଧ୍ୟମକୁ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଜୀବନ ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫରେଷ୍ଟରଙ୍କୁ ବଦଳି, ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ

କେନ୍ଦୁଝର,୧୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): ତେଲକୋଇ ରେଞ୍ଜ ସଲେଇକେନା ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ମୃତ୍ୟୁ ଓ ଦାନ୍ତ ଚୋରି ଘଟଣାରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସଲେଇକେନା ଫରେଷ୍ଟର ମଳୟ କୁମାର ଜେନା ଓ ଗାର୍ଡ ଅଜିତ କୁମାର ଦାସଙ୍କୁ ବଦଳି କରାଯାଇଛି। ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଡିଏଫ୍‌ଓ ଧନରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ବିଳମ୍ବରେ ମୃତଦେହ ଚିହ୍ନଟ ଫଳରେ ଦାନ୍ତ ଚୋରି ହୋଇଛି। ଏହାକୁ ନେଇ ବିଭାଗୀୟ ତଦନ୍ତ ଜାରି ରହିଥିବା ବେଳେ ସ୍ୱଚ୍ଛତା ରକ୍ଷା କରିବାକୁ ପଦକ୍ଷେପ ନିଆଯାଉଛି।

# ୱେବ୍ ଚ୍ୟାନେଲ ଖବରଦାତାଙ୍କୁ ହତ୍ୟା ଘଟଣା, ୨ ଗିରଫ

ମାଲକାନଗିରି, ୧୯।୭ (ଦୁର୍ଯ୍ୟୋଧନ ପାତ୍ର) ମାଲକାନଗିରି ଜିଲ୍ଲା ମୋଟୁ ଥାନା ପୁରୁଲିଗୁଡ଼ା ଗ୍ରାମରେ ଜଣେ ୱେବ୍ ଚ୍ୟାନେଲ ଖବରଦାତାଙ୍କୁ ୧୨ ତାରିଖରେ ହତ୍ୟା କରାଯାଇଥିଲା। ଶନିବାର ଏହାର ପର୍ଦ୍ଦାଫାଶ ହେବା ସହ ୨ଜଣଙ୍କୁ ହାଇଦ୍ରାବାଦ୍‌ରୁ ଗିରଫ କରାଯାଇଛି। ସେମାନେ ହେଲେ ଏମ୍‌ଭି ୭୫ ଗ୍ରାମର ସୁକୁମାର ରାୟ ଓ ଏମ୍‌ପିଭି ୮୨ ଗ୍ରାମର କୋଙ୍କନ ଜୋଦ୍ଦାର। ମାଲକାନଗିରି ଏସ୍‌ପିଙ୍କ ସୂଚନା ଅନୁଯାୟୀ, ମୋଟୁ ଗ୍ରାମର ୱେବ୍ ଚ୍ୟାନେଲ ଖବରଦାତା ସି.ହେଚ୍. ନରେଶ ଓ ତାଙ୍କ ସହ ୪ ଜଣ ଖବର ସଂଗ୍ରହ ପାଇଁ ପୁରୁଲିଗୁଡ଼ା ଯାଇଥିବା ବେଳେ ଦୁଇଟି ବାଇକ୍‌ରେ ୫ ଜଣ ଆସି ଦୁଇଜଣ ନରେଶଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ଘଟଣାର ତଦନ୍ତକରି ପୋଲିସ ସୁକୁମାର ରାୟ ଓ କୋଙ୍କନ ଜୋଦ୍ଦାରଙ୍କୁ ହାଇଦ୍ରାବାଦ୍‌ରୁ ଗିରଫ କରି ଆଣିଛି। ତେବେ କେଉଁ କାରଣରୁ ନରେଶଙ୍କ ଉପରେ ଆକ୍ରମଣ ହୋଇଥିଲା ସେ ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାର ତଦନ୍ତ ଜାରି ରହିଥିବା ଏସ୍‌ପି ପାତିଲ କହିଛନ୍ତି।


**OFFICE OF THE NOTIFIED AREA COUNCIL, JUNAGARH** No.C-709

email - nacjunagrh@gmail.com

NOTICE INVITING TENDER FOR LEASE OF TANKS & GYMNASIUM OF NAC JUNAGARH

LETTER NO. 1112 DATE - 19.07.2025.

Details terms and Conditions are available at Office of the Notified area council Junagarh www.junagarhnac.in or visit website - https://kalahandi.odisha.gov.in

Executive Officer, N.A.C., Junagarh

OIPR-13133/11/0019/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK** NO.O-465

E-mail : ee_rwbdk@yahoo.com

"e" Procurement Notice for Road & Bridge Work

Bid Identification No. Online Tender 4 of 2025-26

1. Name of the Work : Road & Bridge. 2. Total No. of Works : 2 Nos. 3. Estimated Cost : Rs.73.71 to Rs.87.08 lakh. 4. Class of Contractor : "B" Class. 5. Period of Completion : As per Annexure. 6. Type of Tender : Double Cover. 7. Other Details :

| Procurement Officer | Bid Identification No. | Availability of Tender On-line for bidding | | Date of seeking of Tender | Date & Time of Technical Opening of Tender | Date & Time of Financial Opening of Tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | | 4 | 5 | 6 |
| Superintending Engineer, Rural Works Division-I, Bhadrak | Online-4 of 2025-26 | 24.07.25 At - 11.00 A.M. | 02.08.25 up to 4.00 P.M. | 02.08.2025 At - 2.00 P.M. | 04.08.2025 At - 11.00 A.M. | Will be intimated later |

Further details can be seen from the e-procurement portal "https://tendersorissa.gov.in"

Sd./- Er. Kanan Pradhan, Superintending Engineer, R.W. Division, Bhadrak

OIPR-25060/11/0017/2526

**CHC JATNI**
**OFFICE OF THE MEDICAL SUPERINTENDENT, CHC JATNI**

TENDER CALL NOTICE

Adv. No. 250/25-26 Date : 18.07.2025

**No.E-245** : Sealed tenders are invited from any Local registered Travel Agency / Individuals only having valid GSTIN/PAN for **providing of vehicles on monthly basis** in the undersigned office, O/o Medical Superintendent, CHC Jatni.

The sealed tenders should reach at in any working day along with all required documents by Speed post/Regd. post/Courier only by superscribing on the top of the envelop **"Tender for Hiring of Vehicles on Monthly Basis in reference to Advertisement No.250/2025-26 Dt.18.07.2025"** Details regarding items and terms & conditions may be download from www.khordha.nic.in. The undersigned reserves the right to accept or reject any or all the quotations without assigning any reason thereof.

Sd./- Medical Superintendent, CHC Jatni

OIPR-10237/11/0001/2526

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA** No.O-463

E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

"e" Procurement Notice for Bridge Work

Identification No.- Online Tender- Bridge N.C.B. No.382 for 2025-26.

Letter No.2930/Date. 19.07.2025//

1. Name of the work : Bridge works under SBY in the District of Mayurbhanj. 2. Total No. of work : 3 Nos. (Three). 3. Estimated Cost : Rs.400.05 lakhs & Rs.463.61 lakhs (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge On-line N.C.B. No.382 | Dt.23.07.2025 at 11.00 A.M. | Dt.06.08.2025 up to 5.00 P.M. | Dt.05.08.2025 up to 5.00 P.M. | Dt.07.08.2025 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum / Addendum will be displayed in the above e_tender website only.

Sd./- Er. A.K Naik, Chief Construction Engineer, R.W. Circle, Baripada

OIPR-25130/11/0043/2526

**ପୌରପରିଷଦ କାର୍ଯ୍ୟାଳୟ, ତାଳଚେର**

ନଂ. ୨୫୮୬ **ବିଜ୍ଞାପନ** ତା୧୮।୦୭।୨୫

No. C-704: ଏତଦ୍ୱାରା ଅନୁଗୋଳ ଜିଲ୍ଲାରେ ବସ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପୌରପାଳିକା ତରଫରୁ ହାଟତୋଟା ମାର୍କେଟ କମ୍ପ୍ଲେକ୍ସ ଉପର ମହଲାରେ ବଳକାଥିବା ୭ଗୋଟି ଦୋକାନ ଘର ଗୁଡ଼ିକ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ତା୨୧।୦୭।୨୦୨୫ରିଖଠାରୁ ତା୩୦।୦୭।୨୦୨୫ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ ପତ୍ର ଟ.୨୦୦୦/-ଙ୍କା ମାତ୍ର ଦାଖଲ କରି ପୌରପାଳିକାରୁ ଫର୍ମ ନେଇ ଆବେଦନ କରିପାରିବେ। ଫର୍ମ ଦାଖଲର ଶେଷ ତା୩୧।୦୭।୨୦୨୫ରିଖ ସ୍ଥିର କରାଯାଇଅଛି। ଅନ୍ୟ ସମସ୍ତ ନିୟମାବଳୀସ୍ଥିର ରହିବ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ତାଳଚେର ପୌରପରିଷଦ

OIPR-13077/11/0050/2526

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**

Tele Fax No.: 06762-226717, e-mail Id: dfo.dhenkanal@gmail.com

No. 453/1F-Accounts-2025-26 Dt.18.07.2025

CORRIGENDUM

No. MM-129: In continuation to Bid Identification No. 02/2025-26 DFO, Dhenkanal, Dt.03.07.2025 for supply of hired vehicle (Bolero) in Dhenkanal Forest Division the next date for opening of tender is fixed to be held on 21.07.2025 at 3.30 P.M. instead of 18.07.2025. All others terms and conditions are remained unchanged.

Sd./- Divisional Forest Officer, Dhenkanal Division

OIPR-08037/11/0020/2526

**PANCHAYAT SAMITI OFFICE, PALLAHARA**

E-Mail ID- ori-pallahara@nic.in

Letter No. 2213 Dt.16.07.2025

TENDER CALL NOTICE NO. PLR-02/2025-26

No.i-227:- Sealed tenders are invited from the interested bidders for the civil work under BDO, Pallahara of Angul District. The details has been uploaded in the District website **www.angul.odisha.gov.in**. They have to submit bid documents to the undersigned in the address of "Office of the BDO, Pallahara, At/Po-Pallahara, Dist-Angul, Pin-759119" through Regd./Speed Post or drop in the tender box kept in the office chamber of the undersigned on or before 31.07.2025 (up to 12.00 Noon). DTCN & other details can be downloaded from the District Web site **www.angul.odisha.gov.in** or can be obtained from the office of the undersigned from 19.07.2025 to 30.07.2025 (up to 5.00 P.M).

Sd./- Block Development Officer, Pallahara

OIPR-19276/11/0005/2526

**OFFICE OF THE MEDICAL SUPERINTENDENT SCB MEDICAL COLLEGE & HOSPITAL, CUTTACK, GOVT.OF ODISHA**

Mail id- scbsuperintendent@gmail.com Phone No-0671-2414080

TENDER CALL NOTICE

No.16486 Dated: 17.07.25

No.E-241:- Sealed Tenders in proforma provided are invited from intending Manufacturers / Distributors/ Stockiest/ Wholesaler for supply of medicine, implants, disposables and medical consumable to SCB MCH, Cuttack as per timely requirement of the hospital which will be valid for a period of two years from the date of approval. The tenders should be reached in the office of the undersigned latest by 22.08.2025 by 5 PM on registered post/ speed post/ courier service which will be opened on 25.08.2025 at 5.00 PM in the office chamber of the Superintendent, SCB Medical College & Hospital, Cuttack.

The tender paper and other set of terms and condition can be obtained from the website of SCB MCH, Cuttack i.e. www.scbmch.in.

Sd./- Medical Superintendent, SCB Medical College Hospital, Cuttack

OIPR-10186/11/0040/2526

**ZILLA SWASTHYA SAMITI, MAYURBHANJ**
**OFFICE OF THE CDM & PHO-cum-DISTRICT MISSION DIRECTOR, NHM, MAYURBHANJ, ODISHA - 757001**

Advt. No. 2954/NHM/2025-26 Dt.: 19.07.25

TENDER DOCUMENT FOR SUPPLY OF WORKING LUNCH FOR TRAINING/WORKSHOP/MEETING UNDER ZSS, MAYURBHANJ

No. E-243: Sealed proposals as per prescribed document are invited from interested eligible bidders for **SUPPLY OF WORKING LUNCH FOR TRAINING/WORKSHOP/MEETING UNDER ZSS, MAYURBHANJ**. The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaed from the website **https://mayurbhanj.odisha.gov.in**. Interested bidders fulfilling the eligibility criteria may submit their proposals (with document as per tender call notice) to the O/o. CDM & PHO, DHH, Baripada, Mayurbhanj. The Proposal(s) complete in all respect should reach the undersigned on or before Dt.01.00 P.M. of Dt.04.08.2025 through Regd. Post./Speed Post/Courier and the same will be opened on Dt.05.08.2025 at 11.30 A.M. in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer, Mayurbhanj

OIPR-10020/11/0041/2526

**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**
**NEAR JAIL CHOWK, SAMBALPUR-768001**

E-mail - dfo.sambalpur@odisha.gov.in

SHORT TENDER NOTICE

Tender No. 3535 Dated - 19.07.2025

**No.MM-132** : Divisional Forest Officer, Sambalpur Forest Division on behalf of Governor of Odisha invites sealed tenders from reputed intending Manufacturing Firms/ Dealers/ Suppliers having valid GSTIN and PAN Registration No. Procurement of **Solar- Powered Early Warning System (EWS)** for Sambalpur Forest Division. The tender papers with detailed terms and conditions documents can be downloaded from website **https://Sambalpur.odisha.gov.in** from 11:00 Hours of 21.07.2025 to 17:00 Hours of 01.08.2025. The cost of tender paper of Rs. 2,000/- (Two thousand) only to be deposit through Demand Draft in favour of Divisional Forest Officer, Sambalpur Forest Division payable at Sambalpur. The Tender Papers can be submitted at the below mentioned address on or before 01.08.2025 till 05:00 pm by Speed Post/ registered post/ by hand only. The tender will be opened in the office of the undersigned on 02.08.2025 at 11.00 AM. The undersigned reserves the right to accept or reject any or all the tenders without assigning any reason thereof.

Sd./- Divisional Forest Officer, Sambalpur Forest Division

OIPR-08104/11/0017/2526

**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd. (OSCSC), Subarnapur**

Phone : 7092925898

TENDER No. - 1178 Dated : 18.07.2025

**No.CAD-1185** : Cost of Tender Document : Rs.11800/- Inclusive of GST. Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).

| | | |
|---|---|---|
| 1 | Availability of tender documents | From Date - 18.07.2025 At -5.00 P.M. Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt.19.07.2025, At-11.30 A.M. Place.-Conference Hall of Collectorate, Subarnapur |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. of dt.31.07.2025 |
| 4 | Date, time and venue for opening of Technical Bid by the Tender Committee | On dt.01.08.2025 at 11.30 A.M. Place - Conference Hall of Collectorate, Subarnapur |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.01.08.2025 at 11.30 A.M. Place - Conference Hall of Collectorate, Subarnapur |
| 6 | Date & time of Financial Bid opening by the Tender Committee (Only of Technically Qualified Bidders | To be announced after technical bid evaluation |
| 7 | Venue of the opening of Technical & Financial Bids | Conference Hall of Collectorate, Subarnapur |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no. | (i) OSCSC LTD : District Manager : No - 9437068432 Accounts Head No. - 7092925898 (ii) State Procurement Cell : 0674-2530998 / 18003456765 |

By Order of Collector, Sd./- District Manager, OSCSC Ltd., Subarnapur

OIPR-07030/11/0014/2526

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER-CUM DISTRICT MISSION DIRECTOR, SUNDARGARH**

No.E-242 E-Mail : sngcdmo@gmail.com

RFP NO. CDM&PHO/SNG/2025-26/01

| | | |
|---|---|---|
| 1. | The CDM&PHO, Sundargarh, Govt. of Odisha invites technical & financial proposals from reputed implementing agency/firms for **"Operation and Management of Maa Gruha (Maternity Waiting Home) under DMF, Sundargarh"** as detailed in the scope of work in this RFP. The interested Firms/Agency with valid registration certificate, as detailed in RFP, may apply for the same in Off-Line mode. (For details visit **www.sundargarh.odisha.gov.in** | |
| 2 | Nature of works | **Selection of agency for Operation & Management of Maa Gruha (Maternity Waiting Home) under DMF fund.** |
| 3 | Bid Processing Fee | **Rs. 10,000/-(Rupees Ten Thousand only)** |
| 4 | Date of advt. publication | **Date: 18/07/2025** (The detailed RFP document downloadable from Website: **https://sundargarh.odisha.gov.in)** |
| 5 | Date & Time of Pre-bid meeting | **Date: 25/07/2025** Time: 11.00 AM Venue: Conference Hall, O/O the CDM & PHO-cum-District Mission Director, NHM, Sundargarh-770001. |
| 6 | Last date for submission of the Proposal | **Date: 11/08/2025** Time: 05.00 PM Details of the Name and address for submitting the proposal are mentioned at Section 2: Schedule of Submission. **NB:** Proposals should be submitted through **Speed post/Registered post only**. No other form of submission will be accepted. Proposal(s) submitted after the due date & time will not be accepted. |
| 7 | Opening of the Proposal & presentation at the District | **Date: 12/08/2025 at 11.30 A.M. Place:** Conference Hall of CDM & PHO, Sundargarh |
| 8 | Opening of Financial Bid | **To be communicated to only qualified bidder in Technical Bid** |
| 9 | Address for query and correspondence | **O/o the CDM&PHO At/PO/Dist.-Sundargarh, Pin-770001** |
| 10 | The bidders have to participate in off-line bidding only. For the details of RFP can be seen from the district website of Sundargarh (www.sundargar.odisha.gov.in.). Any addendum/Corrigendum/Cancelation of the tender can also be seen in the said website. If any quarry then contact in the CDM&PHO mail (sngcdmo@gmail.com). | |

Sd./- Chief District Medical & Public Health Officer, Sundargarh

OIPR-10100/11/0027/2526

**OFFICE OF THE ROURKELA MUNICIPAL CORPORATION**

UDITNAGAR, ROURKELA, ODISHA - 769012

E-mail ID: rourkelamunicipality@gmail.com

No. 8886 Date: 18.07.25

EOI for Empanelment of Contractors for Repair of Paver Roads, Pathways & any other Paver work under Rourkela Municipal Corporation for 01 year.

No. C-700: Rourkela Municipal Corporation invites expression of interest (EOI) for empanelment of Contractors/Agencies for Minor Civil Work under Rourkela Municipal Corporation for 01 year. The details of EOI may be seen/download from **www.rmc.nic.in**. Any Changes, corrigendum etc. will be updated at the mentioned portal only. For further queries/ comments, please contact to E-mail ID of **rourkelamunicipality@gmail.com**.

EOIs are to be submitted through sealed cover envelope containing two separate sealed envelopes for Technical and Financial proposals. The interested individuals/agencies should submit the complete EOI in the sealed cover address to Commissioner, Rourkela Municipal Corporation, Uditnagar, Rourkela - 769012 (Odisha) superscribing as **"EOI for Empanelment of contractors for repair of Paver Roads, Pathways & any other Paver work under Rourkela Municipal Corporation for 01 year"** through Speed Post/Registered Post/Courier or by hand on or before 01.08.2025 upto 1.00 P.M. The EOI will be opened on the same day at 4.30 P.M. in presence of the applicants who wish to attend. If the last date of submission, opening of EOI and other schedule happens to be a holiday, the next working day will be treated as the schedule for the same. Authority reserves the right to accept/reject any or all the EOIs without assigning any reason thereof.

Sd./- Commissioner, Rourkela Municipal Corporation

OIPR-13131/11/0153/2526

**GOVERNMENT OF ODISHA**
**OFFICE OF THE PANCHAYAT SAMITI, RENGALI, SAMBALPUR** No.i-230

E-mail : ori-rengali@nic.in

TENDER CALL NOTICE

Bid identification No.P.S/REN/SBP/DEV/01/2025-26

No. 2890/Date.18.07.2025

CORRIGENDUM

TENDER CALL NOTICE NO 2711 Dtd.05.07.2025, OFFICE OF THE PANCHAYAT SAMITI RENGALI, SAMBALPUR

1. The last date and time for submission via the website and receipt of bids is extended to 17:00 hours on 31st July 2025.
2. The date of tender opening is extended to 11:30 hours on 4th August 2025.
3. Original Bid Security & Demand draft towards cost of bid document may be submitted in the office of the undersigned on or before 11.15 Hours on dated 04.08.2025 during office hours on working days failing which the bid will be rejected.
4. No prior experience is required as per the conditions of the Tender Call Notice for all projects in Clause No. 8 of the Detailed Tender Call Notice.; however, all other terms and conditions remain unchanged.
5. The name of the work in the tender Notice: SL No-05 "Construction of GPLF Building with Market Complex at GP Level at" read as: "Construction of GPLF Building with Market Complex at GP Level at Katarbhaga."
6. Clause No. 21 of the Detailed Tender Call Notice (N.B.): "Bank Draft / Pay Orders or Banker's Cheque from any nationalized banks in favor of District Project Coordinator shall not be considered as E.M.D." read as "Bank Draft Pay Orders or Banker's Cheque from any nationalized banks in favour of Block Development Officer, Rengali shall not be considered as E.M.D."

Sd./- Block Development Officer, Rengali

OIPR-15013/11/0063/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସଂହତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁନ୍ଦରଗଡ଼, ବାଲେଶ୍ୱର ବିଜୟୀ



ଅତିଥିଙ୍କ ସହ ବାଲେଶ୍ୱର ଓ ଢେଙ୍କାନାଳର ଖେଳାଳିମାନେ।

### ସାହାଣୀ କପ୍ ଫୁଟ୍‌ବଲ

କେନ୍ଦୁଝର,୧୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଷ୍ଟାଡ଼ିୟମରେ ଆୟୋଜିତ ୬୪ତମ ସାହାଣୀ କପ୍ ସିନିୟର ଆନ୍ତଃ ଜିଲା ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସର ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ସୁନ୍ଦରଗଡ଼ ୨-୦ ଗୋଲରେ ସୁବର୍ଣ୍ଣପୁରକୁ ଏବଂ ଦ୍ୱିତୀୟ ମ୍ୟାଚରେ ବାଲେଶ୍ୱର ୪-୦ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି। ପ୍ରଥମ ଖେଳ ପ୍ରଥମାର୍ଦ୍ଧର ଦ୍ୱିତୀୟ ମିନିଟ୍‌ରେ ଦଳ ପକ୍ଷରୁ ଗୋଲର ଶୁଭାରମ୍ଭ ହୋଇଥିଲା। ପୁନଶ୍ଚ ୧୮ତମ ମିନିଟ୍‌ରେ ଷ୍ଟ୍ରାଇକର ମହେଶ ପ୍ରଧାନ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଖେଳ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ୫୯ତମ ମିନିଟରେ ବାଲେଶ୍ୱରର ଜଗନ୍ନାଥ ସୋରେନ ଦଳ ପକ୍ଷରୁ ଗୋଲ ଦେଇଥିଲେ। ପରେ ୬୨ତମ ଏବଂ ୬୯ତମ ମିନିଟରେ ରାଜୁ ସିଂ ଦୁଇଟି ଗୋଲ ସ୍କୋର କରିଥିଲେ। ୮୦+୧ ମିନିଟରେ ବାଲେଶ୍ୱର ପକ୍ଷରୁ ୧୦ ନମ୍ବର ଖେଳାଳି ମଧୁ ସୋରେନ ଦଳ ପକ୍ଷରୁ ଆଉ ଏକ ଗୋଲ ସ୍କୋର କରି ବିଜୟ ବ୍ୟବଧାନ ୪-୦କୁ ବୃଦ୍ଧି କରିଥିଲେ। ପ୍ରଥମ ଖେଳରେ ଆଶୀର୍ବାଦ କାନୁନ୍‌ଗୋ ରେଫରି ଦାୟିତ୍ୱ ତୁଲାଇ ଥିବାବେଳେ ଲାଇନ୍‌ରେ ଶୁଭମ ପାତ୍ର ଓ ଉତ୍କଳମଣି ବେହେରା ସହାୟତା କରିଥିଲେ। ଅରୁଣ ନାୟକ ଚତୁର୍ଥ ରେଫରି ଥିଲେ। ଦ୍ୱିତୀୟ ଖେଳରେ ଚକ୍ରଧର ଚାଟାର ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ରାଇ ମୋହନ ମୁର୍ମୁ ଚତୁର୍ଥ ରେଫରି ଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଚୟନକର୍ତ୍ତା ଭାବେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା, ସନ୍ତୋଷ ମହାରଣା ଏବଂ ମ୍ୟାଚ କମିଶନର ଭାବେ ସୁରେଶ କୁମାର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥିଭାବେ କେନ୍ଦୁଝର ପୌରପାଳିକାର ନଗରପାଳ ନିକୁ ସାହୁ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇଥିଲେ।

### ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ

**ବୌଦ୍ଧ**
କଳାହାଣ୍ଡି-୧, ନୟାଗଡ଼-୦
ବରଗଡ଼-୩, ଦେବଗଡ଼-୦

**କେନ୍ଦ୍ରାପଡ଼ା**
କଟକ-୩, ଖୋର୍ଦ୍ଧା-୦
ପାରାଦୀପ ପୋର୍ଟ ଟ୍ରଷ୍ଟ-୯, ପୁରୀ-୨

**ବ୍ରହ୍ମପୁର**
ମୟୂରଭଞ୍ଜ-୯, ରାୟଗଡ଼ା-୦
କୋରାପୁଟ-୨, ମାଲକାନଗିରି-୦

# ପ୍ରତ୍ୟେକ ପରବର୍ତ୍ତୀ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ

### ଆଜି ଅନ୍ତର୍ଜାତୀୟ ଚେସ୍ ଦିବସ

ପ୍ରତ୍ୟେକ ବର୍ଷ ଜୁଲାଇ ୨୦ ତାରିଖରେ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯାଇଆସୁଛି। ଏହିଦିନ ୧୯୨୪ରେ ପ୍ୟାରିସଠାରେ ବିଶ୍ୱ ଚେସ୍ ପରିଚାଳନାକାରୀ ସଂସ୍ଥା ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ) ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ଫିଡେର ମୁଖ୍ୟ କାର୍ଯ୍ୟାଳୟ ସୁଇଜରଲାଣ୍ଡରେ ରହିଛି। ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରିବା ଲାଗି ୟୁନେସ୍କୋ ପକ୍ଷରୁ ପ୍ରଥମ ଥର ପାଇଁ ପ୍ରସ୍ତାବ ଦିଆଯାଇଥିଲା। ୧୯୬୬ଠାରୁ ଏହାକୁ ପାଳନ କରାଯାଉଛି। ଫିଡେର ପୂର୍ବତନ ସଭାପତି କିର୍ସାନ ଇଲ୍ୟୁମଝିନୋଭଙ୍କ କହିବା ଅନୁସାରେ ୨୦୧୩ରେ ଅନ୍ତର୍ଜାତୀୟ ଚେସ୍ ଦିବସ ୧୭୮ଦେଶରେ ପାଳନ ହୋଇଥିଲା। ୨୦୧୯ ଡିସେମ୍ବର ୧୨ ତାରିଖରେ ମିଳିତ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତି କ୍ରମେ ଜୁଲାଇ ୨୦ତାରିଖକୁ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବେ ପାଳନ କରିବାକୁ ମଞ୍ଜୁରୀ ଦିଆଯାଇଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ଚେସ୍ ଦିବସ ଲାଗି 'ପ୍ରତ୍ୟେକ ମୁଭ ଗୁରୁତ୍ୱପୂର୍ଣ୍ଣ' ଶୀର୍ଷକ ଥିମ ରଖାଯାଇଛି। ଏହା ଦର୍ଶାଉଛି ଯେ, ଚେସ୍ ବୋର୍ଡ ହେଉ କି ଜୀବନ, ପରବର୍ତ୍ତୀ ପ୍ରତ୍ୟେକ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ନିଷ୍ପତ୍ତି ଆମ ଅଭିଯାନ ରୂପରେଖ ନିର୍ଣ୍ଣୟ କରେ। ଚେସ୍ ଖେଳର ଆବିଷ୍କାର ଭାରତରେ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରେ ହୋଇଥିଲା। ସେତେବେଳେ ଏହି ଖେଳ 'ଚତୁରଙ୍ଗା' ନାମରେ ପରିଚିତ ଥିଲା। କାଳକ୍ରମେ ଏହି ଖେଳ ୟୁରୋପ ଓ ପର୍ସିଆକୁ ବ୍ୟାପି ଯାଇଥିଲା। ସେଠାରେ ଖେଳର ନିୟମକୁ ପରିପ୍ରକାଶ କରାଯାଇଥିଲା। ଗତବର୍ଷ ଫିଡେର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱ ଚେସ୍ ଜଗତ ପକ୍ଷରୁ ୨୪ଘଣ୍ଟା ମଧ୍ୟରେ ସର୍ବାଧିକ ସଂଖ୍ୟକ ଚେସ୍ ଗେମ୍ ଖେଳାଯାଇ ଏକ ଗିନିଜ ୱାର୍ଲ୍ଡ ରେକର୍ଡ ପ୍ରତିଷ୍ଠା କରାଯାଇଥିଲା। ସେହି ଦିନ ସମଗ୍ର ବିଶ୍ୱରେ ୩୫୦ ଟୁର୍ନାମେଣ୍ଟରେ ୭.୨୮ ନିୟୁତ ଚେସ୍ ମୁକାବିଲା ହୋଇଥିଲା।



### ଜାତୀୟ ସିନିୟର ମହିଳା ହକି କ୍ୟାମ୍ପ

# କୋର୍ ଗ୍ରୁପ୍‌ରେ ଓଡ଼ିଶାର ୬ ଖେଳାଳି

ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)

ଆଗକୁ ଏସିଆ କପ୍ ଆସୁଥିବାରୁ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଜାତୀୟ ସିନିୟର ମହିଳା ହକି ଦଳର କ୍ୟାମ୍ପ ଚଳିତ ମାସ ୨୧ରୁ ଅଗଷ୍ଟ ୨୯ ପର୍ଯ୍ୟନ୍ତ ଚାଲିବ। ଏହି କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ଶନିବାର ଘୋଷିତ ୪୦ ଜଣିଆ କୋର୍ ଗ୍ରୁପ୍‌ରେ ଓଡ଼ିଶାର ୬ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲକିପର ମାଧୁରୀ କିଣ୍ଡୋ, ଡିଫେଣ୍ଡର ଜ୍ୟୋତି ଛତ୍ରୀ, ମିଡ୍‌ଫିଲ୍ଡର ସୁଜାତା କୁଜୁର, ଆଜମିନା କୁଜୁର, ସୁନେଲିତା ଟପ୍ପୋ ଏବଂ ଫରୱାର୍ଡ ଦୀପି ମୋନିକା ଟପ୍ପୋ। ୨୦୨୫ ମହିଳା ଏସିଆ କପ୍ ଚାଇନାର ହାଙ୍ଗଝୋଠାରେ ସେପ୍ଟେମ୍ବର ୫ରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଦଳ ସିଧାସଳଖ ୨୦୨୬ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଆଗାମୀ କ୍ୟାମ୍ପରେ ଖେଳାଳିଙ୍କ ଟ୍ରେନିଂ ବହୁ ଗୁରୁତ୍ୱ ବହନ କରିବ। "ଏହି କ୍ୟାମ୍ପ୍ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏସିଆ କପ୍ କେବଳ ସମ୍ମାନଜନକ ମହାଦେଶୀୟ ଟୁର୍ନାମେଣ୍ଟ ନୁହେଁ, ୨୦୨୬ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତାର ସୁଯୋଗ ଆଣିବ। ହାଙ୍ଗଝୋରେ ପହଞ୍ଚିବା ବେଳକୁ ଆମେ ଯେପରି ମାନସିକ ଓ ଶାରୀରିକ ସ୍ତରରେ ପ୍ରସ୍ତୁତ ଥିବୁ ସେହି ଅନୁସାରେ ଆଗାମୀ କ୍ୟାମ୍ପ୍‌ରେ ଟ୍ରେନିଂ କରିବୁ" ବୋଲି ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ପ୍ରୋ ଲିଗ୍‌ର ୟୁରୋପ ଚରଣରେ ଆମେ ଆଶାନୁସାରେ ପ୍ରଦର୍ଶନ କରିପାରି ନ ଥିଲୁ। ତେଣୁ ଏହି କ୍ୟାମ୍ପ ଆମକୁ ପ୍ରୋ-ଲିଗ୍‌ରେ ଦେଖାଦେଇଥିବା ତ୍ରୁଟିକୁ ସୁଧାରି ପୁଣିଥରେ ସତେଜ ମନରେ ପ୍ରସ୍ତୁତ ହେବାକୁ ସୁଯୋଗ ଆଣିବ।

# ବିନ୍ନିଙ୍କୁ ନେଇ କଳ୍ପନାଜଳ୍ପନା

**ନୂଆଦିଲ୍ଲୀ, ୧୯।୭ (ପି.ଟି.):** ବର୍ତ୍ତମାନର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ରୋଜର ବିନ୍ନି ଶନିବାର ୭୦ବର୍ଷ ବୟସରେ ପଦାର୍ପଣ କରିଛନ୍ତି। କିନ୍ତୁ ସେ ସେପ୍ଟେମ୍ବରରେ ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍) ପର୍ଯ୍ୟନ୍ତ କାର୍ଯ୍ୟ କରିବେ କି ଉପ-ସଭାପତି ରାଜୀବ ଶୁକ୍ଳା ତୁରନ୍ତ ଅନ୍ତରୀଣ ଦାୟିତ୍ୱ ସମ୍ଭାଳିବେ ଏବଂ ବିନ୍ନି ବିଦାୟ ନେବେ ସେ ସେନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପାର୍ଲାମେଣ୍ଟର ଆସନ୍ତା ମୌସୁମି ଅଧିବେଶନରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଜାତୀୟ କ୍ରୀଡ଼ା ବିଲ୍ ଚିଠା ଉପସ୍ଥାପନ କରିବେ। ଏଥିରେ ଜଣେ ପ୍ରଶାସକଙ୍କ କାର୍ଯ୍ୟକାଳ ବୟସସୀମା ୭୦ବର୍ଷରୁ ୭୫ ବର୍ଷ ବୃଦ୍ଧି ପାଇଁ ପ୍ରସ୍ତାବ ରହିଛି। ଜଷ୍ଟିସ ଲୋଧା କମିଟି ଦ୍ୱାରା ସଂଶୋଧିତ ହୋଇଥିବା ବିସିସିଆଇ ସମ୍ବିଧାନରେ ଏହାର କର୍ମକର୍ତ୍ତାଙ୍କ ସର୍ବୋଚ୍ଚ ବୟସ ସୀମା ୭୦ ବର୍ଷ ରଖାଯାଇଛି। ପ୍ରସ୍ତାବିତ କ୍ରୀଡ଼ା ବିଲ୍ ଯଦି କାର୍ଯ୍ୟକାରୀ ହୁଏ ତେବେ ଏକ ଜାତୀୟ କ୍ରୀଡ଼ା ମହାସଂଘ ଭାବେ ବିସିସିଆଇ ଏହାର ପରିସରଭୁକ୍ତ ହେବ ବୋଲି ଆଶା କରାଯାଉଛି। ବିସିସିଆଇ ଯଦିଓ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ନୁହେଁ, ଭାରତୀୟ କ୍ରିକେଟ ଦଳ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ରେ ଅଂଶଗ୍ରହଣ ପାଇଁ ପ୍ରସ୍ତୁତ ହେବାକୁଥିବାରୁ ଦେଶର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂସ୍ଥା ନୂଆ କ୍ରୀଡ଼ା ବିଲ୍‌କୁ ପାଳନ କରିବ ବୋଲି ଆଶା କରାଯାଉଛି। ଖବର ଅନୁସାରେ ବିନ୍ନି ଯଦି ତାଙ୍କ ପଦବୀରେ ରହିବାକୁ ଚାହିଁବେ ସେ ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆଇ ଏବଂ ଆଇନ ବିଭାଗର ଯୋଗାଯୋଗରେ ରହିବେ। ନୂତ କ୍ରୀଡ଼ା ବିଲ୍ ଯଦି ଅଗଷ୍ଟ ସୁଦ୍ଧା କାର୍ଯ୍ୟକାରୀ ହୁଏ ତେବେ ୧୯୮୩ ବିଶ୍ୱକପ୍ ହିରୋ ହୁଏତ ପୁଣି ଥରେ ଆଉ ୩ବର୍ଷ ସଭାପତି ପଦବୀରେ ରହିପାରନ୍ତି। ସୂଚନାଯୋଗ୍ୟ, ଆଇସିସି ଚାର୍ଟରରେ ଫିଫା ଓ ଆଇଓସି ଭଳି ଅନ୍ୟ କ୍ରୀଡ଼ା ସଂସ୍ଥାଗୁଡ଼ିକରେ କୌଣସି ବୟସ ସୀମା ନାହିଁ। ତଥାପି ଶୁକ୍ଳାଙ୍କୁ ଦୁଇ ମାସ ପାଇଁ ପଦୋନ୍ନତି ଦିଆଯିବ କିମ୍ବା କ୍ରୀଡ଼ା ବିଲ୍ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଅପେକ୍ଷା କରାଯିବ ସେ ବିଷୟରେ ଅନୌପଚାରିକ ଆଲୋଚନା ଚାଲିଛି। ବିସିସିଆଇ ମହଲରେ ଏକ ଧାରଣା ରହିଛି ଏହାର ସଭାପତି ପଦ ସୌରଭ ଗାଙ୍ଗୁଲି ଓ ବିନ୍ନିଙ୍କ ଭଳି କୌଣସି ପୂର୍ବତନ ଭାରତୀୟ କ୍ରିକେଟର ଅଳଙ୍କୃତ କରିବା ଉଚିତ।

### ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମ

# ସେମିରୁ ବିଦାୟ ନେଲେ ଏରିଗେସି

ଲାସ୍ ଭେଗାସ (ୟୁଏସ୍‌ଏ), ୧୯।୭

ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଏଠାରେ ଚାଲିଥିବା ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଆର୍ମେନୀୟରୁ ଆମେରିକୀୟ ହୋଇଥିବା ଲେଭନ ଆରୋନିଆନଙ୍କଠାରୁ ୦-୨ରେ ପରାଜିତ ହୋଇଛନ୍ତି। ଏରିଗେସି ଚମତ୍କାର ପ୍ରଦର୍ଶନ ସହ ପ୍ରଥମ ଭାରତୀୟ ଭାବେ ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରିଲିମ୍‌ରେ ଟପ୍-୪ ସ୍ଥାନ ପାଇ ମାଗ୍ନସ କାର୍ଲସେନଙ୍କୁ ପରାସ୍ତ କରିବା ପରେ କ୍ୱାର୍ଟରଫାଇନାଲରେ ସେ ହିକାରୁ ନାକାମୁରାଙ୍କୁ ହରାଇ ଦେଇଥିଲେ। ଅର୍ଜୁନ ତାଙ୍କୁ ପ୍ରଥମ ଗେମ୍‌ରେ ମିଳିଥିବା ସୁଯୋଗକୁ କନଭର୍ଟ କରିବାରେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ଆରୋନିଆନ ଖରାପ ସ୍ଥିତିରେ ଥାଇ ମଧ୍ୟ ଦୃଢ଼ତାର ସହିତ ପ୍ରତ୍ୟାବର୍ତ୍ତନ କରିବାରେ ସକ୍ଷମ ହୋଇଥିଲେ। ଗେମ୍ ଏକଦା ଡ୍ର ଆଡ଼କୁ ଅଗ୍ରସର ହେଉଥିବା ବେଳେ ମ୍ୟାଚରେ ତିଷ୍ଠି ରହିବା ଲାଗି ଏକ ବିଜୟ ଆବଶ୍ୟକ କରୁଥିବା ଏରିଗେସି ଅଯଥା ରିସ୍କ ନେଇଥିଲେ, ଯାହା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଅନ୍ୟତମ ଖେଳାଳି ଭାବେ ଯୁକ୍ତରାଷ୍ଟ୍ର ଆମେରିକାର ହାନ୍ସ ମୋକ୍ ନିମାନ ଫାଇନାଲରେ ପ୍ରବେଶ କରିଥିଲେ। ସେ ତାଙ୍କ ଦେଶର ଫାବିଆନୋ କାରୁଆନୋଙ୍କୁ ହରାଇ ଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଭାରତର ଅନ୍ୟତମ ଖେଳାଳି ଆର୍. ପ୍ରଜ୍ଞାନନ୍ଦ ୩ୟରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେଅଫ୍ ମ୍ୟାଚରେ ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କୁ ୧.୫-୦.୫ରେ ହରାଇ ଦେଇଛନ୍ତି। ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଥିବା ବିଶ୍ୱର ନମ୍ବର-୧ ମାଗ୍ନସ କାର୍ଲସେନ ମଧ୍ୟ ସମାନ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ସେ ଉଜ୍‌ବେକିସ୍ତାନର ଜାଭୋଖିର ସିନ୍ଦାରୋଭଙ୍କୁ ହରାଇ ଦେଇଛନ୍ତି।


# Classified Everyday
0674-2580101, 9692975378



MATRIMONIAL

**BRIDE WANTED**

Handsome Karan Boy 1995, 5'10", B.Tech Serving Officer SBI, Bhubaneswar. "SUNASANSAR". 9937512659. D-76294

**GROOM WANTED**

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ଘରୋଇ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7326056138. D-1351



REAL ESTATE
SALE

4.52 Acres of gharabari land with boundary for sale near Satasankha Puri, Price- 6.15Cr. Only outright basis. 9438400633 (Brokers not allowed). D-76293

Buy Or Sale Property: 8984071303 - Wanted Yellow Zone Gharabari Land on Outright/ Sharing Basis minimum 30' Road around Bhubaneswar for Housing Purpose. D-1345

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

6.4 Decimal plot for sale, sthitiban and gharabari, Municipal Road facing, wide frontage approx. 50', area approx. 2800sqft., ahead of Dakbunglow and Post Office, with boundary wall, in the middle of locality in Jatni Municipality Township close to Bhubaneswar, NISER and IIT. Contact Owner: 8335080230. No Brokers please. D-1338

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241



FOR RENT

5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278





**Full body massage experience, good looking therapist @999 (Bhubaneswar). 9078484455.** D-1325

Newly open SPA positively health benefits (expert therapist). Contact- 7327030529. D-76929

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open Jyoti SPA positively health benefits (expert therapist). 8458067955. D-76927

Newly open health benefits SPA by expert therapist. Contact- 8280961126. D-76928

Positively health benefits SPA expert female therapist homely atmosphere. 9114559860. D-1310

**AFFIDAVIT**

I, PRAGNYA SASWAT PANDA, S/o- Premanjan Panda, resident of At- Khajuria, P.O.- Sagar, P.S.- Kanpur, Dist.- Cuttack- 754037, Odisha declare by this affidavit No.- 7635, dated- 19.07.2025. That now onwards I shall be known as PRAGYAN SASWAT PANDA for all future purposes. D-1353

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମୁଁ ARJUN JENA, ପିତା- Late CHAITANYA JENA, ଗ୍ରାମ- Deuliamrutamanohi, ପୋଷ୍ଟ- Gambharidihi, ଥାନା- Itamati, ଜିଲ୍ଲା- Nayagarh ଆଗରୁ ମୋର ଜନ୍ମ ତାରିଖ ୨୧।୦୬।୧୯୭୫ ଥିଲା। ସତ୍ୟପାଠ କରି ୦୭।୦୭।୨୦୨୫ ତାରିଖରେ ମୋର ପୂର୍ବ ନାମ ARJUNA JENA, ଜନ୍ମ ତାରିଖ ୧୫।୦୫।୧୯୭୫ ଆଜିଠାରୁ ଏହି ଜନ୍ମ ତାରିଖ ସହିତ ଏହି ନାମରେ ପରିଚିତ ହେବି। ARJUNA JENA ଗୋଟିଏ ବ୍ୟକ୍ତି ଅଟନ୍ତି। ଏଣିକି ମୋର ପ୍ରତ୍ୟେକ କାମରେ ମୁଁ ARJUNA JENA, ଜନ୍ମ ତାରିଖ ୧୫।୦୫।୧୯୭୫ ନାମରେ ପରିଚିତ ହେବି। ଧ-୧୩୫୨

I, Santos Kumar Nayak, S/o- Rajkishore Nayak, resident of At- Tikarapanga, Gatanai, Dist.- Kendrapara, Odisha- 754141 declare by this affidavit No.- C.F. No.- 48, dated- 19.07.2025 that now onwards I shall be known as SANTOSH KUMAR NAYAK for all future purposes. D-1349

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପତିତପାବନ ମିଶ୍ର
ଏଏଲ୍ ୭୩, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୨.୦୭.୧୯୪୨
ତିରୋଧାନ: ୧୧.୦୭.୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକ ସନ୍ତପ୍ତ
କ୍ଷେତ୍ରବାସୀ ମିଶ୍ର, ପ୍ରଭାକର ମିଶ୍ର, ସୁବାଷ ଚନ୍ଦ୍ର ମିଶ୍ର, ଶ୍ରୀନିବାସ ମିଶ୍ର
ଏବଂ
ମିଶ୍ର ପରିବାର
ଧ-୧୩୫୦

# ଟିମ୍ ୱାର୍କ



**କଥାରେ ଅଛି ଏକତା ହିଁ ବଳ। ତେଣୁ ଯେଉଁ କ୍ଷେତ୍ରରେ ଏକାଧିକ କୁଶଳୀ ଓ ଦକ୍ଷତାସମ୍ପନ୍ନ ବ୍ୟକ୍ତିବିଶେଷ ଏକ ଲକ୍ଷ୍ୟ ନେଇ ଟିମ୍ ୱାର୍କ କରନ୍ତି, ସେଠାରେ ଶୀଘ୍ର ଉନ୍ନତି ସହ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଦେଖିବାକୁ ମିଳିଥାଏ...**



ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନେ।

ଟିମ୍ ୱାର୍କ ଠିକ୍ ଭାବେ କରିପାରିଲେ ଶୀଘ୍ର ସଫଳତା ସହ ଅଧିକ ଲାଭ ମିଳିଥାଏ। ତେଣୁ ଯେକୌଣସି ଦଳଗତ କାର୍ଯ୍ୟ କରୁଥିଲେ ଏହାକୁ ସଫଳ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ନିହାତି ଆବଶ୍ୟକ...

**ଟିମ୍ ସ୍ପିରିଟ୍:** କେତେକ କ୍ଷେତ୍ରରେ ଦେଖାଯାଏ ଦଳଗତ କାର୍ଯ୍ୟ କରୁଥିଲେ ବି ଅନେକଙ୍କ ମନରେ ଟିମ୍ ସ୍ପିରିଟ୍ ନ ଥାଏ। ସାଧାରଣ ଭୁଲ୍ ହେଲେ ଜଣେ ଅନ୍ୟଜଣଙ୍କୁ ନିନ୍ଦା କରିବାରେ ଲାଗିପଡ଼ନ୍ତି। ଏହାଦ୍ୱାରା ଯେ, ସେମାନେ



ଅଜାଣତରେ ନିଜ କାର୍ଯ୍ୟରେ ଅବହେଳା କରିବସନ୍ତି ସେ ଦିଗରେ ଧ୍ୟାନ ଦିଅନ୍ତି ନାହିଁ। ତେଣୁ ପରସ୍ପରକୁ ସହଯୋଗ କରିବା ଟିମ୍ ୱାର୍କର ସବୁଠୁ ବଡ଼ ନିୟମ। ଏପରି କରିବା ଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ସହଜ ଏବଂ ଶୀଘ୍ର ସମାପ୍ତ ହୋଇଥାଏ।

**ମନ ମିଶିବା:** ଟିମ୍ ୱାର୍କରେ ସମସ୍ତଙ୍କ ମନବୃତ୍ତି ଏକ ହେବା ଦରକାର। କାରଣ ଯେକୌଣସି କାର୍ଯ୍ୟ ଏକାଠି କରିବା ବେଳେ ସଭିଙ୍କ ମତ ଭିନ୍ନ ଭିନ୍ନ ହେବା ଦ୍ୱାରା ମତଭେଦ ହୋଇଥାଏ, ଯାହାକି କାର୍ଯ୍ୟ ସମ୍ପନ୍ନ ହେବାରେ ସବୁଠୁ ବଡ଼ ବାଧକ ସାଜିଥାଏ।

**ପରସ୍ପର ପ୍ରତି ବିଶ୍ୱାସ:** ଯେବେ କୌଣସି କାର୍ଯ୍ୟକୁ ସଫଳ କରାଇବା ଲାଗି ଏକ ଟିମ୍ ଗଠନ ହୁଏ, ସେତେବେଳେ ସବୁ ସଦସ୍ୟଙ୍କ ପରସ୍ପର ପ୍ରତି ବିଶ୍ୱାସ ରହିବା ନିହାତି ଜରୁରୀ।

**ସମାନ ଭାବେ କାମ ବାଣ୍ଟିବା:** ଟିମ୍ ୱାର୍କରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପରସ୍ପର ମଧ୍ୟରେ କାମ ଠିକ୍ ଭାବେ ବାଣ୍ଟିବା। କାରଣ କାହା ଉପରେ କାମର ଅଧିକ ଚାପ କିମ୍ବା କାହା ଉପରେ କାମର କମ୍ ଚାପ ପଡ଼ିବା ଦ୍ୱାରା ପରସ୍ପର ମଧ୍ୟରେ ପ୍ରତିଯୋଗିତା, ମନୋମାଳିନ୍ୟ ହୋଇ ଏହାକୁ ସୁଚାରୁରୂପେ ତୁଲାଇବା କଷ୍ଟକର ହୋଇଥାଏ।

**ଆପୋସ ବୁଝାମଣା:** କୌଣସି ସଦସ୍ୟଙ୍କ ଦ୍ୱାରା ଭୁଲ୍ ହୋଇଗଲେ ସମସ୍ତେ ମିଶି ଏହାର ସମାଧାନ କରିବା ଆବଶ୍ୟକ। ଏପରି ନ କରି ତାଙ୍କୁ ଗାଳି କରିବା, ରାଗିବା ଆଦି କଲେ ଏହାର ନକାରାତ୍ମକ ପ୍ରଭାବ ସମ୍ପୂର୍ଣ୍ଣ ଟିମ୍ ୱାର୍କ ଉପରେ ପଡ଼ିଥାଏ। ତେଣୁ ଟିମ୍‌କୁ ମଜଭୁତ କରିବା ଲାଗି ଆପୋସ ବୁଝାମଣା ରହିବା ନିହାତି ଜରୁରୀ।

**ଟିମ୍ ୱାର୍କକୁ କିପରି କରିବେ ମଜଭୁତ:**

– ସବୁବେଳେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଟିମ୍ ୱାର୍କ ଆରମ୍ଭ କରିବା ଦରକାର। ଯଦି ପ୍ରଥମେ ଏକାଠି ହୋଇ ଟିମ୍ ଗଢ଼ିବେ ଏବଂ କେଉଁ କାର୍ଯ୍ୟ କରିବେ ତାହା ନିର୍ଦ୍ଧାରିତ ନ କରିପାରିବେ ତେବେ କୌଣସି କାର୍ଯ୍ୟ ଠିକ୍ ଭାବେ ସମ୍ପନ୍ନ କରିବା ସହଜ ହେବ ନାହିଁ।

– ଟିମ୍‌ରେ ସବୁ ସଦସ୍ୟ ପରସ୍ପରକୁ ସପୋର୍ଟ କରିବା, ମନବଳ ବଢ଼ାଇବା ଏବଂ ପ୍ରୋତ୍ସାହିତ କରିବା ଦ୍ୱାରା ଟିମ୍ ସ୍ପିରିଟ୍ ବଢ଼ିଥାଏ ଏବଂ କାର୍ଯ୍ୟ ହାସଲ ହୋଇଥାଏ।

– କୌଣସି କାର୍ଯ୍ୟ ଏକାଠି ଆରମ୍ଭ କରିଥିଲେ ସାମାନ୍ୟ ବିଫଳତାରେ ଅଧୈର୍ଯ୍ୟ ନ ହୋଇ ଦୃଢ଼ ମନବଳ ଓ ସକାରାତ୍ମକ ଭାବନା ରଖି ଉଦ୍ୟମ ଚାଲୁରଖିଲେ ଟିମ୍ ୱାର୍କ ଦ୍ୱାରା ନିଶ୍ଚୟ ଲକ୍ଷ୍ୟ ହାସଲ ହୋଇପାରିବ।

**ଟିମ୍ ୱାର୍କର ରହିଛି ଅନେକ ଉପକାରିତା:**

– ଏକାଠି କାର୍ଯ୍ୟ କରିବା ଦ୍ୱାରା କମ୍ ସମୟରେ ଅଧିକ ଟାର୍ଗେଟ୍ ପୂରଣ କରିବା ସହଜ ହୋଇଥାଏ। ଏହାଦ୍ୱାରା ଜଣେ ଅନ୍ୟ ଜଣଙ୍କୁ ଗାଇଡ୍ କରିବାର ସୁଯୋଗ ମିଳୁଥିବାରୁ ଭୁଲ କମ୍ ହୋଇଥାଏ।

– କାମ ବାଣ୍ଟିହୋଇଯିବା ଦ୍ୱାରା ୱାର୍କଲୋଡ୍ କମିଯାଏ। କେବଳ ଏତିକି ନୁହେଁ ଏକାଠି କାମ କଲେ ଯେକୌଣସି ଅସୁବିଧାର ସମାଧାନ କରିବା ଏବଂ ଠିକ୍ ନିଷ୍ପତ୍ତି ନେବା ସହଜ ହୋଇଥାଏ।

– ଅଧିକ ଜଣ ଏକାଠି କାମକଲେ ଏକାଧିକ ନୂଆ ନୂଆ ଆଇଡିଆ ମିଳିଥାଏ। ଯାହାକି ଧୀରେ ଧୀରେ ଅଧିକରୁ ଅଧିକ ସଫଳତା ଆଣିଦେବାରେ ସାହାଯ୍ୟ କରିଥାଏ।

– ପ୍ରତ୍ୟେକ ମଣିଷଙ୍କର ଭିନ୍ନ ଭିନ୍ନ କାର୍ଯ୍ୟରେ ଦକ୍ଷତା ରହିଥାଏ। ତେଣୁ ଟିମ୍ ୱାର୍କ କରିବା ଦ୍ୱାରା ପରସ୍ପରଠୁ ନୂଆ କୌଶଳ ଶିଖିବାର ବି ସୁଯୋଗ ମିଳିଥାଏ, ଯାହାକି ଏକାଧିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିଥାଏ। ଫଳରେ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ବିକାଶର ସୁଯୋଗ ମିଳିଥାଏ।

– ଟିମ୍ ୱାର୍କର ସବୁଠାରୁ ବଡ଼ ଫାଇଦା ହେଉଛି ପରସ୍ପର ମଧ୍ୟରେ ଦୃଢ଼ ସମ୍ପର୍କ, ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ଗଢ଼ିଉଠେ ଯାହାକି କାମ କରିବା ଲାଗି ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ। ଏହା ମଧ୍ୟ ମାନସିକ ଶାନ୍ତି ଦେଇଥାଏ।

**–ପୌର୍ଣ୍ଣମାସୀ**



## ଅଭିନବ ଚିନ୍ତାଧାରା ସୃଷ୍ଟି ସହ ସମସ୍ୟାର ସମାଧାନ ହୋଇପାରେ

ଦଳଗତ କାର୍ଯ୍ୟ ବା ଟିମ୍ ୱାର୍କ ମାଧ୍ୟମରେ ପରସ୍ପର ଉପରେ ବିଶ୍ୱାସ ମଜଭୁତ ହୁଏ, ଯାହା ଆମର ଆତ୍ମବିଶ୍ୱାସ ବୃଦ୍ଧି ସହ ନୂତନ କାର୍ଯ୍ୟ କରିବାର ଇଚ୍ଛା ବୃଦ୍ଧି କରାଏ। ଏହାକୁ ଆମେ ଅନୁଭବ କରିଛୁ। ୨୦୧୧ ମସିହାରେ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ୍ ଗୁଣ୍ଡବନ୍ଧ ଗ୍ରାମରେ ମୁଁ ମୋର କେତେଜଣ ବନ୍ଧୁ ଓ କିଛି ଛାତ୍ରଙ୍କୁ ନେଇ ଗଠନ କରିଥିଲୁ ଆଞ୍ଚଳିକ ବିକାଶ ପରିଷଦ ନାମକ ସ୍ୱେଚ୍ଛାସେବୀ ସଂଗଠନ। ବର୍ତ୍ତମାନ ଆମ ଅନୁଷ୍ଠାନରେ ପଚିଶରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟଙ୍କ ସମେତ ବହୁସଂଖ୍ୟାରେ ସହଯୋଗୀ ଅଛନ୍ତି। ଛାତ୍ର, ଶ୍ରମଜୀବୀ ଓ ବରିଷ୍ଠ ଅବସରପ୍ରାପ୍ତ ନାଗରିକ ମିଳିତ ଭାବେ ଏକ ମନ ଏକ ପ୍ରାଣ ହୋଇ ସମାଜ ପାଇଁ କାମ କରୁଛନ୍ତି। ଯୁବକମାନଙ୍କ ଶ୍ରମ ଓ ବରିଷ୍ଠମାନଙ୍କ ଅଭିଜ୍ଞତା ଆମର ମୂଳ ପୁଞ୍ଜି, ଅନୁଷ୍ଠାନ ତରଫରୁ ଘରଚଟିଆ, କୃଷ୍ଣସାର ମୃଗ ସୁରକ୍ଷା, ବୃକ୍ଷ ରୋପଣ, ପ୍ରକୃତି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।



ଏକ ସଂଘରେ କାମ କରି ଆମେ ପରସ୍ପରଠାରୁ ଅଧିକ ଶିଖିପାରୁଛୁ ଏବଂ ଏକାଠି କାମ କରି ଅଧିକ କାର୍ଯ୍ୟ ମଧ୍ୟ କମ୍ ସମୟରେ ହାସଲ କରିପାରୁଛୁ। ଦଳଗତ କାର୍ଯ୍ୟରେ, ସଦସ୍ୟମାନେ ପରସ୍ପରର ଚିନ୍ତାଧାରା ଏବଂ ଦୃଷ୍ଟିକୋଣ ଆଦାନ ପ୍ରଦାନ ଦ୍ୱାରା ନୂତନ ଏବଂ ଅଭିନବ ଚିନ୍ତାଧାରା ସୃଷ୍ଟି ସହ ସମସ୍ୟାର ମଧ୍ୟ ସମାଧାନ ହୋଇପାରୁଛି। ଦଳଗତ କାର୍ଯ୍ୟ ମାଧ୍ୟମରେ, ସଦସ୍ୟଙ୍କ ପରସ୍ପର ସହିତ ଭଲ ଭାବରେ ସମ୍ପର୍କ ସ୍ଥାପନ ସହ ଅଧିକ ସକାରାତ୍ମକ କାର୍ଯ୍ୟ କରିବାକୁ ଶକ୍ତି ମିଳୁଛି।

*– ସାଗର କୁମାର ପାତ୍ର*
*(ସଭାପତି, ଆଞ୍ଚଳିକ ବିକାଶ ପରିଷଦ)*

## ଏ ସପ୍ତାହର ପ୍ରଶ୍ନ

୧– ସେପେକ୍ୟାଟ୍ ଜାଗୁଆର୍ ଏୟାରକ୍ରାଫ୍ଟ ..........ର ମିଳିତ ଉଦ୍ୟମରେ ନିର୍ମିତ ହୋଇଛି ?
୨–ଫ୍ରେଡ୍ ଡାରିଙ୍ଗଟନ୍ ସ୍ୟାଣ୍ଡ ମାଷ୍ଟର ଆୱାର୍ଡ ପାଇଥିବା ପ୍ରଥମ ଭାରତୀୟ ............ ?
୩– ୟୁରୋକୁ ଜାତୀୟ ମୁଦ୍ରା ଭାବେ ଗ୍ରହଣ କରିଥିବା ୨୧ତମ ଦେଶ ............ ?
୪– ଗଜ ମିତ୍ର ସ୍କିମ୍ ......... ରାଜ୍ୟ ପକ୍ଷରୁ ଆରମ୍ଭ କରାଯାଇଛି ?
୫– ଋଷିକୁଲ୍ୟା ନଦୀ .......... ରାଜ୍ୟରେ ପ୍ରବାହିତ ହେଉଛି ?

## ଗତ ଥରର ଉତ୍ତର

୧ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍ସ ଡିଜିଟାଲ୍ ଇଣ୍ଟେଲିଜେନ୍ସ ୟୁନିଟ୍
୨ କର୍ଣ୍ଣାଟକ
୩ ତାଇୱାନ୍
୪ ତାମିଲନାଡୁ
୫ ୧୯୫୪ ମସିହା

## ଉତ୍ତରଦାତା

ମଦନ ହରିଜନ, କୋରାପୁଟ
ଶେଖ୍ ୟାକୁବ୍, ଗୋପ
ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ପ୍ରାଣୀ



| | |
|---|---|
| ୧– ବ୍ଲୁ ହ୍ୱେଲ୍ | ୧୦୦–୧୧୦ ଫୁଟ୍ |
| ୨– ଫିନ୍ ହ୍ୱେଲ୍ | ୮୦–୯୦ ଫୁଟ୍ |
| ୩– ସ୍ପର୍ମ ହ୍ୱେଲ୍ | ୬୦–୭୦ ଫୁଟ୍ |
| ୪– ହ୍ୱେଲ୍ ଶାର୍କ | ୪୦–୬୦ ଫୁଟ୍ |
| ୫– କଲୋସାଲ୍ ସ୍କ୍ୱିଡ୍ | ୩୦– ୪୫ ଫୁଟ୍ |
| ୬– ଆଫ୍ରିକାନ୍ ହାତୀ | ୧୩– ୩୫ ଫୁଟ୍ |
| ୭– ସଲ୍ଟୱାଟର କ୍ରୋକୋଡାଇଲ୍ | ୨୩ ଫୁଟ୍ |
| ୮– ଜିରାଫ୍ | ୧୬–୧୯ ଫୁଟ୍ |
| ୯– କୋଡିଆକ୍ ବିୟର୍ | ୧୨ ଫୁଟ୍ |
| ୧୦– ଅଷ୍ଟ୍ରିଚ୍ | ୯ ଫୁଟ୍ |

**ୟୁଥ୍ ଆଲର୍ଟ**

## ସ୍କିନ୍‌ଫିଟ୍ ଆଉଟ୍‌ଫିଟ୍ ପିନ୍ଧୁଥିଲେ...

**ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ଅନେକ ଯୁବପିଢ଼ି ସ୍କିନ୍‌ଫିଟ୍ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ହେଲେ ଆପଣ ଜାଣନ୍ତିକି ଯୁବପିଢ଼ିଙ୍କର ଏହି ଆଇକ୍ୟାଚି ଦେଖାଯିବା ନିଶା ବିଭିନ୍ନ ଶାରୀରିକ ସମସ୍ୟାର ବି କାରଣ ସାଜିପାରେ...**

❖ଅଧିକ ଆଇକ୍ୟାଚି ଲାଗିବା ନିଶାରେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଟାଇଟ୍ ଟି–ଶାର୍ଟ, ଜିନ୍ସ, ଜେଗିଙ୍ଗ୍ସ, ଅନ୍ୟାନ୍ୟ ପ୍ୟାଣ୍ଟ ବ୍ୟବହାର କରୁଛନ୍ତି। ହେଲେ ଏଭଳି ପୋଷାକ ଅଧିକ ସମୟ ପିନ୍ଧିବା ଦ୍ୱାରା ଚର୍ମ ସଙ୍କୁଚିତ ହେବା ସହ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଯାହାଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟ ଦେଖାଦେଉଛି।

❖ବର୍ଷାଦିନେ ଏଭଳି ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଓଦା ହୋଇଗଲେ ସହଜରେ ଶୁଖି ନ ଥାଏ। ଫଳରେ କୁଣ୍ଡେଇହେବା ସହ ବିଭିନ୍ନ ଫଙ୍ଗାଲ ଇନ୍‌ଫେକ୍‌ଶନ ହୋବର ଆଶଙ୍କା ବି ରହିଛି।

❖ଟାଇଟ୍ ପ୍ୟାଣ୍ଟ ବିଶେଷ କରି ସ୍କିନି ଜିନ୍ସ ପିନ୍ଧିଲେ ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହୁଏ। ଯାହାକି ଖୁବ୍ କଷ୍ଟଦାୟକ ଏବଂ ଭଲ ହେବାକୁ ଅଧିକ ସମୟ ମଧ୍ୟ ଲାଗିଥାଏ।

❖ଫିଗର୍‌କୁ ଅଧିକ ହାଇଲାଇଟ୍ କରିବା ଲାଗି ଅନେକ ଯୁବତୀ ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ବା ଅନ୍ତଃବସ୍ତ୍ର ମଧ୍ୟ ବ୍ୟବହାର କରିଥାନ୍ତି। ଆମେରିକାରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ପିନ୍ଧିବା ଅଭ୍ୟାସ ଭବିଷ୍ୟତରେ ଅନେକଙ୍କ ଠାରେ ବ୍ରେଷ୍ଟ କ୍ୟାନ୍ସରର ଆଶଙ୍କା ବୃଦ୍ଧି କରିଥାଏ।

❖ କେବଳ ଏତିକି ନୁହେଁ, ଏକ ଗବେଷଣା ରିପୋର୍ଟ ମୁତାବକ ସର୍ବଦା ଏଭଳି ଟାଇଟ୍ ପୋଷାକ ବିଶେଷ କରି ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ହେବାର ମଧ୍ୟ ଆଶଙ୍କା ରହିଛି।

❖ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୁବତୀ ହୁଅନ୍ତୁ ଅବା ଯୁବକ ଅଧିକ ଟାଇଟ୍ ଡ୍ରେସ୍ ସବୁବେଳେ ପିନ୍ଧିଲେ ଅଳ୍ପ ବୟସରୁ ନ୍ୟୁରୋ ପ୍ରୋବ୍ଲେମ୍ ବା ସ୍ନାୟୁ ଜନିତ ସମସ୍ୟା ଦେଖାଦେବାର ଆଶଙ୍କା ଅଧିକ।



**ଜାଣନ୍ତୁ ଦୁନିଆ**

## ଯେଉଁ ଦେଶରେ ମହିଳା ସଂଖ୍ୟା ଅଧିକ

**ପୃଥିବୀରେ ଏମିତି କେତୋଟି ଦେଶ ରହିଛି ଯେଉଁଠି ପୁରୁଷଙ୍କ ଅନୁପାତରେ ମହିଳାଙ୍କ ସଂଖ୍ୟା ଖୁବ୍ ଅଧିକ। ସେଠାରେ ଏପରି ଜନସଂଖ୍ୟା ଅସନ୍ତୁଳନ କାରଣରୁ ମହିଳାଙ୍କ ବିବାହ ନିମନ୍ତେ ବର ମିଳିବା କଷ୍ଟ ହୋଇଥାଏ, ଏମିତିକି ଏଥିପାଇଁ ମହିଳାଙ୍କୁ ବାହାର ଦେଶର ପୁରୁଷଙ୍କୁ ବିବାହ କରିବାକୁ ପଡ଼ିଥାଏ। ଜାଣନ୍ତୁ ଏଭଳି କେତେକ ମହିଳା ବହୁଳ ଦେଶ ସମ୍ପର୍କରେ...**

**ଡିଜିବୌତି:** ପୃଥିବୀର ପୁରୁଷଙ୍କ ଅନୁପାତରେ ସର୍ବାଧିକ ମହିଳାଥିବା ଦେଶ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ଡିଜିବୌତି। ଏହି ଦେଶରେ ସମୁଦାୟ ଜନସଂଖ୍ୟା ପ୍ରାୟ ୧.୧୨ମିଲିୟନ ହୋଇଥିବା ବେଳେ ପ୍ରତି ୧୦୦ ଜଣ ମହିଳାଙ୍କ ଅନୁପାତରେ ପୁରୁଷଙ୍କ ସଂଖ୍ୟା ମାତ୍ର ୮୩। ସେଠାରେ ୨୦୨୩ରେ ହୋଇଥିବା ଜନଗଣନା ରିପୋର୍ଟ ଅନୁଯାୟୀ ମହିଳାଙ୍କ ସଂଖ୍ୟା ୫୪.୬୫% ହୋଇଥିବା ବେଳେ ପୁରୁଷ ୪୫.୩୫%। ଏଠାରେ ଅଧିକାଂଶ ପୁରୁଷ ପାଠପଢ଼ା ପରେ ଚାକିରି ପାଇଁ ବାହାର ଦେଶକୁ ଯାଇ ସେଠାକାର ନାଗରିକତ୍ୱ ଗ୍ରହଣ କରିନେଉଥିବା ଏପରି ଜନସଂଖ୍ୟା ଅସନ୍ତୁଳନର ଏକ ମୁଖ୍ୟ କାରଣ ବୋଲି କୁହାଯାଏ।



ରୁଷୀୟ ମହିଳା

**ହଂକଂ:** ଏଠାରେ ପ୍ରତି ୧୦୦ ମହିଳାଙ୍କ ଅନୁପାତରେ ପୁରୁଷଙ୍କ ସଂଖ୍ୟା ୮୬। ଅର୍ଥାତ୍ ସମୁଦାୟ ଜନସଂଖ୍ୟା(ପ୍ରାୟ ୭.୫ ମିଲିୟନ)ର ୫୩.୭୬% ମହିଳା ହୋଇଥିବା ବେଳେ ୪୬.୨୪% ପୁରୁଷ। ଏପରି ହେବା ପଛରେ ଏଠାକାର ମହିଳା ପୁରୁଷଙ୍କ ତୁଳନାରେ ଦୀର୍ଘାୟୁ ହୋଇଥିବା କେତେକ ଗବେଷଣାରୁ ଜଣାପଡ଼ିଛି।



ଡିଜିବୌତି ମହିଳା

**ଲିଥୁଆନିଆ ଏବଂ ବାହାମସ:** ୨୦୨୩ରେ ହୋଇଥିବା ସର୍ଭେ ରିପୋର୍ଟ ମୁତାବକ ହଂକଂ ଭଳି ଏହି ଦୁଇ ଦେଶରେ ମଧ୍ୟ ମହିଳା ପୁରୁଷଙ୍କ ଅନୁପାତ ୧୦୦ରେ ୮୬ ବା ମହିଳା ୫୩.୭୬% ହୋଇଥିବା ବେଳେ ପୁରୁଷ ୪୬.୨୪%। ତେବେ ଲିଥୁଆନିଆରେ ବୟସ୍କ ହେବା ପରେ ପୁରୁଷମାନେ ଶୀଘ୍ର ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ମହିଳାମାନେ କମ୍ ରୋଗରେ ପୀଡ଼ିତ ହୋଇ ଦୀର୍ଘଦିନ ବଞ୍ଚୁଥିବାରୁ ସେମାନଙ୍କ ସଂଖ୍ୟା ଅଧିକ ରହୁଥିବା ଏହାର ମୁଖ୍ୟ କାରଣ ବୋଲି ବିଶ୍ୱାସ ରଖାଯାଏ।

**ରୁଷିଆ:** ପୃଥିବୀରେ ସର୍ବାଧିକ ଜନସଂଖ୍ୟା ତାରତମ୍ୟ ଦେଖାଦେଉଥିବା ଦେଶ ମଧ୍ୟରେ ରୁଷିଆ ମଧ୍ୟ ସାମିଲ ରହିଛି। ଏଠାରେ ସମୁଦାୟ ପ୍ରାୟ ୧୪୪ ମିଲିୟନ ଜନସଂଖ୍ୟାର ୫୩.୪୮% ମହିଳା ହୋଇଥିବା ବେଳେ ୪୬.୫୨% ପୁରୁଷ ଅଛନ୍ତି। ଏଠାରେ ପୁରୁଷମାନେ ଅଧିକ ନିଶାସେବନ ଏବଂ ଫାଇଟିଂ ଗେମ୍ ଯୋଗୁ ପ୍ରାଣ ହରାଉଥିବା ଏହାର ମୁଖ୍ୟ କାରଣ ବୋଲି ଅନୁମାନ କରାଯାଏ।

ଏହି ଦେଶଗୁଡ଼ିକ ବ୍ୟତୀତ ବେଲାରୁଷ୍, ୟୁକ୍ରେନ୍, ଲାଟ୍‌ଭିଆ, ଆଙ୍ଗୁଇଲା, ପୁର୍ତ୍ତୋରିକୋ, ମାଲ୍‌ଡୋଭା ଭଳି ଦେଶରେ ମଧ୍ୟ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜୁଲାଇ ୨୦/୨୦୨୫ Bhubaneswar, Sunday, July 20/ 2025

# ଲକ୍ଷ୍ମୀପ୍ରିୟା, ମନୀଷା, ସରୁନଙ୍କୁ ସ୍ୱର୍ଣ୍ଣ


ଲକ୍ଷ୍ମୀପ୍ରିୟା କିଷାନ


ମନୀଷା ମେରେଲ


ସରୁନ ପାୟାସିଂ

### ଇଣ୍ଡିଆନ ଓପନ ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)** ବିହାରର ପାଟଣାସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶନିବାର ଇଣ୍ଡିଆନ ଓପନ ଆଥ୍‌ଲେଟିକ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଲକ୍ଷ୍ମୀପ୍ରିୟା କିଷାନ, ମନୀଷା ମେରେଲ ଓ ସରୁନ ପାୟାସିଂ ସ୍ୱର୍ଣ୍ଣ, ଶ୍ରାବଣୀ ନନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ ଓ ଅବିନାଂଶୁ ସାହୁ ରୌପ୍ୟ ଏବଂ ଦୟାନିଧି ମୁଣ୍ଡା ଓ ଅମିୟ କୁମାର ମଲିକ ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ୧୫୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ୪:୩୭.୯୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୩ ପ୍ରତିଯୋଗୀ ବିଶିଷ୍ଟ ରେସ୍‌ରେ ବିହାରର ନିତୁ କୁମାରୀ ୪:୩୯.୧୬ ଓ ରାଜସ୍ଥାନର ମହିମା ଚୌଧାରୀ ୪:୫୭.୩୯ ସେକେଣ୍ଡ ସହିତ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ମହିଳା ଲଙ୍ଗଜମ୍ପରେ ଓଡ଼ିଶା ପ୍ରତିଯୋଗୀମାନେ ୱାନ୍-ଟୁ ଫିନିଶ୍ କରିଛନ୍ତି। ମନୀଷା ମେରେଲ ୫.୭୯ ଏବଂ ପୂର୍ଣ୍ଣିମା ହେମ୍ବ୍ରମ ୫.୬୭ ମିଟର ସହ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ଆନ୍ଧ୍ର ପ୍ରଦେଶର ଲକ୍ଷ୍ମୀ ଗେମେଲା ୫.୬୦ ମିଟର ସହିତ ବ୍ରୋଞ୍ଜ ପାଇଛନ୍ତି। ସେହିପରି ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ସରୁନ ପାୟାସିଂ ୭.୬୨ ମିଟର କ୍ଲିୟର କରି ସ୍ୱର୍ଣ୍ଣ ଜିତିଛନ୍ତି। ହିମାଚଳ ପ୍ରଦେଶର ଅମନ ସିଂ (୭.୫୬) ଓ ଉତ୍ତର ପ୍ରଦେଶର ଆଦିତ୍ୟ କୁମାର ସିଂ (୭.୫୪) ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି।

ମହିଳା ୧୦୦ ମିଟର ରେସ୍‌ରେ ଶ୍ରାବଣୀ ରୌପ୍ୟ ପଦକ ଲାଭ କରିଛନ୍ତି। ରେସ୍-ସି'ରେ ଅଂଶଗ୍ରହଣ କରି ସେ ୧୨.୦୫ ସେକେଣ୍ଡ ସମୟ ନେଇ ଓଭରଅଲ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିହାରର ଶତକ୍ଷୀ ରାୟ ୧୨.୦୪ ସେକେଣ୍ଡ ସହ ପ୍ରଥମ ହୋଇଛନ୍ତି। ପୁରୁଷ ୧୫୦୦ ମିଟର ରେସ୍‌ରେ ଦୟାନିଧି ୩:୫୩.୩୦ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ଦିଲ୍ଲୀର ରାହୁଲ (୩:୪୮.୪୨) ଓ ବେଙ୍ଗାଲୁରୁ ଏନ୍‌ସିଓଇର ମନୋଜ କାମି (୩:୫୨.୨୭) ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ପୁରୁଷ ୧୦୦ ମିଟରରେ ଅବିନାଂଶୁ ସାହୁ ୧୦.୭୧ ଓ ଅମିୟ କୁମାର ମଲିକ ୧୦.୭୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଛତିଶଗଡ଼ର ୟେର୍ନେନା ବାଲବର୍ଦ୍ଧନ ୧୦.୬୬ ସେକେଣ୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।


ବିହାରର ପାଟଣାରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଓପନ ଆଥଲେଟିକ୍ସ ଅବସରରେ ମହିଳା ୧୦,୦୦୦ ମିଟରରେ ପ୍ରତିଯୋଗୀମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ଦ୍ୱିତୀୟ ଦିନିକିଆରେ ଇଂଲଣ୍ଡ ବିଜୟୀ

**ଲଣ୍ଡନ, ୧୯।୭ (ପି.ଟି.):** ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ଡି/ଏଲ୍ ପଦ୍ଧତିରେ ୮ଉଇକେଟରେ ବିଜୟୀ ହୋଇଛି। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ବରାବର ସ୍ଥିତିକୁ ଚାଲିଆସିଛି। ବର୍ଷାରେ ବାଧାପ୍ରାପ୍ତ ଏହି ମ୍ୟାଚରେ ୧୧୫ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୨୧ ଓଭରରେ ୨ଉଇକେଟ ବିନିମୟରେ ଅତିକ୍ରମ କରିଥିଲା। ଦଳ ତରଫରୁ ଓପନର ଆମି ଜୋନ୍ସ ସର୍ବାଧିକ ୪୬ରନ କରିଥିଲେ। ବର୍ଷାଯୋଗୁ ମ୍ୟାଚ୍‌କୁ ୨୯ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୯ଓଭରରେ ୮ଉଇକେଟ ବିନିମୟରେ ୧୪୩ ରନ କରିଥିଲା। ସ୍ମୃତି ମନ୍ଧାନା ସର୍ବାଧିକ ୪୨ରନ କରିଥିଲେ। ସୂଚନାଯୋଗ୍ୟ, ମ୍ୟାଚରେ ପ୍ରଥମେ ଇଂଲଣ୍ଡ ପାଇଁ ୨୯ଓଭରରେ ୧୪୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ପୁଣି ବର୍ଷା ବାଧା ଦେବାରୁ ବିଜୟ ଲକ୍ଷ୍ୟକୁ ପରିବର୍ତ୍ତନ କରାଯାଇ ୨୪ ଓଭରରେ ୧୧୫ ରନ ଧାର୍ଯ୍ୟ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୨୯ ଓଭରରେ ୧୪୩/୮ (ସମ୍ପ୍ରତି ମନ୍ଧାନା-୪୨, ଦିପ୍ତୀ ଶର୍ମା-୩୦*; ସୋଫି ଏକ୍କ୍ଲେଷ୍ଟୋନ୍-୩/୨୭)। ଇଂଲଣ୍ଡ ମହିଳା ଦଳ: ୨୧ ଓଭରରେ ୧୧୬/୨ (ଆମି ଜୋନ୍ସ-୪୬*, ଟାମି ବିମଣ୍ଟ-୩୪; ସ୍ନେହ ରାଣା-୧/୧୨)।

# ଓଡ଼ିଶାର ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ପଦକ ବିଜୟୀ ଓଡ଼ିଶା ଆଥ୍‌ଲେଟ୍‌ମାନେ।

### ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)** ଆମେରିକାର ବର୍ମିଂହାମ୍‌ରେ ଅନୁଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା-୨୦୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଶା ପୋଲିସର ପଦକ ବିଜେତା କ୍ରୀଡ଼ାବିତ୍‌ମାନେ ଶନିବାର ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜ୍ୟ ପୋଲିସର ଏହି ସଫଳ କ୍ରୀଡ଼ାବିତ୍‌ମାନେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଜିପି ଖୁରାନିଆ ପଦକ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡ଼ାବିତଙ୍କ ଏହି ଅସାଧାରଣ ସଫଳତା ଦେଶ, ଓଡ଼ିଶା ରାଜ୍ୟ ତଥା ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆମେରିକାର ବର୍ମିଂହାମ୍‌ରେ ଜୁନ୍ ୨୭ରୁ ଜୁଲାଇ ୬ ପର୍ଯ୍ୟନ୍ତ ଆୟୋଜିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ାରେ ୭ ଜଣ ଓଡ଼ିଶା ପୋଲିସ କର୍ମଚାରୀ (୫ ପୁରୁଷ ଏବଂ ୨ ମହିଳା)ଙ୍କ ଏକ ଦଳ ଭାରତୀୟ ପୋଲିସ ଦଳର ପ୍ରତିନିଧିତ୍ୱ କରି ୨୦ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶା ପୋଲିସରଆଥଲେଟ୍‌ମାନେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ ବ୍ରୋଞ୍ଜ ସହ ମୋଟ ୨୦ ପଦକ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଭୁବନେଶ୍ୱର-କଟକ ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଆଇଜି, ଗୋଇନ୍ଦା ଜୟ ନାରାୟଣ ପଙ୍କଜ, ରେଳବାଇ ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଦକ ବିଜେତା କ୍ରୀଡ଼ାବିତମାନେ ପୂର୍ବାହ୍ନରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖେଳାଳିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

# ଥାଇମେନଙ୍କ ପ୍ରଥମ ଷ୍ଟେଜ୍ ବିଜୟ

**ପ୍ୟାରିସ, ୧୯।୭**

ନେଦରଲାଣ୍ଡ୍ସର ଥାଇମେନ ଆରେନ୍ସମାନ ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୧୪ତମ ଷ୍ଟେଜ ବିଜେତା ହୋଇଛନ୍ତି। ପ୍ରତିଯୋଗିତାରେ ଏହା ହେଉଛି ତାଙ୍କର ପ୍ରଥମ ଷ୍ଟେଜ୍ ବିଜୟ। ପାଉ ଓ ସୁପର ବ୍ୟାଗନର୍ସ ମଧ୍ୟରେ ୧୮୩ କି.ମି (୧୧୩ ମାଇଲ) ଦୂରତା ବିଶିଷ୍ଟ କଷ୍ଟସାଧ୍ୟ ଏହି ମାଉଣ୍ଟେନ ଟ୍ରେକ୍‌ରେ ସ୍ଲୋଭେନିଆର ଷ୍ଟେଜ୍‌ରେ ଟାଡେଜ ପୋଗାକାର ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଜୋନାସ ଭିଙ୍ଗେଗାର୍ଡଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଓଭରଅଲ ଲିଡର ଭାବେ ସେ ତାଙ୍କ ୟେଲୋ ଜର୍ସି ବଜାୟ ରଖିପାରିଛନ୍ତି। ଏହି ଦୁଇ ରାଇଡର ସ୍ପ୍ରିଣ୍ଟ ଫିନିଶ ସହ ଇନିଅସ ଗ୍ରେନାଡିଅର୍ସ ରାଇଡର ଆରେନ୍ସମାନଙ୍କଠାରୁ ୧ ମିନିଟ ୧୨ ସେକେଣ୍ଡ ପଛରେ ରହିଥିଲେ। ଜେନେରାଲ କ୍ଲାସିଫିକେଶନରେ ୨୦୨୦, ୨୦୨୧ ଓ ୨୦୨୪ ବିଜେତା ପୋଗାକାର ଭିଙ୍ଗେଗାର୍ଡଙ୍କଠାରୁ ତାଙ୍କ ଅଗ୍ରଣୀ ବ୍ୟବଧାନ ୬ ସେକେଣ୍ଡରୁ ୪: ୧୩କୁ ବୃଦ୍ଧି କରିପାରିଛନ୍ତି। ଫ୍ଲୋରିଆନ ଲିପୋୱିଜ୍ ୭ମିନିଟ ୫୩ ସେକେଣ୍ଡ ପଛରେ ତୃତୀୟ ସ୍ଥାନରେ ଅଛନ୍ତି।




## ଅର୍ଶଦୀପ ଆହତ

**ମାଞ୍ଚେଷ୍ଟର, ୧୯।୭ (ପି.ଟି.):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜରେ ଏପର୍ଯ୍ୟନ୍ତ ଖେଳିବାକୁ ସୁଯୋଗ ପାଇ ନ ଥିବା ବାମହାତୀ ପେସ୍ ବୋଲର ଅର୍ଶଦୀପ ସିଂ ଆହତ ହୋଇଛନ୍ତି। ଫଳରେ ସେ ଚଳିତ ମାସ ୨୩ରୁ ଆରମ୍ଭ ହେବାକୁ ଯାଉଥିବା ୪ର୍ଥ ଟେଷ୍ଟ ପାଇଁ ଉପଲବ୍ଧ ହେବା ସମ୍ଭାବନା ନାହିଁ। ଗୁରୁବାର ବେକେନହାମ୍‌ରେ ସାଇ ସୁଦର୍ଶନଙ୍କୁ ନେଟ୍ସରେ ବୋଲିଂ କରିବାବେଳେ ଫଲୋ ଥ୍ରୁରେ ବଲ୍‌କୁ ରୋକିବା ପ୍ରୟାସରେ ଅର୍ଶଦୀପ ବାମ ହାତରେ ଆଘାତ ପାଇଥିଲେ। ଏହାପରେ ତାଙ୍କ ହାତକୁ ବ୍ୟାଣ୍ଡେଜ କରି ରଖାଯାଇଛି। ଚତୁର୍ଥ ଟେଷ୍ଟ ପାଖେଇ ଆସିଲେ ଟିମ୍ କମ୍ବିନେଶନ ଏବଂ ଅର୍ଶଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୁହାଯାଇପାରିବ ବୋଲି ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଶ୍ଚେଟ ପ୍ରକାଶ କରିଛନ୍ତି।

# ଭାରତ କ୍ୱାର୍ଟର ଫାଇନାଲରେ

**ସୋଲୋ, ୧୯।୭ (ପି.ଟି.)**

### ଏସିଆ ଜୁନିୟର ମିକ୍ସଡ ଟିମ୍ ବ୍ୟାଡ୍‌ମିଣ୍ଟନ

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ୧୧୦-୮୩ରେ ବିଜୟ ହାସଲ କରି ଭାରତ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ର ଗ୍ରୁପ୍ 'ଡି'ରୁ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ଦିବସରେ ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ଭାରତ ଜବରଦସ୍ତ ବିଜୟ ହାସଲ କରିଥିଲା। ସେହିପରି ହଂକଂ ମଧ୍ୟ ଦୁଇଟି ବିଜୟ ସହ ଏହି ଗ୍ରୁପ୍‌ରୁ ଅନ୍ୟତମ ଦଳ ଭାବେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଗ୍ରୁପ୍-'ଡି'ର ପ୍ରଥମ ସ୍ଥାନ ପାଇଁ ରବିବାର ଭାରତ ଓ ହଂକଂ ମଧ୍ୟରେ ମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟ ଏକ ରିଲେ ସ୍କୋରିଂ ଫର୍ମାଟରେ ଖେଳାଯାଉଛି। ଏଥିରେ ୧୦ଟି ମ୍ୟାଚ୍‌ରେ ୧୧୦ ପଏଣ୍ଟ ହାସଲ କରିବାଲାଗି ଦୌଡ଼ ଲଗାଇବାକୁ ପଡ଼ିଥାଏ। ୨୦୧୧ରେ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ଏକ ବ୍ରୋଞ୍ଜ ପଦକ ହାସଲ କରିପାରିଥିଲା।


ଭାରତୀୟ ଜୁନିୟର ମିକ୍ସଡ୍ ବ୍ୟାଡ୍‌ମିଣ୍ଟନ ଦଳ।

# ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନରେ ଭାରତକୁ ସଫଳତା

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)** ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଟେବୁଲ ଟେନିସ ଓ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଭାରତକୁ ସଫଳତା ମିଳିଛି। ଭାରତୀୟ ମହିଳା ଟେବୁଲ ଟେନିସ ଓ ପୁରୁ: ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଫଳରେ ଉଭୟ ଇଭେଣ୍ଟରେ ପଦକ ଜିତିବାରେ ଭାରତ ଗୋଟିଏ ପାଦ ଦୂରରେ ରହିଛି। ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନରେ କିଟ୍ ଛାତ୍ର ଅବିନାଶ ମହାନ୍ତି ଚମତ୍କାର ପ୍ରଦର୍ଶନ କରି ଦଳକୁ କ୍ୱାର୍ଟର ଫାଇନାଲ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଏସିଆନ ଗେମ୍ସ ପାୱାର ହାଉସ ମାଲେସିଆକୁ ଭେଟିବ। ପ୍ରତିଯୋଗିତାର ଆଥ୍‌ଲେଟିକ୍ସ ଓ ଆର୍ଚେରୀ ଇଭେଣ୍ଟ ୨୧ ତାରିଖରୁ ଆରମ୍ଭ ହେବ। ଆଥ୍‌ଲେଟିକ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ଅନିମେଶ କୁଜୁରଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେ ୧୦୦, ୨୦୦ ମିଟର ଏବଂ ୪୦୦ ମିଟର ରିଲେରେ ଅଂଶଗ୍ରହଣ କରିବେ। ପ୍ରକାଶଯୋଗ୍ୟ, ଜର୍ମାନୀ ଯିବା ପୂର୍ବରୁ ଭାରତୀୟ ଦଳର ଟ୍ରେନିଂ

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି, କୋଚ୍ ଏବଂ ରାଜ୍ୟ ଏବଂ ଦେଶର କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।


ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗ ନେଉଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ